# ଧରିତ୍ରୀ
DHARITRI

ବ୍ରହ୍ମପୁର, ଶୁକ୍ରବାର, ଏପ୍ରିଲ ୧୨/୨୦୧୯ (୨୦ ପୃଷ୍ଠା) | Berhampur, Friday, April 12/2019 | ★★★

୧୫ ଶ ଭାଗ ୭୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୪/-






Paytm Cashback up to ₹7 000/-*

Oriental insurance (Govt. of India Undertaking) | IFFCO-TOKIO General Insurance Muskurate Raho | bharti AXA suraksha ka naya nazariya

Download BAJAJ CARE App Now!

Call 7219821111 or visit : www.bajajauto.com/doubleshagun | For Institutional / Bulk orders, please send an e-mail to corporatesales@bajajauto.co.in | Offer valid till 30th April 2019.

#ଏକ୍ସ ଶୋରୁମ୍ ଓଡ଼ିଶା ମୂଲ୍ୟ CT100 KS ସ୍ପୋକ୍ ଓ Platina 100 ES ସକାଶେ । *ସର୍ତ୍ତ ଓ ନିୟମାବଳୀ ଲାଗିବ । ଫ୍ରୀ 5 ବର୍ଷର ଓନ୍ ଡ୍ୟାମେଜ୍ ଇନ୍ସ୍ୟୋରାନ୍ସ CT100 ES, CT100 KS ଆଲୟ, Platina 100 ES ଆଉ Platina 110 ସକାଶେ ମିଳୁଛି, କେବଳ ବଛା ବଛା ପ୍ରଦେଶରେ । ଫ୍ରୀ 5 ବର୍ଷର ୱାରଣ୍ଟୀ ଯାବତୀୟ ବଜାଜ ବାଇକ୍ ସକାଶେ ସବୁ ପ୍ରଦେଶରେ ମିଳୁଛି । ବିଶଦ ବିବରଣୀ ପାଇଁ ଦେଖନ୍ତୁ www.bajajauto.com/doubleshagun । ବିନା ପୂର୍ବ ସୂଚନାରେ ଯେକୌଣସି ବା ସମସ୍ତ ଅଫର୍‌କୁ ସଂଶୋଧନ କରିବାର ବା କାଢ଼ିନେବାର ଅଧିକାର ବଜାଜ ଅଟୋ ସଂରକ୍ଷିତ ରଖୁଛି । ତୃତୀୟ ପକ୍ଷ ବୀମା ଓ ବାଧ୍ୟତାମୂଳକ ପର୍ସନାଲ୍ ଆକ୍ସିଡେଣ୍ଟ କଭର୍ ମାଗଣା ବୀମା ଅଫର୍ ଅନ୍ତର୍ଭୁକ୍ତ ନୁହେଁ । ଇନ୍ସ୍ୟୋରର୍ ମାନଙ୍କ ସୂଚୀ ନିଦର୍ଶକ ଅଟେ, ଯାହା ପ୍ରତି ବିକ୍ରେତା ଡୀଲର୍‌ଙ୍କ ଠାରେ ଭିନ୍ନ ହୋଇପାରେ । ଉଦ୍ଧୃତ ବୀମା ସଞ୍ଚୟ ରାଶି ବିକ୍ରେତା ଡୀଲର୍ ବା ଇନ୍ସ୍ୟୋରର୍ ମାନଙ୍କ ମଧ୍ୟରେ ଭିନ୍ନ ହୋଇପାରେ । **ବଜାଜ ଅଟୋ କୌଣସି ପ୍ରକାରର ବୀମା ପଲିସୀ ବିକ୍ରୀରେ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ ସମ୍ପୃକ୍ତ ନୁହେଁ ।** ପେଟିଏମ୍ ଅଫର୍ ପେଟିଏମ୍ ତଥା ସମ୍ବନ୍ଧିତ ଡୀଲର୍ ଙ୍କ ସର୍ତ୍ତ ଓ ନିୟମାବଳୀ ଉପରେ ନିର୍ଭର କରେ । ପେଟିଏମ୍ ଅଫର୍ କେବଳ ବଛା ବଛା ଉତ୍ପାଦ ଓ ବଛା ବଛା ଡୀଲର୍‌ଶିପ୍ ଠାରେ ପ୍ରଯୁଜ୍ୟ । ପେଟିଏମ୍ ଅଫର୍ ମିଳିବା ଡୀଲର୍‌ଙ୍କ ବିବେଚନା ଉପରେ ନିର୍ଭର କରେ । **ଫାଇନାନ୍ସିଅର୍ ଙ୍କ ନିଜସ୍ୱ ବିବେଚନା ଉପରେ ଫାଇନାନ୍ସ ନିର୍ଭର କରେ । ପ୍ରୋସେସିଙ୍ଗ ଫୀସ୍ ଅତିରିକ୍ତ ।

**Authorised Dealers for Bajaj Auto Ltd.:** Berhampur: Aska Road SISIRABHA BAJAJ 9238311111 • Kodasingh BAJAPAYEE BAJAJ 9938449988 • Balugaon BHARAT BAJAJ 7381099441. Rayagada SITA RAMA BAJAJ – 7205631185. **Authorised Service Centre:** Parlakhemundi 9438850929, Gunupur 9437659702, Umorkote 9556165165, Kalimela 9668467486,Aska 9776533479, Chikiti 7440045143,Bhanjanagar 8895060303, Jagannathprasad 9437622441, Purusottampur 9861147467, Chatrapur 9437262177, Tangi 8984562569, Rambha 7381099445.

## ସଂକ୍ଷେପରେ

### ବିଜେଡି-ଭାଜପା ସମର୍ଥକଙ୍କ ମଧ୍ୟରେ ଗଣ୍ଡଗୋଳ
### ପୋଲିସର ଲାଠିଚାର୍ଜ

ଗୋପାଳପୁର,୧୧।୪-ପ୍ରଥମ ପର୍ଯ୍ୟାୟ ନିର୍ବାଚନରେ ଗୋପାଳପୁର ନିର୍ବାଚନ ମଣ୍ଡଳୀ ଗୋଳନ୍ଥରା ଥାନା କୋଠାରସିଂ ଗ୍ରାମରେ ଗୁରୁବାର ବିଜେଡି ଓ ଭାଜପା ସମର୍ଥକଙ୍କ ମଧ୍ୟରେ ଗଣ୍ଡଗୋଳ ଘଟି ୫ ଜଣ ଆହତ ହୋଇଛନ୍ତି। କୋଠାରସିଂରେ ମତଦାନ ଆରମ୍ଭରୁ ଭାଜପା ଓ ବିଜେଡି ସମର୍ଥକଙ୍କ ମଧ୍ୟରେ ଛକାପଞ୍ଝା ଲାଗି ରହିଥିଲା। ଅପରାହ୍ନ ୨ଟାରେ କୌଣସି ବିଷୟକୁ ନେଇ ଉଭୟ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଘଟି ୫ ଜଣ ଆହତ ହୋଇଥିଲେ। କିଛି ସମୟ ପାଇଁ ବୁଥ୍‌ରେ ମତଦାନ କାର୍ଯ୍ୟକ୍ରମ ବନ୍ଦ ରହିଥିଲା। ବ୍ରହ୍ମପୁର ଏସ୍‌ପି ପିନାକ ମିଶ୍ର, ଅତିରିକ୍ତ ଏସ୍‌ପି ପ୍ରଭାତ ଚନ୍ଦ୍ର ରାଉତରାୟ ଓ ସଦର ଏସ୍‌ଡିପିଓ ଜୟନ୍ତ କୁମାର ମହାପାତ୍ର ସଶସ୍ତ୍ର ପୋଲିସ କର୍ମଚାରୀଙ୍କ ସହ ପହଞ୍ଚି ଉତ୍ତେଜନାକୁ ଦେଖି ପୋଲିସ ଲାଠି ଚାର୍ଜ କରିଥିଲା। ବର୍ତ୍ତମାନ ଗ୍ରାମରେ ପୋଲିସ ଫୋର୍ସ ମୁତୟନ ରହିଛି। ସେହିପରି ପଞ୍ଚମା ଗ୍ରାମରେ ଭୋଟ ଚାଲିଥିବା ବେଳେ ସନ୍ଧ୍ୟା ୬ଟାରେ ଗେଟ୍ ବନ୍ଦ ହୋଇଯାଇଥିଲା। ଭିତରେ ଥିବା ଭୋଟରମାନେ ଭୋଟ ଦେଉଥିଲେ। ମାତ୍ର ଭାଜପା ସମର୍ଥକମାନେ ସେଠାରେ ପହଞ୍ଚି ରିଗିଂ ହେଉଥିବା ଅଭିଯୋଗ ଆଣି ମତଦାନ ବନ୍ଦ କରିବାକୁ ପାଟିତୁଣ୍ଡ କରିଥିଲେ। ଏହି ସମୟରେ ୫୩ ନଂ.ଭାଜପା ଜିଲା ପରିଷଦ ସଭ୍ୟ ବିନୋଦ ମିଶ୍ର ଓ ବିଧାୟକ ପ୍ରାର୍ଥୀ ବିଭୂତି ଭୂଷଣ ଜେନାଙ୍କ ସହ ବିଜେଡି ସମର୍ଥକଙ୍କର ଯୁକ୍ତିତର୍କ ହୋଇଥିଲା। ପରେ ଉଭୟ ଗୋଷ୍ଠୀ ମଧ୍ୟରେ ମାର୍‌ପିଟ ହୋଇଥିଲା। କିଛି ସମୟ ପାଇଁ ଅଞ୍ଚଳ ରଣକ୍ଷେତ୍ର ପାଲଟି ଯାଇଥିଲା। ଖବର ପାଇ ସଦର ଏସ୍‌ଡିପିଓ ଜୟନ୍ତ ମହାପାତ୍ର, ଗୋଳନ୍ଥରା ଥାନା ଅଧିକାରୀ ବାବୁଲି ନାୟକ ୨ ପ୍ଲାଟୁନ୍ ପୋଲିସ ଫୋର୍ସ ସହ ଘଟଣାସ୍ଥଳରେ ପହଞ୍ଚି ଉଭୟ ପକ୍ଷଙ୍କୁ ବୁଝାଶୁଝା କରିଥିଲେ। ପରେ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ହେବାରୁ ମୃଦୁ ଲାଠି ଚାଳନା କରାଯାଇଥିଲା। ପରେ ପୋଲିଂ ଟିମ୍‌କୁ ପୋଲିସ ସୁରକ୍ଷାରେ ନିଆଯାଇଥିଲା। ଏନେଇ ସଦର ଏସ୍‌ଡିପିଓଙ୍କ ମହାପାତ୍ରଙ୍କ ସହ ଯୋଗାଯୋଗ କରିବାରୁ ପରିସ୍ଥିତି ନିୟନ୍ତ୍ରଣାଧୀନ ଅଛି ଓ ପୋଲିସ ଏଥିପ୍ରତି ଦୃଷ୍ଟି ରଖିଛି ବୋଲି କହିଥିଲେ।

### ଗୋପାଳପୁର ନିର୍ବାଚନମଣ୍ଡଳୀ
### ମେଶିନ ଅଚଳ ଯୋଗୁ ମତଦାନ ସାମାନ୍ୟ ବିଳମ୍ବ

**ଗୋପାଳପୁର,୧୧।୪:** ପ୍ରଥମ ପର୍ଯ୍ୟାୟ ସାଧାରଣ ନିର୍ବାଚନ ନେଇ ଗୁରୁବାର ଗୋପାଳପୁର ନିର୍ବାଚନ ମଣ୍ଡଳୀର ବିଭିନ୍ନ ବୁଥ୍‌ରେ ସକାଳ ୭ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ମତଦାନ ହୋଇଥିଲା। ପୂର୍ବାହ୍ନରେ ଗୋଳନ୍ଥରା, ପଞ୍ଚମା, ତୁଲୁ, ମନ୍ତ୍ରିଡ଼ି ବୁଥ୍‌ରେ ଭିଭିପିଏଟି ଓ ଇଭିଏମ୍‌ରେ ଯାନ୍ତ୍ରିକ ତ୍ରୁଟି ଦେଖା ଦେଇଥିଲା। ନିର୍ବାଚନ ଅଧିକାରୀ ପହଞ୍ଚି ମେଶିନକୁ ବଦଳାଇଥିଲେ ଏବଂ ପ୍ରାୟ ଦେଢ଼ ଘଣ୍ଟା ପରେ ମତଦାନ ହୋଇଥିଲା। କିଛି ବୁଥ୍‌ରେ ପାନୀୟ ଜଳ ବ୍ୟବସ୍ଥା ନ ଥିବାରୁ ବୃଦ୍ଧାବୃଦ୍ଧ ହଇରାଣ ହୋଇଥିଲେ। ଗୋପାଳପୁର ବିଧାୟକ ପ୍ରାର୍ଥୀ ଡ. ପ୍ରଦୀପ କୁମାର ପାଣିଗ୍ରାହୀ ଲୁହାଙ୍ଗର ପଞ୍ଚାୟତର ନୂଆ ପାତ୍ରପୁର ବୁଥ୍‌ରେ ନିଜର ମତଦାନ କରିଥିଲେ। ସେହିପରି ଭାଜପା ପ୍ରାର୍ଥୀ ବିଭୂତି ଭୂଷଣ ଜେନା ଗୋଳନ୍ଥରା ବୁଥ୍ ଓ କଂଗ୍ରେସ ପ୍ରାର୍ଥୀ ଏସ୍. ଧର୍ମାରାଜୁ ରେଡ୍ଡୀ କରାପଲ୍ଲୀ ବୁଥ୍‌ରେ ଭୋଟ ଦେଇଥିଲେ। ଏହି ନିର୍ବାଚନମଣ୍ଡଳୀର ରଙ୍ଗେଇଲୁଣ୍ଡା ବ୍ଲକ ପ୍ରାଥମିକ ବିଦ୍ୟାଳୟରେ ପିଙ୍କ୍ ବୁଥ୍ ହୋଇଥିଲା। ଏହି ବୁଥ୍‌ରେ ମହିଳା କର୍ମଚାରୀ ନିୟୋଜିତ ଥିଲେ।

# ଭଞ୍ଜନଗରରେ ରାଜନୈତିକ ହିଂସା ପରେ ବିବାଦ ତେଜୁଛି

- ବିଜେଡି, ଭାଜପା ପକ୍ଷରୁ ଥାନା ଘେରାଉ
- ଭାଜପା ପ୍ରାର୍ଥୀଙ୍କ ବିରୋଧରେ ଆକ୍ରମଣ ଅଭିଯୋଗ, ସିସିଟିଭି ଫୁଟେଜ ଜବତ

ଭଞ୍ଜନଗର,୧୧।୪(ଡି.ଏନ.ଏ.)

ଭଞ୍ଜନଗର ନିର୍ବାଚନମଣ୍ଡଳୀ ତୁରୁମୁରେ ପ୍ରଥମ ରାଜନୈତିକ ହିଂସା ଘଟିଛି। ଏଥିରେ ଉଭୟ ଦଳର ୩ ସମର୍ଥକ ଆହତ ହୋଇଛନ୍ତି। ଆହତମାନେ ଭଞ୍ଜନଗର ମେଡ଼ିକାଲରେ ଚିକିତ୍ସିତ ହେଉଛନ୍ତି। ଏହି ବିବାଦ ଧିରେଧିରେ ବଢ଼ିବାରେ ଲାଗିଛି। ଗୁରୁବାର ଭାଜପା ଓ ବିଜେଡ଼ି ଅଲଗା ଅଲଗା ଅଭିଯୁକ୍ତମାନଙ୍କୁ ଗିରଫ ଦାବିରେ ଭଞ୍ଜନଗର ଥାନା ଘେରାଉ କରିଥିଲେ। ଉଭୟ ଦଳ ପକ୍ଷରୁ ଥାନା ଅଧିକାରୀ ସୁଦିପ୍ତ ସାହୁଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଥାନା ଘେରାଉ ସରିବା ପରେ ୨ଦଳ ପକ୍ଷରୁ ସହରରେ ଅଘୋଷିତ ଶୋଭାଯାତ୍ରା ହୋଇଥିଲା। ବାଉଁଶଲୁଣ୍ଡିରେ ୨ଦଳର ସମର୍ଥକଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ପୋଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିବା ସହ ବାଉଁଶଲୁଣ୍ଡି ଅଞ୍ଚଳରେ ଫ୍ଲାଗ୍‌ମାର୍ଚ୍ଚ କରିଥିଲା। ଘଟଣାକୁ ନେଇ ୨ଦଳର ନେତାମାନେ ପରସ୍ପର ବିରୋଧରେ ସାଙ୍ଘାତିକ ଅଭିଯୋଗ ଆଣିଛନ୍ତି। ପୋଲିସ ପୃଥକ ପୃଥକ ୩ ମାମଲା ରୁଜୁକରି ତଦନ୍ତ ଚଳାଇଛି।

ବିଜେଡ଼ି ବ୍ଲକ ସଭାପତି ରାଜେନ୍ଦ୍ର ପ୍ରଧାନ ପୋଲିସ ନିକଟରେ ଅଭିଯୋଗ କରିଛନ୍ତି ଯେ, ବୁଧବାର ବିଜେଡ଼ିର ଜଣେ କର୍ମୀ ଆହତ ହୋଇ ଅନ୍ୟଜଣେ କର୍ମୀଙ୍କ ସହ ମେଡ଼ିକାଲକୁ ଚିକିତ୍ସା ପାଇଁ ଆସିଥିଲେ। ସେଠାରେ ଉପସ୍ଥିତ ଭାଜପା ପ୍ରାର୍ଥୀ ପ୍ରଦ୍ୟୁମ୍ନ ନାୟକ ଆହତ କର୍ମୀଙ୍କୁ ଆଣିଥିବା ବ୍ୟକ୍ତିଙ୍କୁ ଆକ୍ରମଣ କରିଥିଲେ। ତେଣୁ ପ୍ରଦ୍ୟୁମ୍ନଙ୍କୁ ତୁରନ୍ତ ଗିରଫ କରିବାକୁ ବିଜେଡ଼ି ପକ୍ଷରୁ ଦାବି କରାଯାଇଛି।

ସେହିଭଳି ଭାଜପା ପକ୍ଷରୁ ଅଭିଯୋଗ କରାଯାଇଛି ଯେ, ଭାଜପା ପ୍ରାର୍ଥୀଙ୍କ ସମ୍ପର୍କୀୟ ଭଣଜାଙ୍କୁ ଉଦ୍ଦେଶ୍ୟମୂଳକ ଭାବେ ବିଜେଡ଼ି କର୍ମୀ ଓ ତୁରୁମୁ ସରପଞ୍ଚ ଆକ୍ରମଣ କରିଛନ୍ତି। ଏହି ଆକ୍ରମଣ ମାମଲାରେ ଜଡ଼ିତ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯାଉ। ପୋଲିସ ସନ୍ଧ୍ୟା ସୁଦ୍ଧା ୩ ମାମଲାରେ ଜଡ଼ିତ ଅଭିଯୁକ୍ତଙ୍କ ମଧ୍ୟରୁ କାହାରିକୁ ଗିରଫ କରିପାରିନାହିଁ। ମେଡ଼ିକାଲରେ ହୋଇଥିବା ଗଣ୍ଡଗୋଳର ସିସିଟିଭି ଫୁଟେଜ୍ ପୋଲିସ ଗୁରୁବାର ଜବତ କରିଛି। ସିସିଟିଭି ଫୁଟେଜରେ ଆକ୍ରମଣ ସମୟର କିଛି ସାଙ୍ଘାତିକ ତଥ୍ୟ ଅଛି। ତେଣୁ ପୋଲିସ ଏନେଇ ଅଧିକ କିଛି କହୁନାହିଁ।

ପ୍ରକାଶ ଯେ, ବୁଧବାର ରାତି ପ୍ରାୟ ସାଢ଼େ ୮ଟାରେ ତୁରୁମୁରେ ଭାଜପା ଓ ବିଜେଡ଼ି କର୍ମୀ କୌଣସି କାରଣରୁ ମୁହାଁମୁହିଁ ହୋଇଥିଲେ। ପରେ ଏହା ସଂଘର୍ଷର ରୂପ ନେଇଥିଲା। ଏଥିରେ ଉଭୟ ଗୋଷ୍ଠୀର ୨ଜଣ ଆହତ ହୋଇଥିଲେ। ବିଜେଡ଼ିର ଆହତ ରାମଚନ୍ଦ୍ର ପୋଲାଇଙ୍କୁ ଆମ୍ବୁଲାନ୍ସରେ ଭଞ୍ଜନଗର ମେଡିକାଲକୁ ଅଣାଯାଇଥିଲା। ତାଙ୍କ ସହ ବିଜେଡି ସମର୍ଥକ ଅମରଜିତ ପ୍ରଧାନ ଆସିଥିଲେ। ସେଠାରେ ଉପସ୍ଥିତ ପ୍ରଦ୍ୟୁମ୍ନ ଓ ତାଙ୍କ ସମର୍ଥକ ରାମଚନ୍ଦ୍ର ଓ ଅମରଜିତଙ୍କୁ ଆକ୍ରମଣ କରିଥିଲେ। ରାମଚନ୍ଦ୍ରଙ୍କୁ ପୋଲିସ ସୁରକ୍ଷା ଦେଇ ଚିକିତ୍ସିତ କରାଉଥିବାବେଳେ କିଛି ଯୁବକ ମେଡ଼ିକାଲରେ ପଶି ପୋଲିସକୁ ମଧ୍ୟ ଗାଳିଗୁଲଜ କରିଥିଲେ। ଏନେଇ ଏକ ମାମଲା ରୁଜୁ ହୋଇଛି। ଏହାର କିଛି ସମୟ ପରେ ଭାଜପାର ଆହତ ସମର୍ଥକ ଅଜିତ ପ୍ରଧାନଙ୍କୁ ଚିକିତ୍ସା ପାଇଁ ମେଡ଼ିକାଲକୁ ଅଣାଯାଇଥିଲା। ଅଜିତଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଗୁରୁବାର ବ୍ରହ୍ମପୁର ବଡମେଡିକାଲକୁ ନିଆଯାଇଛି। ରାତିସାରା ମେଡ଼ିକାଲରେ ଉତ୍ତେଜନା ଲାଗିରହିଥିଲା। ଏନେଇ ଭଞ୍ଜନଗର ଏସ୍‌ଡ଼ିପିଓ ଶୁଭ୍ରାଂଶୁ ମିଶ୍ରଙ୍କ ସହ ଯୋଗାଯୋଗ କରିବାରୁ ସେ ଏଠାରେ କହିଛନ୍ତି ଯେ, ତୁରୁମୁ ଓ ମେଡ଼ିକାଲରେ ହୋଇଥିବା ଗଣ୍ଡଗୋଳ ମାମଲାରେ ୩ଟି ମାମଲା ରୁଜୁ ହୋଇଛି। ମେଡ଼ିକାଲ ଗଣ୍ଡଗୋଳ ସମୟର ସିସିଟିଭି ଫୁଟେଜ୍ ଯାଞ୍ଚ କରାଯାଉଛି।



ଥାନା ସମ୍ମୁଖରେ ବିଜେଡିର ବିକ୍ଷୋଭ।



ଭାଜପାର ବାଇକ୍ ରାଲି।

### ଜି.ଉଦୟଗିରି ବ୍ଲକ, ଏନ୍ଏସିରେ ୪୦ ମତଦାନ କେନ୍ଦ୍ର

ଜି.ଉଦୟଗିରି,୧୧।୪(ଡି.ଏନ.ଏ.)

ଜି.ଉଦୟଗିରି ବିଧାନସଭା ନିର୍ବାଚନ ମଣ୍ଡଳୀର ସମୁଦାୟ ୨୫୧ଟି ମତଦାନ କେନ୍ଦ୍ର ମଧ୍ୟରୁ ଜି.ଉଦୟଗିରି ବ୍ଲକ ଓ ଏନ୍ଏସିରେ ୪୦ଟି ମତଦାନ କେନ୍ଦ୍ର ରହିଛି। ବ୍ଲକରେ ୩୩ଟି ମତଦାନ କେନ୍ଦ୍ର ଥିବା ବେଳେ ଏନଏସିରେ ମାତ୍ର ୭ଟି ମତଦାନ କେନ୍ଦ୍ର ରହିଛି। କୌଣସି ମତଦାନ କେନ୍ଦ୍ର ଉତ୍ତେଜନାପ୍ରବଣ ନ ଥିବା ଜି.ଉଦୟଗିରି ବିଡିଓ ଶାନ୍ତନୁ କୁମାର ନାୟକ କହିଛନ୍ତି। ଭୋଟର ତାଲିକା ଅନୁଯାୟୀ ବ୍ଲକରେ ୩୫ ହଜାର ୮୫୦ ଜଣ ମତଦାତା ଅଛନ୍ତି ବୋଲି ଜିପିଇଓ ସୁପ୍ରଭା ସାହୁ କହିଛନ୍ତି। ଜି.ଉଦୟଗିରି ନିର୍ବାଚନମଣ୍ଡଳୀର ସମୁଦାୟ ୧୯୩,୧୮୦ ଜଣ ମତଦାତାଙ୍କ ମଧ୍ୟରୁ ଜି.ଉଦୟଗିରି ବ୍ଲକ ଓ ଏନଏସିରେ ମାତ୍ର ୩୫ ହଜାର ୮୫୦ ଜଣ ମତଦାତା ଥିବା ଜଣାପଡ଼ିଛି । ଆସନ୍ତା ୧୮ରେ ଜି.ଉଦୟଗିରି ବିଧାନସଭା ନିର୍ବାଚନ ମଣ୍ଡଳୀ ଓ କନ୍ଧମାଳ ଲୋକ ସଭା ଆସନ ପାଇଁ ନିର୍ବାଚନ ଅନୁଷ୍ଠିତ ହେବ।

### ସାନଖେମୁଣ୍ଡିରେ ବିଜେଡି ମହିଳା କର୍ମୀ ସମାବେଶ
## ଓଡ଼ିଶାର ସବୁ ମହିଳା ନବୀନଙ୍କ ସହ ଅଛନ୍ତି: ପ୍ରମିଳା

ପାଟପୁର,୧୧।୪(ଡି.ଏନ.ଏ.)

ଗଞ୍ଜାମ ଜିଲା ସାନଖେମୁଣ୍ଡି ବ୍ଲକ ସାରଙ୍ଗବିହାରରେ ଗୁରୁବାର ବିଜେଡିର ମହିଳା ସମାବେଶ ଅନୁଷ୍ଠିତ ହୋଇଯାଇଛି। ଗାନ୍ଧୀଛକଠାରୁ ବିଜେଡି ମହିଳା ସେଲ୍‌ର ଶତାଧିକ ମହିଳା ଶୋଭାଯାତ୍ରାରେ ଆସି ସଭାସ୍ଥଳରେ ପହଞ୍ଚିଥିଲେ।

ରାଜ୍ୟରେ ମହିଳା ସଶକ୍ତିକରଣ ପାଇଁ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ବହୁ କଲ୍ୟାଣକାରୀ ଯୋଜନା ପ୍ରଣୟନ କରିଛନ୍ତି। ପାର୍ଲାମେଣ୍ଟରେ ମହିଳାମାନଙ୍କ ପାଇଁ ୩୩% ସ୍ଥାନ ସଂରକ୍ଷଣ ମୁଖ୍ୟମନ୍ତ୍ରୀଙ୍କର ଏକ ଯୁଗାନ୍ତକାରୀ ପଦକ୍ଷେପ। ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ମିଶନ ଶକ୍ତି ମାଧ୍ୟମରେ ସ୍ୱାବଲମ୍ବୀ କରାଇବା ସହ ଆସିକା ଲୋକସଭା ଆସନରେ ମିଶନ ଶକ୍ତିର ନେତୃତ୍ୱ ନେଇଥିବା ଗରିବ ମହିଳା ପ୍ରମିଳା ବିଷୋୟୀଙ୍କୁ ପ୍ରାର୍ଥୀ କରି ମହିଳାମାନଙ୍କୁ ଗୁରୁତ୍ୱ ପ୍ରଦାନ କରିଛନ୍ତି। ମହିଳାମାନଙ୍କ ସାମଗ୍ରିକ ବିକାଶ କ୍ଷେତ୍ରରେ ବିପ୍ଳବ ସୃଷ୍ଟି କରିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲକ୍ଷ। ତେଣୁ ପୁଣିଥରେ ଆଗାମୀ ୫ବର୍ଷ ପାଇଁ ତାଙ୍କୁ ମୁଖ୍ୟମନ୍ତ୍ରୀ ଭାବେ ଦେଖିବାକୁ ବିପୁଳ ସଂଖ୍ୟାରେ ଶଙ୍ଖ ଚିହ୍ନରେ ଭୋଟ ଦେଇ ବିଜେଡି ପ୍ରାର୍ଥୀଙ୍କୁ ଜିତାଇବାକୁ ଆୟୋଜିତ ସମାବେଶରେ ସାନଖେମୁଣ୍ଡି ନିର୍ବାଚନ ମଣ୍ଡଳୀ ବିଧାୟିକା ପ୍ରାର୍ଥିନୀ ନନ୍ଦିନୀ ଦେବୀ କହିଥିଲେ। ସେ ଏହି ଅବସରରେ ବିଜେଡିର ଆସିକା ଏମ୍‌ପି ପ୍ରାର୍ଥିନୀ ପ୍ରମିଳା ବିଷୋୟୀ ଓ ନିଜ ପାଇଁ ଭୋଟ ମାଗିଥିଲେ।ଏମ୍‌ପି ପ୍ରାର୍ଥିନୀ ବିଷୋୟୀ ନବୀନ ପଟ୍ଟନାୟକଙ୍କ ପଛରେ ଓଡ଼ିଶାର ସବୁ ମହିଳା ଅଛନ୍ତି। ତେଣୁ ପୁଣିଥରେ ସେ ମୁଖ୍ୟମନ୍ତ୍ରୀ ହେବେ ବୋଲି କହିଥିଲେ।

ବ୍ଲକ ସଭାନେତ୍ରୀ ସୁଲତାରାଣି ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଓସକାର୍ଡ ବ୍ୟାଙ୍କ ରାଜ୍ୟ ସଭାପତି ଯୋଗେନ୍ଦ୍ର ସ୍ୱାଇଁ ସଂଯୋଜନା କରିଥିଲେ। ପର୍ଯ୍ୟବେକ୍ଷକ ପ୍ରଫୁଲ୍ଲ ସିଂ, ଜିଲା ପରିଷଦ ସଭ୍ୟା ଗୀତାଞ୍ଜଳି ନାୟକ, ଗୋଲାପି ସେଠୀ, ପୂର୍ବତନ ଜିଲା ପରିଷଦ ଉପାଧ୍ୟକ୍ଷା ବନୀତା ପ୍ରଧାନ, ସରପଞ୍ଚ ଭାଗ୍ୟଶ୍ରୀ ବିଶୋୟୀ, ଜୟନ୍ତ ପ୍ରଧାନ, ପ୍ରମିଳା ପାତ୍ର, ଆର. ଶାନ୍ତି ରେଡ୍ଡୀ, ପୂର୍ବତନ ବିଧାୟକ ହରିହର ସାହୁ, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ସୁରଥ ପ୍ରଧାନ, ମଙ୍ଗୁଲୁ ପାତ୍ର, ଅମିନ ପ୍ରଧାନ, ଧୋବା ସ୍ୱାଇଁ, ନିତ୍ୟାନନ୍ଦ ପ୍ରଧାନଙ୍କ ସମେତ ପ୍ରାୟ ୩ହଜାରରୁ ଉର୍ଦ୍ଧ୍ୱ ମହିଳା ଯୋଗ ଦେଇଥିଲେ।



କର୍ମୀ ସମାବେଶରେ ଉପସ୍ଥିତ ସାଂସଦ ଓ ବିଧାୟକ ପ୍ରାର୍ଥିନୀ ଏବଂ ଅନ୍ୟମାନେ।

### ୨ ବୁଥରେ ରାତି ୧୦ଟା ପର୍ଯ୍ୟନ୍ତ ମତଦାନ

ଡାବୁଗାଁ, ୧୧।୪ (ଡି.ଏନ.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକରେ ନିର୍ବାଚନ ଗୁରୁବାର ଶାନ୍ତି ଶୃଙ୍ଖଳାର ସହ ଶେଷ ହୋଇଛି । ଡାବୁଗାଁ ବ୍ଲକ ଅଧୀନ ମୋଟ ୫୪ ଟି ବୁଥରେ ମତଦାନ ଅନୁଷ୍ଠିତ ହୋଇଛି। ଏଠାରେ ୮୨ ପ୍ରତିଶତ ମତଦାନ ହୋଇଛି। ତେବେ ରାତି ୮ଟା୩୦ ସୁଦ୍ଧା ୪୯ ଟି ବୁଥରେ ମତଦାନ ଶେଷ ହୋଇଥିବା ବେଳେ ୫ ଟି ବୁଥରେ ମତଦାନ ଚାଲିଥିଲା। ମୁଣ୍ଡିଗୁଡା, ନନ୍ଦପୁରା ଓ ମେଣ୍ଡ୍ରା ବୁଥରେ ରାତି ୯ଟା ୩୦ ପର୍ଯ୍ୟନ୍ତ ମତଦାନ ହୋଇଥିଲା । ସେହିପରି ବୋରିଗାଁ, ପାରିଆବେଡାରେ ୧୦ଟା ପର୍ଯ୍ୟନ୍ତ ମତଦାନ ହୋଇଥିଲା। ମେଣ୍ଡ୍ରା ବୁଥରେ ଇଭିଏମରେ ତ୍ରୁଟି ଥିବାରୁ ୧ଘଣ୍ଟା ବିଳମ୍ବରେ ମତଦାନ ହୋଇଥିଲା। ସକାଳ ୫ଟା୩୦ ସମୟରୁ ଭୋଟର ମାନେ ମତଦାନ କେନ୍ଦ୍ର ନିକଟରେ ଅପେକ୍ଷା କରିଥିବା ଦେଖିବାକୁ ମିଳିଥିଲା । ଚଳିତ ବର୍ଷ ଦିବ୍ୟାଙ୍ଗ ଭୋଟର ମାନେ ମତଦାନ କରିଥିବା ଦେଖିବାକୁ ମିଳିଛି । ଶାନ୍ତି ଶୃଙ୍ଖଳା ସହ ମତଦାନ ହୋଇଛି । ଚଳିତ ନିର୍ବାଚନରେ ପୁରୁଷ ମାନଙ୍କ ଠାରୁ ଅଧିକ ମହିଳା ଭୋଟର ମାନେ ମତଦାନ କରିଛନ୍ତି।

## ବିକ୍ରମଙ୍କ ରୋଡ୍ ଶୋ, ନିର୍ବାଚନୀ ସଭା

ଜଗନ୍ନାଥପ୍ରସାଦ,୧୧।୪

ଭଞ୍ଜନଗର ନିର୍ବାଚନ ମଣ୍ଡଳୀ ବିଜେଡି ବିଧାୟକ ପ୍ରାର୍ଥୀ ବିକ୍ରମ କେଶରୀ ଆରୁଖ ଜଗନ୍ନାଥପ୍ରସାଦ ବ୍ଲକର କୁମ୍ଭାପଡ଼ାଠାରୁ ଖମାରପଲ୍ଲୀ ପଞ୍ଚାୟତ ପର୍ଯ୍ୟନ୍ତ ରୋଡ ଶୋ କରିବା ସହ ବିଭିନ୍ନ ସ୍ଥାନରେ ନିର୍ବାଚନୀ ସଭାରେ ଯୋଗଦେଇ ଭୋଟ ଭିକ୍ଷା କରିଛନ୍ତି। ବୁଧବାର କୁମ୍ଭାପଡ଼ା ଗ୍ରାମପଞ୍ଚାୟତଠାରୁ ଆରୁଖ ଏକ ବିରାଟ ଶୋଭାଯାତ୍ରାରେ କୁମ୍ଭାପଡ଼ା, ଲୁଣିଢ଼େପ, ପଞ୍ଚଭୁତି, ଚଢ଼ିଆପଲ୍ଲୀ, ରାଉତି, ମଳିଙ୍ଗି, ବୁଢୁଗୁଙ୍ଗୁ, ଅଲାଡ଼ି, ଖମାରପଲ୍ଲୀ ଆଦି ଗ୍ରାମରେ ରୋଡ୍ ଶୋ କରି ଶଙ୍ଖ ଚିହ୍ନରେ ବିପୁଳ ଭୋଟଦାନ କରିବାକୁ ନିବେଦନ କରିଥିଲେ। ଏହି ପରିପ୍ରେକ୍ଷୀରେ ରାଉତିଠାରେ ଏକ ନିର୍ବାଚନୀ ସଭା ଆୟୋଜିତ ହୋଇଥିଲା। ଏଥିରେ ବିଧାୟକ ପ୍ରାର୍ଥୀ ବିକ୍ରମ, ବ୍ଲକ ବିଜେଡି ସଭାପତି ମୋହନ ପ୍ରଧାନ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଦ୍ୱିତୀକୃଷ୍ଣ ପ୍ରଧାନ, ବ୍ଲକ ଅଧ୍ୟକ୍ଷା ଗୀତାଞ୍ଜଳୀ ବେହେରା, ବ୍ଲକ ଉପାଧ୍ୟକ୍ଷ ହିମାଂଶୁ ଶେଖର ବାରିକ, ବିଜେଡି ସଙ୍ଗଠକ ବିପ୍ର ଚରଣ ବାରିକ, ପୂର୍ବତନ ସରପଞ୍ଚ ଯୁଗଳ ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ।



ନିର୍ବାଚନୀ ସଭାରେ ଉପସ୍ଥିତ ବିଧାୟକ ପ୍ରାର୍ଥୀ ଓ ଅନ୍ୟମାନେ।

## ମତଦାନ ବେଳେ ଚିକିଟିରେ ଉତ୍ତେଜନା

**ଭାଜପା ପ୍ରାର୍ଥୀ ମନୋରଞ୍ଜନଙ୍କୁ ଆକ୍ରମଣ**

ଚିକିଟି,୧୧।୪(ଡି.ଏନ.ଏ.)

ଚିକିଟି ନିର୍ବାଚନ ମଣ୍ଡଳୀର ଚିକିଟି ଓ ପାତ୍ରପୁର ବ୍ଲକ୍‌ରେ ଲୋକ ସଭା ଓ ବିଧାନସଭା ପ୍ରଥମ ପର୍ଯ୍ୟାୟ ଭୋଟଗ୍ରହଣ ଗୁରୁବାର ଶାନ୍ତିପୂର୍ଣ୍ଣ ଭାବେ ସରିଛି। ଚିକିଟି ବ୍ଲକ୍‌ର ୧୭ ପଞ୍ଚାୟତ ଓ ଏନ୍ଏସିର ୧୨ ୱାର୍ଡ ଲାଗି ୧୦୯ ମତଦାନ କେନ୍ଦ୍ର ହୋଇଥିବା ବେଳେ ପାତ୍ରପୁର ବ୍ଲକ୍‌ର ୨୩ ପଞ୍ଚାୟତର ୧୩୨ଟି ମତଦାନ କେନ୍ଦ୍ର ହୋଇଥିଲା। ପାତ୍ରପୁର ବ୍ଲକ୍‌ରେ ପ୍ରାୟ ୨୦ରୁ ଉର୍ଦ୍ଧ୍ୱ ଓ ଚିକିଟି ବ୍ଲକ୍‌ର ୧୭ ମତଦାନ କେନ୍ଦ୍ରରେ ଭିଭିପିଏଟିରେ ତ୍ରୁଟି ଦେଖା ଦେଇଥିବାରୁ ବିଳମ୍ବରେ ମତଦାନ ଆରମ୍ଭ ହୋଇଥିଲା। ପାତ୍ରପୁର ବ୍ଲକ୍‌ର କେତେକ ମତଦାନ କେନ୍ଦ୍ରରେ ସାମାନ୍ୟ ଗଣ୍ଡଗୋଳର ଆଶଙ୍କା ଦେଖା ଦେଇଥିଲେ ମଧ୍ୟ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। କିନ୍ତୁ ଚିକିଟି ବ୍ଲକ୍‌ର ଅଧିକାଂଶ ମତଦାନ କେନ୍ଦ୍ରରେ ଗଣ୍ଡଗୋଳ ଦେଖା ଦେଇଥିଲେ ମଧ୍ୟ ଘଟଣାସ୍ଥଳକୁ ପୋଲିସ୍ ପହଞ୍ଚିବାରୁ ତାହା ନିୟନ୍ତ୍ରଣାଧୀନ ଥିଲା। ପୂର୍ବାହ୍ନ ୧୧ଟାରେ ଭାଜପା ପ୍ରାର୍ଥୀ ମନୋରଞ୍ଜନ ଦ୍ୟାନସାମନ୍ତରା ୮୨ନଂ. ଝାଟିପଦର ବୁଥ୍‌କୁ ଯାଉଥିବା ବେଳେ ଶାସକ ଗୋଷ୍ଠୀର କେତେଜଣ ଆକ୍ରମଣ କରିଥିବା ଅଭିଯୋଗ କରିଛନ୍ତି। ଏହାକୁ ନେଇ ଉକ୍ତ କେନ୍ଦ୍ରରେ କିଛି ସମୟ ମତଦାନ ବନ୍ଦ ରହିଥିଲା। ପୋଲିସ୍ ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକମାନଙ୍କୁ ବୁଝାଶୁଝା କରିବା ପରେ ଶାନ୍ତିପୂର୍ଣ୍ଣ ଭାବେ ମତଦାନ କରାଯାଇଥିଲା। ଏନେଇ ସେ ଏସ୍‌ପି ବ୍ରିଜେଶ କୁମାର ରଏଙ୍କୁ ଫୋନ କରି ଜଣାଇଥବଲେ। ପରେ ମନୋରଞ୍ଜନ ଚିକିଟିପେଣ୍ଠ ଅଭିମୁଖେ ଯାଇଥିଲେ। ସେଠାରେ ଏସ୍‌ପିଙ୍କୁ ଭେଟି ଘଟଣା ସମ୍ପର୍କରେ ଅବଗତ କରିଥିଲେ। ଏନେଇ ମନୋରଞ୍ଜନଙ୍କୁ ଯୋଗାଯୋଗ କରିବାରୁ ଶୁକ୍ରବାର ଏନେଇ ମୁଁ ନିର୍ବାଚନ କମିଶନ ଓ ଏସ୍‌ପିଙ୍କୁ ଲିଖିତ ଭାବେ ଜଣାଇବି ବୋଲି କହିଥିଲେ।

## ତିନି ଦଳର ନିର୍ବାଚନ ପ୍ରଚାର ଜୋର୍‌ଦାର

**ସାନଖେମୁଣ୍ଡି ନିର୍ବାଚନ ମଣ୍ଡଳୀ**


ଧରାକୋଟ,୧୧।୪(ଡି.ଏନ୍.ଏ.)

ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ଲାଗି ଗଞ୍ଜାମ ଜିଲାର ସମ୍ବେଦନଶୀଳ ନିର୍ବାଚନ ମଣ୍ଡଳୀ ସାନଖେମୁଣ୍ଡିରେ ତିନି ପ୍ରମୁଖ ଦଳ ବିଜେଡି, ଭାଜପା ଓ କଂଗ୍ରେସର ପ୍ରଚାର ଅଭିଯାନ ଜୋରଦାର ଚାଲିଛି। ସେହିପରି ବିଭିନ୍ନ ଦଳର ବିଭିନ୍ନ ସ୍ଥାନରେ ସାଙ୍ଗଠନିକ ଓ ଗୁପ୍ତ ବୈଠକ ଡକାଯାଇ ରଣନୀତି ପ୍ରସ୍ତୁତ କରାଯାଉଛି। ଆସନ୍ତା ୧୨ରେ ମୁଖ୍ୟମନ୍ତ୍ରୀଙ୍କ ସାନଖେମୁଣ୍ଡି ବ୍ଲକରେ ରୋଡ୍ ଶୋ କାର୍ଯ୍ୟକ୍ରମ ଥିବା ବେଳେ ୧୩ରେ ଧରାକୋଟଠାରେ ଏକ ନିର୍ବାଚନୀ ସଭାରେ ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଛି। ସାନଖେମୁଣ୍ଡି ବିଧାୟିକା ପ୍ରାର୍ଥିନୀ ନନ୍ଦିନୀ ଦେବୀ ଓ ଏମ୍‌ପି ପ୍ରାର୍ଥୀ ପ୍ରମିଳା ବିଷୋୟୀ ପ୍ରଚାର କାର୍ଯ୍ୟକ୍ରମ ଜାରି ରଖିଛନ୍ତି। ନନ୍ଦିନୀଙ୍କ ଦୁଇ ଝିଅ ରାଜା ସୁଲକ୍ଷଣା ଗିତାଞ୍ଜଳୀ ଦେବୀ ଓ ରାଜା ଜେମା ଶାନ୍ତିପ୍ରିୟା ଦେବୀ ନିଜ ମା' ଏବଂ ବିଜେଡି ପାଇଁ ଭୋଟ ଭିକ୍ଷା କରୁଛନ୍ତି। ସେହିପରି ଆସିକା ଏମ୍‌ପି କଂଗ୍ରେସ ଓ ସିପିଆଇ ମେଣ୍ଟ ପ୍ରାର୍ଥୀ ରାମକୃଷ୍ଣ ପଣ୍ଡା ସାନଖେମୁଣ୍ଡି କଂଗ୍ରେସ ବିଧାୟକ ପ୍ରାର୍ଥୀ ରମେଶ ଚନ୍ଦ୍ର ଜେନା ମଧ୍ୟ ଗାଁ କୁ ଗାଁ ବୁଲି ପ୍ରଚାର କରିଛନ୍ତି। ଅନ୍ୟପକ୍ଷରେ ଆସିକା ଭାଜପା ଏମ୍ ପ୍ରାର୍ଥିନୀ ଅନୀତା ଶୁଭଦର୍ଶିନୀ ଓ ସାନଖେମୁଣ୍ଡି ଭାଜପା ବିଧାୟକ ପ୍ରାର୍ଥୀ ବିଜୟ କୁମାର ସ୍ୱାଇଁ ପ୍ରଚାର ଅଭିଯାନ ଜାରି ରଖିଛନ୍ତି।

### ଛତ୍ରପୁର ନିର୍ବାଚନମଣ୍ଡଳୀ
## ଇଭିଏମ୍, ଭିଭିପିଏଟିରେ ତ୍ରୁଟିରୁ ମତଦାନ ବିଳମ୍ବ

ଛତ୍ରପୁର,୧୧।୪(ଡି.ଏନ.ଏ)

ଛତ୍ରପୁର ନିର୍ବାଚନମଣ୍ଡଳୀରେ ଗୁରୁବାର ଶାନ୍ତିପୂର୍ଣ୍ଣ ଭୋଟ ଗ୍ରହଣ ହୋଇଛି । ଅନ୍ୟପକ୍ଷରେ କେତେକ ସ୍ଥାନରେ ଇଭିଏମ୍ ଓ ଭିଭିପିଏଟିରେ ତ୍ରୁଟି ଯୋଗୁ ବିଳମ୍ବରେ ମତଦାନ ଆରମ୍ଭ ହୋଇଥିଲା । ଏପରିକି ମତଦାନ ସମୟରେ ମଧ ଇଭିଏମ୍ ଓ ଭିଭିପିଏଟିରେ ତ୍ରୁଟି ଦେଖାଦେବାରୁ ନିର୍ଦ୍ଧାରିତ ସମୟ ସନ୍ଧ୍ୟା ୬ ଟା ପରେ ବି ଭୋଟର ମାନେ ବୁଥ୍ ଆଗରେ ଧାଡିବାନ୍ଧି ଠିଆ ହୋଇଥିବା ଦେଖିବାକୁ ମିଳିଥିଲା। ଛତ୍ରପୁର ନିର୍ବାଚନମଣ୍ଡଳୀ ଅଧୀନରେ ଛତ୍ରପୁର ଓ ଗଞ୍ଜାମ ବ୍ଲକ ଏବଂ ଛତ୍ରପୁର, ଗଞ୍ଜାମ ଓ ରମ୍ଭା ଏନଏସି ରହିଛି । ମିଳିଥିବା ସୂଚନା ଅନୁସାରେ ଛତ୍ରପୁର ବ୍ଲକ ଦୁଆନପଲ୍ଲୀର ୨୬ ନଂ ବୁଥ୍‌ରେ ଭିଭିପାଟ୍ ଓ ଶିଖରପଲ୍ଲୀର ୨୨ ନଂ ବୁଥ୍‌ରେ ବ୍ରହ୍ମପୁର ଲୋକସଭା ଆସନ ପାଇଁ ଥିବା ଇଭିଏମ୍‌ରେ ଭୋଟ ଗ୍ରହଣର ଆରମ୍ଭରୁ ତ୍ରୁଟି ଦେଖାଦେଇଥିଲା । ଇଞ୍ଜିନିୟର ସେଠାରେ ପହଞ୍ଚି ଏହାର ମରାମତି କରିବା ପରେ ଉକ୍ତ ୨ ବୁଥ୍‌ରେ ଅଢେଇ ଘଣ୍ଟା ବିଳମ୍ବରେ ଭୋଟ ଆରମ୍ଭ ହୋଇଥିଲା । ସେହିପରି ବଡମାଧପୁରର ୫୪ ଓ ୫୬ ନଂ ବୁଥ୍‌ର ଭିଭିପାଟ୍‌ରେ ତୃଟି ଦେଖାଦେଇଥିଲା। ମରାମତି ପରେ ଏହା ସ୍ୱାଭାବିକ ହୋଇଥିଲା । ସାନ ଆର୍ଯ୍ୟପଲ୍ଲୀର ୧୦୩ ନଂ ବୁଥ୍‌ରେ ଇଭିଏମ୍‌ରେ ମଧ ତ୍ରୁଟି ଦେଖାଯିବାରୁ ଭୋଟ ଗ୍ରହଣ ବିଳମ୍ବିତ ହୋଇଥିଲା । କରାତଳି ବୁଥ୍‌ରେ ଦୁଇ ପ୍ରାର୍ଥିଙ୍କ ସମର୍ଥକଙ୍କ ମଧ୍ୟରେ ବଚସା ହୋଇଥିଲା । ପୋଲିସ ପହଞ୍ଚିବାରୁ ଏହା ଥମିଥିଲା । ଗଞ୍ଜାମ ବ୍ଲକର ଗଡହୁମ୍ମାର ୨୨୪ ନଂ ବୁଥ୍‌ରେ ବ୍ରହ୍ମପୁର ଲୋକସଭା ଆସନ ପାଇଁ ଇଭିଏମ୍‌ରେ ତୃଟି ଦେଖାଦେଇଥିଲାବେଳେ ରାଉଳିବନ୍ଧ, ମଲାଡ ଓ ସୁବଳୟା ବୁଥ୍‌ରେ ମଧ ଏହି ତ୍ରୁଟି ପାଇଁ ଭୋଟ ଗ୍ରହଣ ବିଳମ୍ବିତ ହୋଇଥିଲା। ଭୋଟ ପରିପ୍ରେକ୍ଷୀରେ ଗୋଟିଏ କମ୍ପାନୀ କେନ୍ଦ୍ରୀୟ ଫୋର୍ସ, ଛତ୍ରପୁର ଏସଡପିଓ, ଛତ୍ରପୁର, ଗଞ୍ଜାମ, ରମ୍ଭା, ଚମାଖଣ୍ଡି ଓ ମେରାଆଇନ ଥାନା ଅଧିକାରୀ ଓ ଷ୍ଟାଫ୍, ମୋବାଇଲ୍ ଟିମ୍, ଷ୍ଟ୍ରାଇକିଂ ଫୋର୍ସ ମନିଟରିଂ କରିଥିଲେ। ଏହି ନିର୍ବାଚନମଣ୍ଡଳୀରେ ଗୋଟିଏ ପିଙ୍କ୍ ବୁଥ୍ ଏବଂ ୧୦ଟି ମଡେଲ୍ ବୁଥ୍ ହୋଇଥିଲା ।



ସାନଆର୍ଯ୍ୟପଲ୍ଲୀ ବୁଥ୍ ବାହାରେ ଭୋଟରମାନେ ଧାଡ଼ିରେ ଠିଆ ହୋଇଛନ୍ତି।

### ବ୍ରହ୍ମପୁର ଲୋକ ସଭା, ୭ ବିଧାନସଭା ନିର୍ବାଚନମଣ୍ଡଳୀ
## ଇଭିଏମରେ ରହିଲା ୬୧ ପ୍ରାର୍ଥୀଙ୍କ ଭାଗ୍ୟ

- କଂଗ୍ରେସ, ଭାଜପା ଲୋକ ସଭା ପ୍ରାର୍ଥୀ ମତଦାନରୁ ବଞ୍ଚିତ
- ନୂଆ ଭୋଟରଙ୍କ ପ୍ରଥମ କରି ମତଦାନ

ବ୍ରହ୍ମପୁର ଅଫିସ,୧୧।୪

ବ୍ରହ୍ମପୁର ଲୋକ ସଭା ଓ ଏହା ଅଧୀନ ଛତ୍ରପୁର, ଗୋପାଳପୁର, ବ୍ରହ୍ମପୁର, ଚିକିଟି, ଦିଗପହଣ୍ଡି ଏବଂ ମୋହନା ଓ ପାରଳାଖେମୁଣ୍ଡି ବିଧାନସଭା ନିର୍ବାଚନ ମଣ୍ଡଳୀରେ ଗୁରୁବାର ଭୋଟଗ୍ରହଣ ହୋଇଯାଇଛି। ଲୋକ ସଭା ପାଇଁ ୮ ଜଣ ଏବଂ ୭ ବିଧାନସଭା କ୍ଷେତ୍ରରେ ସମୁଦାୟ ୫୩ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ । ସବୁଠି ମୁଖ୍ୟତଃ ବିଜେଡି, ଭାଜପା ଓ କଂଗ୍ରେସ ପ୍ରାର୍ଥୀଙ୍କ ମଧ୍ୟରେ କଡ଼ା ମୁକାବିଲା ହୋଇଥିଲା। ଇଭିଏମ୍‌ରେ ରହିଯାଇଛି ୬୧ ପ୍ରାର୍ଥିଙ୍କ ଭାଗ୍ୟ । ମେ ୨୩ରେ ଫଳାଫଳ ଘୋଷଣା ହେବାକୁ ଥିବାରୁ ସମସ୍ତେ ଆଶା ଓ ଆଶଙ୍କା ମଧ୍ୟରେ ଅଛନ୍ତି ।

ବିଜେଡିର ଲୋକ ସଭା ପ୍ରାର୍ଥୀ ଚନ୍ଦ୍ରଶେଖର ସାହୁ ବ୍ରହ୍ମପୁରରେ ଗଣତାନ୍ତ୍ରିକ ମତଦାନ କରିଥିଲେ । ସେହିପରି ଦିଗପହଣ୍ଡି ଓ ବ୍ରହ୍ମପୁର ସେଗମେଣ୍ଟର ବିଜେଡି ପ୍ରାର୍ଥୀ ଯଥାକ୍ରମେ ସୂର୍ଯ୍ୟନାରାୟଣ ପାତ୍ର, ବିକ୍ରମ ପଣ୍ଡା ଓ ବିଧାୟକ ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ ମହାନଗରର ବିଭିନ୍ନ ବୁଥ୍‌ରେ ଭୋଟ ଦେଇଥିଲେ । ବ୍ରହ୍ମପୁର ବିଧାନସଭା ଭାଜପା ପ୍ରାର୍ଥୀ କାହ୍ନୁ ଚରଣ ପତି ଓ କଂଗ୍ରେସ ପ୍ରାର୍ଥୀ ଲିଙ୍ଗରାଜ ଚୌଧୁରୀ ମଧ୍ୟ ବିଭିନ୍ନ ବୁଥ୍‌ରେ ମତଦାନ କରିଥିଲେ। ତେବେ ଲୋକ ସଭା ପାଇଁ ଭାଜପା ପ୍ରାର୍ଥୀ ଭୃଗୁ ବକ୍ସିପାତ୍ର ଓ କଂଗ୍ରେସ ପ୍ରାର୍ଥୀ ଭି. ଚନ୍ଦ୍ରଶେଖର ନାଇଡୁ ମତଦାନରୁ ବଞ୍ଚିତ ହୋଇଛନ୍ତି । ନାଇଡୁଙ୍କ ନାମ ଦିଲ୍ଲୀର ଭୋଟର ତାଲିକାରେ ଏବଂ ଭୃଗୁଙ୍କ ନାମ କୋରାପୁଟ ଲୋକ ସଭା ଆସନର ରାୟଗଡ଼ାର ଭୋଟର ତାଲିକାରେ ଥିବାରୁ ଉଭୟ ଏହି ଲୋକ ସଭା କ୍ଷେତ୍ରର କୌଣସି ସ୍ଥାନରେ ମତଦାନ କରିପାରି ନ ଥିଲେ ।

ଅପରପକ୍ଷରେ ଏଥର ନୂଆ ଭୋଟରମାନେ ଉତ୍ସାହିତ ହୋଇ ପ୍ରଥମ କରି ମତଦାନ କରୁଥିବା ବ୍ରହ୍ମପୁର ସହରର ବିଭିନ୍ନ ବୁଥ୍‌ରେ ଦେଖିବାକୁ ମିଳିଥିଲା । ମହିଳା ଭୋଟରମାନେ ଲମ୍ବା ଧାଡ଼ି ଲଗାଇ ନିଜର ଗଣତାନ୍ତ୍ରିକ ଅଧିକାର ସାବ୍ୟସ୍ତ କରିଥିଲେ । ଦିବ୍ୟାଙ୍ଗ ଭୋଟରମାନେ ଭୋଟ ଗ୍ରହଣ କେନ୍ଦ୍ରକୁ ଯିବା ଆସିବା ପାଇଁ ପ୍ରଶାସନ ପକ୍ଷରୁ ୫୦ରୁ ଉର୍ଦ୍ଧ୍ୱ ଅଟୋ ବ୍ୟବସ୍ଥା କରାଯାଇଥିଲା । ସୂଚନାଯୋଗ୍ୟ, ୨୦୦୦ରୁ ୨୦୧୪ ମଧ୍ୟରେ ହୋଇଥିବା ୪ ନିର୍ବାଚନରେ ଶାସକ ଦଳ ସପକ୍ଷରେ ଯେଉଁଭି ହାୱା ଥିଲା ତାହା ଏଥର ନ ଥିଲା । ଏହାକୁ ରୋକିବାରେ ଭାଜପା ସକ୍ଷମ ହୋଇଥିବା ବିଭିନ୍ନ ଭୋଟଗ୍ରହଣ କେନ୍ଦ୍ରରେ ହୋଇଥିଲା ଚର୍ଚ୍ଚା ।

ବ୍ରହ୍ମପୁରରେ ଏଥର ୩ ପ୍ରମୁଖ ଦଳ ଭାଜପା, କଂଗ୍ରେସ ଓ ବିଜେଡି ପକ୍ଷରୁ ନୂଆ ରଣନୀତି କରାଯାଇଥିବାରୁ କାହା ସପକ୍ଷରେ ଜନମତ ରହିଛି ତାହା ପରଖିବା କଷ୍ଟକର ହୋଇଯାଇଛି। ତେବେ ୩ ଦଳର ଲୋକ ସଭା ଓ ବିଧାନସଭା ପ୍ରାର୍ଥୀମାନେ ଜିତିବା ଆଶା ରଖିଛନ୍ତି। ସରକାରଙ୍କ ଘୋଷଣା ପ୍ରକାରେ କାଳିଆ ଯୋଜନା ବାବଦ ଅର୍ଥ ଚାଷୀ ପାଇ ନ ଥିବା ଏବଂ ପଞ୍ଜୀକୃତ ହଜାର ହଜାର ଚାଷୀ ସେମାନଙ୍କ ଉତ୍ପାଦିତ ଖରିଫ ଧାନ ମଣ୍ଡିରେ ବିକ୍ରି କରି ପାରି ନ ଥିବା ବେଳେ ଯେଉଁ ଚାଷୀ ବିକ୍ରି କରିଛନ୍ତି ସେମାନଙ୍କ ମଧ୍ୟରୁ ଅଧିକାଂଶ ଏଯାବତ୍ ପ୍ରାପ୍ୟ ପାଇ ନ ଥିବାରୁ ଶାସକ ଦଳ ପ୍ରତି ଅସନ୍ତୋଷ ପ୍ରକାଶ କରିଥିଲେ ।

# ଧରିତ୍ରୀ
DHARITRI

ବ୍ରହ୍ମପୁର, ଶୁକ୍ରବାର, ଏପ୍ରିଲ୍ ୧୨/୨୦୧୯ | Berhampur, Friday, April 12/2019 | ପୃଷ୍ଠା-୧




## ପାୱାରଙ୍କ ପରାମର୍ଶ ଲୋଡ଼ିଲେ ଊର୍ମିଳା


ମୁମ୍ବାଇ-ଉତ୍ତର ଲୋକ ସଭା ଆସନରୁ କଂଗ୍ରେସ ପ୍ରାର୍ଥୀ ଊର୍ମିଳା ମାତୋଣ୍ଡକର ଏନ୍‌ସିପି ମୁଖ୍ୟ ଶରଦ ପାୱାରଙ୍କଠାରୁ ବିଭିନ୍ନ ପ୍ରସଙ୍ଗରେ ପରାମର୍ଶ ଲୋଡିଛନ୍ତି।

୦୫

୧୭

## ନଭଜୋତଙ୍କ ଗୋଲରେ ଭାରତ ବିଜୟୀ

ନଭଜୋତ କୌରଙ୍କ ଗୋଲ ବଳରେ ଭାରତୀୟ ମହିଳା ହକି ଦଳ ଦ୍ୱିପାକ୍ଷିକ ସିରିଜର ୫ମ ମ୍ୟାଚରେ ମାଲେସିଆକୁ ୧-୦ ଗୋଲରେ ପରାସ୍ତ କରିଛି।




ବିଜେପି

ନୂଆ ଓଡ଼ିଶା ୯ଟି ସଂକଳ୍ପ

ବହୁତ ହେଲା ମହିଳାଙ୍କ ଅପମାନ
ନୂଆ ଓଡ଼ିଶାରେ ସୁନିଶ୍ଚିତ ହେବ ମହିଳାଙ୍କ ସୁରକ୍ଷା, ସ୍ୱାବଲମ୍ବନ ଓ ସ୍ୱାଭିମାନ

ଫିର୍ ଏକ୍ ବାର୍ ମୋଦି ସରକାର
ରାଜ୍ୟରେ ଡବଲ୍ ଇଞ୍ଜିନ୍ ସରକାର



ନୂଆ ଆଶା, ପୂରା ଭରସା, ମୋଦିଙ୍କ ସାଥେ ନୂଆ ଓଡ଼ିଶା
Issued by BJP, 4R-3/2, Kharavel Nagar, Unit-3, Bhubaneswar

ଏମ୍‌ପି ଏବଂ ଏମ୍‌ଏଲ୍‌ଏ ପାଇଁ
ପଦ୍ମଫୁଲ ଚିହ୍ନରେ ଦୁଇଥର ଭୋଟ୍ ଦିଅନ୍ତୁ




କୋରାପୁଟ ଜିଲା ତଥା ପଟ୍ଟାଙ୍ଗୀ ବିଧାନସଭା ନିର୍ବାଚନମଣ୍ଡଳୀ ଅଧୀନ ସେମିଳିଗୁଡ଼ାର ମାଓବାଦୀ ଉପଦ୍ରୁତ କାଣ୍ଟି ବୁଥ୍‌ରେ ଭୋଟ ଦେବାକୁ ମହିଳାଙ୍କ ଧାଡ଼ି।

# ଭୋଟ ବେଳେ ହିଂସା

- ଆନ୍ଧ୍ରରେ ୨ ମୃତ, ଜଣେ ପ୍ରାର୍ଥୀ ଅପହୃତ
- ମହାରାଷ୍ଟ୍ର ବୁଥ୍ ନିକଟରେ ମାଓବାଦୀଙ୍କ ବିସ୍ଫୋରଣ
- ୟୁପିରେ ବୁଥ୍ ପାଖରେ ଫାଙ୍କା ଗୁଳିଚାଳନା

ନୂଆଦିଲ୍ଲୀ,୧୧।୪(ପି.ଟି.)

ପ୍ରଥମ ପର୍ଯ୍ୟାୟ ନିର୍ବାଚନ ବେଳେ ଦେଶର ବିଭିନ୍ନ ସ୍ଥାନରେ ହିଂସାକାଣ୍ଡ ଘଟିଛି। ଗୁରୁବାର ଆନ୍ଧ୍ରପ୍ରଦେଶର ଅନନ୍ତପୁରାମୁ ଜିଲାରେ ଶାସକ ତେଲୁଗୁଦେଶମ୍ ପାର୍ଟି (ଟିଡିପି) କର୍ମୀ ଏବଂ ମୁଖ୍ୟ ବିରୋଧୀ ଦଳ ୱାଇଏସ୍‌ଆର କଂଗ୍ରେସ କର୍ମୀଙ୍କ ମଧ୍ୟରେ ସଂଘର୍ଷ ଘଟି ଦୁଇଜଣଙ୍କ ମୃତ୍ୟୁ ଘଟିଛି। ତାଡିପତ୍ରି ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବୀରାପୁରମ୍ ଗ୍ରାମରେ ଏହି ସଂଘର୍ଷ ଘଟିଥିଲା। ମୃତକ ହେଲେ ୱାଇଏସ୍‌ଆର୍ କଂଗ୍ରେସ କର୍ମୀ ପୁଲ୍ଲା ରେଡ୍ଡୀ ଏବଂ ଟିଡିପି କର୍ମୀ ସିଦ୍ଧଭାସ୍କର ରେଡ୍ଡୀ। ନିର୍ବାଚନ ଜିତିବା ଲାଗି ୱାଇଏସ୍‌ଆର କଂଗ୍ରେସ ହିଂସାରେ ଲିପ୍ତ ଥିବା ଶାସକ ଦଳ ଅଭିଯୋଗ କରିଛି। ଅନ୍ୟପକ୍ଷରେ ବୁଥ୍ ଦଖଲ କରିବାକୁ ଶାସକ ଦଳର ନେତାଙ୍କ ସମର୍ଥକମାନେ ଉଦ୍ୟମ କରିଥିଲେ ବୋଲି ୱାଇଏସ୍‌ଆର କଂଗ୍ରେସ ପକ୍ଷରୁ ଅଭିଯୋଗ ହୋଇଛି। ସେହିପରି ଚିତ୍ତୁର ଜିଲାର ପୁଥାଲାପଟ୍ଟୁ ବିଧାନସଭା ଆସନର ୱାଇଏସ୍‌ଆର କଂଗ୍ରେସ ପ୍ରାର୍ଥୀ ଏମ୍‌ଏସ୍ ବାବୁଙ୍କୁ ଟିଡିପି କର୍ମୀମାନେ ଅପହରଣ କରିନେଇଥିବା ଅଭିଯୋଗ ହୋଇଛି। ତାଙ୍କୁ ଏକ ଫଳବଗିଚାକୁ ନିଆଯାଇ ମାଡ଼ ମରାଯାଇଥିବା ଅଭିଯୋଗ ହୋଇଛି। ବାବୁ କୌଣସି ପ୍ରକାରେ ସେମାନଙ୍କ କବଳରୁ ଖସିଆସିଥିବାବେଳେ ପୁନର୍ବାର ଆକ୍ରମଣ ହେବାରୁ ସେ ଅଚେତ ହୋଇପଡିଥିଲେ। ପୋଲିସ ତାଙ୍କୁ ଉଦ୍ଧାର କରି ଚିତ୍ତୁରସ୍ଥିତ ସରକାରୀ ହସ୍ପିଟାଲରେ ଭର୍ତ୍ତି କରିଛି।

ମହାରାଷ୍ଟ୍ରର ଗଡଚିରୋଲି ଜିଲାରେ ଗୁରୁବାର ମତଦାନ ଚାଲିଥିବାବେଳେ ଏକ ଭୋଟଗ୍ରହଣ କେନ୍ଦ୍ର ନିକଟରେ ମାଓବାଦୀ ଆଇଇଡି ବିସ୍ଫୋରଣ କରିଛନ୍ତି। ତେବେ ଏଥିରେ କେହି ମୃତାହତ ହୋଇ ନ ଥିବା ପୋଲିସ କହିଛି। ପୂର୍ବାହ୍ନ ସାଢ଼େ ୧୦ଟା ବେଳେ ୱାଘେଜାରି ଅଞ୍ଚଳରେ ଥିବା ଏକ ବୁଥ୍‌ଠାରୁ ୧୫୦ ମିଟର ଦୂରରେ ଏହି ବିସ୍ଫୋରଣ ଘଟିଥିଲା। ସେଠାରେ ଲୋକମାନେ ଭୋଟଦେବା ପୃଷ୍ଠା-୨


## ଆଜିର ସମ୍ପାଦକୀୟ

ବ୍ୟାଙ୍କଗୁଡ଼ିକ ନିରାଶ କଲେ


## ଆଜିର ମନ୍ତବ୍ୟ

"ଭୋଟ ପାଇଁ ଅନୁପ୍ରବେଶକୁ ପ୍ରୋତ୍ସାହନ ଦେଇଛି କଂଗ୍ରେସ।

– ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

## କିଛି ତଥ୍ୟ

୨୦୧୮-୧୯ ମାର୍କେଟିଂ ବର୍ଷରେ ଦେଶରୁ ୧୭.୪୪ ଲକ୍ଷ ଟନ୍ ଚିନି ରପ୍ତାନି ହୋଇଛି।

– ଏଆଇଏସ୍‌ଟିଏ


ରାଜ୍ୟରେ ପ୍ରତିଷ୍ଠା ହେବ ହାଫ୍ ୱେ ହୋମ୍ ........୫........

ନାମାଙ୍କନପତ୍ର ଦାଖଲ କଲେ
ରାଏବରେଲିରୁ ସୋନିଆ, ଅମେଠିରୁ ଇରାନୀ ........୧୨........



NECC NATIONAL EGG CO-ORDINATION COMMITTEE 11.04.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 88 | 142 | 152 |
| CTC | 89 | 144 | 154 |
| DKL | 88 | 142 | 152 |
| BDK | 91 | 146 | 156 |
| BLS | 93 | 149 | 159 |
| ANG | 89 | 144 | 154 |

*Conditions Apply
Eggs Retail Price- 41/-Dozen
Issued in the Interest of Consumers


# ଇଭିଏମ୍‌ରେ ସିଲ୍ ୨୧୭ ପ୍ରାର୍ଥୀଙ୍କ ଭାଗ୍ୟ

## ରାଜ୍ୟରେ ପ୍ରଥମ ପର୍ଯ୍ୟାୟ ଭୋଟ ଶେଷ

- ପ୍ରାଥମିକ ସୂଚନା ଅନୁଯାୟୀ ୬୮% ମତଦାନ
- ମାଓବାଦୀଙ୍କ ଭୟରେ ୧୫ ବୁଥ୍‌ରେ ପଡ଼ିଲାନି ଭୋଟ
- କେତେକ ସ୍ଥାନରେ ଭୋଟ ବର୍ଜନ
- ନିଜ ଅଞ୍ଚଳରେ ଭୋଟ ଦେଲେ ହେଭିୱେଟ୍ ନେତା

ଭୁବନେଶ୍ୱର,୧୧।୪(ବ୍ୟୁରୋ)

ଗୁରୁବାର ରାଜ୍ୟରେ ପ୍ରଥମ ପର୍ଯ୍ୟାୟ ମତଦାନ ଶେଷ ହୋଇଛି। ପ୍ରାଥମିକ ସୂଚନା ଅନୁଯାୟୀ ୬୮ ପ୍ରତିଶତ ଭୋଟର ସେମାନଙ୍କର ମତାଧିକାର ସାବ୍ୟସ୍ତ କରିଛନ୍ତି। ଏହି ପର୍ଯ୍ୟାୟରେ ୪ଟି ଲୋକ ସଭା ଓ ୨୮ଟି ବିଧାନସଭା ଆସନ ପାଇଁ ପ୍ରତିଦ୍ୱନ୍ଦିତା କରୁଥିବା ୨୧୭ ପ୍ରାର୍ଥୀଙ୍କର ଭାଗ୍ୟ ଇଭିଏମ୍‌ରେ ସିଲ୍ ହୋଇ ଯାଇଛି। ୭,୨୩୩ ମତଦାନ କେନ୍ଦ୍ରରେ ସକାଳ ୭ଟାରୁ ଭୋଟଗ୍ରହଣ ଆରମ୍ଭ ହୋଇଥିଲା। ଏହାର ଦେଡଘଣ୍ଟା ପୂର୍ବରୁ ମକ୍‌ପୋଲ କରାଯାଇଥିଲା। ସକାଳେ ମତଦାନ ଧିମା ରହିଥିଲେ ମଧ୍ୟ ପୂର୍ବାହ୍ନ ୧୦ଟା ବେଳକୁ ଭୋଟରଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ମଧ୍ୟାହ୍ନରେ ପ୍ରବଳ ଖରା ଯୋଗୁ ଟିକେ ମାନ୍ଦା ପଡ଼ିଥିବା ବେଳେ ଅପରାହ୍ନରେ ମତଦାନ ହାର ବୃଦ୍ଧି ପାଇଥିଲା। ମତଦାତାମାନେ ବୁଥ୍ ସମ୍ମୁଖରେ ଲମ୍ବା ଧାଡ଼ିରେ ଛିଡ଼ାହୋଇ ଭୋଟ ଦେବାକୁ ଅପେକ୍ଷା କରିଥିବା ଦେଖାଯାଇଥିଲା। କେବଳ ଜନତା ନୁହନ୍ତି ନେତାମାନେ ମଧ୍ୟ ଉତ୍ସାହର ସହ ଭୋଟ ଦେଉଥିବା ଦେଖା ଯାଇଥିଲା।

କଳାହାଣ୍ଡି ଲୋକ ସଭା ଆସନ ପାଇଁ ଲଢୁଥିବା ବିଜେଡି ପ୍ରାର୍ଥୀ ପୁଷ୍ପେନ୍ଦ୍ର ସିଂଦେଓ ଧର୍ମଗଡ, ଭାଜପା ପ୍ରାର୍ଥୀ ବସନ୍ତ ପଣ୍ଡା ନୂଆପଡା, ଭକ୍ତ ଦାସ ନିଜର ପୁତ୍ର ଓ ପରିବାର ସହ କଳାହାଣ୍ଡିରେ ମତଦାନ ସାବ୍ୟସ୍ତ କରିଥିଲେ। ସେହିପରି ଭୋଟ ଦେବା ଲାଗି ଧାଡିରେ ଛିଡା ହୋଇଥିଲେ ନବରଙ୍ଗପୁର ଏମ୍‌ପି ପ୍ରାର୍ଥୀ ରମେଶ ମାଝି, ବଳଭଦ୍ର ମାଝି, ପ୍ରଦୀପ ମାଝି, ଜୟପୁର ବିଧାନସଭା ପାଇଁ ଲଢୁଥିବା ବିଜେଡି ପ୍ରାର୍ଥୀ ରବି ନନ୍ଦ, କଂଗ୍ରେସ ପ୍ରାର୍ଥୀ ତାରାପ୍ରସାଦ ବାହିନୀପତି। ଅନୁରୂପ ଭାବେ ରାୟଗଡା ବିଧାନସଭାରୁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପୂର୍ବତନ ମନ୍ତ୍ରୀ ଲାଲବିହାରୀ ହିମିରିକା, ଗୁଣୁପୁରରୁ ନିର୍ବାଚନ ଲଢୁଥିବା ଶିଶିର ଗମାଙ୍ଗ ଓ ପୂର୍ବତନ ମୁଖ୍ୟମନ୍ତ୍ରୀ ଗିରିଧାରୀ ଗମାଙ୍ଗ, ବ୍ରହ୍ମପୁର ସଂସଦୀୟ କ୍ଷେତ୍ରର ବିଜେଡି ପ୍ରାର୍ଥୀ ଚନ୍ଦ୍ରଶେଖର ସାହୁ, ବିକ୍ରମ ପଣ୍ଡା, ଭାଜପା ପ୍ରାର୍ଥୀ ଭୃଗୁ ବକ୍ସିପାତ୍ର ପ୍ରମୁଖ ନିଜର ମତଦାନ କରିଥିଲେ। ପୂର୍ବାହ୍ନ ୧ଟା ସୁଦ୍ଧା ୪୧ ପ୍ରତିଶତ ମତଦାନ ହୋଇଥିବା ବେଳେ ଅପରାହ୍ନ ୫ଟା ବେଳକୁ ଏହା ୬୬ ପ୍ରତିଶତରେ ପହଞ୍ଚିଥିଲା। ସନ୍ଧ୍ୟା ୬ଟାରେ ଭୋଟ ଗ୍ରହଣ ଶେଷ ହୋଇଥିଲା। ତେବେ ଭୋଟ ଗ୍ରହଣ ଶେଷ ବେଳକୁ ମତଦାନ ହାର ପ୍ରାୟ ୬୮ ପ୍ରତିଶତ ହୋଇଥିବା ପ୍ରାଥମିକ ସୂଚନା ମିଳିଛି। ତେବେ ରାଜ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ମତଦାନ ହାର ଉପରେ କୌଣସି ଚୂଡାନ୍ତ ସୂଚନା ଦିଆଯାଇ ନାହିଁ। କାଁ ଭାଁ ଗଣ୍ଡଗୋଳକୁ ଛାଡି ଦେଲେ ରାଜ୍ୟରେ ମତଦାନ ଶାନ୍ତିପୂର୍ଣ୍ଣ ହୋଇଛି। କେତେକ ସ୍ଥାନରେ ଯାନ୍ତ୍ରିକ ତ୍ରୁଟି ଯୋଗୁ ଭୋଟ ଗ୍ରହଣରେ ସାମାନ୍ୟ ବିଳମ୍ବ ହୋଇଥିଲା। ୩୦ରୁ ୪୦ ମିନିଟ୍ ମଧ୍ୟରେ ସେସବୁକୁ ଠିକ୍ କରି ମତଦାନକୁ ସ୍ୱାଭାବିକ କରାଯାଇଥିଲା। କେତେକ ଜାଗାରେ ଭୋଟ ବର୍ଜନ ଖବର ଆସିଛି। କିଛି ଜାଗାରେ ଶୂନ ମତଦାନ ହୋଇଛି। ଯେଉଁ ଅଞ୍ଚଳରେ ଭୋଟ ବର୍ଜନ ହୋଇଛି ସେଠାରୁ ପୃଷ୍ଠା-୨

## ଇକ୍ୟୁଏଡର ଶରଣ ପ୍ରତ୍ୟାହାର କରିନେଲା
# ଜୁଲିଆନ ଆସେଞ୍ଜ୍ ଗିରଫ



ଲଣ୍ଡନ,୧୧।୪(ପି.ଟି.)

ୱିକିଲିକ୍ସର ସହପ୍ରତିଷ୍ଠାତା ଜୁଲିଆନ ଆସେଞ୍ଜଙ୍କୁ ଗୁରୁବାର ବ୍ରିଟେନ ପୋଲିସ ଗିରଫ କରିଛି। ସେ ଲଣ୍ଡନସ୍ଥିତ ଇକ୍ୟୁଏଡର ଦୂତାବାସରେ ୭ ବର୍ଷ ହେଲା ରହୁଥିଲେ। ଇକ୍ୟୁଏଡର ତାଙ୍କୁ ଦେଇଥିବା ଶରଣ ପ୍ରତ୍ୟାହାର କରିନେବା ପରେ ୨୦୧୨ ଜୁନ୍‌ରେ ବ୍ରିଟେନ୍‌ର ଜାମିନ ସର୍ତ୍ତ ଉଲ୍ଲଂଘନ ଅଭିଯୋଗରେ ଆସେଞ୍ଜଙ୍କୁ ଗିରଫ କରାଯାଇଥିବା ସ୍କଟଲ୍ୟାଣ୍ଡ ୟାର୍ଡ ପକ୍ଷରୁ ସ୍ପଷ୍ଟ କରାଯାଇଛି।

ସ୍ୱିଡେନରେ ଯୌନ ନିର୍ଯ୍ୟାତନା ଅଭିଯୋଗରେ ଗିରଫ ହେବା ପରେ ସେ ୨୦୧୨ରୁ ପାଖାପାଖି ୭ ବର୍ଷ ହେଲା କେନ୍ଦ୍ରୀୟ ଲଣ୍ଡନସ୍ଥିତ ଇକ୍ୟୁଏଡର ଦୂତାବାସର ପଛପାର୍ଶ୍ୱରେ ଥିବା ଏକ କୋଠରୀରେ ରହୁଥିଲେ। ୱିକିଲିକ୍ସ ପତ୍ରିକା ଆମେରିକାର କେତେକ ଗୁପ୍ତ ରିପୋର୍ଟ ଲିକ୍ କରିଥିଲା। ତେଣୁ ତାଙ୍କୁ ଆମେରିକା ପ୍ରତ୍ୟର୍ପଣ କରାଗଲେ ମୃତ୍ୟୁଦଣ୍ଡ ମିଳିବା ପୃଷ୍ଠା-୨

## ଝଡ଼ବର୍ଷା, ବଜ୍ରପାତରେ ଥରିଲା ଉପକୂଳ
# ଜଣେ ମୃତ, ୪ ଆହତ



ଗୁରୁବାର ସନ୍ଧ୍ୟାରେ ରାଜଧାନୀର ରାଜମହଲ ଓଭରବ୍ରିଜ୍‌ରେ ବଜ୍ରପାତର ଦୃଶ୍ୟ।

- ବଜ୍ରପାତରେ ଜଳିଗଲା ୪ ବଖରା
- ଉପାଡ଼ି ନେଲା ଗଛ, ଘରଦ୍ୱାର ଛାରଖାର
- ଝଡ଼ବର୍ଷା ଧୋଇନେଲା ରବି ଫସଲ, ପନିପରିବା
- ମା' ପୁଅ ଗୁରୁତର

ଭୁବନେଶ୍ୱର,୧୧।୪(ବ୍ୟୁରୋ)

ଗୁରୁବାର ଅପରାହ୍ନରେ ଘୋଟି ଆସିଲା କଳାହାଣ୍ଡିଆ ମେଘ। ଚାହୁଁ ଚାହୁଁ ନିମିଷକ ମଧ୍ୟରେ ଉପକୂଳବର୍ତ୍ତୀ ଜିଲା କଟକ, ଖୋର୍ଦ୍ଧା, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ଯାଜପୁରକୁ ଘେରିଗଲା। ପ୍ରଚଣ୍ଡ ବେଗରେ ପବନ ବହିବା ସହ ଛାତି ଥରାଇବା ଭଳି ଘଡଘଡି ପରିବେଶକୁ ଭୟଭୀତ କରି ପକାଇଥିଲା। ଯିଏ ପୃଷ୍ଠା-୨

## ସହରାଞ୍ଚଳର ୯୩% ଲୋକଙ୍କ ମତ
# ନ୍ୟୁଜ୍ ଚ୍ୟାନେଲ ପକ୍ଷପାତୀ

ନୂଆଦିଲ୍ଲୀ,୧୧।୪(ଆଇଏନ୍‌ଏସ୍)

ନ୍ୟୁଜ୍ ଚ୍ୟାନେଲଗୁଡ଼ିକ ପକ୍ଷପାତିତା କରି କୌଣସି ରାଜନୈତିକ ଦଳକୁ ପୂର୍ଣ୍ଣ ସମର୍ଥନ ଜଣାନ୍ତି ବୋଲି ସହରାଞ୍ଚଳର ପ୍ରତି ୧୦ ଲୋକଙ୍କ ମଧ୍ୟରୁ ୯ ଜଣ ବିଶ୍ୱାସ କରନ୍ତି। ବିଶେଷକରି ୧୮ରୁ ୩୫ବର୍ଷ ବୟସ୍କ ବର୍ଗର ବ୍ୟକ୍ତିଙ୍କର ଏହି ଧାରଣା ପୃଷ୍ଠା-୨


CELEBRATING 125 YEARS OF SERVICE TO THE NATION 1895-2019

125th Foundation Day – 12th April, 2019

Proud past
Perpetual progress...



A humble homage to
our Founding Father
Lala Lajpat Rai

pnb
बड़े देश का
Bada Bank

For Banking Service & Products, Call : 1800 180 2222, 1800 103 2222 (Toll Free) or dial 0120-2490000 (Tolled) SMS PNB PROD to 5607040 pnbindia www.pnbindia.in

पंजाब नैशनल बैंक ...भरोसे का प्रतीक !
punjab national bank ...the name you can BANK upon !

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ପ୍ରିନ୍ସ
ପରିବାରବର୍ଗ


ସମୀରଣ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ଦ୍ୱିତୀୟ ବ୍ରାହ୍ମଣୀ ସେତୁ, ସୁପର ସ୍ପେଶିଆଲିଟି ହସ୍ପିଟାଲ କାର୍ଯ୍ୟ ତ୍ୱରାନ୍ୱିତ

**ରାଉରକେଲା ଅଫିସ,୧୧।୪:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦପ୍ତର(ପିଏମ୍‌ଓ)ରୁ ରାଉରକେଲା ପୂର୍ବତନ ବିଧାୟକ ଦିଲୀପ ରାୟଙ୍କୁ ଏକ ସୂଚନା ପ୍ରଦାନ କରାଯାଇଛି। ସହରବାସୀଙ୍କ ଦାବି ଆଧାରିତ ୨ଟି ପ୍ରକଳ୍ପ ମଧ୍ୟରୁ ଆଇଜିଏଚ୍‌କୁ ସୁପର ସ୍ପେଶିଆଲିଟି ହସ୍ପିଟାଲ କାର୍ଯ୍ୟ ତ୍ୱରାନ୍ୱିତ କରାଯାଉଥିବା କୁହାଯାଇଛି। ପ୍ରକଳ୍ପର ସଂଶୋଧିତ ବ୍ୟୟ ଅଟକଳ ଅନୁସାରେ କେନ୍ଦ୍ର ଇସ୍ପାତ୍ ମନ୍ତ୍ରଣାଳୟ ଜରିଆରେ କାର୍ଯ୍ୟାରମ୍ଭ ହୋଇଥିବା କୁହାଯାଇଛି। ପ୍ରକଳ୍ପର ଏକ ତୃତୀୟାଂଶ ଅର୍ଥାତ୍ ୯୮କୋଟି ଟଙ୍କା ଭାରତୀୟ ଇସ୍ପାତ୍ ପ୍ରାଧିକରଣ(ସେଲ) ପକ୍ଷରୁ ଜାତୀୟ କୋଠାବାଡି ନିର୍ମାଣ ନିଗମ(ଏନବିସିସି)କୁ ଦିଆଯାଇଛି। ସେହିପରି ସେଲ୍‌ର ଅନୁରୋଧ କ୍ରମେ ୧୦୫. ୭୫କୋଟି ଇସ୍ପାତ୍ ମନ୍ତ୍ରଣାଳୟ ପକ୍ଷରୁ ସେଲକୁ ଟ୍ରାନ୍ସଫର କରାଯାଇଛି। ଯାହାର ପତ୍ର ସଂଖ୍ୟା୧୬(୨୧) କେନ୍ଦ୍ର ଇସ୍ପାତ୍ ମନ୍ତ୍ରଣାଳୟ। ୨୦୧୯ ଫେବୃୟାରୀ ୨୧ରେ ଏହି ଟଙ୍କା ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆକୁ ହସ୍ତାନ୍ତରିତ ହୋଇଥିବା ଦିଲୀପଙ୍କୁ ସୂଚନା ଦିଆଯାଇଛି।

## ପ୍ରଥମ ପୃଷ୍ଠାରୁ...

### ଭୋଟ ବେଳେ...

ପାଇଁ ଧାଡିରେ ଛିଡାହୋଇଥିଲେ। ବୁଧବାର ଉକ୍ତ ଜିଲାରେ ପୋଲିଂ ପାର୍ଟି ଭୋଟଗ୍ରହଣ କେନ୍ଦ୍ରକୁ ଯାଉଥିବାବେଳେ ମାଓବାଦୀ ଆଇଇଡି ବିସ୍ଫୋରଣ କରିବାରୁ ଜଣେ ସିଆରପିଏଫ୍ ଯବାନ ଆହତ ହୋଇଥିଲେ।

ସେହିପରି ଉତ୍ତରପ୍ରଦେଶର କୈରାନା ନିର୍ବାଚନମଣ୍ଡଳୀର ଏକ ବୁଥ୍‌ରେ କେତେକ ଲୋକ ବିନା ଭୋଟର ପରିଚୟପତ୍ରରେ ମତଦାନ କରିବାକୁ ଧସେଇ ପଶିବା ଲାଗି ଉଦ୍ୟମ କରିବାରୁ ବିଏସ୍ଏଫ ଯବାନମାନେ ଫାଙ୍କା ଗୁଳିଚାଳନା କରିଥିଲେ। ମଧ୍ୟାହ୍ନ ୧୨ଟା ବେଳେ କନ୍ଧାଲା ଥାନା ଅନ୍ତର୍ଗତ ରସୁଲପୁର ଗଜରାନ୍ ଗ୍ରାମରେ ଏହି ଘଟଣା ଘଟିଛି। ଏହାକୁ ନେଇ କିଛି ସମୟ ପାଇଁ ସେଠାରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ପୋଲିସ ଓ ପ୍ରଶାସନିକ ଅଧିକାରୀ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣକୁ ଆଣିବା ପରେ ପୁନର୍ବାର ମତଦାନ ଆରମ୍ଭ ହୋଇଥିଲା। ତେବେ ପୋଲିସ ଅଭିଯୋଗକୁ ଗ୍ରାମବାସୀ ଖଣ୍ଡନ କରିଛନ୍ତି। ପୋଲିଂ ଅଫିସର ସମାଜବାଦୀ ପାର୍ଟି ପ୍ରାର୍ଥୀଙ୍କ ପାଇଁ ଭୋଟ ଦେବାକୁ କହିବାରୁ ଗଣ୍ଡଗୋଳ ହୋଇଥିଲା ବୋଲି ଗ୍ରାମବାସୀ କହିଛନ୍ତି। ଉତ୍ତରାଖଣ୍ଡର ହରିଦ୍ୱାର ଜିଲାରେ ମତଦାନ ଚାଲିଥିବାବେଳେ ଡ୍ୟୁଟିରେ ଥିବା ଜଣେ ୪୦ ବର୍ଷୀୟ ହୋମଗାର୍ଡଙ୍କର ହୃଦ୍‌ଘାତରେ ମୃତ୍ୟୁ ହୋଇଛି। ଧରମପାଲ ନାମକ ଏହି ହୋମଗାର୍ଡଙ୍କ ଘର ଉତ୍ତରପ୍ରଦେଶର ଲକ୍ଷ୍ମୀପୁର ଖେରି ଅଞ୍ଚଳରେ ବୋଲି ଜଣାପଡିଛି।

### ଇଭିଏମ୍‌ରେ ସିଲ୍...

ରିପୋର୍ଟ ମଗାଯାଇଛି। ଯେଉଁଠି ଲୋକମାନେ ନିଜ ଇଚ୍ଛାରେ ଭୋଟ ଦେବାକୁ ଆସି ନାହାନ୍ତି ସେଠାରେ ଆଉ ଭୋଟ ଗ୍ରହଣ କରାଯିବ ନାହିଁ ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୁରେନ୍ଦ୍ର କୁମାର ସୂଚନା ଦେଇଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ପ୍ରଥମ ପର୍ଯ୍ୟାୟରେ ମାଲକାନଗିରି ଜିଲାର ଚିତ୍ରକୋଣ୍ଡା ଅଞ୍ଚଳରେ ୧୫ଟି ବୁଥ୍‌ରେ କେହି ମତଦାନ କରିନାହାନ୍ତି। ମାଓବାଦୀ ଭୟରେ ଚିତ୍ରକୋଣ୍ଡାର ୯ଟି ବୁଥ ଏବଂ ମାଥିଲି ବ୍ଲକର ୬ଟି ବୁଥରେ ଭୋଟ ଦେବାକୁ କେହି ଆସି ନ ଥିଲେ। ଏମ.ଭି-୧୪ରେ ଇଭିଏମ୍ ତ୍ରୁଟି ଯୋଗୁ ମତଦାନ ୨ ଘଣ୍ଟା ବିଳମ୍ବରେ ଆରମ୍ଭ ହୋଇଥିବା ଜଣାପଡିଛି। ଚିତ୍ରକୋଣ୍ଡା ନିର୍ବାଚନମଣ୍ଡଳୀରୁ କୁଡୁମୁଲୁଗୁମାର ଦୁଇଟି ବୁଥରେ ଇଭିଏମ ଅଚଳ ଯୋଗୁ ମତଦାନ ବିଳମ୍ବ ହୋଇଥିଲା। ମାଲକାନଗିରି ଜିଲାର ଏମ.ଭି-୬୦ରେ ଇଭିଏମ ଟାମ୍ପରିଂ ଅଭିଯୋଗରେ ପୋଲିଂ ପାର୍ଟିକୁ ଲୋକମାନେ ତାଲା ପକାଇ ଦେଇଥିଲେ। ୨୦ଟି ମାଓବାଦୀପ୍ରବଣ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଥିଲା। ସେଠାରେ ମତଦାନ ସକାଳ ୭ଟାରୁ ଆରମ୍ଭ ହୋଇ ଅପରାହ୍ନ ୪ଟା ଯାଏ କରିବାକୁ ନିର୍ଦ୍ଦେଶ ରହିଥିଲେ ମଧ୍ୟ ଭୋଟରଙ୍କ ଭିଡକୁ ଦେଖି ସମୟସୀମା ବୃଦ୍ଧି କରାଯାଇଥିଲା।

ପ୍ରଥମ ପର୍ଯ୍ୟାୟରେ ୩ ମନ୍ତ୍ରୀ, ପୂର୍ବତନ ମନ୍ତ୍ରୀ,ଏମ୍‌ପିଙ୍କର ଇଭିଏମ୍‌ରେ ସିଲ ହୋଇଯାଇଛି। ଏହି ପର୍ଯ୍ୟାୟ ନିର୍ବାଚନରେ ଦିଗପହଣ୍ଡି ଆସନରୁ ଲଢୁଥିବା ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ସୂର୍ଯ୍ୟନାରାୟଣ ପାତ୍ର, ଚିକିଟିରୁ ନିଜର ଭାଗ୍ୟ ପରୀକ୍ଷା କରୁଥିବା ଯୋଜନା ଓ ସଂଯୋଜନା ମନ୍ତ୍ରୀ ଉଷା ଦେବୀ, କଳାହାଣ୍ଡିରୁ ଲୋକ ସଭା ଆସନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପୂର୍ବତନ ମନ୍ତ୍ରୀ ପୁଷ୍ପେନ୍ଦ୍ର ସିଂଦେଓ, ନବରଙ୍ଗପୁର ଲୋକ ସଭା ଆସନରୁ ରମେଶ ମାଝି, ଏମପି ବଳଭଦ୍ର ମାଝି, ପୂର୍ବତନ ଏମ୍‌ପି ପ୍ରଦୀପ ମାଝିଙ୍କ ଭାଗ୍ୟ ସିଲ୍ ହୋଇ ଯାଇଛି। ସେହିପରି ପୂର୍ବତନ ମନ୍ତ୍ରୀ ପ୍ରଦୀପ ନାଏକ, ଭୁପିନ୍ଦର ସିଂ, ପ୍ରଦୀପ ପାଣିଗ୍ରାହୀ, ରବି ନାରାୟଣ ନନ୍ଦ, ବିରୋଧୀ ଦଳ ମୁଖ୍ୟ ସଚେତକ ତାରା ପ୍ରସାଦ ବାହିନୀପତି, ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଚନ୍ଦ୍ର ଶେଖର ମାଝି, ପୂର୍ବତନ ମୁଖ୍ୟମନ୍ତ୍ରୀ ଗିରିଧର ଗମାଙ୍ଗଙ୍କ ପୁତ୍ର ଶିଶିର ଗମାଙ୍ଗ, ଭାଜପା ରାଜ୍ୟ ସଭାପତି ବସନ୍ତ ପଣ୍ଡା, ପୂର୍ବତନ ଏମ୍‌ପି ଜୟରାମ ପାଙ୍ଗୀ, ଭକ୍ତ ଚରଣ ଦାସଙ୍କ ରାଜନୈତିକ ଭାଗ୍ୟ ଇଭିଏମ୍‌ରେ ରହିଯାଇଛି। ମତ ଦେଇ ସାରିଛନ୍ତି ଜନତା। ମେ ୨୩ ତାରିଖରେ ଭୋଟ ଗଣତି ପରେ ଜଣାପଡିବ କାହା ମୁଣ୍ଡରେ ଭୋଟର ସୁନା କଳସ ଢାଳିଛନ୍ତି। ଆସନ୍ତା ୧୮ ତାରିଖ ଦ୍ୱିତୀୟ ପର୍ଯ୍ୟାୟରେ ଆଉ ୫ଟି ଲୋକ ସଭା ଓ ୩୫ଟି ବିଧାନସଭା ଆସନରେ ହେବ ଭୋଟ ଗ୍ରହଣ।

### ଜଣେ ମୃତ,...

ଯେଉଁଠି ଥିଲେ ସୁରକ୍ଷିତ ସ୍ଥାନରେ ମୁଣ୍ଡ ଗୁଞ୍ଜି ଦେଇଥିଲେ। ସନ୍ଧ୍ୟା ୭ଟାରୁ ୮ଟା ୩୦ ମିନିଟ ଯାଏ କାଳବୈଶାଖୀ ତା'ର ତାଣ୍ଡବ ରଚିଥିଲା। ଝଡ଼ବର୍ଷା ବଡବଡ ଗଛ, ଚାଳଘର, ବିଦ୍ୟୁତ୍‌ଖୁଣ୍ଟ, ସାଇନବୋର୍ଡ ଉଡାଇ ନେବା ସହ ମୁଗ, ବିରି ଓ ପନିପରିବା ଫସଲକୁ ଉଜାଡି ଦେଇଛି। ମିଳିଥିବା ସୂଚନା ଅନୁଯାୟୀ କାଳବୈଶାଖୀ କେନ୍ଦ୍ରାପଡା, ଯାଜପୁର, କଟକ, ଖୋର୍ଦ୍ଧା ଆଦି ଜିଲାରେ ବ୍ୟାପକ କ୍ଷୟକ୍ଷତି କରିଛି।

ପ୍ରବଳ ଝଡବର୍ଷା ଯୋଗୁ ଚାକୁଣ୍ଡା ଗଛ ପଡି କେନ୍ଦ୍ରାପଡା ଜିଲା ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ବଳଭଦ୍ରପୁର ଗ୍ରାମର ଶଶୀକଳା ଧଳ (୭୨)ଙ୍କ ମୃତ୍ୟୁ ଘଟିଥିବା ବେଳେ ଦୁଇଜଣ ଯୁବକ ଆହତ ହୋଇଛନ୍ତି। ସେହିପରି କେନ୍ଦ୍ରାପଡ଼ା ବ୍ଲକ ଧୂମାତ ପଞ୍ଚାୟତ ହରିନବାବି ଗ୍ରାମରେ ନଡିଆ ଗଛ ଉପୁଡି ଘର ଉପରେ ପଡ଼ିଯିବା ଯୋଗୁ ମା'ପୁଅ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଏଥିସହ ବଜ୍ରପାତ ଯୋଗୁ ଇନ୍ଦୁପୁରସ୍ଥିତ ସରସ୍ୱତୀ ଶିଶୁମନ୍ଦିରର ୪ ବଖରା ଜଳିଯାଇଛି। ତିନିମୁହାଣିସ୍ଥିତ ପୋଲିସ ଟେଷ୍ଟ ହାଉସ ଭୁଶୁଡି ପଡିବା ସହିତ ଜିଲାର ବିଭିନ୍ନ ସ୍ଥାନରେ ପବନ ଓ କୁଆପଥର ମାଡରେ ରବି ଫସଲ ନଷ୍ଟ ହୋଇଛି। ଜିଲାରେ ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ଓ କୁଆପଥର ମାଡ଼ ହୋଇଥିବା ଜଣାପଡ଼ିଛି। ଯାଜପୁରରୋଡ , କୋରେଇ , ଧର୍ମଶାଳା ଆଦି ଅଞ୍ଚଳରେ ଝଡ ପବନ ଓ କୁଆପଥର ବର୍ଷା ହେବା ଯୋଗୁ ବ୍ୟାପକ କ୍ଷୟକ୍ଷତି ହୋଇଛି। ବଡ଼ବଡ଼ ଗଛ ଉପୁଡ଼ିବା ସହ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗିଯାଇଛି। ବିଭିନ୍ନ ସ୍ଥାନରେ ତାର ଛିଡିଯାଇଥିବାରୁ ବିଦ୍ୟୁତ୍ ଯୋଗାଣ ବ୍ୟାହତ ହୋଇଛି। ବହୁ ଚାଳଛପର ଉଡ଼ିଯାଇଛି। ପ୍ରବଳ ବର୍ଷା ଯୋଗୁ ରାସ୍ତାଘାଟରେ ପାଣି ଜମି ରହିଛି। କୁଆପଥର ମାଡ଼ରେ ପନିପରିବା, ଧାନ, ବିରି ଓ ମୁଗ ଫସଲ କ୍ଷତିଗ୍ରସ୍ତ ହୋଇଛି। ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ ଆଦି ଜିଲାରେ କୁଆପଥର ସହ ବର୍ଷା ହୋଇଥିବା ସୂଚନା ମିଳିଛି।

ଆସନ୍ତା ୨୪ ଘଣ୍ଟା ମଧ୍ୟରେ କୋରାପୁଟ, ମାଲକାନଗିରି, ରାୟଗଡା, ଗଜପତି, ଗଞ୍ଜାମ, ନୟାଗଡ, ବାଲେଶ୍ୱର, ସୁନ୍ଦରଗଡ, ଭଦ୍ରକ, ଖୋର୍ଦ୍ଧା, କେନ୍ଦୁଝର, କଳାହାଣ୍ଡି, ମୟୂରଭଞ୍ଜ ଆଦି ଜିଲାର ଅଳ୍ପ କେତେକ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ଏହି ସମୟରେ ମାଲକାନଗିରି, କୋରାପୁଟ, ରାୟଗଡା, ଗଜପତି, ଗଞ୍ଜାମ, କନ୍ଧମାଳ, ବୌଦ୍ଧ, ନୟାଗଡ ଖୋର୍ଦ୍ଧା, ମୟୂରଭଞ୍ଜ, କେନ୍ଦୁଝର, କଟକ, ଜଗତ୍‌ସିଂହପୁର, କେନ୍ଦ୍ରାପଡା, ବାଲେଶ୍ୱର ଏବଂ ଭଦ୍ରକ ଆଦି ଜିଲାର ଗୋଟିଏ ଦୁଇଟି ସ୍ଥାନରେ ଘଡଘଡି ସହ ପ୍ରବଳ ଝଡବର୍ଷା ହେବ ବୋଲି ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ସତର୍କ କରାଯାଇଛି।

ଗୋଟିଏ ପଟେ ଉପକୂଳକୁ ଝଡବର୍ଷା ବେହାଲ କରୁଥିବା ବେଳେ ଆଭ୍ୟନ୍ତରୀଣ ଓ ପଶ୍ଚିମ ଓଡିଶାରେ ତାତି ଅସ୍ତବ୍ୟସ୍ତ କରୁଛି। ରାଜ୍ୟର ୭ଟି ସହରରେ ବୁଧବାର ପାରଦ ୪୦ ଡିଗ୍ରୀ ଉପରକୁ ଟପି ଯାଇଛି। ମିଳିଥିବା ସୂଚନା ଅନୁଯାୟୀ ଅନୁଗୋଳରେ ସର୍ବୋଚ୍ଚ ତାପମାତ୍ରା ୪୦.୯ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ ଝାରସୁଗୁଡା ୪୦.୬, ତାଳଚେର ୪୧.୮, ଭବାନୀପାଟଣା ୪୦, ବଲାଙ୍ଗୀର ୪୧.୫, ଟିଟିଲାଗଡ ୪୧.୬, ମାଲକାନଗିରି ୪୧, କଟକ ୩୯.୫ ଏବଂ ଭୁବନେଶ୍ୱରରେ ସର୍ବୋଚ୍ଚ ତାପମାତ୍ରା ୩୮.୬ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି।

### ଜୁଲିଆନ ଆସେଞ୍ଜ୍...

ଆଶଙ୍କା କରି ସେ ଶରଣ ପାଇଁ ଆବେଦନ କରିଥିଲେ। ୱେଷ୍ଟମିନିଷ୍ଟର ମାଜିଷ୍ଟ୍ରେଟ୍‌ଙ୍କ କୋର୍ଟରେ ହାଜର ହେବା ପର୍ଯ୍ୟନ୍ତ ତାଙ୍କୁ କେନ୍ଦ୍ରୀୟ ଲଣ୍ଡନ ପୋଲିସ ହାଜତରେ ରଖାଯିବ ବୋଲି ମେଟ୍ରୋପଲିଟାନ ପୋଲିସ ପକ୍ଷରୁ କୁହାଯାଇଛି। ଆତ୍ମସମର୍ପଣ ନ କରିବା କାରଣରୁ ଉକ୍ତ କୋର୍ଟ ୨୦୧୨ ଜୁନ୍ ୨୯ରେ ଆସେଞ୍ଜ୍‌ଙ୍କ ବିରୋଧରେ ଗିରଫ ପରୱାନା ଜାରି କରିଥିଲା।

ଶରଣ ସର୍ତ୍ତାବଳୀର ବାରମ୍ବାର ଉଲ୍ଲଂଘନ କରୁଥିବାରୁ ଆସେଞ୍ଜ୍‌ଙ୍କ ଶରଣ ପ୍ରତ୍ୟାହାର କରାଗଲା ବୋଲି ଇକ୍ୱେଡରର ରାଷ୍ଟ୍ରପତି ଲେନିନ୍ ମୋରେନୋ କହିଛନ୍ତି। ତେବେ ଇକ୍ୱେଡରର ଏଭଳି ପଦକ୍ଷେପକୁ ବିଭିନ୍ନ ମାନବାଧିକାର ସଂଗଠନ ପକ୍ଷରୁ ନିନ୍ଦା କରାଯାଇଛି। ମୋରେନୋଙ୍କ ପଦକ୍ଷେପକୁ ଦେଶର ପୂର୍ବତନ ନେତା ରାଫାଲ କୋରେଆ କଡା ସମାଲୋଚନା କରିଛନ୍ତି। ମୋରେନୋ ଜଣେ ବିଶ୍ୱାସଘାତ ବୋଲି ସେ କହିଛନ୍ତି। ଆସେଞ୍ଜ୍‌ଙ୍କ ଗିରଫ ଗଣମାଧ୍ୟମ ସ୍ୱାଧୀନତା ପାଇଁ କଳା ମୁହୂର୍ତ୍ତ ବୋଲି ଆମେରିକାର ହ୍ୱିସିଲବ୍ଲୋୟର ଏଡ୍‌ୱାର୍ଡ ସ୍ନୋଡେନ୍ କହିଛନ୍ତି। ଆମେରିକା ସରକାରଙ୍କ କେତେକ ଗୁପ୍ତଚର ତଥ୍ୟ ଗଣମାଧ୍ୟମରେ ପ୍ରକାଶ କରିବା ପରେ ୨୦୧୩ରେ ସ୍ନୋଡେନ ରୁଷିଆ ଚାଲିଯାଇଥିଲେ। ୨୦୧୭ ଡିସେମ୍ବରରେ ଇକ୍ୱେଡର ଆସେଞ୍ଜ୍‌ଙ୍କୁ ନାଗରିକତ୍ୱ ପ୍ରଦାନ କରିଥିଲା। ତେବେ ତାଙ୍କ ଶରଣ ପ୍ରତ୍ୟାହାର ହୋଇଥିଲେ ହେଁ ନିର୍ଯାତନା କିମ୍ବା ମୃତ୍ୟୁଦଣ୍ଡ ଥିବା ଦେଶକୁ ତାଙ୍କୁ ପ୍ରତ୍ୟର୍ପଣ କରାଯିବନି ବୋଲି ଇକ୍ୱେଡର ରାଷ୍ଟ୍ରପତି କହିଛନ୍ତି। ଶରଣ ପ୍ରତ୍ୟାହାର ପରେ ଆସେଞ୍ଜ୍‌ଙ୍କ ବିରୋଧରେ ବଳାତ୍କାର ମାମଲାର ତଦନ୍ତ ପୁନର୍ବାର ଚାଲୁ କରିବା ଲାଗି ସ୍ୱିଡେନ ପୀଡିତାଙ୍କ ଓକିଲ ଦାବି କରିଛନ୍ତି। ୨୦୧୦ରେ ଆସେଞ୍ଜ ଉକ୍ତ ମହିଳାଙ୍କୁ ବଳାତ୍କାର କରିଥିବା ଅଭିଯୋଗ ହୋଇଥିଲା।

### ନ୍ୟୁଜ୍ ଚ୍ୟାନେଲ୍...

ରହିଥିବା ନ୍ୟୁଜ୍ ଆପ୍ ଇନ୍‌ସର୍ଟସ ଦ୍ୱାରା କରାଯାଇଥିବା ଏକ ସର୍ବେକ୍ଷଣରୁ ଜଣାପଡିଛି। ଏଥିରେ କୁହାଯାଇଛି, ପାଖାପାଖି ୯୩% ସହରାଞ୍ଚଳ ନାଗରିକ ଭାବନ୍ତି, ନ୍ୟୁଜ୍ ଚ୍ୟାନେଲଗୁଡିକ ପକ୍ଷପାତିତା କରି ରାଜନୈତିକ ଦଳଗୁଡିକୁ ସମର୍ଥନ କରନ୍ତି। ଦେଶର ପ୍ରଥମ ସ୍ତର ଓ ଦ୍ୱିତୀୟ ସ୍ତରର ସହରାଞ୍ଚଳର ୧୮ରୁ ୩୫ ବୟସର ୪୦,୦୦୦ ବ୍ୟକ୍ତିଙ୍କଠାରୁ ଏ ସମ୍ପର୍କରେ ମତ ସଂଗ୍ରହ କରାଯିବା ପରେ ଏହି ସୂଚନା ମିଳିଛି।

ନିର୍ବାଚନ କମିଶନ ନିକଟରେ ଦୂରଦର୍ଶନକୁ କୌଣସି ଏକ ରାଜନୈତିକ ଦଳ ସପକ୍ଷରେ ଅଧିକ ସମୟ କାର୍ଯ୍ୟକ୍ରମ ପ୍ରସାରଣ ନ କରିବାକୁ ପରାମର୍ଶ ଦେଇଥିଲେ। ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ସଚିବ ଅମିତ ଖାରେ ପ୍ରସାର ଭାରତୀ ସିଇଓ ଶଶିଶେଖର ଭାମ୍‌ପାତିଙ୍କୁ ଆଦର୍ଶ ଆଚରଣ ବିଧିରେ ଥିବା ନୀତି ନିର୍ଦ୍ଦେଶାବଳୀ ଅନୁସରଣ କରିବାକୁ ପରାମର୍ଶ ଦେଇଥିଲେ। ସେ ମଧ୍ୟ ଜାତୀୟ ପ୍ରସାରଣକାରୀ ସଂସ୍ଥାର ସମସ୍ତ ଡିଭିଜନ୍‌କୁ ଉକ୍ତ ନିର୍ଦ୍ଦେଶାବଳୀ ମାନିବାକୁ ଚିଠି ଲେଖିଥିଲେ।

ଏ ସଂକ୍ରାନ୍ତରେ ବିଭିନ୍ନ ରାଜନୈତିକ ଦଳ ପାଇଁ ଦିଆଯାଇଥିବା ସମୟସୂଚୀ ସମ୍ପର୍କରେ ସଚେତନ ରହିବାକୁ ଦୂରଦର୍ଶନ ଓ ଆକାଶବାଣୀ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶନାମା କାର୍ଯ୍ୟକାରୀ କରୁଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି ଆରଦ୍ରା ନକ୍ଷତ୍ରସ୍ଥ ଚନ୍ଦ୍ର ମାନସିକ ସ୍ଥିତିକୁ ବିକ୍ଷିପ୍ତ କରିପାରେ। ମାଙ୍ଗଳିକ କାମରେ ଗାଡି, ମୋଟର, ପରିବହନ, ସତ୍‌ସଙ୍ଗ, ଆଲୋଚନା, ଭ୍ରମଣ ହେତୁକ ଖୁସୀ ରହିବ। ଧାର କରଜ ଦେବାକୁ କେନ୍ଦ୍ରକରି କଳହର ସମ୍ଭାବନା ମଧ୍ୟ ଦେଖାଦେଇପାରେ। ସ୍ୱାସ୍ଥ୍ୟ ସମ୍ପର୍କୀୟ ଚିନ୍ତା ନେଇ ବନ୍ଧୁଙ୍କ ସହ ଆଲୋଚନା କରି ପାରନ୍ତି।

**ବୃଷ** ଦେବଗୁରୁଙ୍କ ନକ୍ଷତ୍ରରେ ଶୁକ୍ର ଅବସ୍ଥାନ କରି ନୂତନ ଯୋଜନାରେ ବାଧା ଉତ୍ପନ କରିପାରନ୍ତି। ମୂଲ୍ୟବାନ ଦ୍ରବ୍ୟ ନଷ୍ଟ ହୋଇପାରେ। ଅଯାଚିତ ଭାବରେ ପଡୋଶୀଙ୍କ ସାହାଯ୍ୟ ଓ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବେ। କଳା, ଶିଳ୍ପ, ବାଣିଜ୍ୟ, ସାହିତ୍ୟ ଓ ସଙ୍ଗୀତ ପ୍ରତିଯୋଗିତାରେ ସୁନାମ ଅର୍ଜନ କରିପାରନ୍ତି।

**ମିଥୁନ** ବୃହସ୍ପତିଙ୍କ ନକ୍ଷତ୍ରସ୍ଥ ବୁଧ ଯୋଗୁ କୌଣସି କାମ ଆପଣଙ୍କର ଅଧୁରା ରହିବନାହିଁ। ବନ୍ଧୁମିଳନ ସଙ୍ଗକୁ ନୂତନ ବନ୍ଧୁ ସମ୍ପର୍କ ଯୋଡିବା ପାଇଁ ଖୁରାକ ମଧ୍ୟ ପାଇବେ। ସ୍ଥଗିତ କାମକୁ ପୂରା ଦମରେ କରିବାପାଇଁ ନିଷ୍ପତି ନେବେ। ଗତକାଲିର କୌଣସି ଘଟଣା ସକାଶେ ଅସୁବିଧା ନ ହେଲେ ମଧ୍ୟ ଆଶଙ୍କା କରି ମନ ଅସ୍ଥିର ରହିପାରେ।

**କର୍କଟ** ଦ୍ୱାଦଶରେ ଚନ୍ଦ୍ର ଆପଣଙ୍କୁ କୌଣସି ସ୍ଥାନରେ ସ୍ଥିରଭାବରେ ରଖାଇ ଦେବେନାହିଁ। ଯେଉଁ ଆଶା ନେଇ ଅନ୍ୟ ମାନଙ୍କ ପାଇଁ କିଛି କାମ କରିବେ ପ୍ରତିବଦଳରେ କିଛି ପାଇବା କଷ୍ଟକର ହୋଇପାରେ। ତଥାପି କର୍ମକ୍ଷେତ୍ରରେ କୌଣସି ଶୁଭ ଖବର ମନକୁ ଆମୋଦିତ କରିବ। ପ୍ରତ୍ୟୁଷ ସମୟରେ ଭ୍ରମଣ କାଳରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ।

**ସିଂହ** ରେବତୀ ନକ୍ଷତ୍ରସ୍ଥ ରବି ଓ କର୍ମସ୍ଥାନରେ ଭାଗ୍ୟାଧିପତି ଆପଣଙ୍କର ଉଦ୍ୟମକୁ ଚରିତାର୍ଥ କରାଇବାରେ ସହାୟକ ହେବ। ତଥାପି ମଙ୍ଗଳ ପାପଯୁକ୍ତ ଚନ୍ଦ୍ରଙ୍କ ରୋହିଣୀନକ୍ଷତ୍ରାବସ୍ଥାନ ଯୋଗୁ ଆତ୍ମୀୟବ୍ୟକ୍ତିମାନେ ଅସହିଷ୍ଣୁ ମନୋଭାବ ନେଇ ସମାଲୋଚନା କରିପାରନ୍ତି। ଯାତ୍ରା, ନୂତନ କର୍ମାରମ୍ଭ, ଶିଳ୍ପ, ବାଣିଜ୍ୟ, ପରିବହନ, ବ୍ୟବସାୟ ସକାଶେ ଦିନଟି ମନ୍ଦ ନୁହେଁ।

**କନ୍ୟା** ଉଚ୍ଚାରୋହୀ ଶୁକ୍ରଙ୍କ ଯୋଗୁ ଆଜି ଯାହା ପାଇବା ସକାଶେ ଆଶା ରଖିଛନ୍ତି, ତାହା ତ ନିଶ୍ଚୟ ବନ୍ଧୁଙ୍କ ସହାୟତାରେ ପାଇବେ। ପରିବାରରେ ବିତର୍କ କିମ୍ବା ପିଲାମାନଙ୍କ କାର୍ଯ୍ୟକଳାପ ନିଜପାଇଁ ଅସନ୍ତୋଷ ସୃଷ୍ଟି କରିବ। ଆସନ୍ତା କାଲି ଖୋଜୁଥିବା ଜିନିଷଟି ଆଜି ଅପରାହ୍ନରେ ପାଇଯିବେ। ପ୍ରଶାସନ, ଅର୍ଥସମ୍ପର୍କ, କର୍ମକ୍ଷେତ୍ର ଉଠାପକା ମଧ୍ୟଦେଇ ଚାଲିପାରେ।

**ତୁଳା** କର୍ମଭାବର ଅଶୁଭତ୍ୱ କାରଣରୁ ଅଫିସ ଭିତରେ ସାଧାରଣ କଥାକୁ ନେଇ ତର୍କ ବିତର୍କ ଲାଗିପାରେ। ବ୍ୟବସାୟରେ ମନର ବଳ ଖୁବ୍ ଟାଣ ରହିବ ଏବଂ ଲାଭବାନ୍ ମଧ୍ୟ ହେବେ। କର୍ମକ୍ଷେତ୍ରଓ ଆନୁଷ୍ଠାନିକ କାମରେ ଦ୍ରୁତୋନ୍ନତି ପରିଲକ୍ଷିତ ହେବ। ପରିବାରରେ ସ'ାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁ ବିଚଳିତ ହେବେ।

**ବିଛା** ଆଜିର ଗ୍ରହସ୍ଥିତି ଅନୁକୂଳ ନ ଥିବାରୁ ଭାବିଚିନ୍ତି କହିବା ଓ କରିବା ଦିଗରେ ସତର୍କତା ଅବଲମ୍ବନ କରିବା ଭଲ ହେବ। ନିଜର ସାହାଯ୍ୟକାରୀ ମନୋବୃତ୍ତି କାରଣରୁ କର୍ମକ୍ଷେତ୍ରରେ ଉଚ୍ଚବର୍ଗଙ୍କ ସହାୟତା ପାଇବେ ଏବଂ ଏକ ପ୍ରକାର ଆଶ୍ୱସ୍ତି ଲାଭ କରିବେ। ବନ୍ଧୁମାନଙ୍କ ପରାମର୍ଶରେ ରୋଗ,ଋଣରୁ ରକ୍ଷା ପାଇବାର ପରିକଳ୍ପନା କରି ପାରନ୍ତି।

**ଧନୁ** ବୁଧାଦିତ୍ୟ ଯୋଗ ପ୍ରଭାବରୁ କର୍ମକ୍ଷେତ୍ର, ପାରିବାରିକ କ୍ଷେତ୍ରରେ କୌଣସି ସମସ୍ୟା ରହିବନାହିଁ। ନିକଟସ୍ଥ ବନ୍ଧୁଙ୍କ ସଦ୍‌ଭାବ ଓ ସହକର୍ମୀମାନଙ୍କ ସହଯୋଗ କର୍ମକ୍ଷେତ୍ରକୁ ତ୍ୱରାନ୍ୱିତ କରିବ। ପରିସ୍ଥିତିକୁ ଲକ୍ଷ୍ୟକରି ମନକୁ ନପାଇଲେ ମଧ୍ୟ ପରିବାର ସଦସ୍ୟଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ। ଆଇନ ଅଦାଲତ ତଥା ବ୍ୟବସାୟ ଓ ପରିବହନରେ ସୁଫଳ ପାଇବେ।

**ମକର** କର୍ମକ୍ଷେତ୍ର, ଆନୁଷ୍ଠାନିକ କାମ ସଙ୍ଗକୁ ଆଜିର ଯାତ୍ରା ବ୍ୟୟବହୁଳ ହୋଇପାରେ। ବନ୍ଧୁଙ୍କ ଠାରୁ କିଛି ମିଥ୍ୟା ଗୁଜବ ଶୁଣିବା ପରେ ମନରେ ବିଭିନ୍ନ ପ୍ରକାରର ଦୁଃଶ୍ଚିନ୍ତା ସୃଷ୍ଟି ହୋଇପାରେ। ବନ୍ଧୁଙ୍କ ପରାମର୍ଶକୁ ଗ୍ରହଣକରି ବେଳକାଳ ଉଣ୍ଡି ଠିକଣା ସମୟରେ ଉଚିତ ପଦେକ୍ଷପ ନେବାକୁ ଭୁଲନ୍ତୁ ନାହିଁ। ନୂତନ ଯୋଜନାରମ୍ଭ କ୍ଷେତ୍ରରେ ଆଶା ପୂରଣ ହୋଇପାରିବ।

**କୁମ୍ଭ** ନିଜରାଶିରେ ଶୁକ୍ରଙ୍କ ଅବସ୍ଥାନ କାରଣରୁ ଆଜି ପରିବାରରୁ ପୂର୍ଣ୍ଣ ସହଯୋଗ ପାଇ କେତେକ କାମ ହାସଲ କରିବେ। ବନ୍ଧୁଙ୍କ କାର୍ଯ୍ୟକଳାପକୁ ନେଇ ଭାବପ୍ରବଣତା ଯୋଗୁ ମନୋବଳ କ୍ରମଶଃ ହ୍ରାସ ପାଇବ। ସ୍ୱାସ୍ଥ୍ୟରେ ଦ୍ରୁତ ଉନ୍ନତି ପରିଲକ୍ଷିତ ହେବାରୁ ସାମୟିକ ଆଶ୍ୱସ୍ତି ଅନୁଭବ କରିବେ। ସକାଳୁ ସକାଳୁ ସମ୍ପର୍କୀୟ ଜଣେ ବନ୍ଧୁ ଆଜି ମଧ୍ୟାହ୍ନରେ ସାହାଯ୍ୟର ପ୍ରତିଶ୍ରୁତି ଦେଇପାରନ୍ତି।

**ମୀନ** ପ୍ରତିକୂଳତା ଦୂରେଇଯିବା ସହ ଆଶା ଓ ଅଭିଳାଷ ପୂରଣ ପାଇଁ ଆବଶ୍ୟକୀୟ ସହଯୋଗ ଅବଶ୍ୟ ମିଳିବ। ଆଜିର ପ୍ରତ୍ୟୁଷ ଯାତ୍ରାରେ ଜିନିଷ ପତ୍ର ପ୍ରତି ସତର୍କ ରୁହନ୍ତୁ ଅନ୍ୟଥା ଚିନ୍ତା କରିବାକୁ ପଡ଼ିପାରେ। ଦୀର୍ଘଦିନର ସୁପରିକଳ୍ପିତ ଯୋଜନା ମୁତାବକ କାର୍ଯ୍ୟରେ ସଫଳତା ପାଇବେ। ପାରିବାରିକ ସ୍ତରରେ ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ମିଳିବନି।

ଆଜି ଚୈତ୍ର ଶୁକ୍ଳ ସପ୍ତମୀଯୁକ୍ତ ଅଷ୍ଟମୀ ଶୁକ୍ରବାର, ବାସନ୍ତିକ ଶ୍ରୀଦୁର୍ଗାଦେବ୍ୟାଃ ମହାଷ୍ଟମୀ ପୂଜା, ଏପ୍ରିଲ ୧୨ ତାରିଖ, ରାଶି ନକ୍ଷତ୍ର-ଦିବା ଘ୧୦।୧୮ମି. ଗତେ ପୁନର୍ବସୁ/ମିଥୁନ, ସପ୍ତମୀର ଏକୋଦ୍ଦିଷ୍ଟ ଓ ଅଷ୍ଟମୀର ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବ୍ରତୋପନୟନ, ସକାଳ ଘ୭।୦୭ମି. ମଧ୍ୟେ ଘ୮।୩୯ମି. ଗତେ, ଘ୧୦।୧୧ମି. ମଧ୍ୟେ ଘ୪।୨୯ମି. ଗତେ, ଘ୬।୦୧ମି. ମଧ୍ୟେ ଅମୃତବେଳା। ଦିବା ଘ୭।୦୭ମି. ଗତେ ଘ୮।୩୯ମି. ମଧ୍ୟେ, ଘ୧୧।୪୩ମି. ଗତେ ଘ୧।୧୫ମି. ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ୧୦।୧୪ମି. ଗତେ ଘ୧୧।୪୮ମି. ମଧ୍ୟେ ରାହୁକାଳ।

## classifieds

### real estate

**SALE**

Bhubaneswar GITA College ଠାରେ 1200 sqft. 4,50,000/-ରେ demarcated plot ମିଳୁଅଛି। 9937823228. D-66306

ଭୁବନେଶ୍ୱର ପିତାପଲ୍ଲୀ NH5 ଠାରୁ 50' ଦୂରରେ 30' ରାସ୍ତା ଥାଇ ପ୍ଲଟ୍ ମିଳୁଅଛି। 8338932027. D- 66333

Bhubaneswar AIIMS front Govt. road କୁ ଲାଗି gharabari yellow zone plot ବିକ୍ରିହେବ: 8480745797. D-66308

ଭୁବନେଶ୍ୱର ଜଟଣୀଗେଟ୍ NH-5ରୁ କିଛି ଦୂରତାରେ plot 1200କୁ 1,32,000/-, BEC College ଠାରେ 1200କୁ 3,00,000/- (outright). 9776934361, 8144706560. D-66317

ସୁନ୍ଦରପଦା Xavier University ପଛପଟେ ବେଣାବିଲ ମୌଜାରେ sqft.- 275/-ରେ investment ଉପଯୋଗୀ ସ୍ଥିତିବାନ ପ୍ଲଟ ମିଳୁଅଛି। Immediate possession and registration. 8249292535. D-66305

ସ୍ଥିତିବାନ ଘରବାରି ପ୍ଲଟ ରେତଙ୍ଗ ଷ୍ଟେସନ ପାଖରେ କିଣି ଘର କରନ୍ତୁ। 9938066403. D-66329

Bhubaneswar Infocity-II boundaryକୁ ଲାଗି sqft.-600/-ରେ ପାଚେରି ସହ plot ବିକ୍ରିହେବ। 8658962508, 8480864171. D-66336

Plot at Balianta Tahasil, Bhubaneswar. Pay 50% get registration rest in installments first 10 Govt. corporate employees: 7077102741. D- 58075

30 ଫୁଟ ରାସ୍ତା ଥାଇ ଭୁବନେଶ୍ୱର ଯାଆଁଳାଠାରେ ହରିଜନ ଘରବାରି ପ୍ଲଟ ବିକ୍ରିହେବ। Contact: 9668243484, 9437504683. D-66075

ଫୁଲନଖରାରେ ନିର୍ମିତ ବୃହତ୍ତମ ମାର୍କେଟ୍ **(Grand Bazar) NH-5ରୁ** ଅଳ୍ପ ଦୂରତାରେ ଘରବାରି ବାସୋପଯୋଗି **plot** କିଣନ୍ତୁ। **7749090720.** D-66327

Residential plot at Ghatikiya, Sankarpur, Bhubaneswar 2000 sqft. (15nos) electric, Govt. Supply water, 30' road available: 7381564227, 8114744495. D- 66428

2BHK flat garage at Garage chhak, Bhubaneswar only purchaser. 9583242566. D-52893

ଭୁବନେଶ୍ୱର KEC, ଗୁଡ଼ିଆ ପୋଖରୀଠାରେ 30'road Boundary wall, electry, gharabari, temple, sqft. 650/-ରେ ଦିଆଯାଉ ଅଛି। 7008045582, 9692003948. D-12088

1600 sqft. Gharabari plot with Boundary 30'road Electricity- 11,52,000/- near infovalley Batabhuasuni Temple. 9438400633. D-66338

Limited nos. of 2BHK flats of owner's share at Tankapani Road, Bhubaneswar are available for booking (400 meters from Rabi talkies sqr. and 160 meters from Rajarani temple, on the 100ft. main road). Project is scheduled for handover by April 2020. Interested buyers may contact owner at: 9438485933, 9776620800, 9556372717. D-58077

ଘରବାରି plot sale ନଖରା ବ୍ରାହ୍ମଣଝରିଲୋ ପିଚୁରୋଡ଼ sideରେ 3000 sqft. 16,50,000/- 9437306208. D-66337

Tamando Market ପାଖରେ ଏବଂ ଜଟଣୀ ଗେଟ NH-5କୁ ଲାଗି plot ମିଳୁଅଛି। 9439864322. D-66340

Bhubaneswar Patrapada Market HDFC bankରୁ 500 mtr କଲୋନୀ ଭିତରେ BDA yellow zone plot କିଣି ତୁରନ୍ତ ଘର କରନ୍ତୁ। 6370292040. D-66339

1200 sqft. gharabari housing plot 30'road Ranga bazar. 8,40,000/- 8144998588. D-66334

Gharabari plot behind Hitech Plaza, beside 30' road with boundary wall- 490/-, Pradhan sahi mouza (SC plot) - 650/-, 9090008333, 9437357287. D-12089

### education

Film making, Acting courses at best Schools of Mumbai. Career at Bollywood. 7978231072. D-66427

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ବିବାହ ଶୁଭେଚ୍ଛା ଟ୩୧୫/- (ଫଟୋ ସହ) ଏବଂ ଟ୨୧୦/- (ବିନା ଫଟୋ)ରେ। ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୫ସେମି. (W) ହେବା ଆବଶ୍ୟକ।

### AFFIDAVIT

By virtue of an affidavit before public Notary I Soumya Kanta Mishra have changed my surname from Mishra' to "Sabat" for all purposes. D-12074

### ପ୍ରଥମ ଜନ୍ମଦିନ ଶୁଭେଚ୍ଛା



**ସାଇ ଶ୍ରେୟାନ୍ (ପ୍ରିନ୍ସ)**
ଜଗତ୍‌ସିଂହପୁର, ପଟିଲୋ

ଆଜି ତୋର ଜନ୍ମଦିନରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା, ସେ ତୋତେ ଦୀର୍ଘାୟୁ କରନ୍ତୁ, ତୋର ଚଲାପଥ କୁସୁମିତ ହେଉ। **ଶୁଭେଚ୍ଛା ସହ:** ଜେଜେ, ମା, ମଝିଆ ଜେଜେ, ନାନା, ସାନ ଜେଜେ, ସାନ ମା, ଅଜା, ବାବା, ମାମା, ବଡ଼ ବାପା, ଦାଦା, ଖୁଡୀ, ମାମୁଁ, ମାଇଁ, ପିଇସା, ପିଇସି, ମାଉସି, ବିଦି ଭାଇ ଓ ପରିବାରବର୍ଗ। ଧ-୧୨୦୯୦

Your Classified Advertisement published in Dharitri will be listed free in Dharitri Online Edition: www. dharitri.com


### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମହାପ୍ରଭୁଙ୍କର ହେଲା ବନକଲାଗି

**ପୁରୀ ଅଫିସ,୧୧।୪**

ଶ୍ରୀମନ୍ଦିରରେ ଗୁରୁବାର ବନକଲାଗି ନୀତି ସମ୍ପନ୍ନ ହୋଇଛି। ଏଥିପାଇଁ ଅପରାହ୍ନ ୪ଟା ୧୦ରୁ ସନ୍ଧ୍ୟା ସାଢେ ୭ଟା ପର୍ଯ୍ୟନ୍ତ ଦାରୁଦିଅଁଙ୍କ ଦର୍ଶନ ବନ୍ଦ ରହିଥିଲା। ଏହା ଏକ ଗୁପ୍ତ ନୀତି ହୋଇଥିବାରୁ ଶ୍ରୀମନ୍ଦିରର ଜୟବିଜୟ ଦ୍ୱାର ବନ୍ଦ କରାଯାଇ ଏହି ନୀତି ସମ୍ପନ୍ନ ହୋଇଥିଲା। ଦ୍ୱିପ୍ରହର ଧୂପ ସରିବା ପରେ ଦତ୍ତମହାପାତ୍ର ସେବକମାନେ ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର କରିଥିଲେ। ପ୍ରାକୃତିକ ପଦ୍ଧତିରେ ତିଆରି ପ୍ରସାଧନରେ ଠାକୁରଙ୍କ ଶ୍ରୀମୁଖ ଶୃଙ୍ଗାରକୁ ବନକଲାଗି କୁହାଯାଏ। ଏଥିପାଇଁ ଦତ୍ତମହାପାତ୍ର ସେବକମାନେ ଶୁଦ୍ଧପୂତ ଭାବେ ପ୍ରସାଧାନ ପ୍ରସ୍ତୁତ କରିଥିଲେ। ଠାକୁରଙ୍କ ବନକଲାଗି ନୀତି ସରିବା ପରେ ମହାସ୍ନାନ ହୋଇଥିଲା। ଏହାପରେ ପୁଣି ଭକ୍ତମାନେ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ ବୋଲି ଶ୍ରୀମନ୍ଦିର ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମୀଧର ପୂଜାପଣ୍ଡା କହିଛନ୍ତି। ଦତ୍ତମହାପାତ୍ର ସେବକମାନେ ପ୍ରସ୍ତୁତ କରିଥିବା ପ୍ରାକୃତିକ ରଙ୍ଗରେ କସ୍ତୁରୀ ଓ କେଶର ମିଶିଥାଏ। କସ୍ତୁରୀ ଯୋଗୁ ମହାପ୍ରଭୁଙ୍କ ମୁଖମଣ୍ଡଳ ଉଜ୍ଜ୍ୱଳ ଓ ମସୃଣ ରୁହେ । ରତ୍ନସିଂହାସନ ସମ୍ମୁଖରେ ଯେଉଁ ଭୋଗ ବଢାହୁଏ ତାର ଗରମ ବାଷ୍ପ ଯୋଗୁ ମୁଖମଣ୍ଡଳର ଉଜ୍ଜ୍ୱଳତା କମିଯାଏ। କସ୍ତୁରୀ ବ୍ୟବହାର ଯୋଗୁ ରଙ୍ଗ ଦୀର୍ଘସ୍ଥାୟୀ ହୋଇଥାଏ।




ମୋଦିଙ୍କ ବାୟୋପିକ୍ ସିନେମା ସ୍ଥଗିତ




# ବିଜେଡିର ସାଙ୍ଗଠନିକସ୍ତରରେ ପରିବର୍ତ୍ତନ

**ଭୁବନେଶ୍ୱର, ୧୧।୪(ବ୍ୟୁରୋ)**

- ବିଜୟ ନାୟକ ସାଧାରଣ ସମ୍ପାଦକ
- କିଶୋର କେନ୍ଦ୍ରାପଡ଼ା ଜିଲା ସଭାପତି
- ସୁମିତ୍ରା ଜେନା ବାଲେଶ୍ୱର, ଭଦ୍ରକ ସହ ପର୍ଯ୍ୟବେକ୍ଷକ
- ଶେଷ ମେହେର ଦଳରୁ ବହିଷ୍କୃତ

ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ବିଜେଡି ସାଙ୍ଗଠନିକସ୍ତରରେ କିଛି ପରିବର୍ତ୍ତନ ଆଣିଛି। ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ଗୁରୁବାର ଏ ସଂକ୍ରାନ୍ତରେ ବିଜ୍ଞପ୍ତି ପ୍ରକାଶ ପାଇଛି। ଦୀର୍ଘଦିନ ଧରି ରାଜ୍ୟ ସମ୍ପାଦକ ଦାୟିତ୍ୱ ତୁଲାଉଥିବା ବିଜୟ ନାୟକଙ୍କୁ ସାଧାରଣ ସମ୍ପାଦକ ଦାୟିତ୍ୱ ଦିଆଯାଇଛି। ସେହିପରି ବିଧାୟକ କିଶୋର ତରାଇଙ୍କୁ କେନ୍ଦ୍ରାପଡା ଜିଲା ସଭାପତି ଭାବେ ନିଯୁକ୍ତ କରାଯାଇଛି। କେନ୍ଦ୍ରାପଡ଼ା ଜିଲା ବିଜେଡି ମହାସଚିବ ଭାବେ ନିଶିକାନ୍ତ ପ୍ରଧାନ ଓ ଜିଲା ବିଜେଡି ଉପ ସଭାପତି ଭାବେ ଅଜିତ ନାୟକଙ୍କୁ ନିଯୁକ୍ତ କରିଛନ୍ତି। କିନ୍ନର ନେତ୍ରୀ ମୀରା ପରିଡାଙ୍କୁ ଭୁବନେଶ୍ୱର(ମଧ୍ୟ) ପର୍ଯ୍ୟବେକ୍ଷକ ଓ ନିମାଇଁ ମୁର୍ମୁଙ୍କୁ ଦଳର ସମ୍ପାଦକ ଭାବେ ଦାୟିତ୍ୱ ଦିଆଯାଇଛି।

ଦୁଇ ଦିନ ତଳେ କଂଗ୍ରେସ ଛାଡି ବିଜେଡିରେ ଯୋଗ ଦେଇଥିବା ସୁମିତ୍ରା ଜେନାଙ୍କୁ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ଦାୟିତ୍ୱ ଦିଆଯାଇଛି। ଏଥିସହିତ ସୁମିତ୍ରାଙ୍କୁ ବାଲେଶ୍ୱର ଓ ଭଦ୍ରକ ଜିଲାର ସହପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ମିଳିଛି। କମଳା ତିରିଆଙ୍କୁ ବିଜୁ ମହିଳା ଜନତା ଦଳର ରାଜ୍ୟ ଉପସଭାନେତ୍ରୀ ଏବଂ ବାରିପଦା ନିର୍ବାଚନମଣ୍ଡଳୀ ପାଇଁ ସହପର୍ଯ୍ୟବେକ୍ଷକ, ସୁଜାତା ଜେନାଙ୍କୁ ମହିଳା ବିଜେଡି ରାଜ୍ୟ ସାଧାରଣ ସମ୍ପାଦିକା ସହିତ ଭଣ୍ଡାରୀପୋଖରୀ ନିର୍ବାଚନମଣ୍ଡଳୀ ପାଇଁ ସହପର୍ଯ୍ୟବେକ୍ଷକ ଦାୟିତ୍ୱ ପ୍ରଦାନ କରାଯାଇଛି। ସେହିପରି ଭାଗ୍ୟଶ୍ରୀ ପ୍ରଧାନଙ୍କୁ ମହିଳା ବିଜେଡି ରାଜ୍ୟ ସମ୍ପାଦିକା ଏବଂ ତନ୍ମୟ ସ୍ୱାଇଁଙ୍କୁ ଏରସମା-ବାଲିକୁଦା ଓ ପାରାଦୀପ ସହପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ଦିଆଯାଇଛି। ସୁଦର୍ଶନ ବେହେରାଙ୍କୁ ବିଜେଡି ରାଜ୍ୟ ସମ୍ପାଦକ ସହ ପାଲଲହଡ଼ା ପାଇଁ ସଂଯୋଜକ, ଡ. ହୁସେନ୍ ରବି ଗାନ୍ଧୀଙ୍କୁ ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀ ପାଇଁ ପର୍ଯ୍ୟବେକ୍ଷକ ଏବଂ କୁନାଲ ରାଉତଙ୍କୁ ଖୋର୍ଦ୍ଧା ଜିଲା ବିଜେଡି ଉପସଭାପତି ଭାବେ ଦାୟିତ୍ୱ ଦିଆଯାଇଛି। ଅନ୍ୟପକ୍ଷରେ ନିର୍ବାଚନ ସମୟରେ ଦଳ ବିରୋଧୀ କାର୍ଯ୍ୟ କରୁଥିବାରୁ ବୌଦ୍ଧ ଜିଲା କଣ୍ଟାମାଳର ଶେଷ କୁମାର ମେହେରଙ୍କୁ ବିଜେଡିରୁ ବହିଷ୍କାର କରାଯାଇଛି।

■ ସୁବର୍ଣ୍ଣପୁରରେ ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନ ପ୍ରଚାର

# କେନ୍ଦ୍ର ସରକାର ଗଠନରେ ବିଜେଡିର ବଡ଼ ଭୂମିକା ରହିବ

**ସୋନପୁର/ଉଲୁଣ୍ଡା,୧୧।୪ (ନି.ପ୍ର./ଡି.ଏନ.ଏ.)**

- ଭାଜପା ଉପରେ ବର୍ଷିଲେ ନବୀନ
- କେନ୍ଦ୍ର ସରକାର କାଳିଆ ଯୋଜନାକୁ ବନ୍ଦ କରିଛନ୍ତି
- କଂଗ୍ରେସ ବିରୋଧରେ ପଦୁଟିଏ କହିଲେନି


ସୋନପୁର ନିର୍ବାଚନମଣ୍ଡଳୀର ସିଆଲିରେ ମୁଖ୍ୟମନ୍ତ୍ରୀ ଉଦ୍‌ବୋଧନ ଦେଉଛନ୍ତି।

ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନକୁ ଆଉ ୭ ଦିନ ବାକି ଥିବା ବେଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ହେଲିକପ୍ଟର ଯୋଗେ ସୁବର୍ଣ୍ଣପୁର ଜିଲା ଗସ୍ତ କରି ମାରାଥନ ପ୍ରଚାର କରିଛନ୍ତି। ସୋନପୁର ବିଧାନସଭା ନିର୍ବାଚନମଣ୍ଡଳୀର ସିଆଲି ପଡିଆରେ ଆୟୋଜିତ ଦଳୀୟ ସମାବେଶକୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ ଭାଜପା ଓ କେନ୍ଦ୍ରୀୟ ନେତୃବୃନ୍ଦଙ୍କ ଉପରେ ବର୍ଷିଥିଲେ। କିନ୍ତୁ କଂଗ୍ରେସ ବିରୋଧରେ ପଦୁଟିଏ କହି ନ ଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, କାଳିଆ ଯୋଜନାରେ ଓଡ଼ିଶାର ୪୦ ଲକ୍ଷ ଚାଷୀ ଉପକୃତ ହୋଇଛନ୍ତି। କେନ୍ଦ୍ରର ଭାଜପା ସରକାର ସେହି ଯୋଜନାକୁ ବନ୍ଦ କରିଛି। ମୁଁ ଥିବା ପର୍ଯ୍ୟନ୍ତ କେହି ଏହି ଯୋଜନା ବନ୍ଦ କରିପାରିବ ନାହିଁ । ମୋ ସରକାର ଆସିବାର ପ୍ରଥମ ଦିନରେ ହିଁ କାଳିଆ ଯୋଜନାର ଦୁଇଟି କିସ୍ତିର ଅନୁଦାନ ୧୦ ହଜାର ଟଙ୍କା ଲେଖାଏଁ ଦିଆଯିବ। ନିର୍ବାଚନ ଆସିଲେ କେନ୍ଦ୍ରର ବଡ ବଡ ନେତାଙ୍କୁ ଓଡ଼ିଶା କଥା ମନେ ପଡେ। ବନ୍ୟା, ମରୁଡି ସମୟରେ କେହି ଆସିଲେନି। ଏବେ ଭୋଟ ପାଇଁ ଓଡ଼ିଶାକୁ ଆସି କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି। ସେହିପରି ବୀମା କରି ଚାଷୀ ହଇରାଣ ହେଉଛନ୍ତି। କମ୍ପାନୀ ଲାଭ ଉଠାଉଛି। କେବିକେ ଯୋଜନା, ଅନୁସୂଚିତ ଜାତି ଓ ଜନଜାତି ପିଲାଙ୍କ ଛାତ୍ରବୃତ୍ତିକୁ କେନ୍ଦ୍ର ସରକାର କାହିଁକି ବନ୍ଦ କଲେ ବୋଲି ନବୀନ ପ୍ରଶ୍ନ କରିଥିଲେ। ଜିଏସଟି ଦ୍ୱାରା କ୍ଷୁଦ୍ର ବ୍ୟବସାୟୀ ବୁଣାକାର ପରିବାର କ୍ଷତି ସହିଲେ। ମହାନଦୀ ପାଣି ବନ୍ଦ ଘଟଣାରେ ଭାଜପା ଛତିଶଗଡ଼ ସରକାରର ପକ୍ଷ ନେଲା। ୭୨ ବର୍ଷର ସ୍ୱାଧୀନତା ପରେ ବି ଏହି ଜିଲାରେ ରେଳ ସେବା ପହଞ୍ଚି ନାହିଁ କହି ନବୀନ କେନ୍ଦ୍ରରେ ଶାସନ କରୁଥିବା ଜାତୀୟ ଦଳଗୁଡିକୁ ଟାର୍ଗେଟ କରିଥିଲେ। ଏଥର କେନ୍ଦ୍ରରେ କେହି ଜାତୀୟ ଦଳ ସରକାର ଗଠନ କରିପାରିବେ ନାହିଁ। କେନ୍ଦ୍ରରେ ସରକାର ଗଠନରେ ବିଜେଡିର ବଡ ଭୂମିକା ରହିବ ବୋଲି ମୁଖ୍ୟମନ୍ତ୍ରୀ ଦୃଢୋକ୍ତି ପ୍ରକାଶ କରିଥିଲେ। ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ମୁଁ ଆପଣଙ୍କ ସେବା କରିବି। ଆପଣମାନେ ମୋତେ ଆଶୀର୍ବାଦ କରନ୍ତୁ । ଦଳୀୟ ଏମ୍‌ପି ପ୍ରାର୍ଥୀ କଳିକେଶ ନାରାୟଣ ସିଂହଦେଓ ଓ ବିଧାୟକ ପ୍ରାର୍ଥୀ ନିରଞ୍ଜନ ପୂଜାରୀଙ୍କୁ ଶଙ୍ଖଚିହ୍ନରେ ଭୋଟ ଦେଇ ଜୟଯୁକ୍ତ କରିବାକୁ ମୁଖ୍ୟମନ୍ତ୍ରୀ ନିବେଦନ କରିଥିଲେ। ଜିଲା ସମ୍ପାଦକ ମାନଭଞ୍ଜନ ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ଏମ୍‌ପି ପ୍ରାର୍ଥୀ କଳିକେଶ ନାରାୟଣ ସିଂଦେଓ କେନ୍ଦ୍ରୀୟ ଅବହେଳା ପ୍ରସଙ୍ଗ ଉଠାଇଥିଲେ। ବିଧାୟକ ପ୍ରାର୍ଥୀ ମନ୍ତ୍ରୀ ନିରଞ୍ଜନ ପୂଜାରୀ ତାଙ୍କ ବକ୍ତବ୍ୟରେ ନବୀନ ବାବୁ ପଞ୍ଚମ ଥର ପାଇଁ ମୁଖ୍ୟମନ୍ତ୍ରୀ ହେବେ। ଚଳିତ ଥର ପଡୋଶୀ ବରଗଡ଼ ଜିଲା ବିଜେପୁରରେ ପ୍ରାର୍ଥୀ ହୋଇ ଥିବାରୁ ଏ ଅଞ୍ଚଳର ଦ୍ରୁତ ବିକାଶ ହେବ ବୋଲି ନିରଞ୍ଜନ କହିଥିଲେ। ବିଜେଡି ଜିଲା ସଭାପତି ସରୋଜ କମ୍ପ, ଅଭିମନ୍ୟୁ କୁଶଳ, ରମେଶ ପୂଜାରୀ, ହିମାଂଶୁ ଶେଖର ବିଶ୍ୱାଳ, ଶତ୍ରୁଘ୍ନ ପୃଷ୍ଟି, ରାଜକୁମାର ସୁନା, ଯୁବ ବିଜେଡି ସଭାପତି ଅଶୋକ ନନ୍ଦ ଓ ଛାତ୍ର ବିଜେଡି ସଭାପତି ଶାଶ୍ୱତ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

ଏଥିପୂର୍ବରୁ ମୁଖ୍ୟମନ୍ତ୍ରୀ ବୀରମହାରାଜପୁର ବିଧାନସଭା ନିର୍ବାଚନମଣ୍ଡଳୀର କଇରାଝୁଲି ଖେଳପଡିଆରେ ଆୟୋଜିତ ନିର୍ବାଚନୀ ସଭାରେ ବକ୍ତବ୍ୟ ରଖି ସାମୂହିକ ବିକାଶ ପାଇଁ ଦଳୀୟ ବିଧାୟକ ପ୍ରାର୍ଥୀ ଓ ଏମ୍‌ପି ପ୍ରାର୍ଥୀଙ୍କୁ ଭୋଟ ଦେବାକୁ ଆହ୍ୱାନ ଦେଇଥିଲେ। ବଲାଙ୍ଗୀର ଲୋକ ସଭା ପ୍ରାର୍ଥୀ କଳିକେଶ ନାରାୟଣ ସିଂଦେଓ ଓ ବୀରମହାରାଜପୁର ବିଧାୟକ ପ୍ରାର୍ଥୀ ପଦ୍ମନାଭ ବେହେରା ତାଙ୍କ ବକ୍ତବ୍ୟରେ ଅଧୁରା କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବା ପାଇଁ ତାଙ୍କୁ ଆଉଥରେ ସୁଯୋଗ ଦେବାକୁ ଭୋଟରଙ୍କୁ ନିବେଦନ କରିଥିଲେ। ଝସକେତନ ବଘାର, ମୃତ୍ୟୁଞ୍ଜୟ ପଧାନ, ଉତ୍ତର କୁମାର ପାତ୍ର, ରଞ୍ଜିତ ରଥ ପ୍ରମୁଖ ଦଳୀୟ ନେତୃବୃନ୍ଦ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ନେଇ ଏସ୍‌ପି ଦେବୀପ୍ରସାଦ ଦାଶଙ୍କ ନେତୃତ୍ୱରେ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।

# ଓଲଟିଲା ଭାଜପା ପ୍ରଚାର ଗାଡ଼ି: ଜିଲା ପରିଷଦ ଅଧ୍ୟକ୍ଷାଙ୍କ ସମେତ ୫ ଆହତ

**ବୀରମହାରାଜପୁର, ୧୧।୪(ଡି.ଏନ୍.ଏ.)**

ଭାଜପାର ନିର୍ବାଚନ ପ୍ରଚାରରେ ନିୟୋଜିତ ଏକ ଯାନ ଗୁରୁବାର ମଧ୍ୟାହ୍ନରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ସୁବର୍ଣ୍ଣପୁର ଜିଲା ପରିଷଦ ଅଧ୍ୟକ୍ଷା ଉଷା କୁମାରୀଙ୍କ ସମେତ ୫ ଜଣ ଆହାତ ହୋଇଛନ୍ତି। ପ୍ରାପ୍ତ ସୂଚନା ମତେ, ବୀରମହାରାଜପୁର-ସୋନପୁର ରାସ୍ତାର କୁମାରକେଲି ଛକ ନିକଟ ବୁଲାଣିରେ ବୋଲେରୋ ଗାଡି (ଓଡି ୦୩ ଜେ ୪୬୩୪) ଭାରସାମ୍ୟ ହରାଇ ରାସ୍ତା କଡକୁ ଓଲଟି ପଡିଥିଲା। ତହିଁରେ ବସିଥିବା ଜିଲା ପରିଷଦ ଅଧ୍ୟକ୍ଷା ଏବଂ ଅନ୍ୟମାନେ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ସୋନପୁର ଜିଲା ଡାକ୍ତରଖାନାରେ ପହଞ୍ଚାଇଥିଲେ। ଉଷା କୁମାରୀଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଛି। ବୀରମହାରାଜପୁର ପୋଲିସ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଛି।

# ଆଜି କେନ୍ଦୁଝର ଆସୁଛନ୍ତି ଶାହ

## ୧୬ରେ ମୋଦିଙ୍କ ଭୁବନେଶ୍ୱର କାର୍ଯ୍ୟକ୍ରମ ଉପରେ ନଜର

**ଭୁବନେଶ୍ୱର, ୧୧।୪(ବ୍ୟୁରୋ):** ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ ଶୁକ୍ରବାର ଦିନିକିଆ ଓଡିଶା ଗସ୍ତରେ ଆସୁଛନ୍ତି। ସେ ପୂର୍ବାହ୍ନ ୧୧ଟାରେ କେନ୍ଦୁଝର ମେଡିକାଲ ପଡିଆଠାରେ ଆୟୋଜିତ ବିଜୟ ସଂକଳ୍ପ ସମାବେଶରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହାପରେ ଆସନ୍ତା ୧୭ରେ ମଧ ଶାହ ପୁନର୍ବାର ଓଡ଼ିଶା ଆସିବେ। ସେହି ସମୟରେ ସେ ଢେଙ୍କାନାଳ ଗସ୍ତ କରିବେ। ଢେଙ୍କାନାଳ ମହିଷାପାଟ ନୂଆ ବସଷ୍ଟାଣ୍ଡଠାରେ ଏବଂ ବଡମ୍ବା ଟେନିସ ପଡିଆଠାରେ ଦଳ ପକ୍ଷରୁ ଆୟୋଜିତ ବିଜୟ ସଂକଳ୍ପ ସମାବେଶରେ ସେ ଯୋଗଦେବେ ବୋଲି ଭାଜପା ମୁଖପାତ୍ର ଗୋଲକ ମହାପାତ୍ର ସୂଚନା ଦେଇଛନ୍ତି । ସେହିପରି ଆସନ୍ତା ୧୬ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିର୍ବାଚନ ପ୍ରଚାର ପାଇଁ ଓଡିଶା ଗସ୍ତରେ ଆସିବେ। ପ୍ରଧାନମନ୍ତ୍ରୀ ପୂର୍ବାହ୍ନ ୧୧ଟାରେ ସମ୍ବଲପୁର ଜିଲା ହୀରାକୁଦ ରୋଡ ଲୋରପଙ୍କଠାରେ ଆୟୋଜିତ ବିଜୟ ସଂକଳ୍ପ ସମାବେଶରେ ଯୋଗଦେବେ । ପରେ ଅପରାହ୍ନ ୫ଟାରେ ଭୁବନେଶ୍ୱରସ୍ଥିତ ବରମୁଣ୍ଡା ପଡିଆଠାରେ ବିଜୟ ସଂକଳ୍ପ ସଭାରେ ଉଦ୍‌ବୋଧନ ଦେବେ ବୋଲି ଗୋଲକ କହିଛନ୍ତି ।

# ଭୋଟରଙ୍କ ଆଶା ଚାଷୀଙ୍କ ଉନ୍ନତି, ବିକାଶ

**ପ୍ରେମାନନ୍ଦ ଖମାରୀ/ଯୁଧିଷ୍ଠିର ମହାପାତ୍ର**
**ବରଗଡ଼ ଅଫିସ/ସରଣ୍ଡା,୧୧।୪**

## ଅତାବିରା ବିଧାନସଭା ନିର୍ବାଚନମଣ୍ଡଳୀ


ସ୍ନେହାଙ୍ଗିନୀ ଛୁରିଆ (ବିଜେଡି)


ମିଳନ ସେଟ୍ (ଭାଜପା)


ନିହାର ରଞ୍ଜନ ମହାନନ୍ଦ (କଂଗ୍ରେସ)


ରବୀନ୍ଦ୍ର ମେଘ (ବିଏସ୍‌ପି)

**ସମୁଦାୟ ଭୋଟର ସଂଖ୍ୟା- ୨,୧୫,୪୮୦**

| ପୁରୁଷ | ମହିଳା | ଅନ୍ୟାନ୍ୟ |
|---|---|---|
| ୧,୧୧,୮୫୫ | ୧,୦୩,୬୨୨ | ୩ |

| | |
|---|---|
| ମୋଟ୍ ଭୋଟ ଗ୍ରହଣ କେନ୍ଦ୍ର | ୨୫୨ |
| ସମ୍ବେଦନଶୀଳ ଭୋଟ ଗ୍ରହଣ କେନ୍ଦ୍ର | ୨୪ |
| ଅତି ସମ୍ବେଦନଶୀଳ ଭୋଟ ଗ୍ରହଣ କେନ୍ଦ୍ର | ୪ |
| ସାଧାରଣ ଭୋଟ ଗ୍ରହଣ କେନ୍ଦ୍ର | ୨୨୪ |

ସାଧାରଣ ନିର୍ବାଚନ ପାଇଁ ବରଗଡ଼ ଜିଲାରେ ଆସନ୍ତା ୧୮ତାରିଖ ମତଦାନ ହେବ। ଏଥିପାଇଁ ଜିଲାରେ ନିର୍ବାଚନ ତାତି ବଢ଼ି ଚାଲିଛି । ସବୁ ଦଳର ପ୍ରାର୍ଥୀ ପ୍ରଚାରକୁ ଜୋର୍‌ଦାର କରିବାରେ ଲାଗିଛନ୍ତି । ଜିଲାର ୫ଟି ବିଧାନସଭା ନିର୍ବାଚନମଣ୍ଡଳୀ ମଧ୍ୟରୁ ଅତାବିରା ସବୁଦଳ ପାଇଁ ଗୁରୁତ୍ୱପୂର୍ଣ୍ଣ ହୋଇ ପଡ଼ିଛି । ପୂର୍ବରୁ ଏହି ଆସନରେ ଭାଜପା ଖାତା ଖୋଲି ପାରି ନ ଥିବାବେଳେ ବିଧାନସଭା ପୁନର୍ଗଠନ ପରେ ଉଭୟ କଂଗ୍ରେସ ଓ ବିଜେଡି ଥରେ ଲେଖାଏ ଜିତି ବରାବର ସ୍ଥିତିରେ ଅଛନ୍ତି। ୨୦୧୭ ପଞ୍ଚାୟତ ଭୋଟ୍‌ରେ ଏହି ନିର୍ବାଚନମଣ୍ଡଳୀର ୭ଟି ଜିଲା ପରିଷଦ ଆସନରୁ ଭାଜପା ସର୍ବାଧିକ ୪ଟି ଆସନ ହାତେଇ ବିଜେଡିକୁ ପଛରେ ପକାଇ ଦେଇଥିବାବେଳେ କଂଗ୍ରେସ ମୂଳପୋଛ ହୋଇଥିଲା । ମାତ୍ର ଅତାବିରା ଏନ୍‌ଏସି ନିର୍ବାଚନରେ ବିଜେଡି ସମସ୍ତ ୧୧ଟି ୱାର୍ଡ଼ରେ ବାଜିମାତ୍ କରି ଭାଜପାକୁ କଡ଼ା ଜବାବ ଦେଇଥିଲା । କଂଗ୍ରେସ ପଞ୍ଚାୟତ ଭୋଟ୍ ଭଳି ପରାଜୟକୁ ଦୋହରାଇଥିଲା। ଫଳରେ ଚଳିତ ସାଧାରଣ ନିର୍ବାଚନ ଏହି ତିନି ପ୍ରମୁଖ ଦଳ ପାଇଁ ସମ୍ମାନର ବିଷୟ ହୋଇଛି । ଏଥର ଏହି ଆସନ ହାତେଇବା ପାଇଁ ସବୁଦଳ ମଧ୍ୟରେ ଲଢ଼େଇ ଜୋର୍‌ଦାର୍ ହେଉଥିବା ଏବେଠାରୁ ପରିଲକ୍ଷିତ ହେଲାଣି ।

ଅତାବିରା ଓ ଭେଡ଼େନ ବ୍ଲକ ସମେତ ଅତାବିରା ଏନ୍‌ଏସିକୁ ନେଇ ଏହି ନିର୍ବାଚନ ମଣ୍ଡଳୀ ଗଠିତ । ବିଧାନସଭା ପୁନର୍ଗଠନ ପରେ ୨୦୦୯ ସାଧାରଣ ନିର୍ବାଚନରେ କଂଗ୍ରେସ ଏଠାରୁ ବିଜୟ ଯାତ୍ରା ଆରମ୍ଭ କରିଥିଲା । ସେତେବେଳେ ଦଳର ପ୍ରାର୍ଥୀ ନୀହାର ରଞ୍ଜନ ମହାନନ୍ଦ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେଡି ପ୍ରାର୍ଥିନୀ ସ୍ନେହାଙ୍ଗିନୀ ଛୁରିଆଙ୍କୁ ୧୩ହଜାର ୩୨୯ ଭୋଟ୍ ବ୍ୟବଧାନରେ ହରାଇଥିଲେ । ଭାଜପା ଟିକେଟ୍‌ରୁ ବଞ୍ଚିତ ହୋଇ ସ୍ୱାଧୀନ ଭାବେ ଲଢ଼ିଥିବା ମିଳନ ସେଠ ୧୬ହଜାର ୩୦୮ ଭୋଟ୍ ପାଇ ତୃତୀୟ ସ୍ଥାନରେ ରହିଥିଲେ। ଅନ୍ୟପଟେ ତତ୍କାଳୀନ ଭାଜପା ପ୍ରାର୍ଥୀ ବିପିନ ଭୋସାଗରଙ୍କ ସପକ୍ଷରେ ମାତ୍ର ୧୧ହଜାର ୬୬ଟି ଭୋଟ୍ ଯାଇଥିଲା। ୨୦୧୪ ସାଧାରଣ ନିର୍ବାଚନ ବେଳକୁ ସବୁ ଓଲଟପାଲଟ ହୋଇ ଯାଇଥିଲା। ବିଜେଡି ପ୍ରାର୍ଥିନୀ ସ୍ନେହାଙ୍ଗିନୀ କଂଗ୍ରେସ ପ୍ରାର୍ଥୀ ନୀହାର ମହାନନ୍ଦଙ୍କୁ ୨୫ହଜାର ୪୭୪ ଭୋଟ୍ ବ୍ୟବଧାନରେ ହରାଇଥିଲେ । ସେତେବେଳେ ସ୍ନେହାଙ୍ଗିନୀଙ୍କ ସପକ୍ଷରେ ୬୯ହଜାର ୬୨୨ ଭୋଟ୍ ଯାଇଥିବାବେଳେ ୪୪ହଜାର ୧୨୮ଭୋଟ୍‌ରେ ନୀହାରଙ୍କୁ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା । ସେହିପରି ୨୦୦୯ରେ ଦଳୀୟ ଟିକେଟ୍‌ରୁ ବଞ୍ଚିତ ହୋଇଥିଲେ ମଧ୍ୟ ପରବର୍ତ୍ତୀ ସାଧାରଣ ନିର୍ବାଚନରେ ଭାଜପାରୁ ଟିକେଟ୍ ପାଇ ମିଳନ ୩୩ ହଜାର ୭୩୫ ଭୋଟ୍ ପାଇଁ ପୂର୍ବବତ୍ ତୃତୀୟ ସ୍ଥାନରେ ରହିଥିଲେ ।

୨୦୧୪ ନିର୍ବାଚନ ଭଳି ଚଳିତ ସାଧାରଣ ନିର୍ବାଚନରେ ମଧ୍ୟ ସ୍ନେହାଙ୍ଗିନୀ, ନିହାର ଓ ମିଳନ ଯଥାକ୍ରମେ ବିଜେଡି, କଂଗ୍ରେସ ଓ ଭାଜପା ପ୍ରାର୍ଥୀ ଭାବେ ଅତାବିରା ଆସନ ପାଇଁ ନିର୍ବାଚନ ମଇଦାନକୁ ଓହ୍ଲାଇଛନ୍ତି । ସେମାନଙ୍କ ବ୍ୟତୀତ ବହୁଜନ ସମାଜ ପାର୍ଟି (ବିଏସପି)ରୁ ରବୀନ୍ଦ୍ର ମେଘ ଏବଂ ପଶ୍ଚିମାଞ୍ଚଳ ବିକାଶ ପାର୍ଟିରୁ ଲକ୍ଷ୍ମଣ କୁମାର ଭୋଇ ମଧ୍ୟ ଦଳୀୟ ପ୍ରାର୍ଥୀ ଭାବେ ଏଠାରେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ସ୍ନେହାଙ୍ଗିନୀ, ନୀହାର ଓ ମିଳନ ଭୋଟରଙ୍କ ପାଇଁ ନୂଆ ହୋଇ ନ ଥିବା ଯୋଗୁ ସେମାନଙ୍କ କାର୍ଯ୍ୟଦକ୍ଷତା ପରଖିବା ଅଞ୍ଚଳବାସୀଙ୍କ ପାଇଁ ଆଉ ବାକି ନାହିଁ । ନିର୍ବାଚନରେ ଦଳର ଭାବମୂର୍ତ୍ତି, ଦଳୀୟ ଇସ୍ତାହାର, ବିକାଶମୂଳକ ଯୋଜନା, ସାଙ୍ଗଠନିକ ସ୍ଥିତି ଗୁରୁତ୍ୱବହନ କରୁଥିବାରୁ ଭୋଟର ତାକୁ ଏବେ ପରଖି ଦେଖୁଛନ୍ତି । ଏହି ନିର୍ବାଚନମଣ୍ଡଳୀ ଅଧୀନ ଲରମ୍ବାର ଜଣେ ଭୋଟର ଖଗେଶ୍ୱର ମେହେର କୁହନ୍ତି, ଯେଉଁ ଦଳ ଉଭୟ ରାଜ୍ୟ ଓ ଦେଶର ବିକାଶ ପାଇଁ ଚିନ୍ତା କରୁଛି, ସେହି ଦଳ ସପକ୍ଷରେ ତାଙ୍କ ଭୋଟ ଯିବ। ସରକାର ଅନେକ ଯୋଜନା ହାତକୁ ନେଇଛନ୍ତି, ମାତ୍ର ତା'ର ସୁଫଳ ଲୋକଙ୍କ ପାଖକୁ ପହଞ୍ଚି ପାରୁନାହିଁ । ଗତ ୫ବର୍ଷ ମଧ୍ୟରେ ଅଞ୍ଚଳରେ ଉନ୍ନତିମୂଳକ କାମ ହୋଇଛି । ମାତ୍ର ତାହା ଆଖିଦୃଶିଆ ନୁହେଁ ବୋଲି ସେ କହିଥିଲେ । ପତ୍ରାପାଲିର ହରଜିତ୍ ଜୟସ୍ୱାଲ କୁହନ୍ତି, ଯେଉଁ ଦଳ ଚାଷୀଙ୍କ ପାଇଁ ଚିନ୍ତା କରୁଛି, ସେହି ଦଳର ପ୍ରାର୍ଥୀଙ୍କ ସପକ୍ଷରେ ତାଙ୍କ ଭୋଟ ଯିବ। ସେ କ୍ରମାଗତ ୨ଟି ସାଧାରଣ ନିର୍ବାଚନରେ ମତଦାନ କରିଛନ୍ତି । ଭୋଟ୍‌ବେଳେ ପ୍ରାର୍ଥୀମାନେ ଅନେକ ପ୍ରତିଶ୍ରୁତି ଦିଅନ୍ତି, ଭୋଟ ସରିଗଲା ପରେ ସେହି ପ୍ରତିଶ୍ରୁତି ପୂରଣ ତ ଦୂରର କଥା, ଏପରିକି ଚାଷ, ଚାଷୀ ସମସ୍ୟା ବେଳେ ପାଖକୁ ଆସୁ ନ ଥିବା ଜୟସ୍ୱାଲ କହିଥିଲେ ।

ଏଭଳି ସ୍ଥିତିରେ ତିନି ପ୍ରମୁଖ ଦଳକୁ ଅଡୁଆ ଘାରୁଛି । ପ୍ରଚାର ସମୟରେ କେତେଜଣ ପ୍ରାର୍ଥୀ ଲୋକଙ୍କ ବିରୋଧର ସମ୍ମୁଖୀନ ହୋଇଛନ୍ତି। କେତେଜଣ ପ୍ରାର୍ଥୀଙ୍କୁ ଦଳୀୟ ଅନ୍ତର୍ଦ୍ୱନ୍ଦ୍ୱ କାଳ ସାଜିଛି । ତଥାପି ସବୁ ପ୍ରାର୍ଥୀ ଦଳର ଘୋଷଣା, ଯୋଜନା, ଇସ୍ତାହାରକୁ ନେଇ ଲୋକଙ୍କ ପାଖକୁ ପହଞ୍ଚି ବିଜୟୀ ପାଇଁ ଆଶାବାଦୀ ଅଛନ୍ତି। ବିଜେଡି ପ୍ରାର୍ଥିନୀ ସ୍ନେହାଙ୍ଗିନୀ ଛୁରିଆ କହିଛନ୍ତି, ଅତାବିରା ନିର୍ବାଚନମଣ୍ଡଳୀରେ ୨୦୦୯ରୁ ୨୦୧୯ ଭିତରେ ବହୁ ଜନହିତକର କାର୍ଯ୍ୟ କରାଯାଇଛି। ମହିଳା ସଶକ୍ତୀକରଣ ଦିଗରେ ଏସ୍‌ଏଚ୍‌ଜି ଗ୍ରୁପମାନଙ୍କୁ ସହାୟତା ପ୍ରଦାନ ଆଦି ମୋତେ ବିଜୟ କରିବାରେ ସହାୟକ ହେବ । ପପଙ୍ଗା ମହୋତ୍ସବ, ଗୋବର୍ଦ୍ଧନ ମହୋତ୍ସବ ସାଂସ୍କୃତିକ କ୍ଷେତ୍ରରେ ମଧ୍ୟ ଅତାବିରା ନିର୍ବାଚନମଣ୍ଡଳୀକୁ ପ୍ରତିଷ୍ଠିତ କରିପାରିଛି । ଦଳରେ କିଛି କନ୍ଦଳ ନାହିଁ । ସଭିଁଏ ଏକାଠି ଅଛୁ ଏବଂ ଏଥର ଏଠାରେ ପୁଣି ଦଳର ବିଜୟ ସୁନିଶ୍ଚିତ ବୋଲି ସେ କହିଥିଲେ । କଂଗ୍ରେସ ପ୍ରାର୍ଥୀ ନୀହାର ରଞ୍ଜନ ମହାନନ୍ଦ କହିଛନ୍ତି, କଂଗ୍ରେସ ଶାସନକୁ ଆସିଲେ ଚାଷୀଙ୍କ ଋଣଛାଡ଼, ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କୁଇଣ୍ଟାଲ ପ୍ରତି ୨୬୦୦ ଟଙ୍କା, ସବୁ ପରିବାରରୁ ଜଣକୁ ଚାକିରି ଦେବ । ଏହି ବାର୍ତ୍ତା ନେଇ ଭୋଟରଙ୍କ ପାଖକୁ ପହଞ୍ଚୁଛୁ। ଭୋଟରମାନେ ମଧ୍ୟ ତାକୁ ଗ୍ରହଣ କରୁଛନ୍ତି । ସବୁ କର୍ମୀ ଦଳର ବିଜୟ ପାଇଁ ପରିଶ୍ରମ କରୁଛନ୍ତି । ଫଳରେ ୨୦୦୯ ଭଳି ୨୦୧୯ ନିର୍ବାଚନରେ ମଧ୍ୟ ଏଠାରେ କଂଗ୍ରେସର ବିଜୟ ହେବ । ଭାଜପା ପ୍ରାର୍ଥୀ ମିଳନ ସେଠ କହିଥିଲେ, ଅତାବିରା ନିର୍ବାଚନମଣ୍ଡଳୀରେ କୃଷି, ବେକାରି, ଶିକ୍ଷା, ସ୍ୱାସ୍ଥ୍ୟ ଆଦି ସମସ୍ୟା ବଢ଼ିବାରେ ଲାଗିଛି। ଏହାର ପ୍ରତିକାର ପାଇଁ ପରିବର୍ତ୍ତନ ସହିତ ଭାଜପାକୁ ଥରେ ଶାସନଭାର ଦେବା ଦରକାର। ଏହି ବାର୍ତ୍ତା ନେଇ ସେ ଲୋକଙ୍କ ପାଖକୁ ଯାଉଥିବା କହିଥିଲେ। ମୋଦିଙ୍କ ବିକାଶଧାରା ପ୍ରତି ଲୋକେ ଆକୃଷ୍ଟ ହେଉଛନ୍ତି ଏବଂ ରାଜ୍ୟ ସରକାରଙ୍କ କାଳିଆ ଯୋଜନାକୁ ବିରୋଧ କରୁଛନ୍ତି। ଫଳରେ ଏଥର ଭାଜପା ସପକ୍ଷରେ ହିଁ ସର୍ବାଧିକ ଜନମତ ଆସିବ ଏବଂ ଦଳ ବିଜୟଲାଭ କରିବ ବୋଲି ସେ କହିଥିଲେ।

ଶକ୍ତି ହୋଇଉଠେ ମହାନ୍ -ଯେତେବେଳେ ତାହା କ୍ରୋଧମୁକ୍ତ ହୋଇ ଉର୍ଦ୍ଧ୍ୱଗାମୀ ହୁଏ। କୌଣସି କିଛିର ଧ୍ୱଂସସାଧନ ମଧ୍ୟ ମହିମାମୟ ହୋଇପାରେ। କିନ୍ତୁ ତା'ର ଉତ୍ସ ବା କାରଣ ଯଦି ହୁଏ ପ୍ରତିହିଂସା, ତେବେ ତାହା କାଳିମାମୟ ହୋଇଉଠେ। -ଶ୍ରୀଅରବିନ୍ଦ

# ବ୍ୟାଙ୍କଗୁଡ଼ିକ ନିରାଶ କଲେ

ଗତ ସପ୍ତାହରେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ରେପୋହାର (ଯେଉଁ ସୁଧହାରରେ ବ୍ୟାଙ୍କଗୁଡ଼ିକ ରିଜର୍ଭ ବ୍ୟାଙ୍କରୁ ଋଣ ନିଅନ୍ତି) ୨୫ ବେସିସ୍ ପଏଣ୍ଟ ହ୍ରାସ କରିଛି। ଗତ ଫେବୃୟାରୀ ମାସରେ ମଧ୍ୟ କେନ୍ଦ୍ରୀୟ ବ୍ୟାଙ୍କ ସମପରିମାଣର ସୁଧହାର ହ୍ରାସ କରିଥିଲା। ଫେବୃୟାରୀର ରେପୋହାର ହ୍ରାସ ପରେ ଆଇସିଆଇସିଆଇ ବ୍ୟାଙ୍କ, କୋଟାକ ମହିନ୍ଦ୍ରା ବ୍ୟାଙ୍କ, ଏଚ୍‌ଡିଏଫ୍‌ସି ବ୍ୟାଙ୍କ, ବ୍ୟାଙ୍କ ଅଫ୍ ବରୋଦା, ପଞ୍ଜାବ ନ୍ୟାଶ୍‌ନାଲ ବ୍ୟାଙ୍କ, ୟେସ୍ ବ୍ୟାଙ୍କ ଓ ୟୁନିୟନ ବ୍ୟାଙ୍କ ପ୍ରଭୃତି ଅନେକ ବ୍ୟାଙ୍କ ଗ୍ରାହକଙ୍କୁ ଦେଉଥିବା ଋଣ ଉପରେ ସେମାନଙ୍କ ସୁଧହାର ୫ରୁ ୧୦ ବେସିସ୍ ପଏଣ୍ଟ ମଧ୍ୟରେ କମାଇଥିଲେ। ଏକ ବେସିସ୍ ପଏଣ୍ଟ ହେଉଛି ଏକ ପ୍ରତିଶତର ଏକ ଶତାଂଶ। ଏଥର ରେପୋହାର ହ୍ରାସ ହେବା ପରେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ (ଏସ୍‌ବିଆଇ) ୫ରୁ ୧୦ ବେସିସ୍ ପଏଣ୍ଟ ସୁଧହାର ହ୍ରାସ କରିଛି। କିନ୍ତୁ ରିଜର୍ଭ ବ୍ୟାଙ୍କ ଯେଉଁଭଳି ସଙ୍କେତ ଦେଇଥିଲା, ତାହାଠାରୁ ଏହା ବହୁତ କମ୍। ବ୍ୟାଙ୍କଗୁଡ଼ିକ ଆଗକୁ ସୁଧହାର କମାଇବାର ସମ୍ଭାବନା ଦେଖାଯାଉ ନ ଥିବାରୁ ଏହାଦ୍ୱାରା ରିଜର୍ଭ ବ୍ୟାଙ୍କର ଉଦ୍ଦେଶ୍ୟ ସାଧିତ ନ ହେବା ପରି ମନେହେଉଛି। ଗତ ଦୁଇମାସ ଭିତରେ ରେପୋହାର ୫୦ ବେସିସ୍ ପଏଣ୍ଟ ହ୍ରାସ ପାଇସାରିଲାଣି। ଅଥଚ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଗୋଷ୍ଠୀ ମଧ୍ୟରେ ବୃହତ୍ତମ ଏସ୍‌ବିଆଇ ଗ୍ରାହକମାନଙ୍କୁ ମାତ୍ର ୫ରୁ ୧୦ ବେସିସ୍ ପଏଣ୍ଟ ହ୍ରାସର ସୁବିଧା ଦେଇଛି। ଇଣ୍ଡିଆନ ଓଭରସିଜ୍ ବ୍ୟାଙ୍କ (ଆଇଓବି) ଏକବର୍ଷ ବା ତଦୂର୍ଦ୍ଧ୍ୱ ଋଣ ପରିଶୋଧ ପାଇଁ ବାକି ଥିବା ଗ୍ରାହକମାନଙ୍କର ଋଣ ଉପରୁ ୫ ବେସିସ୍ ପଏଣ୍ଟ ସୁଧହାର ହ୍ରାସ କରିଛି। ଅନ୍ୟ ପକ୍ଷରେ ବ୍ୟାଙ୍କ ଅଫ୍ ବରୋଦା ସୁଧହାର ହ୍ରାସ ନ କରି ଯୁକ୍ତି ଦର୍ଶାଇଛି ଯେ, ବ୍ୟାଙ୍କ ଶିଳ୍ପରେ ଏହାର ସୁଧହାର ଏଥିପୂର୍ବରୁ ପ୍ରତିଯୋଗିତାକ୍ଷମ ହିଁ ରହିଛି। ଘରୋଇ ବ୍ୟାଙ୍କ କ୍ଷେତ୍ରରେ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ବିଭିନ୍ନ ଟେନର (ପରିଶୋଧ ପାଇଁ ବାକି ଥିବା ଅବଧି) ପାଇଁ ସୁଧହାର ୫ରୁ ୧୦ ବେସିସ୍ ପଏଣ୍ଟ ହ୍ରାସ କରିଛି।

ଜମା ବଢ଼ୁ ନ ଥିବାରୁ ବ୍ୟାଙ୍କଗୁଡ଼ିକ ରେପୋହାର ହ୍ରାସର ସୁବିଧା ଗ୍ରାହକମାନଙ୍କୁ ଦେବାକୁ ଅନିଚ୍ଛା ପ୍ରକାଶ କରୁଛନ୍ତି। ଲୋକମାନେ ବ୍ୟାଙ୍କରେ ଜମା ନ କରି ଇକ୍ୱିଟି ଓ ମ୍ୟୁଚୁଆଲ ଫଣ୍ଡରେ ନିବେଶ କରିବାକୁ ପସନ୍ଦ କରୁଛନ୍ତି। ସେଥିପାଇଁ ବ୍ୟାଙ୍କଗୁଡ଼ିକ ଅଧିକ ସୁଧହାରରେ କର୍ପୋରେଟ୍ ଜମା ଗ୍ରହଣ କରିବାକୁ ବାଧ୍ୟ ହେଉଛନ୍ତି। ମାର୍ଚ୍ଚ ୨୭ ତାରିଖରେ ଆର୍‌ବିଆଇ ପ୍ରକାଶ କରିଥିବା କ୍ରମସଞ୍ଚିତ ତଥ୍ୟ ଅନୁସାରେ, ବ୍ୟାଙ୍କଗୁଡ଼ିକର ଋଣ ୧୪ ପ୍ରତିଶତରୁ ଅଧିକ ହାରରେ ବୃଦ୍ଧି ପାଇଥିବା ବେଳେ ଜମାବୃଦ୍ଧି ୧୦ ପ୍ରତିଶତରେ ସୀମିତ ରହିଛି।

## ଆଜିର ଅର୍ଥନୀତି

ତା'ହେଲେ ବ୍ୟାଙ୍କଗୁଡ଼ିକ ଆର୍‌ବିଆଇର ରେପୋହାର ହ୍ରାସ ସତ୍ତ୍ୱେ ଗ୍ରାହକମାନଙ୍କୁ ତା'ର ଲାଭ କାହିଁକି ଦେଉନାହାନ୍ତି? ତା'ର କାରଣ ହେଉଛି ଜମା ଉପରୁ ସେମାନେ ସୁଧହାର କମାଇ ପାରୁନାହାନ୍ତି। ସେମାନଙ୍କ ହାତ ବନ୍ଧା ହୋଇରହିଛି। ସେମାନେ ଯେଉଁ ମାତ୍ରାରେ ଋଣ ଦେଉଛନ୍ତି, ସେହି ଅନୁସାରେ ସେମାନଙ୍କର ଜମା ବୃଦ୍ଧି ପାଉନାହିଁ। ସ୍ୱଳ୍ପ ସଞ୍ଚୟ ଉପରୁ ସେମାନେ ସୁଧହାର କମାଇଲେ ତାହା ଜନବିରୋଧୀ ହେବ, ବିଶେଷତଃ ନିର୍ବାଚନ ବର୍ଷରେ ରାଜନୈତିକ ଦୃଷ୍ଟିରୁ ଅନୁଚିତ କାର୍ଯ୍ୟ ହେବ। ଗତ ଚାରିମାସ ଭିତରେ ବ୍ୟାଙ୍କଗୁଡ଼ିକ ଜମା ଉପରେ ସୁଧହାର କମାଇ ନାହାନ୍ତି। ବ୍ୟାଙ୍କିଂ ବ୍ୟବସ୍ଥାରେ ଲିକୁଇଡିଟି (ନଗଦ) ହ୍ରାସ ପାଉଥିବା ବେଳେ ବ୍ୟାଙ୍କଗୁଡ଼ିକ ଋଣ ଉପରେ ସୁଧହାର କମାଇବାକୁ ଚାହୁଁନାହାନ୍ତି।

ଅନେକ ମାସ ହେଲା ଅଭିବୃଦ୍ଧି ମାନ୍ଦା ରହିଆସିଛି। କେନ୍ଦ୍ରୀୟ ପରିସଂଖ୍ୟାନ କାର୍ଯ୍ୟାଳୟ ୨୦୧୮-୧୯ ପାଇଁ ଜିଡିପି ଅଭିବୃଦ୍ଧି ହାରକୁ ସଂଶୋଧନ କରି ୭ ପ୍ରତିଶତକୁ କମାଇ ଦେଇଛି, ଯେତେବେଳେ କି ଆର୍‌ବିଆଇ ୨୦୧୮-୧୯ରେ ବୃଦ୍ଧିହାର ୭.୪ ପ୍ରତିଶତ ହେବ ବୋଲି ଆକଳନ କରିଥିବାବେଳେ ୨୦୧୯-୨୦ରେ ଅପେକ୍ଷାକୃତ କମ୍ ୭.୨ ପ୍ରତିଶତ ହେବ ବୋଲି ପୂର୍ବାନୁମାନ କରିଛି। ଫେବୃୟାରୀରେ ସାମାନ୍ୟ ବୃଦ୍ଧି ସତ୍ତ୍ୱେ ମୁଦ୍ରାସ୍ଫୀତି ୨.୬ ପ୍ରତିଶତରେ ନିୟନ୍ତ୍ରଣାଧୀନ ରହିଛି ଏବଂ ଚଳିତ ଆର୍ଥିକ ବର୍ଷ ପ୍ରାରମ୍ଭରେ ଏହା ହାରାହାରି ୩.୫ ପ୍ରତିଶତରୁ କମ୍ ରହିବ ବୋଲି ଆକଳନ କରାଯାଇଛି। ଆର୍‌ବିଆଇ ଦ୍ୱାରା ଧାର୍ଯ୍ୟ ୪ ପ୍ରତିଶତରୁ ଏହା କମ୍। ଏଲ୍‌ନିନୋ କାରକ ପାଇଁ ଚଳିତବର୍ଷ ମୌସୁମୀ ବର୍ଷା ଆଶାନୁରୂପ ହେବ ନାହିଁ ବୋଲି ପୂର୍ବନୁମାନ କରାଯାଇଛି। ବିଶ୍ୱ ପରିସ୍ଥିତି ପୂର୍ବଭଳି ପ୍ରତିକୂଳ ରହିଛି। ଓପିଇସି କାର୍ଟେଲ (ଉତ୍ପାଦକ ସଂଘ) ଦ୍ୱାରା ଉତ୍ପାଦନ ହ୍ରାସ ଯୋଗୁ ବ୍ୟାରେଲ ପିଛା ଅନ୍ତର୍ଜାତୀୟ ତୈଳଦର ୭୦ ଡଲାର ପାଖାପାଖି ରହିଛି। ଏହି ପରିପ୍ରେକ୍ଷୀରେ ଅଭିବୃଦ୍ଧି ବାଧାପ୍ରାପ୍ତ ହେଉଛି। ରେପୋହାର ହେଉଛି ସୁଧହାର ଯେଉଁଥିରେ ଆର୍‌ବିଆଇ ବାଣିଜ୍ୟିକ ବ୍ୟାଙ୍କଗୁଡ଼ିକୁ ସ୍ୱଳ୍ପ ଅବଧି ପାଇଁ ପାଣ୍ଠି ଯୋଗାଇଥାଏ। କିନ୍ତୁ ଉକ୍ତ ରେପୋହାର ହ୍ରାସ ସତ୍ତ୍ୱେ ବ୍ୟାଙ୍କଗୁଡ଼ିକ ଯଦି ତାହାର ଲାଭ ଗ୍ରାହକମାନଙ୍କୁ ନ ଦିଅନ୍ତି, ତେବେ ତାହା ନିରର୍ଥକ। ଅଭିବୃଦ୍ଧିକୁ ଉଦ୍ଦୀପିତ କରିବା ପାଇଁ ବ୍ୟାଙ୍କଗୁଡ଼ିକ ଗ୍ରାହକଙ୍କୁ ଦେଉଥିବା ଋଣ ଉପରୁ ସୁଧହାର ହ୍ରାସ କରିବା ନିହାତି ଆବଶ୍ୟକ। ଅଭିବୃଦ୍ଧି ତ୍ୱରାନ୍ୱିତ ହେଲେ ତାହା ବ୍ୟାଙ୍କଗୁଡ଼ିକର କ୍ଷତି ଭରଣାଠାରୁ ଅଧିକ କାମ ଦେବ। ସୁତରାଂ ଏସ୍‌ବିଆଇ ପରି ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକ ନିରାଶ ନ କରି ବରଂ ଏ ଦିଗରେ ଅଗ୍ରଣୀ ଭୂମିକା ଗ୍ରହଣ କରିବା ଉଚିତ।

## ୨୫ ବର୍ଷ ତଳର ଧରିତ୍ରୀ

୧୨ ଏପ୍ରିଲ ୧୯୯୪

- ବୋସ୍‌ନିଆ-ସର୍ବୀୟ ଅଞ୍ଚଳଗୁଡ଼ିକ ଉପରେ ନାଟୋ ପକ୍ଷରୁ ବିମାନ ଆକ୍ରମଣ ପରେ ଜାତିସଂଘ ପକ୍ଷରୁ ସାରାୟେଭୋକୁ ପଠାଯାଉଥିବା ସମସ୍ତ ମାନବିକତାକାଳୀନସାହାଯ୍ୟ ଯୋଗାଣ ଓ ରିଲିଫ କାର୍ଯ୍ୟକୁ ସ୍ଥଗିତ ରଖାଯାଇଛି।
- ନାମ୍‌ପେନ ନିକଟସ୍ଥ ଡ୍ରୋସଲା ଗ୍ରାମ ଉପରେ ଖେମରରୁଜ ଗେରିଲାମାନେ ହାତବୋମା ଓ ବନ୍ଧୁକ ସାହାଯ୍ୟରେ ଆକ୍ରମଣ କରିବା ଫଳରେ ୧୩ ଜଣ ଭିଏତ୍‌ନାମ ନାଗରିକ ପ୍ରାଣ ହରାଇଛନ୍ତି।

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | E | D | | | C | A | | 0 | 2 | | | |
| A | | E | | 3 | | | | 5 | 8 | | D | | | |
| | | | | | | | | 3 | | | | | | |
| 2 | | | 1 | 7 | | | 9 | | 6 | | | | 5 | |
| | | | | 6 | | 4 | B | | | | | | | |
| | | D | | | | C | 4 | | 2 | 8 | 5 | | | |
| | 2 | 6 | | | 1 | | | E | 7 | | 0 | | | |
| | | | C | | A | | | 8 | 3 | | | 9 | | |
| | B | | | | | | | | | | | 7 | | E |
| | | | | | | B | 5 | 2 | A | | C | 3 | 4 | |
| | | 0 | | | | | | B | C | | 4 | 5 | 2 | A |
| | | | | | 3 | | 2 | | | | 1 | C | E | |
| | D | B | | 1 | | 6 | | | | | | | | |
| | | | 0 | | | 5 | A | C | 9 | 3 | 6 | | | 4 |
| | | 9 | | | | | D | | 5 | | A | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| B | E | 8 | 5 | C | A | 1 | D | 2 | 0 | 9 | 4 | 7 | 3 | 6 |
| 9 | 7 | 2 | 1 | 4 | 8 | 3 | C | B | 5 | 6 | A | 0 | E | D |
| C | 5 | 3 | D | E | 0 | 8 | 6 | A | 7 | B | 1 | 4 | 9 | 2 |
| 4 | D | 6 | 7 | B | 9 | 5 | E | 0 | 2 | C | 3 | A | 8 | 1 |
| A | 0 | 1 | 3 | 6 | 2 | 9 | 4 | 7 | D | E | 8 | C | 5 | B |
| 1 | 8 | 5 | 9 | 3 | 7 | 4 | 2 | C | B | A | D | E | 6 | 0 |
| 7 | 9 | 4 | C | 2 | 1 | D | 0 | 6 | 3 | 5 | E | 8 | B | A |
| 2 | C | D | B | A | 4 | E | 8 | 3 | 9 | 0 | 6 | 1 | 7 | 5 |
| 3 | A | 0 | E | 5 | 6 | B | 7 | 9 | 8 | 1 | C | D | 2 | 4 |
| E | 6 | B | 0 | 8 | D | A | 5 | 1 | 4 | 2 | 7 | 9 | C | 3 |
| D | 4 | 9 | 8 | 0 | 3 | 6 | A | 5 | C | 7 | B | 2 | 1 | E |
| 5 | 1 | E | 2 | D | B | C | 3 | 8 | A | 4 | 9 | 6 | 0 | 7 |
| 0 | 2 | C | 4 | 1 | E | 7 | 9 | D | 6 | 3 | 5 | B | A | 8 |
| 6 | B | 7 | A | 9 | 5 | 2 | 1 | 4 | E | 8 | 0 | 3 | D | C |
| 8 | 3 | A | 6 | 7 | C | 0 | B | E | 1 | D | 2 | 5 | 4 | 9 |

ଗତକାଲିର ଉତ୍ତର

# କଶ୍ମୀରର ବୋଝ



ଜନାର୍ଦ୍ଦନ ବନ୍ଦ୍ୟୋପାଧ୍ୟାୟ

ଭାରତ ବର୍ଷ ସ୍ୱାଧୀନ ହେବା ପରଠାରୁ ଯେଉଁ ସମସ୍ୟାଟି ଦେଶର ଶାନ୍ତି, ସମୃଦ୍ଧି ପଥରେ ଦୀର୍ଘ ୭୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ପ୍ରଧାନ ଅନ୍ତରାୟ ହୋଇ ରହିଛି, ତାହା ହେଲା ଅସମାହିତ କଶ୍ମୀର ସମସ୍ୟା। ୧୯୪୭ ମସିହା ଅକ୍ଟୋବର ୨୬ ତାରିଖରେ ଜମ୍ମୁ-କଶ୍ମୀର ରାଜ୍ୟ ଭାରତ ଭୂଖଣ୍ଡ ସହିତ ମିଶିଲା। ସେହି ଦିନଠାରୁ ଏହି ସମସ୍ୟାର ମଞ୍ଜି ବୁଣାହୋଇଛି। ଏହା ମୂଳରେ ଥିଲେ ତତ୍କାଳୀନ ଜମ୍ମୁ-କଶ୍ମୀରର ମହାରାଜା ହରି ସିଂହ, ଭାରତର ବିଦାୟୀ ଗଭର୍ଣ୍ଣର ଜେନେରାଲ ଲର୍ଡ ମାଉଣ୍ଟ ବ୍ୟାଟେନ ଏବଂ ଦେଶର ତତ୍କାଳୀନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ। ଦେଶର ଅଧିକାଂଶ ଦେଶୀୟ ରାଜ୍ୟ ଇଣ୍ଡିଆନ ଇଣ୍ଡିପେଣ୍ଡେନ୍ସ ଆକ୍ଟ-୧୯୪୭ ଅନୁସାରେ ଭାରତ ଭୂଖଣ୍ଡ ସହିତ ସାମିଲ ହେଲେ। କିନ୍ତୁ ମହାରାଜା ହରି ସିଂହ ଭାରତ ବା ପାକିସ୍ତାନ ସହିତ ନ ମିଶି ଜମ୍ମୁ-କଶ୍ମୀରକୁ ଏକ ସ୍ୱାଧୀନ ରାଜ୍ୟ ଭାବେ ବଜାୟ ରଖିବାର ସ୍ୱପ୍ନ ଦେଖିଲେ। ତାଙ୍କର ସେହି ସ୍ୱପ୍ନ ଅଚିରେ ଧୂଳିସାତ୍ ହୋଇଗଲା, ଯେତେବେଳେ ପାକିସ୍ତାନୀ ସେନା ସମର୍ଥିତ ପାର୍ବତ୍ୟ ମୁଜାହିଦ୍ଦିନ୍‌ମାନେ କଶ୍ମୀର ଭୂଖଣ୍ଡ ଉପରେ ବର୍ବର ଆକ୍ରମଣ କଲେ ଏବଂ ରାଜ୍ୟର ପ୍ରଧାନ ସେନାପତି ବ୍ରିଗେଡିୟର ରାଜେନ୍ଦ୍ର ସିଂହ ରକ୍ତାକ୍ତ ସଂଗ୍ରାମ କରି ସେମାନଙ୍କ ଦ୍ୱାରା ନିହତ ହେଲେ। ସେତେବେଳେ ମହାରାଜା ହରି ସିଂହ ପ୍ରାଣ ବିକଳରେ ଭାରତ ସରକାରଙ୍କୁ ସାହାଯ୍ୟ ନିମନ୍ତେ ପ୍ରାର୍ଥନା କଲେ ଏବଂ ଜମ୍ମୁ-କଶ୍ମୀରକୁ ଭାରତ ଭୂଖଣ୍ଡ ସହିତ ମିଶ୍ରଣର ପ୍ରସ୍ତାବ ଦେଲେ, ଯାହାକୁ ଇନ୍‌ଷ୍ଟ୍ରୁମେଣ୍ଟ ଅଫ୍ ଏକ୍ସେସନ କୁହାଯାଉଛି। ଲର୍ଡ ମାଉଣ୍ଟ ବ୍ୟାଟେନ କୂଟବୁଦ୍ଧି ପ୍ରୟୋଗ କରି ସେହି ଚୁକ୍ତିରେ ସର୍ତ୍ତ ରଖିଲେ କି ମୁଜାହିଦ୍ଦିନ୍‌ମାନେ ବିତାଡ଼ିତ ହେବା ପରେ କଶ୍ମୀରର ଜନସାଧାରଣ ଭାରତ ସହିତ ମିଶ୍ରଣକୁ ଚୂଡ଼ାନ୍ତ କରିବେ। ଭାରତ ସରକାର ଏରୋପ୍ଲେନ୍‌ରେ ସୈନ୍ୟ ପଠାଇ ଆକ୍ରମଣକାରୀ ମୁଜାହିଦ୍ଦିନ୍‌ମାନଙ୍କୁ ଲାଇନ୍ ଅଫ୍ କଣ୍ଟ୍ରୋଲ ପର୍ଯ୍ୟନ୍ତ ତଡ଼ିଦେଲେ। ସ୍ୱାଧୀନ ଭାରତର ପ୍ରଥମ ଶହୀଦ ବୀର ସେନାପତି ଦିୱାନ ରଣଜିତ ରାୟଙ୍କ ନେତୃତ୍ୱରେ ଅନେକ ଦେଶଭକ୍ତ ଯବାନ ବୁକୁର ରକ୍ତ ଢାଳି କଶ୍ମୀର ଭୂଖଣ୍ଡ ତଥା କଶ୍ମୀରୀମାନଙ୍କ ସୁରକ୍ଷାକୁ ନିଶ୍ଚିତ କରିଥିଲେ। ତତ୍ପରେ ୧୯୫୬ ନଭେମ୍ବର ୧୭ ତାରିଖରେ ଜମ୍ମୁ-କଶ୍ମୀର ସମ୍ବିଧାନ ସଭା ନୀତିଗତ ଭାବେ ଭାରତର ସମ୍ବିଧାନକୁ ଗ୍ରହଣ କରି ଭାରତ ଭୂଖଣ୍ଡ ସହିତ ଜମ୍ମୁ-କଶ୍ମୀରର ମିଶ୍ରଣକୁ ଚୂଡ଼ାନ୍ତ କଲେ। କିନ୍ତୁ ଆର୍ଟିକିଲ୍ ଅଫ୍ ଏକ୍ସେସନ୍‌ରେ ମହାରାଜା ହରି ସିଂହ ପ୍ରସ୍ତାବ ରଖିଥିଲେ କି ଜମ୍ମୁ-କଶ୍ମୀରକୁ କେତେକ ସ୍ୱାୟତ୍ତ ଶାସନ କ୍ଷମତା ପ୍ରଦାନ କରାଯିବ, ଯାହା ଭାରତୀୟ ସମ୍ବିଧାନର ୩୭୦ ଧାରାରେ ଅନ୍ତର୍ଭୁକ୍ତ ହୋଇଛି। ସେଥିରୁ ଗୋଟିଏ ସର୍ତ୍ତ ହେଲା- କଶ୍ମୀରର ମୂଳ ଅଧିବାସୀ ବ୍ୟତୀତ ଅନ୍ୟ କେହି ସେଠାରେ ସ୍ଥାୟୀ ଭାବେ ବସବାସ କରିପାରିବେ ନାହିଁ। ଜମ୍ମୁ-କଶ୍ମୀର ସମ୍ବିଧାନ ସଭା ୩୭୦ ଧାରାକୁ ଉଚ୍ଛେଦ ନ କରି ନିଜକୁ ଭଙ୍ଗ କରିଦେଲେ, ତେଣୁ ଏହା ଚିରଦିନ ପାଇଁ ଗୋଟିଏ କଣ୍ଟା ହୋଇ ରହିଗଲା। ଆମର ପ୍ରଶ୍ନ ହେଲା- ଶତାଧିକ ଦେଶୀୟ ରାଜ୍ୟ ଭାରତୀୟ ରାଷ୍ଟ୍ରସଂଘରେ ସାମିଲ ହୋଇଥିଲେ ମଧ୍ୟ କାହାରି କ୍ଷେତ୍ରରେ ଏପରି କୌଣସି ସର୍ତ୍ତ ନ ଥିଲାବେଳେ ଜମ୍ମୁ-କଶ୍ମୀରର ମିଶ୍ରଣରେ କାହିଁକି ଏପରି ଅଯୌକ୍ତିକ ସର୍ତ୍ତକୁ ସ୍ୱୀକାର କରି ନିଆଗଲା? ଏହି ପ୍ରଶ୍ନର ଉତ୍ତର ଚିରରହସ୍ୟାବୃତ୍ତ ହୋଇ ରହିଯାଇଛି।

ଏହି ଦୁଇଟି ତ୍ରୁଟିର ସୁବିଧା ନେଇ ପାକିସ୍ତାନ ଦୀର୍ଘ ୭୦ ବର୍ଷ କାଳ କଶ୍ମୀର ଉପରେ ନିଜର ଅଧିକାର ସାବ୍ୟସ୍ତ କରିବାକୁ ଚାହୁଁଛି ଏବଂ କଶ୍ମୀର ବିଚ୍ଛିନ୍ନତାବାଦୀମାନେ ଏକ ସ୍ୱାଧୀନ ଜମ୍ମୁ-କଶ୍ମୀର ରାଷ୍ଟ୍ରର ଦାବି ଉଠାଇ ଚାଲିଛନ୍ତି। ପାକିସ୍ତାନ ମୁଖ୍ୟତଃ ତିନିଦିଗରୁ ଭାରତ ବିରୋଧରେ ଜିହାଦ ଚଳାଇଛି। ପ୍ରଥମତଃ ସାମରିକ, ଦ୍ୱିତୀୟତଃ କୂଟନୈତିକ ଏବଂ ତୃତୀୟତଃ ସାମ୍ପ୍ରଦାୟିକ। ବର୍ଷ ବର୍ଷ ଧରି ସୀମା ସଂଘର୍ଷ, ଗୁଳିଗୋଳା ବର୍ଷଣ ଛଡ଼ା ପ୍ରାୟ ତିନୋଟି ବଡ଼ ବଡ଼ ଅଘୋଷିତ ଯୁଦ୍ଧ କରିଛି। କିନ୍ତୁ ସବୁଥର ଆମ ସୁରକ୍ଷା ବଳ ସଫଳତାର ସହିତ ଆକ୍ରମଣକାରୀଙ୍କୁ ପ୍ରତିହତ ଏବଂ ପରାଜିତ କରିଛି। ବିଗତ ଦିନରେ ଦେଶର ଅଶୀ ଭାଗ ସାମରିକ ଶକ୍ତି କେବଳ କଶ୍ମୀର ଏବଂ କଶ୍ମୀରବାସୀଙ୍କ ସୁରକ୍ଷା ନିମନ୍ତେ ବିନିଯୋଗ କରାଯାଇଛି। ଯଦିଓ ବିଭ୍ରାନ୍ତ କଶ୍ମୀରବାସୀ ଏ କଥା ଏବେ ସ୍ୱୀକାର କରୁନାହାନ୍ତି, ତଥାପି ସାମରିକ ବଳ ପ୍ରୟୋଗ କରି କଶ୍ମୀରକୁ ଭାରତରୁ ବିଚ୍ଛିନ୍ନ କରିବା ଯେ ଅସମ୍ଭବ, ଏ କଥା ପାକିସ୍ତାନ ଭଲଭାବେ ବୁଝିପାରିଛି। କୂଟନୈତିକ ସ୍ତରରେ ପାକିସ୍ତାନ ବାରମ୍ବାର ଜାତିସଂଘରେ କଶ୍ମୀର ପ୍ରଶ୍ନ ଉତ୍ଥାପନ କରି ମଧ୍ୟ ବିଫଳ ହୋଇଛି। ୧୯୭୪ ମସିହାରେ କଶ୍ମୀର ମୁସଲମାନଙ୍କ ନେତା ଶେଖ୍ ଅବଦୁଲ୍ଲା ଏବଂ ଭାରତର ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ମଧ୍ୟରେ ଏକ ଚୁକ୍ତି ସ୍ୱାକ୍ଷରିତ ହୋଇ ଜମ୍ମୁ-କଶ୍ମୀର ରାଜ୍ୟକୁ ଭାରତୀୟ ରାଷ୍ଟ୍ରସଂଘର ଏକ ସଭ୍ୟ ରାଷ୍ଟ୍ର ଭାବେ ସ୍ୱୀକାର କରାଯାଇ ଆର୍ଟିକିଲ୍ ୩୭୦ ଅନୁସାରେ ଏହାର ଶାସନ ନିୟନ୍ତ୍ରିତ ହେବାର ସିଦ୍ଧାନ୍ତ ଗ୍ରହଣ କରାଯାଇଛି ଏବଂ ଏହି ଚୁକ୍ତି ଜାତିସଂଘ ନିରାପତ୍ତା ପରିଷଦର ଏଜେଣ୍ଡାରେ ସ୍ଥାନ ପାଇଛି। ଜାତିସଂଘରେ ବାରମ୍ବାର ପାକିସ୍ତାନର କୂଟନୈତିକ ପରାଜୟ ଘଟିବାରୁ ଏବେ ସେ ତୃତୀୟ ପନ୍ଥା ଅର୍ଥାତ୍ ହୀନ ଚକ୍ରାନ୍ତ କରି କଶ୍ମୀରୀ ଜନସାଧାରଣଙ୍କ ମଧ୍ୟରେ ସାମ୍ପ୍ରଦାୟିକ ବିଦ୍ୱେଷର ବୀଜ ବୁଣି ଚାଲିଛି। ପାକିସ୍ତାନୀ ଗୋଇନ୍ଦା ସଂସ୍ଥା ଆଇଏସ୍‌ଆଇ ଏବଂ ସୈନ୍ୟବାହିନୀର ପୃଷ୍ଠପୋଷକତାରେ ପାକିସ୍ତାନୀ ସନ୍ତ୍ରାସବାଦୀମାନେ କଶ୍ମୀରରେ ଅବସ୍ଥିତ ସୁରକ୍ଷା ବଳ ଉପରେ ବାରମ୍ବାର ଆକ୍ରମଣ କରୁଛନ୍ତି। ଗତ ଫେବୃୟାରୀ ୧୪ ତାରିଖରେ ପୁଲ୍‌ୱାମାରେ ଘଟିଥିବା ଆତ୍ମଘାତୀ ସନ୍ତ୍ରାସବାଦୀ ଆକ୍ରମଣରେ ୪୯ ଭାରତୀୟ ଯବାନ ଶହୀଦ ହେବା ଏଯାବତ୍ ହୋଇଥିବା ସବୁଠାରୁ ବଡ଼ ଆକ୍ରମଣ। ଏହାର ପ୍ରତିଶୋଧ ନେବାକୁ ଭାରତୀୟ ବାୟୁସେନା ଫେବୃୟାରୀ ୨୬ ତାରିଖରେ ଅଚାନକ ସର୍ଜିକାଲ ଷ୍ଟ୍ରାଇକ୍ କରି ବାଲାକୋଟ୍, ମୁଜାଫରବାଦ ଏବଂ ଚକୋଟିରେ ବୋମା ପକାଇ ସେଠାରେ ସକ୍ରିୟ ଜେଇଏମ୍ ସନ୍ତ୍ରସବାଦୀ ଶିବିରଗୁଡ଼ିକୁ ଧ୍ୱଂସ କରିଛନ୍ତି। ଆନ୍ତର୍ଜାତିକ ସ୍ତରରେ ଭାରତର ଏହି ସନ୍ତ୍ରାସବାଦବିରୋଧୀ ପଦକ୍ଷେପକୁ ବିପୁଳ ସମର୍ଥନ ମିଳିଛି। ଏ ସବୁ ସତ୍ତ୍ୱେ କଶ୍ମୀର ଜନସାଧାରଣ ଅର୍ଥାତ୍ ମୁସଲମାନମାନେ ହୁରିଆତ କନ୍‌ଫରେନ୍ସ ଭଳି ଦେଶଦ୍ରୋହୀଙ୍କ ଚକ୍ରାନ୍ତ ଏବଂ ପ୍ରରୋଚନାରେ କ୍ରମେ ଅଧିକରୁ ଅଧିକ ଭାରତବିରୋଧୀ ହୋଇଉଠୁଛନ୍ତି। ସେମାନେ ଶତାଧିକ କଶ୍ମୀରୀ ପଣ୍ଡିତଙ୍କୁ ହତ୍ୟା କରିଛନ୍ତି ଏବଂ ଅନ୍ୟମାନଙ୍କୁ କଶ୍ମୀରରୁ ପଳାୟନ କରିବାକୁ ବାଧ୍ୟ କରିଛନ୍ତି। ଅଥଚ ଭାରତ ସରକାର ସେମାନଙ୍କ ସୁଖସୁବିଧା ତଥା ଶିକ୍ଷା ଏବଂ ସ୍ୱାସ୍ଥ୍ୟର ଉନ୍ନତି ପାଇଁ ହଜାର ହଜାର କୋଟି ଟଙ୍କା ଖର୍ଚ୍ଚ କରିଚାଲିଛନ୍ତି। ସମଗ୍ର ଜମ୍ମୁ-କଶ୍ମୀରର ଲୋକସଂଖ୍ୟା ଭାରତ ଜନସଂଖ୍ୟାର ଏକ ପ୍ରତିଶତ ହୋଇଥିବା ବେଳେ ସେଠାରେ ଦେଶର ରାଜସ୍ୱର ୧୦ ପ୍ରତିଶତ ବ୍ୟୟିତ ହୁଏ। ୧୯୬୦ ଦଶକରେ ଯେତେବେଳେ ସମଗ୍ର ଦେଶରେ ଖାଦ୍ୟର ଉତ୍କଟ ଅଭାବ, ସେତେବେଳେ ମଧ୍ୟ ସରକାର କଶ୍ମୀରକୁ ସୁଲଭ ମୂଲ୍ୟରେ ଖାଦ୍ୟ ଯୋଗାଇଛନ୍ତି। ସେମାନଙ୍କୁ ସୁରକ୍ଷା ଦେବାକୁ ହଜାର ହଜାର ଭାରତୀୟ ଯବାନ ପ୍ରାଣବଳି ଦେଇଛନ୍ତି। ପାକ୍-ଅଧିକୃତ କଶ୍ମୀରର ଅଧିବାସୀମାନଙ୍କ ଦୟନୀୟ ଅବସ୍ଥା ସହିତ ସେମାନଙ୍କୁ ତୁଳନା କଲେ ଆକାଶ-ପାତାଳ ପ୍ରଭେଦ ଜଣାପଡ଼େ। ତଥାପି ସେହି ଅକୃତଜ୍ଞ ଜନଗୋଷ୍ଠୀ କେବଳ ସାମ୍ପ୍ରଦାୟିକ ପ୍ରରୋଚନାର ଶିକାର ହୋଇ ଭାରତବିରୋଧୀ ହେଉଛନ୍ତି। ପାକିସ୍ତାନ ସପକ୍ଷରେ ନାରାବାଜି କରୁଛନ୍ତି, କଶ୍ମୀର ରାଜ୍ୟର ଏହି ବିଭ୍ରାନ୍ତ ଜନଚେତନା ଭବିଷ୍ୟତରେ ଭାରତ ପାଇଁ ଏକ ବିରାଟ ସମସ୍ୟା ହୋଇ ଛିଡ଼ାହେବାର ସମ୍ଭାବନା ରହିଛି। କେବଳ ଆର୍ଥିକ ସ୍ୱଚ୍ଛଳତା ଏବଂ ଶିକ୍ଷାର ବିକାଶ ଘଟାଇ ସେହି ଅକୃତଜ୍ଞ ଜନଗୋଷ୍ଠୀକୁ ନିଜ ପକ୍ଷକୁ ଆଣିବା ସମ୍ଭବ ନୁହେଁ, ଏ କଥା ବୁଝିବାକୁ ଆଉ ବାକି ନାହିଁ। ପରନ୍ତୁ ସେମାନେ ଯେତେ ସ୍ୱଚ୍ଛଳ ଏବଂ ଶିକ୍ଷିତ ହେବେ ସେତେ ଦୁର୍ଦ୍ଧର୍ଷ ସନ୍ତ୍ରାସବାଦୀ ହୋଇ ଉଠିବେ, ଏଥିରେ ସନ୍ଦେହ ନାହିଁ। ମନେହୁଏ ଜନମତକୁ ନିୟନ୍ତ୍ରିତ କରିବା ପାଇଁ ଯାହା କରଣୀୟ, ତାହା କରାଯାଉନାହିଁ। କେବଳ ସୁନାପୁଅ ମନେକରି ତେଲ ମାରିବା ନୀତିରେ ଅକୃତଜ୍ଞମାନଙ୍କୁ ନୟନ୍ତ୍ରଣ କରାଯାଇପାରେନା। ଏଥିପାଇଁ ଶାସ୍ତ୍ରରେ ଚାରିପ୍ରକାର ପନ୍ଥା ନିର୍ଦ୍ଦିଷ୍ଟ ହୋଇଛି; ତାହା ହେଲା ଶାମ, ଦାନ, ଭେଦ, ଦଣ୍ଡ। ଶାମ ମାନେ ଶାନ୍ତି, ଦାନ ହେଲା ଆର୍ଥିକ ଅନୁଦାନ ବା ଲାଞ୍ଚ, ଭେଦ ନୀତିର ଅର୍ଥ ହେଲା ବିରୋଧୀ ଗୋଷ୍ଠୀରେ କୌଶଳରେ ବିଭେଦ ସୃଷ୍ଟି କରି ସେମାନଙ୍କୁ ଦୁର୍ବଳ କରିଦେବା ଏବଂ ପରିଶେଷରେ ଦଣ୍ଡ ଅର୍ଥାତ୍ ଦେଶଦ୍ରୋହୀ ଦୁଷ୍ଟ ଶକ୍ତିଙ୍କର ବିନାଶ କରିବା। ଆବଶ୍ୟକତା ଅନୁଯାୟୀ ଏକ ବା ଏକାଧିକ ନୀତିର ପ୍ରୟୋଗ କରି ଶାସନ ପରିଚାଳନା କରିବା କଥା କୁହାଯାଇଛି। ଏଥିପାଇଁ ଆମର ଗୋଇନ୍ଦା ବାହିନୀ ଏବଂ କୂଟନୀତିଜ୍ଞମାନଙ୍କୁ ସର୍ବଦା ତତ୍ପର ରହିବାକୁ ପଡ଼ିବ ଯେପରି କି ଘଟଣାପ୍ରବାହକୁ ଯଥାଯଥଭାବେ ଅନୁଧ୍ୟାନ କରି ଉପଯୁକ୍ତ ପଦକ୍ଷେପ ଗ୍ରହଣ କରାଯାଇପାରିବ।

ଅତୀତରେ ଅନେକ ବିଦେଶୀ ଶକ୍ତି କଶ୍ମୀରର ଅନିଶ୍ଚିତ ଅବସ୍ଥାର ସୁଯୋଗ ନେଇ ଭାରତ ବର୍ଷର କ୍ଷତି କରିବାକୁ ଚେଷ୍ଟା କରିଛନ୍ତି ଏବଂ ଏବେ ବି କରିଚାଲିଛନ୍ତି। ସେମାନଙ୍କ ପ୍ରତି ସାବଧାନ ରହି ଆମକୁ ନିଜ ଚେଷ୍ଟାରେ ଏହି ସମସ୍ୟାର ସମାଧାନ କରିବାକୁ ପଡ଼ିବ। ଯେଉଁଦିନ ଭାରତ ନିଜର ବୁଦ୍ଧି-କୌଶଳ, ଶକ୍ତି-ସାମର୍ଥ୍ୟ ଖଟାଇ ନିଜ ସମସ୍ୟାର ସମାଧାନ କରିପାରିବ, ସେହିଦିନ ହିଁ ସେ ଜଗତରେ ଶ୍ରେଷ୍ଠ ଆସନ ଲାଭ କରିବ।

ନୟାପଲ୍ଲୀ, ଭୁବନେଶ୍ୱର, ମୋ-୯୪୩୭୨୮୭୯୬୪

# ଧର୍ମ ସିଂହାସନର ଖେଳ ନୁହେଁ



ଦେବଦତ୍ତ ପଟ୍ଟନାୟକ

ରାଜା ନୃଗଙ୍କୁ କୃକଲାସ (ଝିଟିପିଟି) ହେବାର ଅଭିଶାପ ମିଳିଥିଲା, କାରଣ ସେ ଅଜ୍ଞାତସାରରେ ଏକ ଭୁଲ୍ କରିପକାଇଥିଲେ। ନୃଗ ରାଜ୍ୟର ବ୍ରାହ୍ମଣ ଓ ଋଷିମାନଙ୍କୁ ଗାଈ ଦାନ କରିବା ପାଇଁ ବେଶ୍ ଜଣାଶୁଣା ଥିଲେ। ଥରେ ସେ ଦାନ କରିଥିବା ଗୋଟିଏ ଗାଈ ତା'ର ନୂଆ ମାଲିକ ଋଷିଙ୍କ ଗୁହାଳରୁ ଖସିଆସି ନୃଗଙ୍କ ଗୋରୁପଲରେ ମିଶିଯାଇଥିଲା। ନୃଗଙ୍କ କର୍ମଚାରୀମାନେ ତାହା ଜାଣିପାରି ନ ଥିଲେ। ସେହି ଗାଈକୁ ନୃଗ ଆଉ ଜଣେ ଋଷିଙ୍କୁ ଦାନ କରିଦେଲେ। ଋଷି ଜଣକ ଗାଈଟିକୁ ନେଇ ଘରକୁ ଯିବା ବେଳେ ପୂର୍ବୋକ୍ତ ଋଷି ତାକୁ ନିଜର ହଜିଯାଇଥିବା ଗାଈ ବୋଲି ଚିହ୍ନିପାରିଲେ। ଉଭୟେ ଦାବି କଲେ ଗାଈଟି ତାଙ୍କର ଓ ରାଜା ନୃଗ ତାଙ୍କୁ ଏହା ଦାନ କରିଛନ୍ତି। ମାମଲା ଯାଇ ରାଜାଙ୍କ ପାଖରେ ପହଞ୍ଚିଲା। ରାଜା ପ୍ରଥମ ଋଷିଙ୍କୁ କ୍ଷତିପୂରଣ ସ୍ୱରୂପ ଶହେ ଗାଈ ଦେବାକୁ କହିଲେ ମଧ୍ୟ ସେ ସେହି ଗାଈଟି ଛଡ଼ା ଅନ୍ୟ ଗାଈ ନେବେ ନାହିଁ ବୋଲି ରୋକ୍‌ଠୋକ୍ କହିଦେଲେ। ଏହାପରେ ରାଜା ଦ୍ୱିତୀୟ ଋଷିଙ୍କୁ ଗାଈଟି ସେ ପ୍ରଥମ ଋଷିଙ୍କୁ ଦେଇଦେଲେ ତାଙ୍କୁ ଏକଶହ ଗାଈ ଦେବେ ବୋଲି କହିଲେ। କିନ୍ତୁ ସେ ବି ଏ ପ୍ରସ୍ତାବରେ ରାଜି ହେଲେ ନାହିଁ। ଶେଷରେ ଦାନ କରାଯାଇଥିବା ଗାଈକୁ ରାଜା ଅନ୍ୟ ଜଣଙ୍କୁ ପୁନଃ ଦାନ କରିଥିବାରୁ ତାଙ୍କୁ କୃକଲାସ ହେବାର ଅଭିଶାପ ମିଳିଲା। ସତ୍ୟଯୁଗର ନୃଗ ଦ୍ୱାପର ଯୁଗରେ ଭଗବାନ୍ କୃଷ୍ଣଙ୍କ ଦର୍ଶନ କରିବା ପରେ ମୁକ୍ତି ପାଇବେ ବୋଲି ଅଭିଶାପ ପରେ ତାଙ୍କୁ ମୁକ୍ତିର ବାଟ ବତାଇଦିଆଗଲା। ନୃଗ ଏ ଅଭିଶାପକୁ ମୁଣ୍ଡପାତି ଗ୍ରହଣ କଲେ।

ମହାଭାରତର ଅନୁଶାସନ ପର୍ବରେ ଭୀଷ୍ମ ପାଣ୍ଡବମାନଙ୍କୁ ରାଜଧର୍ମ ସମ୍ବନ୍ଧରେ ଉପଦେଶ ଦେଲାବେଳେ ଏ କାହାଣୀଟି କହିଛନ୍ତି। ରାଜା ପ୍ରଜାମାନଙ୍କର ସୁଖସୁବିଧା ପାଇଁ ଦାୟୀ। ଏପରି ତାଙ୍କ ଅଜାଣତରେ କିଛି ଭୁଲ୍ ପାଇଁ ପ୍ରଜାମାନେ କଷ୍ଟ ପାଇଲେ ମଧ୍ୟ ସେଥିପାଇଁ ସେ ଦାୟୀ। ଏ କାହାଣୀଟି ଖୁବ୍ ଗୁରୁତ୍ୱପୂର୍ଣ୍ଣ କାରଣ ନୃଗ ହେଉଛନ୍ତି ରାମଙ୍କ ପୂର୍ବସୂରି ଏବଂ ବିଖ୍ୟାତ ଇକ୍ଷ୍ୱାକୁ ବଂଶୀୟ ରାଜା, ଯାହା ମୂଳ ସୂର୍ଯ୍ୟବଂଶର ଏକ ଶାଖା। ଏହି ବଂଶରେ ରାଜା ସଗର, ହରିଶ୍ଚନ୍ଦ୍ର, ଦିଲୀପ, ରଘୁ, ରାମଙ୍କ ପରି ବହୁ ବିଖ୍ୟାତ ରାଜା ଜନ୍ମଗ୍ରହଣ କରିଥିବା ବେଳେ ବହୁ ଜୈନ ତୀର୍ଥଙ୍କର ମଧ୍ୟ ଏହି ବଂଶରେ ଜନ୍ମ ହୋଇଛନ୍ତି।

ବର୍ତ୍ତମାନ ରାଜନେତାମାନେ ରାମ ଓ ରାମରାଜ୍ୟ କଥା କହୁଛନ୍ତି, କିନ୍ତୁ ରାଜଧର୍ମ କହିଲେ ରାମ ଓ ଇକ୍ଷ୍ୱାକୁ ବଂଶୀୟ ରାଜାମାନେ ଯାହା ବୁଝୁଥିଲେ ସେଥିରୁ କିଛି ବି ଶିକ୍ଷା କରୁନାହାନ୍ତି। ନିଜ ଶାସନର ବିଫଳତା ପାଇଁ ସେମାନେ ନିଜକୁ ଦାୟୀ କରିବା କଥା ଭାବୁନାହାନ୍ତି। ସୂର୍ଯ୍ୟବଂଶୀ ରାମ ନିଜକୁ ରାମ-ଚନ୍ଦ୍ର ବୋଲି କହି ଚନ୍ଦ୍ରରେ କଳଙ୍କ ପରି ପ୍ରଜାଙ୍କ କଥାକୁ ଗୁରୁତ୍ୱ ଦେଇ ନିର୍ଦ୍ଦୋଷ ସୀତାଙ୍କୁ ତ୍ୟାଗକରିବା ପରି କଳଙ୍କକୁ ଆପଣେଇ ନେଇଥିଲେ।

କୁହାଯାଏ ନିଜର ସାହସ, ବୀରତ୍ୱ, ବଦାନ୍ୟତା, ସୁଶାସନ ପାଇଁ ବିଖ୍ୟାତ ରାଜା ବିକ୍ରମାଦିତ୍ୟ ମଧ୍ୟ ସୂର୍ଯ୍ୟବଂଶୀ ଥିଲେ। ତାଙ୍କ ଶାସନର ଅନେକ ବର୍ଷ ପରେ ରାଜା ଭୋଜ ଚାହିଁଲେ ତାଙ୍କର ବିଖ୍ୟାତ ସିଂହାସନ ଉପରେ ବସିବା ପାଇଁ, ଯେଉଁ ସିଂହାସନଟି ମାଟିତଳେ ପୋତିହୋଇ ପଡ଼ିଥିବା ଅବସ୍ଥାରେ ଏକ କ୍ଷେତରୁ ଆବିଷ୍କାର କରାଯାଇଥିଲା। କିନ୍ତୁ ଯେତେବେଳେ ସେ ଏହି ସିଂହାସନରେ ଆରୋହଣ କରିବାକୁ ଯାଆନ୍ତି, ସିଂହାସନର ପାହାଚଗୁଡ଼ିକରେ ଥିବା ୩୨ଟି ପିତୁଳା ତାଙ୍କୁ ପ୍ରଶ୍ନ କଲେ ବିକ୍ରମାଦିତ୍ୟଙ୍କ ପରି ରାଜା ହେବା ପାଇଁ ୩୨ଟି ଗୁଣ ତାଙ୍କ ପାଖରେ ଅଛି ତ? ଭୋଜ ଏହି ୩୨ଟି ଗୁଣକୁ ଚରିତ୍ରଗତ କରିବା ପରେ ହିଁ ସିଂହାସନରେ ଆରୋହଣ କରିଥିଲେ। ଆଜି ଆମେ ଏପରି ସମୟରେ ପହଞ୍ଚିଛୁ, ଯେତେବେଳେ ରାଜା ବା ଶାସକ ହେବା ପାଇଁ କୌଣସି ମହତ୍ ଗୁଣ ଆବଶ୍ୟକ ପଡୁନାହିଁ। ବର୍ତ୍ତମାନ ରାଜକ୍ଷମତା ମିଳୁଛି ଭୋଟ ମାଧ୍ୟମରେ ଏବଂ ଭୋଟ ମିଳୁଛି ଭାବପ୍ରବଣ ବାକ୍‌ପଟୁତା, କାଳ୍ପନିକ କାହାଣୀ କଥନ ଓ ମିଥ୍ୟା ପ୍ରତିଶ୍ରୁତିରେ। ଏଥିରେ ଅଧିକ ନାଟ୍ୟଶାସ୍ତ୍ର ଓ କମ୍ ଧର୍ମଶାସ୍ତ୍ର ଦେଖିବାକୁ ମିଳୁଛି।

ନେତାମାନେ ପରସ୍ପରକୁ ଦୋଷାରୋପ କରୁଥିବା ବେଳେ ଲୋକମାନେ କ'ଣ କରୁଛନ୍ତି? ଜଙ୍ଗଲରେ ସବଳମାନେ ଦୁର୍ବଳକୁ ଆହାର କରିଥାନ୍ତି। ଏହା ହେଉଛି ମତ୍ସ୍ୟନ୍ୟାୟ (ମାଛମାନଙ୍କ ଆଇନ), ଯାହା ପ୍ରାଣୀମାନଙ୍କ କ୍ଷେତ୍ରରେ ପ୍ରଯୁଜ୍ୟ, ମଣିଷଙ୍କ କ୍ଷେତ୍ରରେ ନୁହେଁ। ମଣିଷମାନେ ସେପରି କଲେ ତାକୁ ଅଧର୍ମ କୁହାଯାଏ। ମଣିଷ ସଂସ୍କୃତିରେ ସବଳ ସବୁବେଳେ ଦୁର୍ବଳର ଯତ୍ନ ନେବା ଉଚିତ। ମନୁସ୍ମୃତି ମତରେ ଧର୍ମ ପ୍ରତିଷ୍ଠା ପାଇଁ ଈଶ୍ୱର ରାଜାମାନଙ୍କୁ ସୃଷ୍ଟି କରିଛନ୍ତି ଏବଂ ରାଜାଙ୍କର ଧର୍ମ ହେଉଛି ଏପରି ପରିବେଶ ସୃଷ୍ଟି କରିବା ଯେଉଁଥିରେ ଦୁର୍ବଳମାନେ ବି ସ୍ୱଚ୍ଛନ୍ଦରେ ବଞ୍ଚିପାରିବେ। ରାଜଧର୍ମରେ ରାଜ୍ୟ ହେଉଛି ସିଂହାସନଠାରୁ ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ରାଜନୀତିରେ ଏହା ହେଉଛି ସିଂହାସନର ଖେଳ, କେବଳ ଭୋଟ ଓ ଟିକସ ମିଳିଗଲା ପରେ ଲୋକମାନଙ୍କର ଯାହା ହେଉ ସେଥିରେ କିଛି ଯାଏଆସେ ନାହିଁ। ବର୍ତ୍ତମାନ ରାଜଧର୍ମକୁ କେବଳ କାଳ୍ପନିକ ଆଦର୍ଶ ଓ ରାଜନୀତିକୁ ବାସ୍ତବ ବୋଲି ମନେକରାଯାଉଛି। ଆଜିକାର ରାଜନେତା ଯଦି ନୃଗଙ୍କ ସମୟରେ ଥାଆନ୍ତେ, ସେମାନେ ଗାଈକୁ ନିଜର କହି ଋଷିମାନଙ୍କୁ ମିଥ୍ୟାବାଦୀ ଓ ଚୋର ବୋଲି ସାବ୍ୟସ୍ତ କରିଦେଇଥାନ୍ତେ।

## ଏଇ ଭାରତରେ

ଭୋଟ ଦେବା ଭାରତର ପ୍ରତ୍ୟେକ ନାଗରିକଙ୍କର ଏକ ମୌଳିକ ଅଧିକାର। ଭାରତ ଏକ ଗଣତାନ୍ତ୍ରିକ ରାଷ୍ଟ୍ର ହୋଇଥିବାରୁ ପ୍ରତ୍ୟେକ ନାଗରିକ ଭୋଟ ଦେଇ ଲୋକ ପ୍ରତିନିଧି ବାଛିବା ବିଷୟ ଭାରତୀୟ ସମ୍ବିଧାନରେ ଉଲ୍ଲେଖ ରହିଛି। ଭାରତ ସ୍ୱାଧୀନତା ପ୍ରାପ୍ତିର ୭୧ବର୍ଷ ପରେ ପ୍ରଥମ ଥର ପାଇଁ ଭୋଟ ଦେଇଛନ୍ତି ହରିମରକା ଗ୍ରାମବାସୀ। ଛତିଶଗଡର ନାରାୟଣପୁର ଜିଲା ଅନ୍ତର୍ଗତ ଏହି ଗାଁ ଜିଲା ମୁଖ୍ୟାଳୟଠାରୁ ୨୭କିଲୋମିଟର ଦୂରରେ ଅବସ୍ଥିତ। ଏହା ଏକ ମାଓବାଦୀପ୍ରବଣ ତଥା ଅନୁନ୍ନତ ଅଞ୍ଚଳ। ଏହି ଲୋକମାନେ ଦୀର୍ଘବର୍ଷ ହେଲା ମତଦାନ କରିବାରୁ ବଞ୍ଚିତ ଥିଲେ। ଉକ୍ତ ମାଓବାଦୀପ୍ରବଣ ଅଞ୍ଚଳ କୁଣ୍ଡଲା ମତଦାନ କେନ୍ଦ୍ରରେ ହରିମରକା ଗ୍ରାମର ୪୪୦ ଭୋଟର ଚଳିତବର୍ଷ ପ୍ରଥମ ପର୍ଯ୍ୟାୟରେ ମତଦାନ କରିଛନ୍ତି। ଭୋଟର ତାଲିକାରେ ସେମାନଙ୍କ ନାମ ପଞ୍ଜୀକରଣ ପରେ ଗ୍ରାମବାସୀଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ପରିଲକ୍ଷିତ ହୋଇଛି। ମହିଳାମାନେ ନବଜାତକଙ୍କୁ କୋଳରେ ଧରି ଭୋଟ ଦେବାକୁ ଆସିଥିଲେ। ମାଓବାଦୀଙ୍କ ଧମକକୁ ଖାତିର ନ କରି ସେମାନେ ଜଙ୍ଗଲରେ ଚାଲିଚାଲି ମତଦାନ କେନ୍ଦ୍ରରେ ପହଞ୍ଚିଥିଲେ।

## ଚିରନ୍ତନୀ

କହେ ଡାକି ସେ ଶବଦ
''ଶୁଣ ଶୁଣ
ହେ ଜଗତବାସି!
''ଜୀବନ ବିଜୟ ଦୀପ
ଅସୀମ ଆକାଶେ ଜଳେ ଭାସି।
''ଧରାର ତିମିର ତଳେ
ଚଳୁ ଜୀବନର ମହାରଥ
''ଉଠ ବୀର! ଏ ଆଲୋକ
ରଚିଦେଉ ତୋର ଛାୟାପଥ।
(ମହାଦୀପ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ପୋଲିଂ ଗାଡ଼ି ଆଗରେ ଶୋଇବେ ଚାଷୀ

ମହାଶୟ,

ନବନିର୍ମାଣ କୃଷକ ସଙ୍ଗଠନର ଚେତାବନୀ- ପୋଲିଂ ଗାଡ଼ି ଆଗରେ ଶୋଇବେ ଚାଷୀ। ବାସ୍ତବରେ ଏମାନେ ଯଦି ଚାଷୀ, ଏମାନଙ୍କୁ ସମୟ କେଉଁଠୁ ମିଳୁଛି ପୋଲିଂ ଗାଡି ଆଗରେ ଶୋଇବାକୁ? ଯେତିକି ସୁବିଧା ସରକାରଙ୍କ ତରଫରୁ ଅଛି ତାହା ସେମାନଙ୍କ ପାଖରେ ପହଞ୍ଚୁ ନାହିଁ। ମୁଁ ୧୬ ବର୍ଷ ଧରି ଚାଷ କରୁଛି। ପ୍ରାୟ ପ୍ରତିବର୍ଷ ୫୦ କୁଇଣ୍ଟାଲ ଧାନ ବିକୁଛି। କିନ୍ତୁ ମଣ୍ଡିରେ ଦେଉନାହିଁ, କାରଣ ୨ ବର୍ଷ ତଳେ ମଣ୍ଡିରେ ପଞ୍ଜୀକରଣ କଲି ଏପ୍ରିଲ ମାସରେ ୧୩ କୁଇଣ୍ଟାଲ ଧାନ ଦେବାକୁ। ମୋର ତ ଡିସେମ୍ବର ମାସରେ ଟଙ୍କା ଦରକାର। ଏଥରକ ୫୦ କୁଇଣ୍ଟାଲ ଧାନ କିଗ୍ରା ୧୫ ଟଙ୍କାରେ ବିକ୍ରି କଲି। ପାଣି ପଞ୍ଚାୟତ ଏକ ପ୍ରହସନ। କାଡ଼ା ଆଉ ନାହିଁ। ଚାଷଜମିକୁ ଯିବାକୁ ରାସ୍ତା ନାହିଁ। ଏବେ ଜଳସ୍ତର କମି ଗଲାଣି। ସବ୍‌ମର୍ସିବଲ ପମ୍ପ ଦରକାର ହେଉଛି। ଏ ଅଞ୍ଚଳରେ ଯଦି ଉଠା ଜଳସେଚନ ଥାନ୍ତା ମୁଗ ଭଲ ହୋଇଥାନ୍ତା। ଏହା ପ୍ରତି ଦୃଷ୍ଟି ନ ଦେଇ ଯେଉଁମାନେ ଚାଷର ଧାର ଧାରନ୍ତି ନାହିଁ ସେମାନେ ଚାଷୀ ନେତା, ଚାଷୀ ନୁହନ୍ତି।


ଅଦ୍ୱୈତ ପ୍ରସାଦ ବେହେରା, ଅରଣା, ଗଡ଼ମା, ଜଗତ୍‌ସିଂହପୁର

### ହରିଶ୍ଚନ୍ଦ୍ର ଯୋଜନା ଟଙ୍କା ମିଳିବାରେ ବିଳମ୍ବ

ଲୋକଟି ମରିଯିବା ପରେ ତା'ର ଶବ ସତ୍କାର ପାଇଁ ଯେଉଁ ଅର୍ଥ ଦିଆଯାଏ, ତାହା ହେଉଛି ହରିଶ୍ଚନ୍ଦ୍ର ଯୋଜନା। ଶ୍ରୀରାମଚନ୍ଦ୍ରପୁର ଗ୍ରାମର ସୁରେଶ ପାଣି ଆଜକୁ ଚାରିମାସ ହେବ ଆରପାରିକୁ ଚାଲିଗଲେଣି। ଦୁଃଖର କଥା, ତାଙ୍କ ମୃତ୍ୟୁ ଦିନ ଏହି ଯୋଜନା ଅର୍ଥ ମିଳି ନ ଥିଲା। ମରିବାର ଚାରିମାସ ପରେ ମଧ୍ୟ ମିଳିନାହିଁ। ସ୍ଥାନୀୟ ସରପଞ୍ଚ କହୁଛନ୍ତି, ତାଙ୍କର ଅର୍ଥ ସରକାରଙ୍କ ତରଫରୁ ଆଜିପର୍ଯ୍ୟନ୍ତ ଆସିନି। କେବେ ଆସିବ ଠିକ୍ କିଛି କହୁନାହାନ୍ତି। ଏହା ଅତୀବ ଦୁଃଖର ବିଷୟ। ଏହି ଯୋଜନା ଅର୍ଥ ସମସ୍ତଙ୍କୁ ମିଳୁଥିବା ବେଳେ ପାଣି ଏଥିରୁ କାହିଁକି ବଞ୍ଚିତ ହେବେ? ଏହି ଟଙ୍କାକୁ ଆଉ କେହି ହଡ଼ପ କରିନାହିଁ ତ? ଶୀଘ୍ର ଯୋଜନାର ଅର୍ଥ ତାଙ୍କୁ ଦିଆଯାଉ।

ରଞ୍ଜନ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)




## ସଂକ୍ଷେପରେ

### ପୂର୍ବାପେକ୍ଷା ଭଲ ପ୍ରଦର୍ଶନ ନେଇ ମୁଖ୍ୟମନ୍ତ୍ରୀ ଆଶାବାଦୀ

ମତଦାତାଙ୍କୁ ଦେଲେ ଧନ୍ୟବାଦ

**ଭୁବନେଶ୍ୱର, ୧୧।୪(ବ୍ୟୁରୋ):** ବିଜୁ ଜନତା ଦଳ ୨୦୧୪ ନିର୍ବାଚନ ଅପେକ୍ଷା ଭଲ ପ୍ରଦର୍ଶନ କରିବ। ରାଜ୍ୟରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ସରିବା ପରେ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ଏହି ମନ୍ତବ୍ୟ ଦେଇଛନ୍ତି। ସେହିପରି ରାଜ୍ୟରେ ହୋଇଥିବା ପ୍ରଥମ ପର୍ଯ୍ୟାୟ ଭୋଟ୍‌ରେ ବହୁ ସଂଖ୍ୟାରେ ଭୋଟର ମତଦାନ କରିଥିବାରୁ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ କୃତଜ୍ଞତା ଜଣାଇଛନ୍ତି। ୨୦୧୪ରେ ବିଜେଡି ୨୦ ଲୋକ ସଭା ଏବଂ ୧୧୭ ବିଧାନସଭା ନିର୍ବାଚନମଣ୍ଡଳୀରେ ବିଜୟୀ ହୋଇଥିଲା।

### ଭୋଟ ବର୍ଜନ ପାଇଁ ଆହ୍ୱାନ

ନୃସିଂହନାଥରେ ମାଓବାଦୀ ବ୍ୟାନର

**ପାଇକମାଳ,୧୧।୪(ଡି.ଏନ.ଏ):** ବରଗଡ଼ ଜିଲା ପାଇକମାଳ ଅଞ୍ଚଳରେ ମାଓବାଦୀମାନେ ଏବେ ସକ୍ରିୟ ହୋଇଛନ୍ତି। ସେମାନେ ବୁଧବାର ରାତିରେ ନୃସିଂହନାଥର ବିନ୍ଧ୍ୟବାସିନୀ ଡାକବଙ୍ଗଳା ସମ୍ମୁଖରେ ବ୍ୟାନର ଓ ପୋଷ୍ଟର ଲଗାଇ ସାଧାରଣ ନିର୍ବାଚନ ବର୍ଜନ କରିବା ପାଇଁ ଆହ୍ୱାନ ଦେଇଛନ୍ତି । ଉକ୍ତ ବ୍ୟାନରରେ କଂଗ୍ରେସ, ବିଜେଡି, ଭାଜପା ପ୍ରାର୍ଥୀ ଗାଁକୁ ଆସିଲେ ତଡି ଦେବା ସହ ଭୋଟ ବର୍ଜନ କରିବାକୁ ଆହ୍ୱାନ ଦିଆଯାଇଛି। ବ୍ୟାନର ତଳେ ବିବିଏମ ମାଓବାଦୀ ଡିଭିଜନ କମିଟି ଭାକପା ମାଓବାଦୀ ବୋଲି ଉଲ୍ଲେଖ ରହିଛି । ଗୁରୁବାର ସକାଳେ ଖବର ପାଇ ପାଇକମାଳ ପୋଲିସ ଘଟଣାସ୍ଥଳକୁ ଯାଇ ମାଓବାଦୀ ବ୍ୟାନର ଓ ପୋଷ୍ଟର ଜବତ କରିଛି । ଏ ସମ୍ପର୍କରେ ପାଇକମାଳ ଆଇଆଇସି ବିଶ୍ୱଜିତ ମନବୋଧଙ୍କୁ ପଚାରିବାରୁ କହିଲେ, ମାଓବାଦୀମାନେ ବ୍ୟାନର ଲଗାଇବା ପରେ ଘଟଣାର ତଦନ୍ତ ଚାଲିଛି । ଏହାସହ ଜଙ୍ଗଲ ଅଞ୍ଚଳରେ କୋମ୍ବିଂକୁ ଜୋରଦାର କରାଯାଇଛି ବୋଲି ସେ କହିଥିଲେ । ଗତ କିଛିଦିନ ତଳେ ମାଓବାଦୀମାନେ ଛତିଶଗଡ଼ରେ ଲ୍ୟାଣ୍ଡମାଇନ ବିସ୍ଫୋରଣ କରି ଗୋଟିଏ ଗାଡି ଉଡାଇ ଦେଇଥିଲେ। ଏଥିରେ ଛତିଶଗଡ଼ର ଜଣେ ଭାଜପା ବିଧାୟକଙ୍କ ସମେତ ୫ଜଣ ମୃତ୍ୟବରଣ କରିଥିଲେ। ଏହାପରେ ସେଠାରେ କୋମ୍ବିଂ ଅପରେଶନକୁ ଜୋରଦାର କରାଯିବାରୁ ମାଓବାଦୀମାନେ ଗନ୍ଧମାର୍ଦ୍ଦନ ଜଙ୍ଗଲକୁ ପଳାଇ ଆସିଥିବା ଜଣାପଡିଛି ।

ଭୋଟ ଦେଲେ ଅଙ୍ଗୁଳି କାଟି ଦେବାକୁ ଚେତାବନୀ

### କାଠଫେର, ପାଟଦର୍ହାବାସୀ ଭୋଟ ଦେଲେନି

**ନୂଆପଡ଼ା ଅଫିସ,୧୧।୪:** ନୂଆପଡ଼ା ଜିଲା ସଦର ମହକୁମାଠାରୁ ୧୨୦ କି.ମି. ଦୂର ବୋଡେନ ଥାନା ଅନ୍ତର୍ଗତ ମାଓବାଦୀଙ୍କ ଗଡ କୁହାଯାଉଥିବା କାଠଫେର (ବୁଥ ନମ୍ବର ୧୧୭) ଓ ପାଟଦର୍ହା (୨୮)ବାସୀ ମାଓବାଦୀଙ୍କ ଭୟ ଯୋଗୁ ମତଦାନରୁ ବିରତ ହୋଇଛନ୍ତି। ଶେଷରେ ସ୍ୱତନ୍ତ୍ର କର୍ଡନରେ ଯାଇଥିବା ପୋଲିଂ ପାର୍ଟି ଖାଲି ହାତରେ ଫେରିଆସିଛନ୍ତି । ମିଳିଥିବା ସୂଚନା ଅନୁଯାୟୀ, ବୋଡେନ ଥାନା କାଠଫେର ଏବଂ ପାଟଦର୍ହାରେ ଭୋଟ ବର୍ଜନ କରିବାକୁ ମାଓବାଦୀମାନେ ଗ୍ରାମବାସୀଙ୍କୁ ଚେତାବନୀ ଦେଇଥିଲେ । ଏପରିକି ଯେଉଁମାନେ ଭୋଟ ଦେବେ ତାଙ୍କର ଅଙ୍ଗୁଳି କଟାଯିବ ବୋଲି ଚେତାବନୀ ଦିଆଯାଇଥିଲା। ଏହାକୁ ଦୃଷ୍ଟିରେ ରଖି ଜିଲା ପୋଲିସ ସେହି ଅଞ୍ଚଳ ଉପରେ କଡ଼ା ନଜର ରଖିଥିଲା । ବୁଧବାର ଜିଲାର ସମସ୍ତ ପୋଲିଂ ପାର୍ଟି ବୁଥକୁ ଯାଇଥିଲେ ମଧ୍ୟ ଉପରୋକ୍ତ ୨ ପୋଲିଂ ପାର୍ଟିକୁ ଗୁରୁବାର ସକାଳେ ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥାରେ ବୁଥ୍‌କୁ ନିଆଯାଇଥିଲା। ହେଲିକପ୍ଟର ଲ୍ୟାଣ୍ଡିଂ କରିବା ସୁବିଧା ନ ଥିବାରୁ ପୋଲିଂ ଟିମ୍ ଚାଲି ଚାଲି ଯାଇଥିଲେ। ହେଲେ କେହି ଜଣେ ବି ଭୋଟ ଦେବାକୁ ଆସି ନ ଥିଲେ ।

# ରାଜ୍ୟରେ ପ୍ରତିଷ୍ଠା ହେବ ହାଫ୍ ୱେ ହୋମ୍

## ■ ମାନସିକ ରୋଗୀଙ୍କ ପାଇଁ ନୂଆ ବ୍ୟବସ୍ଥା

**କଟକ ଅଫିସ, ୧୧।୪**

ରାଜ୍ୟର ୩ଟି ମେଡିକାଲ କଲେଜ (ଏସ୍‌ସିବି, ବୁର୍ଲା ଓ ବ୍ରହ୍ମପୁର) ଅଧୀନରେ ପ୍ରତିଷ୍ଠା କରାଯିବ ହାଫ୍ ୱେ ହୋମ୍। ଏସ୍‌ସିବି ଅଧୀନରେ ଦୁଇଟି, ବ୍ରହ୍ମପୁର ଓ ବୁର୍ଲା ଅଧୀନରେ ଗୋଟିଏ ଲେଖାଏ ଏହି ହୋମ୍ ପ୍ରତିଷ୍ଠା କରାଯିବ। ଜଣେ ମାନସିକ ରୋଗୀ ମେଡିକାଲରେ ଚିକିତ୍ସିତ ହୋଇ ଅଧାଅଧି ଆରୋଗ୍ୟ ହେବା ପରେ ତାଙ୍କୁ ଏହି ହାଫ ୱେ ହୋମ୍‌କୁ ପଠାଯିବ। ସେଠାରେ ରୋଗୀଙ୍କ ସହିତ ସେମାନଙ୍କ ପରିବାରବର୍ଗଙ୍କୁ କାଉନସେଲିଂ କରାଯିବ। ରୋଗୀଙ୍କ ରୋଗ କ'ଣ, ଏହି ରୋଗୀଙ୍କ ସହିତ ପରିବାର ଏବଂ ସାହିପଡ଼ିଶାଙ୍କ ବ୍ୟବହାର କିଭଳି ହେବା ଉଚିତ, ରୋଗୀଙ୍କୁ କେବଳ ଔଷଧ ନୁହେଁ ତାଙ୍କ ସହିତ ସାମାଜିକ ବ୍ୟବହାର ମଧ୍ୟ ଏକାନ୍ତ ଆବଶ୍ୟକ ବୋଲି କାଉନସେଲିଂରେ କୁହାଯିବ। ଏସ୍‌ସିବି ମାନସିକ ରୋଗ ପ୍ରତିଷ୍ଠାନ ପକ୍ଷରୁ ରାଜ୍ୟ ସରକାରଙ୍କୁ ଏହିଭଳି ପ୍ରସ୍ତାବ ଦିଆଯାଇଛି। ଖୁବ୍‌ଶୀଘ୍ର ଏହା କାର୍ଯ୍ୟକାରୀ ହେବ ବୋଲି ପ୍ରତିଷ୍ଠାନର ନିର୍ଦ୍ଦେଶକ ପ୍ରଫେସର ଡା. ସାରଦା ପ୍ରସନ୍ନ ସ୍ୱାଇଁ କହିଛନ୍ତି। ଡା. ସ୍ୱାଇଁଙ୍କ ମତରେ ଜଣେ ମାନସିକ ରୋଗୀଙ୍କୁ ୧୫ରୁ ୨୦ ଦିନ ମେଡିକାଲରେ ଚିକିତ୍ସା କରାଯିବା ପରେ ଯଦି ରୋଗୀ ଜଣକ ଆରୋଗ୍ୟ ଲାଭ କରୁଥିବା ଦେଖାଯାଏ ତେବେ ତାଙ୍କୁ ମେଡିକାଲରେ ଅଧିକ ଦିନ ନ ରଖିବା ପାଇଁ ଏଭଳି ବ୍ୟବସ୍ଥା କରାଯାଉଛି। ମେଡିକାଲରେ ୧୫ରୁ ୨୦ ଦିନ ଓ ହାଫ୍ ୱେ ହୋମରେ ୧୫ରୁ ୨୦ ଦିନ ରହିବା ପରେ ରୋଗୀ ଜଣକ ସମ୍ପୂର୍ଣ୍ଣ ଭାବେ ମାନସିକ ସ୍ତରରେ ସୁସ୍ଥତା ଫେରି ପାଇବା ପାଇଁ ବ୍ୟବସ୍ଥା କରାଯିବ। ଉକ୍ତ ହାଫ୍ ୱେ ହୋମକୁ ଦୈନିକ ମେଡିକାଲରୁ ଡାକ୍ତରମାନେ ପରିଦର୍ଶନରେ ଯିବାର ବ୍ୟବସ୍ଥା କରାଯିବାକୁ ପ୍ରସ୍ତାବରେ କୁହାଯାଇଛି। ଏହାବାଦ ଜିଲାସ୍ତରରେ ଅସହାୟ ଓ ଅପରିଚିତ ରୋଗୀମାନଙ୍କ ପାଇଁ ଥଇଥାନ କେନ୍ଦ୍ର ନିର୍ମାଣ କରାଯିବାକୁ ସୁପ୍ରିମକୋର୍ଟଙ୍କ ଆଦେଶ ରହିଛି। ତେଣୁ ଅସହାୟ ଓ ଅପରିଚିତ ରୋଗୀମାନେ ସରକାରଙ୍କ ତତ୍ତ୍ୱାବଧାନରେ ଉକ୍ତ ଥଇଥାନ କେନ୍ଦ୍ରରେ ରଖାଯିବ। ଗୁରୁବାର ଏସ୍‌ସିବି ମାନସିକ ସ୍ୱାସ୍ଥ୍ୟ ପ୍ରତିଷ୍ଠାନରୁ ୭ ଜଣ ଅସହାୟ ମାନସିକ ରୋଗୀଙ୍କୁ ଡେଲାଙ୍ଗଠାରେ ଥିବା ଏକ ସାମାଜିକ ଅନୁଷ୍ଠାନରେ ଥଇଥାନ କରାଯାଇଛି। ଏହି ଅସହାୟ ରୋଗୀମାନେ ଏସ୍‌ସିବିରେ ୨ରୁ ୪ ବର୍ଷ ଧରି ରହିଥିଲେ। ଆରୋଗ୍ୟ ଲାଭ କରିବା ପରେ ମଧ୍ୟ ଯେହେତୁ ଏମାନଙ୍କର କୌଣସି ଘର ଠିକଣା ନ ଥିଲା ତେଣୁ ଏମାନେ ଏକପ୍ରକାର ମାନସିକ ରୋଗ ବିଭାଗରେ ଅନ୍ତେବାସୀ ପାଲଟିଥିଲେ। ଏପ୍ରିଲ ସୁଦ୍ଧା ମାନସିକ ରୋଗ ଚିକିତ୍ସା ପ୍ରତିଷ୍ଠାନକୁ ଡେଷ୍ଟିଚ୍ୟୁଟ ଫ୍ରି କରାଯିବ ବୋଲି ପ୍ରଫେସର ସ୍ୱାଇଁ କହିଛନ୍ତି। ଇତିମଧ୍ୟରେ ଗତବର୍ଷ ଅକ୍ଟୋବରରୁ ଅଦ୍ୟାବଧି ମାନସିକ ରୋଗ ଚିକିତ୍ସା ପ୍ରତିଷ୍ଠାନରୁ ୫୦ ଜଣ ଅସହାୟ ରୋଗୀଙ୍କୁ ବିଭିନ୍ନ ସାମାଜିକ ପ୍ରତିଷ୍ଠାନରେ ଥଇଥାନ କରାଯାଇଛି। ୫୦ ଜଣ ରୋଗୀ ଯିବା ପରେ ମାନସିକ ରୋଗ ଚିକିତ୍ସା ପ୍ରତିଷ୍ଠାନରେ ଆହୁରି ୪୦ ଜଣ ଅସହାୟ ରୋଗୀ ରହିଛନ୍ତି। ଏପ୍ରିଲ ଶେଷ ସୁଦ୍ଧା ଏହି ୪୦ ଜଣଙ୍କୁ ବିଭିନ୍ନ ସାମାଜିକ ଅନୁଷ୍ଠାନରେ ଥଇଥାନ କରାଯିବାକୁ ବ୍ୟବସ୍ଥା କରାଯାଉଥିବା ପ୍ରଫେସର ସ୍ୱାଇଁ କହିଛନ୍ତି। ଏହାପରେ ମାନସିକ ରୋଗ ଚିକିତ୍ସା ପ୍ରତିଷ୍ଠାନରେ ୧୦ ବେଡ୍ ବିଶିଷ୍ଟ ଏକ ଡେଷ୍ଟିଚ୍ୟୁଟ୍ ୱାର୍ଡ ଖୋଲାଯିବ। ଡେଷ୍ଟିଚ୍ୟୁଟ୍ ରୋଗୀମାନେ ମେଡିକାଲକୁ ଆସିବା ପରେ ଏହି ୱାର୍ଡରେ ଚିକିତ୍ସିତ ହେବେ। ସେମାନେ ଆରୋଗ୍ୟ ଲାଭ କରିବା ପରେ ସେମାନଙ୍କୁ ତୁରନ୍ତ ଥଇଥାନ କରିବା ପାଇଁ ବ୍ୟବସ୍ଥା କରାଯିବ ବୋଲି ପ୍ରଫେସର ସ୍ୱାଇଁ କହିଛନ୍ତି।

## ପାୱାରଙ୍କ ପରାମର୍ଶ ଲୋଡ଼ିଲେ ଉର୍ମିଳା



ମୁମ୍ବାଇ: ଆଗକୁ ମୁମ୍ବାଇରେ ଲୋକ ସଭା ନିର୍ବାଚନ ହେବାକୁ ଥିବାବେଳେ ଅଭିନେତ୍ରୀରୁ ରାଜନେତ୍ରୀ ପାଲଟିଥିବା ଉର୍ମିଳା ମାତୋଣ୍ଡକର ଗୁରୁବାର ଏନ୍‌ସିପି ମୁଖ୍ୟ ଶରଦ ପାୱାରଙ୍କୁ ତାଙ୍କ ବାସଭବନରେ ଭେଟି ବିଭିନ୍ନ ପ୍ରସଙ୍ଗରେ ପରାମର୍ଶ ଲୋଡିଛନ୍ତି। ମାତୋଣ୍ଡକର କଂଗ୍ରେସ ପ୍ରାର୍ଥୀ ଭାବେ ମୁମ୍ବାଇ-ଉତ୍ତର ଲୋକ ସଭା ନିର୍ବାଚନମଣ୍ଡଳୀରୁ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ସେ ପ୍ରାୟ ଅଧଘଣ୍ଟାଏ ଧରି ପାୱାରଙ୍କ ସହିତ ବର୍ତ୍ତମାନର ରାଜନୈତିକ ପରିସ୍ଥିତି ଉପରେ ଆଲୋଚନା କରିଥିଲେ। ପାୱାରଙ୍କ ଭଳି ବିଶିଷ୍ଟ ରାଜନୀତିଜ୍ଞ ତଥା ମରାଠାର ଜଣେ ଦକ୍ଷ ମାର୍ଗଦର୍ଶକଙ୍କ ପରାମର୍ଶ ତାଙ୍କୁ ବିଜୟୀ କରିପାରିବ ବୋଲି ମାତୋଣ୍ଡକରଙ୍କ ଆତ୍ମବିଶ୍ୱାସ ରହିଛି। ପାୱାରଙ୍କ ସହିତ ସାକ୍ଷାତ ଆଲୋଚନା ପରେ ମାତୋଣ୍ଡକର ଟୁଇଟ୍ କରିଛନ୍ତି। ଜଣେ ଗୁରୁପ୍ରତିମ, ଉତ୍ତୁଙ୍ଗ ବ୍ୟକ୍ତିତ୍ୱ ସମ୍ମାନନୀୟ ପାୱାର ସାହେବଙ୍କ ମାର୍ଗଦର୍ଶନ ବିଜୟପଥରେ ଆଗୁସାର କରାଇବ। ରାଜନୈତିକ ରଣାଙ୍ଗନରେ ପାୱାର ପ୍ରୋତ୍ସାହିତ କରିଥିବାରୁ ମାତୋଣ୍ଡକର ତାଙ୍କୁ ଧନ୍ୟବାଦ ଦେଇଥିଲେ।

ବଲିଉଡ୍ ଅଭିନେତ୍ରୀ ଉର୍ମିଳା ମାତୋଣ୍ଡକର ମୁମ୍ବାଇ-ଉତ୍ତର ଲୋକ ସଭା ଆସନରୁ ପ୍ରାର୍ଥୀ ହୋଇଥିବା ବେଳେ ତାଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି ଭାଜପାର ବର୍ତ୍ତମାନର ସାଂସଦ ଗୋପାଲ ଶେଟ୍ଟୀ। ସେ ୨୦୧୪ ଲୋକ ସଭା ନିର୍ବାଚନରେ କଂଗ୍ରେସର ସଞ୍ଜୟ ନିରୁପମଙ୍କୁ ହରାଇ ଦେଇଥିଲେ।

ମୁମ୍ବାଇର ୬ ଲୋକ ସଭା ଆସନ ପାଇଁ ଏପ୍ରିଲ ୨୯ରେ ଚତୁର୍ଥ ପର୍ଯ୍ୟାୟରେ ନିର୍ବାଚନ ହେବ। ନିର୍ବାଚନରେ ଆସନ ବଣ୍ଟନ ବୁଝାମଣା ଦୃଷ୍ଟିରୁ କଂଗ୍ରେସ ମୁମ୍ବାଇର ୫ ଲୋକ ସଭା ଆସନରେ ପ୍ରାର୍ଥୀ ଦେଇଥିବା ବେଳେ ଏନ୍‌ସିପି ମାତ୍ର ଗୋଟିଏ ଆସନରେ ପ୍ରାର୍ଥୀ ଠିଆ କରାଇଛି।

## ଭୋଟିଂ ବେଳେ ଶାସକ ଦଳର ଗୁଣ୍ଡାଗିରି: ଭାଜପା

**ଭୁବନେଶ୍ୱର, ୧୧।୪(ବ୍ୟୁରୋ)**

ରାଜ୍ୟର ୨୧ ଲୋକ ସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ୧୪୭ ବିଧାନସଭା କ୍ଷେତ୍ରରେ ରହିଥିବା ସମ୍ବେଦନଶୀଳ ବୁଥ୍‌ର ତାଲିକା ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭାଜପା ଦେଇଥିଲା। ସେହି ବୁଥ୍ ଗୁଡିକରେ ବିଜେଡି ନେତା ଓ କର୍ମୀମାନେ ସାଧାରଣ ଭୋଟରମାନଙ୍କୁ ଡରାଇ ଧମକାଇ ଭୋଟ ପ୍ରକ୍ରିୟାକୁ ପ୍ରଭାବିତ କରିବାର ଆଶଙ୍କା ରହିଥିବା ଭାଜପା ଆଗରୁ କହି ଆସୁଥିଲା। ହେଲେ ମୁଖ୍ୟ ନିର୍ବାଚନ ଅଧିକାରୀ ସେହି ବୁଥ୍‌ରେ କେନ୍ଦ୍ରୀୟ ସାମରିକ ବଳ ମୁତୟନ କଲେନାହିଁ । ଫଳରେ ଶାସକ ଦଳ ଗୁଣ୍ଡାମାନେ କେତେଗୁଡିଏ ବୁଥ୍‌ରେ ରିଗିଂ କରିବା ସହ ଭାଜପା ପ୍ରାର୍ଥୀଙ୍କୁ ଆକ୍ରମଣ କରିଛନ୍ତି ବୋଲି ଦଳର ରାଜ୍ୟ ଉପସଭାପତି ସମୀର ମହାନ୍ତି ଅଭିଯୋଗ କରିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଗୁରୁବାର ଖବରଦାତା ସମ୍ମିଳନୀରେ ସମୀର କହିଛନ୍ତି, ଗଞ୍ଜାମ ଜିଲା ଚିକିଟିରେ ୪୭ଟି ସମ୍ବେଦନଶୀଳ ବୁଥ୍‌କୁ ସୁରକ୍ଷା ଦେବା ପାଇଁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଦାବି କରିଥିଲୁ। ହେଲେ କେନ୍ଦ୍ରୀୟ ଅର୍ଦ୍ଧସାମରିକ ବାହିନୀଙ୍କୁ ମଧ୍ୟ ମୁତୟନ କରାଗଲା ନାହିଁ। ୧୮ଟି ବୁଥ୍‌ରେ ଭାଜପା ଏଜେଣ୍ଟମାନଙ୍କୁ ଭିତରକୁ ଛଡାଗଲା ନାହିଁ। ଚିକିଟି ବିଧାନସଭା ନିର୍ବାଚନମଣ୍ଡଳୀର ଭାଜପା ପ୍ରାର୍ଥୀ ମନୋରଞ୍ଜନ ଦ୍ୟାନ ସାମନ୍ତରାୟଙ୍କୁ ଝାଟିପଦରରେ ଯୁବ ବିଜେଡିର ଜଣେ ନେତା ଆକ୍ରମଣ କରିବା ସହ ଆହୁରି ଅନେକ ବୁଥରେ ହିଂସାତ୍ମକ କାର୍ଯ୍ୟକଳାପ କରିଛନ୍ତି। ଗୋଟିଏ ବୁଥ୍‌ରେ ୪୦ଜଣ ଭୋଟରଙ୍କୁ ନେଇ ବିଜେଡି ଜବରଦସ୍ତ ନିଜ ସପକ୍ଷରେ ଭୋଟ ଦେବାକୁ ଉଦ୍ୟମ କରି ସଫଳ ହୋଇଛି। ବୁଥ୍ ନମ୍ବର ୯୬, ୯୭ରେ ଭାଜପା ଭୋଟର ଏବଂ ଏଜେଣ୍ଟଙ୍କୁ ଭୋଟିଂ ରୁମରୁ ଖାଲି କରାଯାଇ ବିଜେଡି ୨ଘଣ୍ଟା ପାଇଁ ବୁଥ୍‌କୁ ଜବରଦଖଲ କରିଥିଲା। ସେହିପରି କୋରାପୁଟ ବିଧାନସଭା ନିର୍ବାଚନମଣ୍ଡଳୀର ୧୫୯ ନମ୍ବର ବୁଥ୍‌ରେ ଆମ ଏଜେଣ୍ଟଙ୍କୁ ସ୍କୁଲ୍ ଘରେ ତାଲା ପକାଇ ଦେଲେ ବୋଲି ସମୀର ଅଭିଯୋଗ କରିଛନ୍ତି। ଏହି ସମସ୍ତ ଘଟଣା ଉପରେ ଭାଜପାର ଏକ ପ୍ରତିନିଧି ଦଳ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଫେରାଦ ହେବା ସହ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଥିବା ସମୀର କହିଛନ୍ତି।

# ଭାଜପା ଆସିଲେ ନିଯୁକ୍ତିକୁ ଅଗ୍ରାଧିକାର- ଧର୍ମେନ୍ଦ୍ର




ସଂକଳ୍ପ ସମାବେଶରେ କେନ୍ଦ୍ରମନ୍ତ୍ରୀଙ୍କ ସହ ଅନ୍ୟମାନେ ।

**ଫିରିଙ୍ଗିଆ, ୧୧।୪**

ଭାଜପାକୁ ସରକାର କରିବାକୁ ଦିଅନ୍ତୁ। ରାଜ୍ୟରେ ଭାଜପା ସରକାର ଆସିଲେ ପ୍ରଥମେ ନିଯୁକ୍ତିକୁ ଅଗ୍ରାଧିକାର ଦିଆଯିବ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗୁରୁବାର କନ୍ଧମାଳ ଜିଲା ଫିରିଙ୍ଗିଆ ବ୍ଲକ ବାଲନ୍ଦାପଡାରେ କହିଛନ୍ତି। ବାଲନ୍ଦାପଡ଼ାରେ ଭାଜପାର ବିଜୟ ସଂକଳ୍ପ ସମାବେଶରେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ପ୍ରଧାନ ରାଜ୍ୟ ସରକାରଙ୍କୁ କଡ଼ା ସମାଲୋଚନା କରିଥିଲେ। ୧୯ ବର୍ଷ ଧରି ରାଜ୍ୟରେ ଗୋଟିଏ ସରକାର ଥିଲେ ବି କନ୍ଧମାଳ ଆଜି ବି ଅବହେଳିତ । ଦୀର୍ଘ ବର୍ଷର ଶାସନରେ ଯଦି କିଛି ଉନ୍ନତି ହେଲା ନାହିଁ, ଆଉ କେବେ ହେବ ବୋଲି ସେ ପ୍ରଶ୍ନ କରିଥିଲେ। ଭାଜପା ପ୍ରାର୍ଥୀମାନଙ୍କୁ ଜିତାଇଲେ ଜିଲାରେ ଲାଗି ରହିଥିବା ରାସ୍ତା ଘାଟ, ପାନୀୟ ଜଳ ସମସ୍ୟା, ଡାକ୍ତର, କଲେଜରେ ଅଧ୍ୟାପକ ପଦବୀ ପୂରଣ କରାଯିବ। ଜିଲାକୁ ରେଳ ଲାଇନ ସଂଯୋଗ କରାଯିବା ସହ ମେଡିକାଲ କଲେଜ ଖୋଲାଯିବ ବୋଲି ଉପସ୍ଥିତ ଜନସାଧାରଣଙ୍କୁ କେନ୍ଦ୍ରମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ । ପରେ ସେ କନ୍ଧମାଳ ଏମ୍‌ପି ପ୍ରାର୍ଥୀ ଖାରବେଳ ସ୍ୱାଇଁ, ଫୁଲବାଣୀ ବିଧାୟକ ପ୍ରାର୍ଥୀ ଦେବନାରାୟଣ ପ୍ରଧାନଙ୍କ ପାଇଁ ଭୋଟ ମାଗିଥିଲେ । ନିର୍ବାଚନୀ ସଭାରେ ଜିଲାର ଦଳୀୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ ।

# ନିରଞ୍ଜନ, ନରସିଂହ ଉଭୟ ଦାୟୀ

**ଭୁବନେଶ୍ୱର, ୧୧।୪(ବ୍ୟୁରୋ)**



ସୋନାଲି ସାହୁ

- କଂଗ୍ରେସ ଟିକେଟ ବଣ୍ଟନ କଳି ବଢ଼ିଲା
- ଦଳ ଛାଡ଼ିଲେ ସୋନାଲି ସାହୁ
- ଭାଜପାରେ ଯୋଗଦେବା ନେଇ ଚର୍ଚ୍ଚା

ନିର୍ବାଚନ ଯେତିକି ପାଖଉଛି କଂଗ୍ରେସରୁ ସେତିକି ଅଧିକ ନେତା ଦଳ ଛାଡିବାରେ ଲାଗିଛନ୍ତି। ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ ଚଳିତ ନିର୍ବାଚନରେ ଟଙ୍କା ନେଇ ଟିକେଟ ବିକ୍ରି କରିଥିବା ଦଳ ଛାଡିଥିବା ଏବଂ ପ୍ରାର୍ଥୀ ହେବା ପରେ ଟିକେଟ ଫେରାଇ ଦେଇଥିବା ନେତାମାନେ ଅଭିଯୋଗ କରିଥିଲେ। ଏପରି କି ନିରଞ୍ଜନ ଯେଉଁ ସୁମିତ୍ରା ଜେନାଙ୍କୁ ଦଳରେ ମହିଳା କଂଗ୍ରେସ ସଭାପତି କରିଥିଲେ, ସେ ମଧ୍ୟ ନିରଞ୍ଜନ ଓ ତାଙ୍କ ପୁଅଙ୍କ ବିରୋଧରେ ବହୁ ଗୁରୁତର ଅଭିଯୋଗ ଆଣି ଦଳ ଛାଡିଛନ୍ତି। ଏବେ ପୁଣି ଦଳରେ ଟିକେଟ ବିକ୍ରି ପ୍ରସଙ୍ଗରେ ନୂଆ ଟୁଇଷ୍ଟ ଆସିଛି। କେବଳ ନିରଞ୍ଜନ ନୁହନ୍ତି ଦଳର ଟିକେଟ ବଣ୍ଟନ ଅନିୟମିତତା ନେଇ ବିରୋଧୀ ଦଳ ନେତା ନରସିଂହ ମିଶ୍ର ମଧ୍ୟ ଦାୟୀ ବୋଲି ଅଭିଯୋଗ ଆସିଛି। ଗୁରୁବାର କଂଗ୍ରେସ ମୁଖପାତ୍ର ସୋନାଲି ସାହୁ ଦଳରୁ ଇସ୍ତଫା ଦେଇଛନ୍ତି। ଦଳ ଛାଡିବା ପରେ ସେ ମନଇଚ୍ଛା ପିସିସି ସଭାପତି ଓ ନରସିଂହଙ୍କୁ ସମାଲୋଚନା କରିଛନ୍ତି।

ସୋନାଲି କହିଛନ୍ତି ଯେ, ଦଳର ଅବସ୍ଥା କ'ଣ ସେ କଥା ଲୋକମାନଙ୍କୁ ଆଉ କହିବାର ଆବଶ୍ୟକତା ନାହିଁ। ମହିଳା କଂଗ୍ରେସ ସଭାପତି ପଦ ପାଇଁ ଆଶାୟୀ ଥିଲି। ହେଲେ ଦଳୀୟ ନେତୃବୃନ୍ଦ ତାଙ୍କୁ ଉପେକ୍ଷିତ କରିଥିଲେ। ନିରଞ୍ଜନବାବୁ ସଭାପତି ହେବା ନେଇ ଖବର ଆସିଥିଲା। ହେଲେ ପରେ ତାଙ୍କ ଛାୟା ସଭାପତି ଭାବେ ନବଜ୍ୟୋତି ପଟ୍ଟନାୟକ ବାହାରିଲେ। ଯାହାଙ୍କ କଥାରେ ଦଳ ଚାଲିଛି। ଯେଉଁମାନେ ତାଙ୍କ ପାଖରେ ଆଣ୍ଠୁ ଭାଙ୍ଗି ଠିଆ ହେଲେ ସେମାନଙ୍କୁ ସବୁ ଦଳୀୟ ସୁବିଧା ମିଳିଲା। ଯିଏ ସେଭଳି ନ କଲା ସିଏ ଉପେକ୍ଷିତ ହେଲା। ଟିକେଟ ବଣ୍ଟନ ଅନିୟମିତତା ନେଇ ସମସ୍ତେ କେବଳ ନିରଞ୍ଜନ ପଟ୍ଟନାୟକଙ୍କୁ ଦୋଷ ଦେଉଛନ୍ତି। ହେଲେ ଆଉ ଜଣେ ଭିତରେ ରହି ସବୁ କରି ଖସିଯାଉଛନ୍ତି। ନରସିଂହ ମିଶ୍ର ଓ ପିସିସି ସଭାପତି ଉଭୟେ ପିଇସି ଏବଂ ସିଇସି ଗଲେ। ଏହାପରେ ଉଭୟେ ନିଜ ପୁଅ ଓ ଅନୁଗତଙ୍କୁ ଟିକେଟ ବାଣ୍ଟିଲେ। ନିରଞ୍ଜନବାବୁ ଓ ତାଙ୍କ ପୁଅ ମିଶିକି ଦଳର ୩ଟି ଟିକେଟ ନେଇଗଲେ। ନରସିଂହବାବୁ ତାଙ୍କ ପୁଅ, ଭଣଜା ଏବଂ ମହାଶୟଙ୍କ ଚାକର ମିଶିକି ୪ଟି ଟିକେଟ ନେଇଛନ୍ତି। ଏହା କେଉଁ ଆଧାରରେ ହୋଇଛି ତାହା ବଡ ପ୍ରଶ୍ନ। ଆମେ ଜାଣିଲୁ କଂଗ୍ରେସରେ ଗଣତନ୍ତ୍ର ନୁହେଁ ଲୋକତନ୍ତ୍ର ଚାଲିଛିବୋଲି ସୋନାଲି କହିଛନ୍ତି। ଆସନ୍ତା ଦିନେ ଦୁଇ ଦିନ ମଧ୍ୟରେ ସୋନାଲି ଭାଜପାରେ ଯୋଗଦେବେ ବୋଲି ଚର୍ଚ୍ଚା ଜୋର୍ ଧରିଛି।

# ଇନ୍ଧନ ସରିଯିବାରୁ ବିଲରେ ଓହ୍ଲାଇଲା ଭାଜପା ନେତାଙ୍କ ହେଲିକପ୍ଟର

## ■ ଖରାରେ ସିଝିଲେ ଶ୍ରୀତମ, ଲେଖାଶ୍ରୀ, ଦେବଗଡ଼ ରାଣୀ

**ବାମରା, ୧୧।୪ (ସ୍ୱ.ପ୍ର.)**

ସମ୍ବଲପୁର ଜିଲା ବାମରା ବ୍ଲକ କିନାବଗା ପଞ୍ଚାୟତ ଜରାବଗାର ଏକ ବିଲରେ ଗୁରୁବାର ଭାଜପା ନେତାଙ୍କୁ ନେଇ ଯାଉଥିବା ହେଲିପ୍ଟର ଜରୁରୀ ଅବତରଣ କରିଛି। ମନାପାଲିରେ ଆୟୋଜିତ ନିର୍ବାଚନୀ ସଭାରେ ଯୋଗଦେବା ପାଇଁ ଭାଜପା ରାଜ୍ୟ ସାଧାରଣ ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାର, ସିନେ ତାରକା ଶ୍ରୀତମ ଦାସ ଓ ସମ୍ବଲପୁର ଏମ୍‌ପି ପ୍ରାର୍ଥୀ ନିତେଶ ଗଙ୍ଗଦେବଙ୍କ ସ୍ତ୍ରୀ ରାଣୀ ଅରୁନ୍ଧତୀ ଦେବୀ ଆସୁଥିଲେ। ହେଲେ ଇନ୍ଧନ ସରିବା ପରେ ଏହି ସମସ୍ୟା ସୃଷ୍ଟି ହୋଇଥିଲା । ତେବେ ଇନ୍ଧନ ଭରିବା ପରେ ସେମାନେ ମନାପାଲି ନ ଯାଇ ଛେଣ୍ଡିପଦା ଅଭିମୁଖେ ବାହାରି ଯାଇଥିଲା। ଏଣୁ ମନାପାଲିରେ ଅପେକ୍ଷା କରିଥିବା ଲୋକଙ୍କୁ କୁଚିଣ୍ଡା ବିଧାନସଭା ପ୍ରାର୍ଥୀ ରବିନାରାୟଣ ନାୟକ, ପଦ୍ମଚରଣ ଗୁରୁ ଓ ବୃନ୍ଦାବନ ମାଝି କ୍ଷମା ମାଗିଥିବା ଜଣାପଡିଛି ।

ମିଳିଥିବା ସୂଚନା ଅନୁଯାୟୀ, ଲେଖାଶ୍ରୀ, ଶ୍ରୀତମ ଓ ରାଣୀ ଅରୁନ୍ଧତୀ ଭୁବନେଶ୍ୱରରୁ ହେଲିପ୍ଟରରେ ବାହାରି ନାକଟିଦେଉଳରେ ଏକ ନିର୍ବାଚନୀ ସଭାରେ ଯୋଗ ଦେଇଥିଲେ। ସେଠାରୁ ଗଡପୋଷ ନିକଟସ୍ଥ ମନାପାଲିଠାରେ ଆୟୋଜିତ ସଭାରେ ଯୋଗଦେବା ପାଇଁ ଆସୁଥିଲେ। ମାତ୍ର ହେଲିକପ୍ଟରଟି ମନାପାଲି ଯିବା ପରିବର୍ତ୍ତେ ଜରାବଗାରେ ନିର୍ମିତ ହୋଇଥିବା ବିଜେଡି ହେଲିପ୍ୟାଡ ଅଭିମୁଖେ ଯାଇଥିଲା । ସେଠାରେ କିନ୍ତୁ ବିଜେଡିର ସଭା ଚାଲିଥିବା ଦେଖି ହେଲିକପ୍ଟରଟି ୨୦୦ ମିଟର ଦୂର ଏକ ବିଲରେ ଅବତରଣ କରିଥିଲା। ହେଲିକପ୍ଟରରେ ବସିଥିବା ଶ୍ରୀତମ, ଲେଖାଶ୍ରୀ ଓ ରାଣୀ ଅରୁନ୍ଧତୀଙ୍କ ପାଖରେ ଅନ୍ୟ କୌଣସି ଉପାୟ ନ ଥିଲା । ଫଳରେ ବହୁ ସମୟ ଧରି ସମସ୍ତ ଖରାରେ ସିଝିଥିଲେ। ସେମାନଙ୍କୁ ଦେଖିବାକୁ ଲୋକଙ୍କ ଗହଳି ଜମିଥିଲା। ଏପରିକି ଗଣମାଧ୍ୟମ ପ୍ରତିନିଧି ବି ସେଠାରେ ପହଞ୍ଚି ଥିଲେ।

ଖବର ପାଇ କୁଚିଣ୍ଡା ଉପଖଣ୍ଡ ପୋଲିସ ଅଧିକାରୀ ରାଜକିଶୋର ମିଶ୍ର, ମହୁଲପାଲି ଥାନା ଅଧିକାରୀ ଜ୍ୟୋସ୍ନାରାଣୀ ବେହେରା ପହଞ୍ଚି ପରିସ୍ଥିତିକୁ ଆୟତ୍ତ କରିଥିଲେ । ଏହି ଖବର ପାଇବା ପରେ ମନାପାଲିଠାରୁ ଇନ୍ଧନ ପଠାଯାଇଥିଲା । ପ୍ରାୟ ୨ ଘଣ୍ଟା ପରେ ଇନ୍ଧନ ଭରିବା ପରେ ବିଳମ୍ବ ହୋଇ ଯାଇଥିବାରୁ ହେଲିକପ୍ଟରଟି ମନାପାଲି ନ ଯାଇ ଛେଣ୍ଡିପଦାରେ ଥିବା ଅନ୍ୟ ଏକ ସଭାରେ ଯୋଗଦେବା ପାଇଁ ଉଡାଣ ଆରମ୍ଭ କରିଥିଲା । ଏ ସମ୍ପର୍କରେ ପାଇଲଟ କହିଛନ୍ତି , ଜିପିଏସ ଠିକ୍ ଭାବେ କାମ କରୁ ନ ଥିବା କାରଣରୁ ସମସ୍ୟା ହୋଇଥିଲା। ପ୍ରକୃତ ଲୋକେଶନ ପରିବର୍ତ୍ତେ ଅନ୍ୟ ଲୋକେଶନକୁ ପହଞ୍ଚି ଯାଇଥିବା ଯୋଗୁ ଇନ୍ଧନ ଶେଷ ହୋଇଯାଇଥିଲା। ମନାପାଲିଠାରେ ଇନ୍ଧନ ଭରିବା ପାଇଁ ବ୍ୟବସ୍ଥା ହୋଇଥିଲା । ମାତ୍ର ଜରାବଗାରେ ଅବତରଣ ପରେ ଇନ୍ଧନ ଅଭାବ ଯୋଗୁ ମନାପାଲି ଯିବା ସମ୍ଭବ ହୋଇ ନ ଥିଲା।

# ମନେ ପଡ଼ନ୍ତି

## ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତା ସାବିତ୍ରୀ ମହାନ୍ତି**
ଗେଲୁଟୁଆ, ଭଦ୍ରକ
ଆବିର୍ଭାବ: ୨୮।୦୧।୧୯୪୮
ତିରୋଧାନ: ୦୨।୦୪।୨୦୧୯

ପରମ ପୂଜନୀୟା ବୋଉ, ଆପଣଙ୍କୁ କୋଟି କୋଟି ପ୍ରଣାମ। ଆପଣଙ୍କ ବଳିଷ୍ଠ ବ୍ୟକ୍ତିତ୍ୱ, ଅନାବିଳ ସ୍ନେହ, ନିଷ୍ପାପର କାର୍ଯ୍ୟ ନିପୁଣତା ଆମ ସମସ୍ତଙ୍କର ଜୀବନର ଧେୟ ହେଉ। ଆପଣଙ୍କ ପ୍ରଦତ୍ତ ଆଲୋକ ରୂପକ ଆଶୀର୍ବାଦରେ ଆଲୋକିତ ହେଉଥାଉ ଏ ପରିବାର। ଆପଣଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପାଖରେ ଆମ ସମସ୍ତଙ୍କର ବିନମ୍ର ନିବେଦନ। ଇତି ଆପଣଙ୍କର ଶୋକସନ୍ତପ୍ତ: ପରିବାରବର୍ଗ।

ଧ-୧୨୦୬୬

## ତୃତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ




**ସ୍ୱର୍ଗତା ମୀନାକ୍ଷୀ ମହାନ୍ତି**
ବେଣୁପୁର, ନୂଆପାଟଣା, ବାଲିଅନ୍ତା
ଆବିର୍ଭାବ: ୧୯୫୦
ତିରୋଧାନ: ୧୪।୦୪।୨୦୧୬
(ଚୈତ୍ର ଶୁକ୍ଳପକ୍ଷ ସପ୍ତମୀ ତିଥି)

ତୁମ ସ୍ନେହ, ସଦିଚ୍ଛା ଓ କଲ୍ୟାଣପ୍ରଦ ମନୋଭାବ ଅବିସ୍ମରଣୀୟ ଓ ଚିରଦିନ ସ୍ମୃତି ହୋଇ ରହିଥାଉ। ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ବିନମ୍ର ପ୍ରାର୍ଥନା କରୁଅଛୁ। ଶୋକସନ୍ତପ୍ତ: ସ୍ୱାମୀ ଗୋପୀନାଥ ମହାନ୍ତି ଓ ପରିବାରବର୍ଗ।

ଧ-୪୬୨୬୩

## ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ଅମୂଲ୍ୟ କୁମାର ମହାପାତ୍ର**
ଗୋବିନ୍ଦପ୍ରସାଦ, ଢେଙ୍କାନାଳ

ବିଗତ ବର୍ଷର ପ୍ରତି ମୁହୂର୍ତ୍ତରେ ଆମେ ଅନୁଭବ କରୁଛୁ ତୁମର ଅନୁପସ୍ଥିତି। ତୁମେ ଥିଲ ଆମ ପ୍ରେରଣାର ଉତ୍ସ। ତୁମର ପବିତ୍ର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ବିନମ୍ର ପ୍ରାର୍ଥନା। ଶୋକସନ୍ତପ୍ତ: ଝିଅ, ଜୋଇଁ ଓ ପରିବାରବର୍ଗ।

ଧ-୧୨୦୯୧

## ମନେପଡ଼ନ୍ତି



**ସ୍ୱର୍ଗତା ବାସନ୍ତି ଦାସ**
ବେଲଗଡିଆ (ବାରିପଦା) ମୟୁରଭଞ୍ଜ
ଆବିର୍ଭାବ: ୧୧।୧୧।୧୯୫୮
ତିରୋଧାନ: ୦୨।୦୪।୨୦୧୯

ବୋଉ ତୁ ଆମକୁ ହଠାତ ଛାଡିଗଲୁ। ଆମେ ବିଶ୍ୱାସ କରିହେଉ ନାହିଁ। ତୋ ପରୋପକାର, ସତ୍ୟନିଷ୍ଠା, ଧର୍ମପରାୟଣ ଓ ଆଦର୍ଶ ଆମର ପାଥେୟ ହେଉ। ତୁମର ଅମର ଆତ୍ମାର ସଦ୍‌ଗତି ପାଇଁ ପରମେଶ୍ୱରଙ୍କ ନିକଟରେ ପ୍ରାର୍ଥନା। ଶୋକସନ୍ତପ୍ତ: ସ୍ୱାମୀ-ଗୋକୁଳ, ପୁତ୍ର- ପପୁ, ବାପୁ ଏବଂ ଶରତ, କୃଷ୍ଣ, ଅଶୋକ, ବୁଦ୍ଧିଆ, ସନ୍ଧ୍ୟା, ସେବ, ଅଞ୍ଜନା, ରାନ୍ଟୁ, ସୁଖି, କୁନୀ, ନଖି, ଶାନ୍ତି, ଲିଲି, ଶ୍ୟାମସୁନ୍ଦର, ନଟ ସହିତ ନାତୁଣୀନାତି, ଭାଣିଜିଭଣଜା, ପୁତୁରାବୋହୂ ପୁତୁରା ଓ ବନ୍ଧୁବାନ୍ଧବ।

ଧ-୧୨୧୦୨

# ନିର୍ବାଚନ ଡ୍ୟୁଟିରେ ବସ୍: ଯାତ୍ରୀ ହଇରାଣ

**ବାଲିଗୁଡ଼ା,୧୧।୪(ଡି.ଏନ୍.ଏ.)**

ଲୋକ ସଭା ଓ ବିଧାନସଭା ନିର୍ବାଚନ ପ୍ରଥମଥର ପାଇଁ ଏକାସାଙ୍ଗରେ ହେଉଥିବାରୁ ପୋଲିଂ ଦଳକୁ ନେବା ଆଣିବା ପାଇଁ ଟ୍ରକ୍ ବଦଳରେ ଯାତ୍ରୀବାହୀ ବସ୍ ବ୍ୟବହାର କରାଯାଉଛି। କନ୍ଧମାଳ ଜିଲାରେ ଯାତ୍ରୀ ପରିବହନ କରୁଥିବା ପ୍ରାୟ ସମସ୍ତ ଘରୋଇ ଓ ସରକାରୀ ବସ୍ ନିର୍ବାଚନ ଡ୍ୟୁଟିରେ ଯାଇଥିବାରୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରିକି ଯାତ୍ରୀ ପରିବହନ କରୁଥିବା ଟାଟା ମ୍ୟାଜିକ୍ ଓ ଅଟୋ ରିକ୍ସାଗୁଡିକ ମଧ୍ୟ ନିର୍ବାଚନ କାର୍ଯ୍ୟ ପାଇଁ ନିଆଯାଇଛି। ଚଳିତ ମାସ ୬ରୁ ୧୮ ତାରିଖ ପର୍ଯ୍ୟନ୍ତ ସମସ୍ତ ଯାତ୍ରୀ ବାହୀ ବସ୍‌ଗୁଡିକୁ ନେଇ ଯାଇଛନ୍ତି। ଫଳରେ ବାଲିଗୁଡ଼ା ଠାରୁ ଫୁଲବାଣୀ, ଜି. ଉଦୟଗିରି, ରାଇକିଆ, କ.ନୂଆଗାଁ, ସିମନ୍‌ବାଡ଼ି, ଦାରିଙ୍ଗବାଡ଼ି, ତୁମୁଡ଼ିବନ୍ଧ, କୋଟଗଡ଼, ବାରଖମା, ଲଣ୍ଡାଗାଁ ଭଳି ପ୍ରଭୃତି ଅଞ୍ଚଳକୁ ଯାତାୟାତ ପାଇଁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ୬ ତାରିଖଠାରୁ ପଡ଼ୋଶୀ କଳାହାଣ୍ଡି, କୋରାପୁଟ ଓ ଜୟପୁର ନିର୍ବାଚନ ମଣ୍ଡଳୀକୁ ଗାଡିଗୁଡିକ ଯାଇଛି, ସେଠାରୁ ଆସିବା ପରେ ପୁଣି ଦିନେ ଦୁଇଦିନ ରହି ୨ୟ ପର୍ଯ୍ୟାୟ ନିର୍ବାଚନ ଡ୍ୟୁଟିରେ ଯିବ ବୋଲି ପାଟଖଣ୍ଡା ଘରୋଇ ବସ୍ ମାଲିକ ସଂଘର ସମ୍ପାଦକ ରବିଚନ୍ଦ୍ର ପାତ୍ର କହିଛନ୍ତି। ଆର୍‌ଟିଓ ଗାଡି ମାଲିକମାନଙ୍କୁ ନିର୍ଦ୍ଦେଶ ଦେଇ ସବୁ ଗାଡ଼ି ନେଇ ଯାଉଛନ୍ତି। କିନ୍ତୁ କର୍ମଚାରୀମାନଙ୍କର ସୁବିଧା ଅସୁବିଧା ବୁଝୁ ନାହାନ୍ତି। ସରକାରୀ କର୍ମଚାରୀ ନିର୍ବାଚନ କାର୍ଯ୍ୟରେ ନିୟୋଜିତ ଥିଲେ ବାଲାଟ୍ ଭୋଟ ଦେଇ ପାରୁଛନ୍ତି। କିନ୍ତୁ ମୋଟର କର୍ମଚାରୀମାନେ ଭୋଟ ଦେବାରୁ ବଞ୍ଚିତ ହେଉଛନ୍ତି। ଏଣୁ ନିର୍ବାଚନ ସମୟରେ ନିୟୋଜିତ ସମସ୍ତ ଘରୋଇ ବସ୍ କର୍ମଚାରୀମାନଙ୍କୁ ମଧ୍ୟ ଏହି ସୁବିଧା ଦେବାକୁ ସଂଘ ଦାବି କରିଛି।

# ହିଞ୍ଜିଳିକାଟୁ ଅଞ୍ଚଳରେ ହାତୀ ଆତଙ୍କ

**ହିଞ୍ଜିଳିକାଟୁ,୧୧।୪(ଡି.ଏନ୍.ଏ.)**

ହିଞ୍ଜିଳିକାଟୁ ବ୍ଲକର ବଳରାମପୁର ଗ୍ରାମରେ ଗୁରୁବାର ହାତୀପଲ ପଶି ଯାଇଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି ହୋଇଛି। ବଳରାମପୁର ଗ୍ରାମ ନିକଟ ଖଇରବେଠି ପାହାଡ଼କୁ ୧୨ଟି ହାତୀ ଆସିଥିବା ଖବର ପାଇ ହିଞ୍ଜିଳିକାଟୁ ବନ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ଭୋରରେ ଏହି ହାତୀପଲ ବ୍ରହ୍ମପୁର ନିକଟ ଟାମଣା-ଜିଲିଗୁଡ଼ା ଜଙ୍ଗଲରୁ କୁକୁଡ଼ାଖଣ୍ଡି ବ୍ଲକର ବାଲିପଡ଼ା-କାଳୁଆ ରୋଡ଼ ଦେଇ ବଳରାମପୁର ଗ୍ରାମ ନିକଟ ଖଇରବେଠି ପାହାଡ଼ରେ ଥିବା ଜଣାପଡ଼ିଛି। ବ୍ରହ୍ମପୁର ବନାଞ୍ଚଳ ଅଧିକାରୀଙ୍କ ନେତୃତ୍ୱରେ ଫରେଷ୍ଟର ରାଜୀବ ଲୋଚନ ପାତ୍ର, ପ୍ରଦୀପ କୁମାର ପଣ୍ଡା, କମଳକାନ୍ତ ପାତ୍ରଙ୍କ ସହ ହିଞ୍ଜିଳିକାଟୁ ବନ ବିଭାଗର ବିଟ ହାଉସ କର୍ମଚାରୀ ଓ ପାରା ଫରେଷ୍ଟର କର୍ମଚାରୀ ହାତୀପଲକୁ ଜଙ୍ଗଲକୁ ଘଉଡ଼ାଇବାର ଉଦ୍ୟମ ଜାରି ରଖିଛନ୍ତି।



ଖଇରବେଠି ପାହାଡ଼ରେ ହାତୀପଲ।

# ଟ୍ରକ ଚାପାରେ ମହିଳା ମୃତ

**ବୁଗୁଡ଼ା,୧୧।୪(ଡି.ଏନ.ଏ.)**

ବୁଗୁଡ଼ା ଥାନା କରଚୁଲି ନିକଟସ୍ଥ ପାଣିଖିଆ ଶଙ୍ଖ ଡାଇଭର୍ସନ୍ ରାସ୍ତାରେ ଗୁରୁବାର ପ୍ରାୟ ୧୨ଟାରେ ଏକ ଟ୍ରକ ଚାପାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବୁଗୁଡ଼ା ଥାନା ଭଗବାନପୁର ଗ୍ରାମର ଭାଗ୍ୟଲତା ପ୍ରଧାନ (୪୫)। ଏ ନେଇ ବୁଗୁଡ଼ା ଥାନାରେ ନଂ. ୬୩/୧୯ରେ ମାମଲା ରୁଜୁ ହୋଇଛି। ପୋଲିସ ଟ୍ରକଟିକୁ ଜବତ କରି ଡ୍ରାଇଭରଙ୍କୁ ଅଟକ ରଖିବା ସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଭଞ୍ଜନଗର ପଠାଇଛି। ଭାଗ୍ୟଲତା ପୁଅ ଚିତ୍ରସେନଙ୍କ ବାଇକ୍‌ରେ ବସି କରଚୁଲି ଗ୍ରାମକୁ ଯାଉଥିଲେ। କରଚୁଲି ନିକଟସ୍ଥ ପାଣିଖିଆ ଶଙ୍ଖ ଡାଇଭର୍ସନ ରାସ୍ତାରେ ଭାଗ୍ୟଲତା ହଠାତ୍ ବାଇକ୍‌ରୁ ଖସି ପଡ଼ିଥିଲେ। ଏହି ସମୟରେ କରଚୁଲିରୁ ଆସୁଥିବା ଗୋଟିଏ ୭୦୯ ଟ୍ରକ ଭାଗ୍ୟଲତା ପ୍ରଧାନଙ୍କ ଉପରେ ମାଡ଼ି ଯାଇଥିଲା। ଖବର ପାଇ ପୋଲିସ ଅଗ୍ନିଶମ ବିଭାଗ କର୍ମଚାରୀମାନେ ପହଞ୍ଚି ଗୁରୁତର ଭାଗ୍ୟଲତାଙ୍କୁ ବୁଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ପ୍ରେମୀଯୁଗଳଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ଜଗନ୍ନାଥପ୍ରସାଦ, ୧୧।୪(ଡି.ଏନ୍.ଏ.)**

ଜଗନ୍ନାଥପ୍ରସାଦ ଥାନା ନୂଆକମସର ଗ୍ରାମ ନିକଟ କାଜୁ ଜଙ୍ଗଲରୁ ଗୁରୁବାର ସକାଳେ ପ୍ରେମୀ ଯୁଗଳଙ୍କ ମୃତଦେହ ଉଦ୍ଧାର କରିଛି ଜଗନ୍ନାଥପ୍ରସାଦ ପୋଲିସ। ମୃତକ ହେଲେ ଖଇରପଟି ଗ୍ରାମର ସରସ୍ୱତୀ ନାଇକ(୧୮) ଏବଂ ପୁଅଟିଅଲସୁ ଗ୍ରାମର ପୀତବାସ ନାଇକ(୨୧)। ନଂ.୩/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି।

ପ୍ରକାଶ ଯେ, ଗୁରୁବାର ସକାଳ ପ୍ରାୟ ୯ଟାରେ କାଜୁ ଜଙ୍ଗଲରେ ଜଣେ ଯୁବତୀ ଓ ଜଣେ ଯୁବକ ରଶି ଲଗାଇ ଆତ୍ମହତ୍ୟା କରିଥିବା ଜଗନ୍ନାଥପ୍ରସାଦ ଥାନାରେ ଖବର ପହଞ୍ଚିଥିଲା। ଆଇଆଇସି ଯୁବରାଜ ସ୍ୱାଇଁ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଆରମ୍ଭ କରିଥିଲେ। ମୃତ ସରସ୍ୱତୀ ଖଇରପଟି ଗ୍ରାମର ଓ ସେ ଅଲସୁ ଗ୍ରାମରେ ଭଉଣୀ ଘରକୁ ଆସି କିଛିଦିନ ହେବ ରହୁଥିଲେ। ସେଠାରୁ କିଛି ଦୂରରେ ପୀତବାସଙ୍କ ଘର। ସେମାନେ ପରସ୍ପରକୁ ଭଲ ପାଉଥିଲେ। ବୁଧବାର ଅପରାହ୍ନରୁ ଦୁହେଁ ଫେରି ନ ଥିବାବେଳେ ଗୁରୁବାର ସକାଳୁ ଅଞ୍ଚଳର କିଛି ଲୋକେ ଜଙ୍ଗଲ ପାଖ ନାଳକୁ ଶୌଚ ପାଇଁ ଯାଇଥିବାବେଳେ ଉଭୟଙ୍କ ମୃତଦେହ ଗଛରେ ଝୁଲୁଥିବା ଦେଖି ଥାନାକୁ ଜଣାଇଥିଲେ। ପ୍ରାଥମିକ ତଦନ୍ତରୁ ଏହା ପ୍ରେମଜନିତ ହତ୍ୟାକାଣ୍ଡ ବୋଲି ତଦନ୍ତକାରୀ ଅଫିସର ତଥା ଏସ୍‌ଆଇ ବାସୁଦେବ ଭୋଇ ସୂଚନା ଦେଇଛନ୍ତି।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଦଇବ କଲା !**
**ଟୋକୀ କରମକୁ ପାକୁଆ ବୁଢ଼ା ।**

ବିବାହ ବେଳେ ବର ଓ କନ୍ୟାଙ୍କ ବୟସ ଉପରେ ଅଧିକ ପ୍ରାଧାନ୍ୟ ଦିଆଯାଏ। ସେମାନଙ୍କ ମଧ୍ୟରେ ବୟସର ତାରତମ୍ୟ ଯେତେ କମ୍ ହୁଏ ଦାମ୍ପତ୍ୟ ଜୀବନ ସେତେ ସୁଖମୟ ହୋଇଥାଏ। ଏପରିସ୍ଥଳେ ବୟସ୍କ ବ୍ୟକ୍ତି ସହ ଯୁବତୀ କନ୍ୟାର ବିବାହ ସମାଜ ଆଖିରେ ସେତେଟା ଗ୍ରହଣୀୟ ହୋଇପାରି ନ ଥାଏ। ଫଳସ୍ୱରୂପ ବିଚାରୀ କନ୍ୟା ନିଜ ଭାଗ୍ୟକୁ ନିନ୍ଦିବା ଛଡ଼ା ଆଉ କିଛି ବାଟ ରହୁ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଦାନ୍ତ ଦାରୀ,**
**ପେଟ ଭଗାରି ।**

କଥାବାର୍ତ୍ତା କଲାବେଳେ ଦାନ୍ତ ଆଗ ବାହାରି ପଡ଼େ। ସମସ୍ତଙ୍କୁ ଦେଖି ଆଗ ହସିଦେବା ମଣିଷର ପ୍ରକୃତି। ସେହିପରି ଅଧିକ ଖାଇଲେ ରୋଗଗ୍ରସ୍ତ ହେବା ସମ୍ଭାବନା ରହିଥାଏ। ଭୋକ ହେଲେ ସ୍ଥାନ-କାଳ-ପାତ୍ର ନ ବିଚାରୀ ମଧ୍ୟ ଖାଇବାକୁ ପଡ଼ିଥାଏ। ଏପରିସ୍ଥଳେ ପେଟ ଭଗାରି ଭଳି ଦାଉସାଧିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ମୋ ଭୋଟ ମୋ ଅଧିକାର ସଚେତନତା

**ପାଟପୁର,୧୧।୪(ଡି.ଏନ.ଏ.):** ବିଶ୍ୱର ସର୍ବବୃହତ ଗଣତନ୍ତ୍ର ରାଷ୍ଟ୍ର ଆମ ଭାରତବର୍ଷର ଜାତୀୟତାକୁ ଶକ୍ତିଶାଳୀ ଓ ସୁଦୃଢ଼ କରିବା ପାଇଁ ଜଣେ ଦାୟିତ୍ୱବାନ ନାଗରିକ ଭାବେ ସମସ୍ତେ ଆସନ୍ତା ସାଧାରଣ ନିର୍ବାଚନରେ ନିଜର ମତାଧିକାର ସାବ୍ୟସ୍ତ କରିବା ପାଇଁ ସାନଖେମୁଣ୍ଡି ପ୍ରେସ୍ କ୍ଲବ ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ୧୯ ଆସିକା ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ସାନଖେମୁଣ୍ଡି ନିର୍ବାଚନ ମଣ୍ଡଳୀର ପାଟପୁର ଗାନ୍ଧୀ ଛକ ଠାରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ମୋ ଭୋଟ ମୋ ଅଧିକାର ଭାବେ ଗଣତନ୍ତ୍ରର ମହାପର୍ବ ନିର୍ବାଚନରେ ସକ୍ରିୟ ଅଂଶଗ୍ରହଣ ପାଇଁ ଆହ୍ୱାନ ଦିଆଯାଇଥିଲା। ଆସନ୍ତା ୧୮ ତାରିଖରେ ହେବାକୁ ଥିବା ନିର୍ବାଚନରେ ସମସ୍ତଙ୍କୁ ଭୋଟ ଅଧିକାର ସାବ୍ୟସ୍ତ କରିବା ପାଇଁ ନିବେଦନ କରାଯାଇଥିଲା। ପ୍ରେସ୍ କ୍ଲବ ସଭାପତି ପ୍ରଶାନ୍ତ କୁମାର ତ୍ରିପାଠୀ, ସମ୍ପାଦକ ବିନାୟକ ଦାସ, କୋଷାଧ୍ୟକ୍ଷ ନୃସିଂହ ପ୍ରସାଦ ପାଢ଼ୀ ପ୍ରମୁଖ ସଚେତନତା କରିଥିଲେ।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

# CLASSIFIED DISPLAY

ALL EDITION - B/W (Every Day)

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE FINANCE

ଭାରତର ନଂ.୧
INDUS NETWORK COMPANY
(Govt. Regd.) ଦ୍ୱାରା ନିଜର ଖାଲି ପଡ଼ିଥିବା ଜମିରେ ଡିଜିଟାଲ୍ ନେଟ୍‌ୱର୍କ ଉପକରଣ ଲଗାନ୍ତୁ ଏବଂ ପାଆନ୍ତୁ ୭୦ ଲକ୍ଷ ଆଡ୍‌ଭାନ୍ସ + ୭୦,୦୦୦ ଭଡ଼ା + ଏଗ୍ରିମେଣ୍ଟ + ୧ ବାଇକ୍ ।
Helpline Numbers
9430834074
8709556494
House No.267, Friends Colony, New Delhi-6

!!ଋଣ ଋଣ ଋଣ!!
ଗୁରୁ କୃପା ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ଋଣ
୧,୦୦,୦୦୦-୯୦,୦୦,୦୦୦ ପର୍ଯ୍ୟନ୍ତ ଋଣ
ଆଗେ ଆସନ୍ତୁ ଆଗେ ପାଆନ୍ତୁ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ଏଗ୍ରିକଲ୍‌ଚର୍, ଭାଟି, ସମସ୍ତ ଋଣ ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି
Toll Free
9115871031
Add.: T-51, Gali No. 8, Gautampuri, Delhi

See Color Display Classified on every Tuesday & Friday

ନୋ ଫାଇଲଚାର୍ଜ, ନୋ ଗ୍ୟାରେଣ୍ଟର
CITY FINANCE GROUP LTD.
ଭାରତର ସର୍ବଶ୍ରେଷ୍ଠ ସୁପ୍ରସିଦ୍ଧ କମ୍ପାନୀ ମାର୍କଶିଟ୍ ଋଣ, ପ୍ରପର୍ଟି ଋଣ, ପର୍ସନାଲ ଋଣ, ବିପିଏଲ୍ କାର୍ଡ ଋଣ, ବ୍ୟବସାୟ ଋଣ, ଆଧାରକାର୍ଡ ମାତ୍ର 24 ଘଣ୍ଟାରେ ଘରେ ବସି କିମ୍ବା ଅନ୍‌ଲାଇନ୍‌ରେ ପାଆନ୍ତୁ କମ୍ ସମୟ ସହଜ କିସ୍ତିରେ ଉପଲବ୍ଧ। ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି।
Helpline Number
9855585642
8053882482
B-283, JJ Camp Tigri, South Delhi, Delhi - 110062

ଋଣ ଋଣ ଋଣ
ବିଏଫ୍‌ସି ଫାଇନାନ୍ସ
୧ରୁ ୫୦ ଲକ୍ଷର ଋଣ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ, ବିଜ୍‌ନେସ୍, କୃଷି, ବ୍ୟବସାୟ, ପ୍ରପର୍ଟି, କୁକୁଡ଼ା ପାଳନ, ଇଟା ଭାଟି, ଆଧାର କାର୍ଡ, ରାଶନ କାର୍ଡ, ସମୂହ ଋଣ
ବେରୋଜଗାର ଏବଂ ମହିଳାଙ୍କୁ ବିଶେଷ ରିହାତି
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor, Ambadeep Building, Canaught Palace, New Delhi-110001

BADRINNATH FINANCE
ସରକାରୀ ଯୋଜନା ଦ୍ୱାରା ସମସ୍ତ ପ୍ରକାର LOAN ପାଆନ୍ତୁ। ପର୍ସନାଲ, ବ୍ୟବସାୟିକ, HOME, ମାର୍କଶିଟ୍, ଶିକ୍ଷା, କୃଷି, ପ୍ରପର୍ଟି ଓ ପଶୁପାଳନ। ସହଜ କିସ୍ତିରେ Badrinnath Finance Company ଠାରୁ ସମସ୍ତ ପ୍ରକାର LOAN ପ୍ରାପ୍ତ କରନ୍ତୁ। ସୁଧ: 1%
H.O.- Plot No. 114/616, Devaraj Mohalla, Bangalore- 570001 (Sundargarh, Odisha)
Mob: 7894472652, 7750921738

LOAN
ପ୍ରଥମ 100 କଲର୍‌ଙ୍କୁ ବିଶେଷ ରିହାତି
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ
ସରକାରୀ ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ 50,00,000 ପର୍ଯ୍ୟନ୍ତ ଋଣ
ଗଣପତି ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ ରାଶନ କାର୍ଡ, ଆଧାର କାର୍ଡ ଚାଷ, ଏଗ୍ରିକଲ୍‌ଚର୍ ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
8395860668
8395864708
SCO- 106, Second Floor, Vishal Tower, Cannaught Place, Delhi.

VINAYAK FINANCE
VINAYAK ଋଣ ଲିମିଟେଡ୍ ସରକାରୀ ସ୍ୱୀକୃତୀପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ ଆଧାରକାର୍ଡ, ସମ୍ପତି, ବ୍ୟକ୍ତିଗତ, ପଶୁପାଳନ କୃଷି, ଋଣ ମାତ୍ର ୩୬ ଘଣ୍ଟାରେ । ୨% ସୁଧ ୫୦% ଛାଡ। ଘରେ ବସି ପାଆନ୍ତୁ (ବିଦ୍ୟାର୍ଥୀ / ମହିଳା ମାନଙ୍କ ପାଇଁ ବିଶେଷ ରିହାତି)
ଖର୍ଚ ଲୋନ ପାସ ହେଲା ପରେ
LEWIS ROAD, PATNA, BIHAR
RAJ KUMAR
7577028197

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
Dhanlaxmi Finance
(Registration- BG8855CH8814)
ମାର୍କଶିଟ୍, ପ୍ରପର୍ଟି, ଆଧାରକାର୍ଡ, ପର୍ସନାଲ, ସବୁ ଋଣ ମାତ୍ର 24 ଘଣ୍ଟାରେ ପାଆନ୍ତୁ। 2% ସୁଧ, 40% ରିହାତି ସହିତ। ସରକାରୀ କର୍ମଚାରୀଙ୍କ ପାଇଁ ବିଶେଷ ରିହାତି।
Helpline:
9499135756
Sadheisasan, Anakhia, Jagatsinghpur, Odisha. PIN-754102

FINANCE
ସ୍ୱୀକୃତୀପ୍ରାପ୍ତ ମୁଦ୍ରା ଯୋଜନା ଦ୍ୱାରା ମାର୍କସିଟ, କୃଷି, ଆଧାରକାର୍ଡ, ସମ୍ପତି, ଗୃହ ଓ ବ୍ୟକ୍ତିଗତ, BPL ଋଣ ମାତ୍ର ୪୫୦/- ଟଙ୍କାରେ ଘରେ ବସି ପାଆନ୍ତୁ। ବାର୍ଷିକ 1% ସୁଧ 50% ଛାଡ
4th floor, 540, 100 Feet Rd, Krishna Reddy Layout, Amarjyoti Layout, Domlur, Bengaluru, Karnataka 560071
8698663544
8956667461

INDUS FINANCE
ସରକାରୀ ଯୋଜନା ଦ୍ୱାରା ସମସ୍ତ ପ୍ରକାର LOAN ପାଆନ୍ତୁ। ପର୍ସନାଲ, ବ୍ୟବସାୟିକ, home, ମାର୍କଶିଟ, ଶିକ୍ଷା, କୃଷି, ପ୍ରୋପାର୍ଟୀ ଓ ପଶୁପାଳନ। ସହଜ କିସ୍ତିରେ, INDUS FINANCE COMPANY ଠାରୁ ସମସ୍ତ ପ୍ରକାର loan ପ୍ରାପ୍ତ କରନ୍ତୁ। ସୁଧ 1%
Address: Narsingpur, Bhogarai, Balasore
Mob: 8860754194, 7835948917

ଲକ୍ଷ୍ମୀ ଫାଇନାନ୍ସ (ରେଜି.)
କମ୍ପାନୀ ସବୁ ସରକାରୀ ବ୍ୟାଙ୍କ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗାଡ଼ି ଏବଂ ସମସ୍ତ ଋଣ ମାତ୍ର ୧୮ ଘଣ୍ଟାରେ, ୨% ସୁଧ, ୫୦% ରିହାତି। (ମହିଳାଙ୍କୁ ବିଶେଷ ରିହାତି)
9511074590
9511074774
H.No. 249, Vill- SISWALA, Teh.- DADRI, Dist.- BHIWANI

B.C. FINANCE
ପର୍ସନାଲ LOAN, HOME, ବ୍ୟବସାୟିକ, ମାର୍କଶିଟ୍, ପ୍ରପର୍ଟି, କୁକୁଡା ପାଳନ, ଗାଈ, କୃଷି ଓ ଶିକ୍ଷା ସମସ୍ତ ପ୍ରକାର LOAN ୭ ଦିନ ମଧ୍ୟରେ ମିଳିବା ସୁଧ 1%
:ADDRESS:
C-231, CM Camp Tigri, South Delhi- 110162, Kustuna, Sundargarh, Odish
8114631755
7894961299

BUSINESS BUSINESS

BUSINESS
ଖାଲିଥିବା ଜମି ଓ ଛାତ ଉପରେ ସିଂଘାନିୟା ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସଂମ୍ପର୍କ କରନ୍ତୁ
Plot No - 114, 2nd Lane, PI Colony Bangalore, Karnataka 570001
9407808604
7310568553

SMS JOB
Send SMS. Earn Money
A MULTI-NATIONAL COMPANY
ଘରେ ବସି ଶିକ୍ଷିତ ବେରୋଜଗାର ଯୁବକ, ଯୁବତୀ, ମହିଳା ମାସକୁ ୧୫୦୦୦ ରୁ ୪୫୦୦୦ ପର୍ଯ୍ୟନ୍ତ ରୋଜଗାର କରନ୍ତୁ
କମ୍ପାନୀ ଦ୍ୱାରା Mobile + Laptop + Printer + 1 Month Sal Advance 30000/-
ନିଜ ନାମ ଠିକଣା ଓ ଯୋଗ୍ୟତା SMS/Call କରନ୍ତୁ
09667693638
09667693639

GOLD CASH
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

ASTROLOGY ASTROLOGY

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ୍
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
କୌଣସି ପ୍ରକାର ସମସ୍ୟାର ସମାଧାନ ପାଇଁ ମୋତେ ସମ୍ପର୍କ କରନ୍ତୁ ।
ବ୍ୟବସାୟ, ପ୍ରେମବିବାହ, ମନ ଚାହିଁଥିବା ଭଲପାଉଥିବା, କଳାଯାଦୁ, କରି କରାଉଥିବା, ପତି-ପତ୍ନୀ ମଧ୍ୟରେ ଝଗଡା ଏବଂ ଗୃହକ୍ଲେଶ, ସଉତୁଣୀ ଶତ୍ରୁ ମୁକ୍ତି, ରୁଷିଥିବା ଲୋକଙ୍କୁ ରାଜି କରାଇବା, ବଶୀକରଣ, ମୁଠ ଯାଦୁ ଟୋଣା, କ୍ୟାରିୟରରେ ଅସଫଳତା, ରୋଗରେ ଔଷଧ କାମ ନ କରିବା ଘରେ ହେଉଥିବା ଝଗଡା, ମା, ଭଉଣୀ ଓ ଝିଅମାନେ ନିଃସଙ୍କୋଚରେ ଫୋନ୍ କାରନ୍ତୁ।
ସ୍ପେଶାଲିଷ୍ଟ: ବଶୀକରଣ ଓ ମୁଠକରଣୀ
ବାବା ଆଲାମ ଖାନ
(ମ୍ୟାଷ୍ଟର କ୍ୟାଣ୍ଟିନ, ରାମ ମନ୍ଦିର ପାଖ, ଭୁବନେଶ୍ୱର)
9773820765
8512004851

**ପାଠକଙ୍କ ପାଇଁ ସୂଚନା:**

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ସଂକ୍ଷେପରେ**

## ଚିକିତ୍ସାଧୀନ ନବବଧୂଙ୍କ ମୃତ୍ୟୁ

**ବ୍ରହ୍ମପୁର ଅଫିସ,୧୧।୪:** ଷ୍ଟୋଭରେ ଚା ତିଆରି କରୁଥିବା ବେଳେ ତାହା ଫାଟିଯିବାରୁ ଜଣେ ନବବଧୂ ଗୁରୁତର ହୋଇପଡିଥିଲେ। ତାଙ୍କୁ ବ୍ରହ୍ମପୁର ବଡ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ମଙ୍ଗଳବାର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଫାଣ୍ଡି ପୋଲିସ ମୃତଦେହ ଜବତ କରି ନଂ. ୧୬୯/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ମୃତ ମହିଳା ଜଣକ ଗୋଳନ୍ଥରା ଥାନା ଅନ୍ତର୍ଗତ ଗୋବିନ୍ଦ ନଗରର ମହେନ୍ଦ୍ର ଦଳାଇଙ୍କ ସ୍ତ୍ରୀ ସୁଦେଷ୍ଣା ଦଳାଇ (୧୮)। ପ୍ରକାଶଯେ, ଏକ ମାସ ତଳେ ସୁଦେଷ୍ଣା ଗୋଳନ୍ଥରାର ମହେନ୍ଦ୍ରଙ୍କୁ ବିବାହ କରିଥିଲେ। ଗତ ମଙ୍ଗଳବାର ମଧାହ୍ନ ଗୋଟାଏ ବେଳେ ସୁଦେଷ୍ଣାଙ୍କ ଭୀଷ୍ମଗିରିସ୍ଥିତ ବାପଘରେ ଏହି ଘଟଣା ଘଟିଥିଲା।

### ଜି.ଉଦୟଗିରି ବିଧାନସଭା ନିର୍ବାଚନମଣ୍ଡଳୀ
## ପରିଚାଳନା କେନ୍ଦ୍ର ବାଲିଗୁଡ଼ା ଚାଲିଯିବାରୁ ଅସନ୍ତୋଷ

**ଜି.ଉଦୟଗିରି,୧୧।୪(ଡି.ଏନ.ଏ.):** ଜି.ଉଦୟଗିରି ବିଧାନସଭା ନିର୍ବାଚନ ମଣ୍ଡଳୀ ପରିଚାଳନା କେନ୍ଦ୍ର ପ୍ରତ୍ୟେକ ନିର୍ବାଚନରେ ଜି.ଉଦୟଗିରିରେ ହେଉଥାଏ। ତହସିଲଦାର ସହକାରୀ ରିଟର୍ଣ୍ଣିଂ ଅଫିସର ଭାବେ ଦାୟିତ୍ୱରେ ରହି ଏସବୁ ପରିଚାଳନା ପୂର୍ବରୁ କରୁଥିଲେ। ପୋଲିଂ ପାର୍ଟି ଓ ନିର୍ବାଚନରେ ବ୍ୟବହାର ଯାନବାହନ ସବୁ ଜି.ଉଦୟଗିରି ଆସି ରିପୋର୍ଟ କରନ୍ତି। କିନ୍ତୁ ଚଳିତ ବର୍ଷ ଏହି ନିର୍ବାଚନ ପରିଚାଳନା କେନ୍ଦ୍ରକୁ ବାଲିଗୁଡ଼ା ଉଠାଇ ଦିଆଯାଇଛି। ଫଳରେ ଗତ ୧୫ଟି ନିର୍ବାଚନରେ ଜି.ଉଦୟଗିରି ହବାକ୍ ହାଇସ୍କୁଲ ପଡ଼ିଆରେ ଯେଉଁ ଗହଳି ଦେଖିବାକୁ ମିଳୁଥିଲା ତାହା ଦେଖିବାକୁ ମିଳିବ ନାହିଁ। ଦୀର୍ଘବର୍ଷ ଧରି ଚାଲିଥିବା ଏହି ବ୍ୟବସ୍ଥାକୁ ଉଠାଇ ଦିଆଯିବା ଫଳରେ ଲୋକଙ୍କ ମଧରେ ଅସନ୍ତୋଷ ଦେଖାଦେଇଛି। ସହରର କେତେକ ଗାଡ଼ି ମାଲିକମାନଙ୍କ କହିବା ଅନୁଯାୟୀ, ଆମ ଗାଡ଼ି ଜି.ଉଦୟଗିରି କେନ୍ଦ୍ରରେ ରିପୋର୍ଟ କରୁଥିଲା ବର୍ତ୍ତମାନ ବାଲିଗୁଡ଼ା ଯିବାକୁ ପଡୁଛି। ଏ ସମ୍ପର୍କରେ ଜି.ଉଦୟଗିରି ତହସିଲଦାର ଭିକାରୀ ସାହୁଙ୍କୁ ପଚାରିବାରେ କମିଶନଙ୍କ ନିର୍ଦ୍ଦେଶ ଅନୁଯାୟୀ କରାଯାଉଛି। ସେ ସମ୍ପର୍କରେ କିଛି କହିପାରିବେ ନାହିଁ ବୋଲି କହିଥିଲେ।

### ■ ଅବ୍ୟବସ୍ଥାରେ ସରିଲା ପ୍ରଥମ ପର୍ଯ୍ୟାୟ ନିର୍ବାଚନ

# ଗଞ୍ଜାମରେ ୫୩ ପ୍ରତିଶତ ମତଦାନ

- ■ଅନେକ ବୁଥ୍‌ରେ ଇଭିଏମ୍ ଖରାପ ଅଭିଯୋଗ
- ■ସଜଡ଼ାଯିବା ପରେ ହେଲା ମତଦାନ
- ■ଚିର୍‌କୁଟ୍ ବଣ୍ଟାଯାଇନଥିବାରୁ ଅସୁବିଧା

**ବ୍ରହ୍ମପୁର ଅଫିସ୍,୧୧।୪**

ଅବ୍ୟବସ୍ଥା ଭିତରେ ଗଞ୍ଜାମ ଜିଲାରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବ୍ରହ୍ମପୁର ଲୋକ ସଭା ଏବଂ ଏହା ଅର୍ନ୍ତଗତ ୫ ବିଧାନସଭା ଯଥା ବ୍ରହ୍ମପୁର, ଛତ୍ରପୁର, ଗୋପାଳପୁର, ଦିଗପହଣ୍ଡି ଏବଂ ଚିକିଟି ନିର୍ବାଚନ ମଣ୍ଡଳୀ ପାଇଁ ଭୋଟ ଗ୍ରହଣ କରାଯାଇଥିଲା। ସନ୍ଧ୍ୟା ୫ଟା ସୁଦ୍ଧା ୫୨.୯୭ପ୍ରତିଶତ ମତଦାନ ରେକର୍ଡ଼ କରାଯାଇଛି । ଛତ୍ରପୁର ବିଧାନସଭା ନିର୍ବାଚନମଣ୍ଡଳୀରେ ୨ଲକ୍ଷ ୨୫ ହଜାର ୪୨ଜଣ ଭୋଟର୍‌ଙ୍କ ମଧ୍ୟରୁ ଅପରାହ୍ନ ୫ଟା ସୁଦ୍ଧା ୬୧.୮୨ପ୍ରତିଶତ ଅର୍ଥାତ୍ ୧ ଲକ୍ଷ ୩୯ହଜାର ୧୩୧ଜଣ ଭୋଟର୍ ମତଦାନ କରିଛନ୍ତି । ସେହିଭଳି ଗୋପାଳପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ୨ଲକ୍ଷ ୧୩ହଜାର ୩୧୦ ଭୋଟର୍‌ଙ୍କ ମଧ୍ୟରୁ ୧ ଲକ୍ଷ ୫ହଜାର ୮୩୯ ଭୋଟ ଦେଇଛନ୍ତି, ଅର୍ଥାତ୍ ୪୯.୬୨ପ୍ରତିଶତ ମତଦାନ ରେକର୍ଡ଼ କରାଯାଇଛି । ବ୍ରହ୍ମପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ୨ଲକ୍ଷ ୧୦ହଜାର ୯୩୭ ଭୋଟର୍‌ଙ୍କ ମଧ୍ୟରୁ ୧ ଲକ୍ଷ ୩ ହଜାର ୭୦୨ମତଦାନ କରିଛନ୍ତି । ଏହି ନିର୍ବାଚନ ମଣ୍ଡଳୀରେ ୪୯.୧୬ପ୍ରତିଶତ ମତଦାନ ହୋଇଛି। ଦିଗପହଣ୍ଡି ବିଧାନସଭା ନିର୍ବାଚନ ମଣ୍ଡଳୀରେ ୨ଲକ୍ଷ ୧୪ହଜାର ୨୧୭ଜଣ ଭୋଟର୍‌ଙ୍କ ମଧ୍ୟରୁ ୧ ଲକ୍ଷ ୧୩ହଜାର ୧୧୪ଜଣ ମତଦାନ କରିଛନ୍ତି । ଅର୍ଥାତ୍ ଦିଗପହଣ୍ଡିରେ ୫୨.୮୦ପ୍ରତିଶତ ମତଦାନ ହୋଇଛି। ଚିକିଟି ବିଧାନସଭା ନିର୍ବାଚନମଣ୍ଡଳୀରେ ୨ଲକ୍ଷ ୮ହଜାର ୭୩୬ଜଣ ଭୋଟର୍‌ଙ୍କ ମଧରୁ ଅପରାହ୍ନ ୫ଟା ସୁଦ୍ଧା ୧ ଲକ୍ଷ ୬ହଜାର ୧୩୧ଜଣ ଅର୍ଥାତ୍ ୫୦.୮୪ପ୍ରତିଶତ ମତଦାନ ରେକର୍ଡ଼ ହୋଇଛି। ମୋଟ ୫ ବିଧାନସଭା ନିର୍ବାଚନ ମଣ୍ଡଳୀର ୧୦ଲକ୍ଷ ୭୨ହଜାର ୨୪୨ଜଣ ଭୋଟର୍‌ଙ୍କ ମଧ୍ୟରୁ ୫ଲକ୍ଷ ୬୭ହଜାର ୯୧୭ଜଣ ଭୋଟ ଦେଇଛନ୍ତି। ଏହି ୫ ବିଧାନସଭା ନିର୍ବାଚନମଣ୍ଡଳୀରେ ସକାଳ ୯ଟା ସୁଦ୍ଧା ମାତ୍ର ୩.୬୦ପ୍ରତିଶତ ମତଦାନ ହୋଇଥିଲା। ପୂର୍ବାହ୍ନ ୧୧ଟା ବେଳକୁ ଏହା ବଢ଼ି ୧୨.୩୨ପ୍ରତିଶତରେ ପହଞ୍ଚିଥିଲା। ଅପରାହ୍ନ ଗୋଟାଏ ବେଳକୁ ୨୭.୭୨ପ୍ରତିଶତ ମତଦାନ ରେକର୍ଡ଼ କରାଯାଇଥିଲା । ଅପରାହ୍ନ ୩ଟା ବେଳକୁ ମତଦାନ ପ୍ରତିଶତ ୪୦.୮୭ ପ୍ରତିଶତରେ ପହଞ୍ଚିଥିଲା।

ଅନ୍ୟପଟେ ମତଦାନ କେନ୍ଦ୍ରଗୁଡ଼ିକରେ ନାନା ଅବ୍ୟବସ୍ଥା ଦେଖିବାକୁ ମିଳିଥିଲା। ବ୍ରହ୍ମପୁର ସହରସ୍ଥିତ ଶ୍ରୀରାମନଗର ୨୪ନମ୍ବର ବୁଥ୍, ମେଡ଼ିକାଲ୍ କ୍ୟାମ୍ପସ୍ ସ୍କୁଲ ୧୬୧ନମ୍ବର ବୁଥ୍, ହିଲ୍‌ପାଟଣା ୧୪୨ନମ୍ବର ବୁଥ୍, ଭି.ଭି. ବାଳିକା ଉଚ୍ଚ ବିଦ୍ୟାଳୟସ୍ଥିତ ବୁଥ୍‌ରେ ଇଭିଏମ୍ ଖରାପ ହୋଇଯାଇଥିଲା। ସକାଳ ୭ଟା ବେଳକୁ ଭୋଟର୍‌ମାନେ କେନ୍ଦ୍ରରେ ପହଞ୍ଚି ଯାଇଥିଲେ। କିନ୍ତୁ ମେଶିନ୍ ଖରାପ ଥିବା ଯୋଗୁ ମତଦାନ ହୋଇପାରି ନ ଥିଲା। ଲୋକମାନେ ଧାଡ଼ିରେ ଅନେକ ସମୟ ପର୍ଯ୍ୟନ୍ତ ଠିଆ ହୋଇଥିଲେ। ଇଭିଏମ୍ ମରାମତି ପରେ ମତଦାନ ଆରମ୍ଭ ହୋଇଥିଲା। ଏହାକୁ ନେଇ ଭୋଟର୍‌ମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ସେହିଭଳି ଅନ୍ୟ କେତେକ ମତଦାନ କେନ୍ଦ୍ରରେ ବିଦ୍ୟୁତ୍ ନ ଥିଲା। କେ.ସି. ବାଳିକା ଉଚ୍ଚ ବିଦ୍ୟାଳୟ ୧୩୪ନମ୍ବର ବୁଥ୍‌ରେ ବିଦ୍ୟୁତ୍ ନ ଥିବା ଯୋଗୁ ଭୋଟର୍‌ମାନେ ଅସନ୍ତୋଷ ହୋଇଥିଲେ। ଗୋଟିଏ ପଟେ ପ୍ରବଳ ଗରମ ହେଉଥିବା ବେଳେ ବିଦ୍ୟୁତ୍ ନ ଥିବା ଯୋଗୁ ଭୋଟର୍‌ମାନେ ହନ୍ତସନ୍ତ ହୋଇଯାଇଥିଲେ। ଅନ୍ଧାର ଘର ଭିତରେ ମତଦାନ ଅନୁଷ୍ଠିତ ହୋଇଥିଲା। ଗୁରୁବାର ବ୍ରହ୍ମପୁର ସହରର ତାପମାତ୍ରା ୩୫ଡିଗ୍ରୀ ରହିଥିଲା। ହେଲେ ମତଦାନ କେନ୍ଦ୍ରଗୁଡ଼ିକ ପଙ୍ଖା ରଖାଯାଇ ନ ଥିଲା। ସେହିଭଳି ପ୍ରିଜାଇଡିଂ ଏବଂ ପୋଲିଂ ଅଫିସର୍‌ମାନେ ଅନେକ ମତଦାନ କେନ୍ଦ୍ରରେ ନିର୍ଦ୍ଧାରିତ ସମୟରେ ମତଦାନ ଆରମ୍ଭ କରାଇପାରି ନ ଥିଲେ । ବହୁ ଭୋଟର୍ ଅନେକ ସମୟ ପର୍ଯ୍ୟନ୍ତ ଧାଡ଼ିରେ ଠିଆ ହେବା ପରେ ନିରାଶ ହୋଇ ଫେରିଥିଲେ। ସକାଳ ୭ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ମତଦାନ କେନ୍ଦ୍ର ଖୋଲା ରହିଥିଲା। ୬ଟା ପରେ ବାହାରୁ ତାଲା ପକାଇ ଦିଆଯାଇଥିଲା। ଫାଟକ ବନ୍ଦ ହୋଇଯାଇଥିବା ବେଳେ ଯେଉଁ ଭୋଟର୍‌ମାନେ ଭିତରେ ଥିଲେ, ସେମାନେ ମତଦାନ କରିଥିଲେ। ଗୁରୁବାର ମତଦାନ ଥିବା ବେଳେ ବୁଧବାର ଅଙ୍ଗନୱାଡ଼ି କର୍ମୀମାନେ ଘରକୁ ଘର ବୁଲି ଚିର୍‌କୁଟ ବଣ୍ଟନ କରିବା କଥା। କିନ୍ତୁ ଅନେକ ସ୍ଥାନରେ ଚିର୍‌କୁଟି ବଣ୍ଟା ଯାଇ ନ ଥିଲା। ଫଳରେ ଭୋଟର୍‌ମାନେ ମତଦାନ କେନ୍ଦ୍ରକୁ ଆସି ନିଜ କ୍ରମିକ ସଂଖ୍ୟା ଖୋଜୁଥିବା ଦେଖିବାକୁ ମିଳିଥିଲା । ଅପରପକ୍ଷେ ଆସିକା ରୋଡ୍‌ସ୍ଥିତ ସରକାରୀ ପୌର ବାଳିକା ଉଚ୍ଚ ବିଦ୍ୟାଳୟକୁ ପିଙ୍କ୍ ବୁଥ୍ କରାଯାଇଥିଲା। ଏଠାରେ ପ୍ରିଜାଇଡିଂ ଅଫିସର୍‌ଙ୍କଠାରୁ ଆରମ୍ଭ କରି ସମସ୍ତ ପୋଲିଂ ଅଫିସର ମହିଳା ଥିଲେ। ଏହା ଭୋଟର୍‌ଙ୍କ ମଧ୍ୟରେ ବିଶେଷ ଆକର୍ଷଣ ସାଜିଥିଲା। ସେହିଭଳି ସହରରେ ୧୦ ମଡ଼େଲ୍ ବୁଥ୍ ମରାଯାଇଥିଲା। ଏହି ବୁଥ୍‌ଗୁଡ଼ିକରେ ଭୋଟର୍‌ଙ୍କ ପାଇଁ ବିଭିନ୍ନ ପ୍ରକାର ସୁବିଧା କରାଯାଇଥିଲା। ତେବେ ପ୍ରଥମ ପର୍ଯ୍ୟାୟ ନିର୍ବାଚନରେ କୌଣସିଠାରେ ବଡ଼ ଧରଣର ବିଶୃଙ୍ଖଳା ହୋଇ ନ ଥିବା ସୂଚନା ମିଳିଛି । ମତଦାନ ଶେଷ ହେବା ପରେ ଏଜେଣ୍ଟମାନଙ୍କ ଉପସ୍ଥିତିରେ ଇଭିଏମ୍ ଏବଂ ଭିଭିପିଏଟି ମେଶିନ୍‌କୁ ସିଲ୍ କରାଯାଇଥିଲା। ରାତିରେ ଏହି ମେଶିନ୍‌ଗୁଡ଼ିକ ବ୍ରହ୍ମପୁର ଆଇଟିଆଇ, ମହିଳା ପଲିଟେକ୍ନିକ୍ ଏବଂ ଛତ୍ରପୁର ଅନସ୍ଲୋ ଅନୁଷ୍ଠାନରେ ରଖାଯାଇଛି। ସେଠାରେ ବ୍ୟାପକ ପୋଲିସ ମୁତୟନ କରାଯାଇଛି ।

ଏଠାରେ ସୂଚନାଯୋଗ୍ୟ, ଛତ୍ରପୁର ୨୪୪, ଗୋପାଳପୁରର ୨୦୮, ବ୍ରହ୍ମପୁରର ୧୬୯, ଦିଗପହଣ୍ଡିର ୨୫୫ ଏବଂ ଚିକିଟିର ୨୪୧ଟି ବୁଥ୍‌ରେ ଗୁରୁବାର ମତଦାନ ଅନୁଷ୍ଠିତ ହୋଇଥିଲା ।

**ଛତ୍ରପୁରରେ - ୬୧.୮୨%**
**ଗୋପାଳପୁରରେ - ୪୯.୬୨%**
**ବ୍ରହ୍ମପୁରରେ - ୪୯.୧୬%**
**ଦିଗପହଣ୍ଡିରେ - ୫୨.୮୦ %**
**ଚିକିଟିରେ ୫୦.୮୪ %**



ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଭୋଟରଙ୍କ ଲମ୍ବା ଧାଡ଼ି ।





ଜଣେ ବୃଦ୍ଧାଙ୍କୁ ମତଦାନ କେନ୍ଦ୍ରକୁ ନେଉଛନ୍ତି ଜଣେ ଶିଶୁ । ଜଣେ ଭିନ୍ନକ୍ଷମ ଭୋଟର୍‌ଙ୍କୁ ମତଦାନ କେନ୍ଦ୍ରକୁ ନେବା ପାଇଁ ହ୍ୱିଲ୍‌ଚେୟାରର ବ୍ୟବସ୍ଥା କରାଯାଇଛି ।

## ଗଞ୍ଜାମ ବ୍ଲକ: ଶାନ୍ତିପୂର୍ଣ୍ଣ ମତଦାନ ଶେଷ

**ଗଞ୍ଜାମ,୧୧।୪(ଡି.ଏନ.ଏ.)**

ଗଞ୍ଜାମ ବ୍ଲକ ଅଞ୍ଚଳରେ ପ୍ରଥମ ପର୍ଯ୍ୟାୟ ସାଧାରଣ ନିର୍ବାଚନ ଶାନ୍ତିପୂର୍ଣ୍ଣ ଭାବେ ଶେଷ ହୋଇଛି। ସକାଳ ୭ଟାରେ ସମସ୍ତ ବୁଥଗୁଡ଼ିକରେ ମତଦାନ ଆରମ୍ଭ ହୋଇଥିଲା। ଏହି ବ୍ଲକର ୧୫ ପଞ୍ଚାୟତ ଏବଂ ରମ୍ଭା, ଗଞ୍ଜାମ ଏନ୍‌ଏସିରେ ମୋଟ ୧୦୮ ବୁଥରେ ମତଦାନ ହୋଇଥିଲା। ଅଳ୍ପ କେତେକ ବୁଥରେ ଇଭିଏମ୍ ଖରାପ ଯୋଗୁ ମତଦାନରେ ସାମାନ୍ୟ ବିଳମ୍ବ ଘଟିଥିଲା । ଚଳିତବର୍ଷ ଏହି ନିର୍ବାଚନରେ ୭୦ ପ୍ରତିଶତ ଭୋଟର ସେମାନଙ୍କ ମତଦାନ କରିଥିବା ନିର୍ବାଚନ ପରିଚାଳନା ଦାୟିତ୍ୱରେ ଥିବା ବିଡିଓ ଜ୍ୟୋତି ଶଙ୍କର ରାଏ ସୂଚନା ଦେଇଛନ୍ତି। ଜିଲା ଆରକ୍ଷୀ ଅଧୀକ୍ଷକ ବ୍ରିଜେଶ ରଏ ବ୍ଲକର ବିଭିନ୍ନ ବୁଥ ପରିଦର୍ଶନ କରିଥିଲେ। ଏଥିସହିତ ଅପରାହ୍ନରେ ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ମଧ ଏନ୍‌ଏସି ଅଞ୍ଚଳର ବୁଥଗୁଡ଼ିକ ବୁଲି ସ୍ଥିତି ଅନୁଧ୍ୟାନ କରିଥିଲେ। ଏଥିପାଇଁ ରମ୍ଭା ଆଇଆଇସି କୃଷ୍ଣଚନ୍ଦ୍ର ସେଠୀ, ଗଞ୍ଜାମ ଥାନାଧିକାରୀ ସୁଦାମ ମଳିକ ପ୍ରମୁଖ ସଦଳବଳେ ବୁଥ୍‌ଗୁଡ଼ିକ ବୁଲି ଦେଖିଥିଲେ ।

## ବିଜେଡିର ନିର୍ବାଚନୀ ପ୍ରଚାର

**ଆସିକା,୧୧।୪ (ଡି.ଏନ୍.ଏ.)**

ଆସିକା ବିଧାନସଭା ନିର୍ବାଚନ ମଣ୍ଡଳୀର ନଳବଣ୍ଟା, କାଳକଣ୍ଠପୁର ଓ ନିମିନା ପଞ୍ଚାୟତରେ ଗୁରୁବାର ଏମ୍‌ପି ପ୍ରାର୍ଥିନୀ ପ୍ରମିଳା ବିଷୋୟୀ ଓ ବିଧାୟିକା ପ୍ରାର୍ଥିନୀ ମଞ୍ଜୁଳା ସ୍ୱାଇଁ ନିର୍ବାଚନୀ ପ୍ରଚାର କରିବା ସହ ପଥପ୍ରାନ୍ତ ସଭା କରି ଭୋଟଭିକ୍ଷା କରିଛନ୍ତି। ସଭାରେ ରାଜ୍ୟ ସରକାରଙ୍କ ଚାଲିଥିବା ବିକାଶର ଧାରାକୁ ଅଧିକ ଅଗ୍ରସର କରିବା ଲାଗି ଜନସାଧାରଣ ଏମ୍‌ପି ଓ ବିଧାୟିକା ପ୍ରାର୍ଥିନୀଙ୍କୁ ଶଙ୍ଖରେ ଭୋଟ ଦେବା ପାଇଁ ନିବେଦନ କରାଯାଇଥିଲା। ଆସିକା ବ୍ଲକ ଅଧକ୍ଷ ହରେକୃଷ୍ଣ ମଳିକ, ଯୁବନେତା ଗୁଟୁ ମଳିକ, ସୂର୍ଯ୍ୟକାନ୍ତ ପରିଡା, ଶିବ ନାହାକ, ସତ୍ୟନାରାୟଣ ସ୍ୱାଇଁ, ଭଗବାନ ସାହୁ, ବ୍ଲକ ଉପାଧକ୍ଷା ସୁଜାତା ସ୍ୱାଇଁ, ନଚିକେତା ସ୍ୱାଇଁ, ଅଶ୍ୱିନୀ ସ୍ୱାଇଁ, ଦିଲ୍ଲୀପ ପାଣିଗ୍ରାହୀ, ଅନିଲ କୁମାରଙ୍କ ସମେତ ବହୁ କର୍ମୀ ପ୍ରଚାରରେ ସାମିଲ ଥିଲେ ।

### ଏମ୍‌ସିଏ ଛାତ୍ରୀ ହତ୍ୟା ଘଟଣା
## ୨ ବର୍ଷ ପରେ ବି ପୋଲିସ ନୀରବ

**ବ୍ରହ୍ମପୁର ଅଫିସ,୧୧।୪**

ବହୁଚର୍ଚ୍ଚିତ ଏମ୍‌ସିଏ ଛାତ୍ରୀ ତୃପ୍ତିମୟୀ ପଣ୍ଡା ହତ୍ୟା ମାମଲାରେ ଅଦ୍ୟାବଧି ଆନ୍ଧ୍ରପ୍ରଦେଶ ପୋଲିସକୁ କୌଣସି ସଫଳତା ମିଳିପାରିନାହିଁ। ପୋଲିସ ଅନ୍ଧାରରେ ବାଡ଼ି ବୁଲାଉଛି। ଛାତ୍ରୀଙ୍କୁ ବ୍ରହ୍ମପୁରରୁ ଅପହରଣ କରି ଆନ୍ଧ୍ରପ୍ରଦେଶ ସୋମପେଣ୍ଟ ନିକଟସ୍ଥ ବାରୁଆ ପୋଲିସ ଥାନା ଜାତୀୟ ରାଜପଥ ନଂ. ୧୬ ପାର୍ଶ୍ୱରେ ହତ୍ୟା କରି କେହି ଫୋପାଡ଼ି ଦେଇଥିବା ପୋଲିସ ସନ୍ଦେହ କରିଥିଲା। ଘଟଣାର ଅଧିକ ତଦନ୍ତ ପାଇଁ ବ୍ରହ୍ମପୁରରେ ପୋଲିସ ପହଞ୍ଚିଥିଲା। ହେଲେ ଆନ୍ଧ୍ର ଓ ବ୍ରହ୍ମପୁର ପୋଲିସ ମଧ୍ୟରେ ସମନ୍ୱୟ ଅଭାବରୁ ଏହି ହତ୍ୟା ଘଟଣାଟି ଏବେ ବି ରହସ୍ୟମୟ ହୋଇରହିଛି। ଅନ୍ୟପଟେ ଝିଅଙ୍କୁ ପରିବାର ଲୋକେ ଝୁରି ହେଉଛନ୍ତି। ସେହିପରି ହତ୍ୟାକାରୀଙ୍କୁ ପୋଲିସ ଧରିପାରୁ ନ ଥିବାରୁ ସାଧାରଣରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ପୋଲିସର ନରବତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

ପ୍ରକାଶ ଯେ, ୨୦୧୭ରେ ତୃପ୍ତି ବ୍ରହ୍ମପୁର ଖଲ୍ଲିକୋଟ କଲେଜକୁ ଆସି ନିଖୋଜ ହୋଇଯାଇଥିଲେ। ୨ ଦିନ ପରେ ତୃପ୍ତିଙ୍କ ମୃତଦେହ ଆନ୍ଧ୍ରପ୍ରଦେଶ ବାରୁଆ ଥାନା ଅନ୍ତର୍ଗତ ୧୬ନଂ. ଜାତୀୟ ରାଜପଥ ପାର୍ଶ୍ୱରୁ ପୋଲିସ ଉଦ୍ଧାର କରିଥିଲା। ବାରୁଆ ପୋଲିସ ଏକ ହତ୍ୟା ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ପରେ ଅଧିକ ତଥ୍ୟ ହାସଲ ପାଇଁ ଆନ୍ଧ୍ର ପୋଲିସ ବ୍ରହ୍ମପୁରରେ ପହଞ୍ଚି ଉକ୍ତ କଲେଜର କେତେକ ଛାତ୍ରୀଛାତ୍ରଙ୍କୁ ଘଟଣା ସମ୍ପର୍କରେ ପଚରାଉଚରା କରିଥିଲା । ଛାତ୍ରୀଙ୍କ ଛତ୍ରପୁରସ୍ଥିତ ଘରକୁ ଯାଇ ବାପାଙ୍କ ପ୍ରତିକ୍ରିୟା ନେଇଥିଲା। ଏପରିକି ବ୍ରହ୍ମପୁର ପୋଲିସ ଜିଲାର ତତ୍କାଳୀନ ଆରକ୍ଷୀ ଅଧୀକ୍ଷକ ଆନ୍ଧ୍ର ପୋଲିସ ଓ ବ୍ରହ୍ମପୁର ପୋଲିସ ଏହି ହତ୍ୟା ଘଟଣାର ପର୍ଦ୍ଦାଫାଶ ପାଇଁ ମିଳିତ ଭାବେ କାମ କରିବେ ବୋଲି କହିଥିଲେ। ହେଲେ ଏବେ ତଦନ୍ତରେ ଶିଥିଳତା ଦେଖାଦେଇଛି।

### ଦ୍ୱିତୀୟ ଥର ମାଉସୀ ମା’ ଘରକୁ ଗଲେ
## ୭ ସାହିରେ ମା’ଙ୍କ ଘଟ ପରିକ୍ରମା

**ବ୍ରହ୍ମପୁର ଅଫିସ,୧୧।୪**

ବ୍ରହ୍ମପୁର ମା’ ବୁଢୀଠାକୁରାଣୀ ଯାତ୍ରା ଗୁରୁବାର ଥିଲା ତ୍ରୟୋଦଶ ଦିବସ । ଯାତ୍ରା ପରମ୍ପରା ଅନୁସାରେ ସନ୍ଧ୍ୟାରେ ମା’ ଦ୍ୱିତୀୟ ଥର ପାଇଁ ଜଉରା ସାହି ମାଉସୀ ମା’ ଘରେ ବିଜେ ହୋଇଛନ୍ତି। ମାଉସୀ ମା’ଙ୍କ ଘରକୁ ଦ୍ୱିତୀୟ ଥର ବିଜେ କରିବା ଅବସରରେ ମାଉସୀ ଘର କୁହାଯାଉଥିବା ଶ୍ରୀନିବାସ ପରିବାର ମା’ଙ୍କ ନିକଟରେ ଗଜା ଭୋଗ ଲଗାଇବା ସହ ପୂଜାର୍ଚ୍ଚନା କରିଥିଲେ। ମାଉସୀ ମା’ ଘରେ ମା’ଙ୍କ ଦର୍ଶନ ପାଇଁ ଜଉରାସାହିରେ ଶ୍ରଦ୍ଧାଳୁଙ୍କ ଭିଡ ଜମିଥିଲା । ଅପରପକ୍ଷରେ ପାରମ୍ପରି ଦ୍ୱିବାର୍ଷିକ ଯାତ୍ରା ୧୩ ଦିନ ଅତିକ୍ରମ ହୋଇଥିବାରୁ ବ୍ରହ୍ମପୁର ସହରର ପ୍ରତ୍ୟେକ ଗଳି ଏବେ ଉତ୍ସବ ମୁଖର ହୋଇଉଠିଛି ।

ଗୁରୁବାର ମା’ ବୁଢୀଠାକୁରାଣୀଙ୍କ ଯାତ୍ରାର ୧୩ତମ ଦିବସ ହୋଇଥିବା ବେଳେ ସହରରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏହାସତ୍ତ୍ୱେ ସକାଳୁ ମା’ଙ୍କ ଦର୍ଶନ କରିବାକୁ ଅସ୍ଥାୟୀ ପୀଠରେ ଶ୍ରଦ୍ଧାଳୁ ଓ ମାନସିକଧାରୀଙ୍କ ଭିଡ ଜମିଥିଲା । ଅସ୍ଥାୟୀ ପୀଠରେ ବିଭିନ୍ନ ଭିନ୍ନ ଭିନ୍ନ ଧରଣର ମାନସିକ ବେଶଧାରୀଙ୍କୁ ଦେଖିବାକୁ ମିଳିଥିଲା। ମହିଳାମାନେ ଧର୍ମଖଣ୍ଡା ମୂଳରେ ହଳଦୀ ପାଣି ଅର୍ପଣ କରିବା ସହ ମା’ଙ୍କୁ ଶାଢୀ, ନାଲି ଚୁଡି, ଗଜା ଭୋଗ ଅର୍ପଣ କରିଥିଲେ। ସନ୍ଧ୍ୟାରେ ମା’ଙ୍କ ଆଳତି ହୋଇଥିଲା । ଏହାପରେ ବାଦ୍ୟ, ବାଜଣା, ହୁଳହୁଳି ନାଦ ମଧରେ ମା’ଙ୍କ ଘଟ ଶୋଭାଯାତ୍ରା ଅସ୍ଥାୟୀ ପୀଠରୁ ବାହାରି ରାଜବାଟିକୁ ଯାଇଥିଲା ମା’ ଦେବକୀ ମୁଖ୍ୟଘଟକୁ ଏବଂ ଡେରା ସମ୍ପ୍ରଦାୟର ସେନାପତିଙ୍କ ସ୍ତ୍ରୀମାନେ ଅନ୍ୟ ପାର୍ଶ୍ୱଘଟକୁ ମୁଣ୍ଡାଇ ରାଜବାଟି ଅଭିମୁଖେ ଯାଇଥିଲେ । ସେଠାରେ ରାଜା ଆଶୋକ କୁମାର ନରେନ୍ଦ୍ର ଦେବ ମା’ଙ୍କ ଆଳତି ସହ ପୂଜାର୍ଚ୍ଚନା କରିବା ପରେ ଶୋଭଯାତ୍ରା ଜଉରାସାହି ସ୍ଥିତ ମାଉସୀମା ଘରକୁ ଯାଇଥିଲା । ସେଠାରେ ମାଉସୀ ଘର କୁହାଯାଉଥିବା ଶ୍ରୀନିବାସ ସେନାପତିଙ୍କ ପରିବାର ମା’ଙ୍କ ନିକଟରେ ଗଜା ଭୋଗ ଲଗାଇବା ସହ ପୂଜାର୍ଚ୍ଚନା କରିଥିଲେ । ଦ୍ୱିତୀୟ ଥର ପାଇଁ ମା’ ମାଉସୀ ଘରକୁ ଆସିଥିବାରୁ ଜଉରା ସାହି ଉତ୍ସବ ମୁଖର ହୋଇଉଠିଥିଲା । ମାଉସୀ ଘରେ ମା’ଙ୍କ ଦର୍ଶନ ପାଇଁ ଶତାଧିକ ଶ୍ରଦ୍ଧାଳୁଙ୍କ ସୁଅ ଛୁଟିଥିଲା । ମାଉସୀ ମା’ ଘର ପର୍ବ ସମାପ୍ତ ପରେ ଘଟ ଶୋଭାଯାତ୍ରା ୬ ସାହି ପରିକ୍ରମା କରିଥିଲା। ଜଉରାସାହିରୁ ମା’ଙ୍କ ଘଟ ପଣ୍ଡିତ ସାହି, କୋରିବାରି ସାହି, କରଣ ସାହି, ଶଗଡିଆ ମାର୍ଥା ସାହି ପରିକ୍ରମା କରିଥିଲା । ଏହାପରେ ମା’ଙ୍କ ଘଟ ଶୋଭାଯାତ୍ରା ପୁଣି କୋରିବାରି ସାହି, ଖାସ୍ବାସାହି, ନଡିଆ ବଜାର ହୋଇ ଅସ୍ଥାୟୀ ପୀଠକୁ ବାହୁଡି ଥିଲା । ମା’ଙ୍କ ଘଟ ଉପରୋକ୍ତ ସାହି ପରିକ୍ରମା ବେଳେ ମହିଳାମାନେ ଘର ଆଗରେ ପାଣି କୁମ୍ଭ ରଖିବା ସହ ମୁଖ୍ୟଘଟଧାରୀଙ୍କ ପାଦରେ ହଳଦୀ ଓ କର୍ପୁର ମିଶା ପାଣି ଅର୍ପଣ କରିଥିଲେ ।




ମା’ଙ୍କ ଘଟ ପରିକ୍ରମା ।




## ପ୍ରଥମ ପର୍ଯ୍ୟାୟ ମତଦାନରେ ଭୋଟରଙ୍କ ପ୍ରତିକ୍ରିୟା

*ବ୍ରହ୍ମପୁର ଅଫିସ,୧୧।୪:* **ଶେଷ ହୋଇଛି ପ୍ରଥମ ପର୍ଯ୍ୟାୟ ନିର୍ବାଚନ। ଗଞ୍ଜାମ ଜିଲା ବ୍ରହ୍ମପୁର ଲୋକ ସଭା ଓ ଏହା ଅନ୍ତର୍ଗତ ଛତ୍ରପୁର, ଗୋପାଳପୁର, ବ୍ରହ୍ମପୁର, ଦିଗପହଣ୍ଡି ଓ ଚିକିଟି ପ୍ରମୁଖ ୫ ବିଧାନସଭା ଆସନ ପାଇଁ ଗୁରୁବାର ମତଦାନ ଅନୁଷ୍ଠିତ ହୋଇଥିଲା। ବ୍ରହ୍ମପୁର ଓ ଏହାର ଆଖପାଖ ଅଞ୍ଚଳରେ ପୋଲିଂ ବୁଥରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ପ୍ରଥମ ଥର ପାଇଁ ଇଭିଏମ୍ ସହ ଭିଭିପିଏଟି ମେଶିନ ଖଞ୍ଜା ଯାଇଥିଲା। ଗୁରୁବାର ବ୍ରହ୍ମପୁରର ବିଭିନ୍ନ ମତଦାନ କେନ୍ଦ୍ରକୁ ଭୋଟ ଦେବାକୁ ଆସିଥିବା ଭୋଟରମାନେ ମତଦାନକୁ ନେଇ ନିଜ ପ୍ରତିକ୍ରିୟାରେ କହିଛନ୍ତି...**



ଚଳିତ ବର୍ଷ ମତଦାନକୁ ସ୍ୱଚ୍ଛ କରିବା ନେଇ ଭିଭିପିଏଟି ମେଶିନର ବ୍ୟବହାର ଏକ ସୁଚିନ୍ତିତ ପଦକ୍ଷେପ । କିନ୍ତୁ ଏଥିସହ ମତଦାନ କରିବା ବେଳେ ନାଗରିକମାନେ ଅନ୍ୟମାନଙ୍କ ପ୍ରରୋଚନାରୁ ନିବୃତ୍ତ ରହି ଭୋଟ ଦେବା ଉଚିତ।

**– ମିନତି କୁମାରୀ ଦାଶ, ମହିଳା**



୫ ବର୍ଷରେ ଥରେ ନିର୍ବାଚନରେ ମତଦାନ କରିବାର ସୁଯୋଗ ମିଳିଥାଏ। ଚଳିତ ବର୍ଷ ଦଣ୍ଡଯାତ୍ରାର ସମୟାବଧି ମଧ୍ୟରେ ସାଧାରଣ ନିର୍ବାଚନ ପଡିଲା। ମାନସିକ ଥିବା ହେତୁ ଦଣ୍ଡଯାତ୍ରାରେ ସାମିଲ ହୋଇଥିବାରୁ ଚଳିତ ଥର ମତଦାନ କରିବା ନେଇ ଆଶା କରି ନ ଥିଲି। କିନ୍ତୁ ମତଦାନ ଦିନ ହିଁ ବିଜିପୁରରେ ଦଣ୍ଡଯାତ୍ରା ଲାଗିବାର ସୁଯୋଗ ମିଳିବାରୁ ସେଠାରେ କାର୍ଯ୍ୟକ୍ରମ ଆରମ୍ଭ ପୂର୍ବରୁ କେନ୍ଦ୍ରକୁ ଆସି ଭୋଟ ଦେଇଛି।

**– ରଞ୍ଜନ ସାହୁ, ଦଣ୍ଡୁଆ**



ପ୍ରତ୍ୟେକ ନିର୍ବାଚନରେ ମତଦାନ କରିଆସୁଛି। ନିର୍ବାଚନ ସମୟରେ ମତଦାନ କରିବାକୁ ମୁଁ ମୋର କର୍ତ୍ତବ୍ୟ ବୋଲି ଭାବେ । ବାର୍ଦ୍ଧକ୍ୟରେ ମଧ ମତଦାନ ପାଇଁ ଆସିଛି । ବର୍ତ୍ତମାନ ପ୍ରଶାସନ ପକ୍ଷରୁ ନୂଆ ବ୍ୟବସ୍ଥା ହୋଇଛି। ନୂଆ ବ୍ୟବସ୍ଥା ସମ୍ପର୍କରେ ଝିଅଠାରୁ ବୁଝିବା ସହ ମତଦାନ କରିଛି।

**–ଗନ୍ତାୟତ ଜେନା, ବରିଷ୍ଠ ନାଗରିକ**



ଭୋଟ ଦେବା ମୋର ସୌକ । ପ୍ରତି ନିର୍ବାଚନରେ ଭୋଟ ଦେବାକୁ କେବେ ଭୁଲିନି। ଏଥର ଦଣ୍ଡଯାତ୍ରାରେ ସାମିଲ ହୋଇଛି। ତଥାପି ମତଦାନ ଦିନ ଦଣ୍ଡଯାତ୍ରାରୁ ସମୟ ବାହାର କରି ଆସି ମତଦାନ କରିଛି । ପ୍ରଶାସନର ସ୍ୱତନ୍ତ୍ର ବ୍ୟବସ୍ଥା ଯୋଗୁ ଖୁବଶୀଘ୍ର ମତଦାନ କରିପାରିଛି ।

**– ପ୍ରକାଶ ଚନ୍ଦ୍ର ଗୌଡ, ଦଣ୍ଡୁଆ**



ପୂର୍ବରୁ ବାହାରେ ଚାକିରି କରୁଥିବାରୁ ଭୋଟ ଦେବାରୁ ବଞ୍ଚିତ ରହୁଥିଲି। କିନ୍ତୁ ଗତ ୪ ବର୍ଷ ଧରି ବ୍ରହ୍ମପୁରକୁ ସ୍ଥାନାନ୍ତର ହେବା ପରେ ଚଳିତ ବର୍ଷ ପ୍ରଥମ ଥର ପାଇଁ ମତଦାନ କରିଛି । ଇଭିଏମ୍ ଓ ଭିଭିପିଏଟିରେ ପ୍ରଥମ ଥର ପାଇଁ ନିଜ ଇଚ୍ଛାରେ ମତଦାନ କରିଥିବାରୁ ଖୁସି ଅଛି।

**–ଅଚ୍ୟୁତାନନ୍ଦ ପଟ୍ଟନାୟକ**



ନିଜ ମତ ପ୍ରଦାନ କରିବାର ସୁଯୋଗ ୫ ବର୍ଷରେ ଥରେ ମିଳିଥାଏ । ତେଣୁ ଜନସାଧାରଣ ମତଦାନରେ ସ୍ୱଚ୍ଛତା ପାଇଁ ଚଳିତ ନିର୍ବାଚନରେ ହୋଇଥିବା ଭିଭିପିଏଟି ବ୍ୟବସ୍ଥା ସ୍ୱାଗତଯୋଗ୍ୟ । କିନ୍ତୁ ଏହା ଆହୁରି ପୂର୍ବରୁ ହୋଇଥିଲେ ଭଲ ହୋଇଥାନ୍ତା।

**– ବି. ରାଜେନ୍ଦ୍ର ପ୍ରସାଦ ଦୋରା**

## ଭୋଟ ବର୍ଜନ କଲେ ୫ ଗାଁର ଭୋଟର

**କର୍ଲାମୁଣ୍ଡା/ଜୁନାଗଡ଼/ଭବାନୀପାଟଣା, ୧୧।୪(ଡି.ଏନ.ଏ.)**

କଳାହାଣ୍ଡି ଜିଲାରେ ଗୁରୁବାର ପ୍ରଥମ ପର୍ଯ୍ୟାୟ ଭୋଟ ଗ୍ରହଣ ଶେଷ ହୋଇଛି । ଏହି ଭୋଟକୁ ବର୍ଜନ କରିଛନ୍ତି ୫ ଗାଁର ଭୋଟର । ବିଭିନ୍ନ କାରଣକୁ ନେଇ ସେମାନେ ଏହି ନିଷ୍ପତ୍ତି ନେଇଛନ୍ତି। ନର୍ଲା ନିର୍ବାଚନମଣ୍ଡଳୀ ଟେଟେଙ୍ଗପଦର ଗ୍ରାମବାସୀ ଭୋଟ ବର୍ଜନ କରିଛନ୍ତି । କର୍ଲାମୁଣ୍ଡା ବ୍ଲକ ଗଜବାହାଲ ଗ୍ରାମପଞ୍ଚାୟତ ଟେଟେଙ୍ଗପଦର ଗ୍ରାମବାସୀ ଅବୁଜବାହାଲର ବୁଥ୍ ନଂ. ୨୧୦ରେ ଭୋଟ ଦେଇଥାନ୍ତି । ଗାଁର ମୁଖ୍ୟରାସ୍ତା ନିର୍ମାଣ ପାଇଁ ଦୀର୍ଘଦିନରୁ ଗ୍ରାମବାସୀ ଦାବି କରି ଆସୁଥିଲେ । ହେଲେ ସେଥିରେ ବିଳମ୍ବ ଘଟୁଥିବା ଯୋଗୁ ଗ୍ରାମର ୩୦୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ଭୋଟ ବର୍ଜନ କରିଛନ୍ତି । ଉକ୍ତ ରାସ୍ତା ନିର୍ମାଣ ପାଇଁ କିଛିଦିନ ତଳେ ବ୍ଲକ ପକ୍ଷରୁ ମେଣ୍ଟାଲ ବିଛାଯାଇଥିଲେ ହେଁ ମୋରମ (ରୁଗୁଡି) ବିଛାଯାଇ ନ ଥିବାରୁ ଏହି ରାସ୍ତା ଯିବା ପାଇଁ ଅନୁପଯୋଗୀ ହୋଇଥିବା ଗାଁର ମନ୍ଦିର ସୁନା କହିଛନ୍ତି । ଏହି ଗାଁର ଅନ୍ୟ ଏକ ପ୍ରମୁଖ ସମସ୍ୟା ଲକ୍ଷ୍ମୀନାଳଠାରେ ବ୍ରିଜ ନିର୍ମାଣ କାର୍ଯ୍ୟ ଦୀର୍ଘ ବର୍ଷରୁ ଆରମ୍ଭ ହୋଇଛି । କିନ୍ତୁ ତାହା ସମ୍ପୂର୍ଣ୍ଣ ହେବାରେ ବିଳମ୍ବ ଘଟୁଥିବାରୁ ଗ୍ରାମବାସୀ ବର୍ଷାଦିନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଗାଁର ସ୍ଥାୟୀ ରାସ୍ତା ଓ ବ୍ରିଜ ସମ୍ପୂର୍ଣ୍ଣ କରଣ ପାଇଁ ଗ୍ରାମବାସୀ ୧୫।୦୯।୨୦୧୮ ରିଖରେ ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରିବା ସହ ସାଧାରଣ ନିର୍ବାଚନରେ ଭୋଟ ବର୍ଜନ କରିବାକୁ ଚେତାବନୀ ଦେଇଥିଲେ । ଅଦ୍ୟାବଧି ପ୍ରଶାସନ କୌଣସି ପଦକ୍ଷେପ ନ ନେଇଥିବାରୁ ସେମାନେ ଭୋଟ ବର୍ଜନ କରିଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ଖବର ପାଇ ସ୍ଥାନୀୟ ତହସିଲଦାର ତଥା ଅତିରିକ୍ତ ନିର୍ବାଚନ ଅଧିକାରୀ ଅବନୀକାନ୍ତ ସାହୁ ଗ୍ରାମବାସୀଙ୍କ ସହିତ ଆଲୋଚନା କରିଥିଲେ ହେଁ କୌଣସି ସୁଫଳ ମିଳି ନ ଥିଲା ।


କେଟେଙ୍ଗ ପଦର ଗ୍ରାମବାସୀ ଅତିରିକ୍ତ ନିର୍ବାଚନ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।

ସେହିପରି ଜୁନାଗଡ ବ୍ଲକ ଦୁର୍ଗମ ତଥା ମାଓବାଦୀପ୍ରବଣ ଅଞ୍ଚଳ ଦେଦର ପଞ୍ଚାୟତର ସୁର୍ଲି, ସୁପେଲ, କୁସୁମ୍ବରା ଓ ଚାରଭାଟି ପଞ୍ଚାୟତର ସଂକ୍ରିଗୁଡା ଗ୍ରାମବାସୀ ଗୁରୁବାର ଭୋଟ ବର୍ଜନ କରିଛନ୍ତି। ସୁପେଲ ପ୍ରାଥମିକ ବିଦ୍ୟାଳୟ ବୁଥ୍ ସମ୍ମୁଖରେ ଗ୍ରାମବାସୀ ଏକାଠି ହୋଇ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଭବାନୀପାଟଣା ନିର୍ବାଚନମଣ୍ଡଳୀର ଭେଜିପଦର ଗ୍ରାମବାସୀ ମଧ୍ୟ ଭୋଟ ବର୍ଜନ କରି ଧାରଣାରେ ବସିଥିଲେ ।

## ଭୋଟ ଦେବାକୁ ଆସି ଟଳି ପଡ଼ିଲେ ଭୀମା

**ମାଲକାନଗିରି, ୧୧।୪ (ଡି.ଏନ୍.ଏ.)**

ମାଲକାନଗିରି ନିର୍ବାଚନମଣ୍ଡଳୀ ଅଧୀନ ନାଲାଗୁଣ୍ଡି ପଞ୍ଚାୟତର ଏମ୍‌ପିଭି-୭୪ ବୁଥ୍‌କୁ ଗୁରୁବାର ମତଦାନ କରିବାକୁ ଆସିଥିବା ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଏମ୍‌ଭି-୭୯ ଥାନା ଅନ୍ତର୍ଗତ ନାଲାଗୁଣ୍ଡି ଗ୍ରାମର ଭିମା କବାସୀ(୬୦)। ଭୀମା ୨୪୯ ନମ୍ବର ବୁଥିରେ ଭୋଟ ଦେବା ପାଇଁ ଲାଇନରେ ଛିଡା ହୋଇଥିଲେ। ଦୀର୍ଘ ସମୟ ଧରି ଛିଡ଼ା ହେବାରୁ ସେ ସଂଜ୍ଞାହୀନ ହୋଇ ପଡିଥିଲେ। ପରେ ତାଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା।

## ୧୫ ବୁଥ୍‌ରେ ଭୋଟ ଶୂନ୍ୟ

**ମାଲକାନଗିରି, ୧୧।୪ (ଡି.ଏନ୍.ଏ.)**

ମାଲକାନଗିରି ଜିଲାରେ ମାଓବାଦୀଙ୍କ ଭୋଟ ବର୍ଜନ ଧମକ ଯୋଗୁ ଚିତ୍ରକୋଣ୍ଡା ନିର୍ବାଚନମଣ୍ଡଳୀ ସ୍ୱାଭିମାନ ଅଞ୍ଚଳର ୫ ପଞ୍ଚାୟତରେ ଗୁରୁବାର ମତଦାନ ହୋଇ ନ ଥିବା ଜିଲା ପ୍ରଶାସନ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଚିତ୍ରକୋଣ୍ଡାର ବିଚ୍ଛିନ୍ନାଞ୍ଚଳ କୁନ୍ତୁରପଦର ପୋଲିସ କ୍ୟାମ୍ପରେ କରାଯାଇଥିବା ଯୋଡ଼ାମ୍ବ ଗ୍ରାମର ୧ ଓ ୨ ନମ୍ବର ବୁଥ ସହ ଅଣ୍ଡ୍ରାପାଲି, ଯନ୍ତ୍ରୀ, ସନ୍ୟାସୀଗୁଡ଼ା, ହାଣ୍ଡିଖାଲ, ପଣସପୁଟ, ସିଂଘଇ, ଗୋରାସେତୁ ବୁଥରେ ମତଦାନ ହୋଇପାରି ନାହିଁ। ସେହିପରି ଟେମୁରୁପାଲିର ୪ଟି ବୁଥ ଗ୍ରାମଠାରୁ ବହୁ ଦୂରରେ ହେବାରୁ ଲୋକମାନେ ଭୋଟ ଦେବାକୁ ଯାଇ ନ ଥିବା ଜଣାପଡ଼ିଛି । ଏଭଳି ଜିଲାର ପ୍ରାୟ ୧୫ରୁ ଊର୍ଦ୍ଧ୍ୱ ବୁଥରେ ମତଦାନ ଶୂନ ହୋଇଛି । ତମସପୁଟ ଗ୍ରାମର ଗ୍ରାମବାସୀ ବିକାଶମୂଳକ କାର୍ଯ୍ୟ ହୋଇ ନ ଥିବା ଅଭିଯୋଗ କରି ଭୋଟ ବର୍ଜନ କରିଥିବା ଜଣାପଡ଼ିଛି । ଏହି ବୁଥ୍‌ଗୁଡିକୁ ବୁଧବାର ଏକ ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ପୋଲିଂ ପାର୍ଟିର ୫୪ଜଣ କର୍ମଚାରୀଙ୍କୁ ନିଆଯାଇଥିଲା। ଗୁରୁବାର ଅପରାହ୍ନ ୪ଟା ସୁଦ୍ଧା କେହି ଜଣେ ହେଲେ ଭୋଟର ଭୋଟ ଦେବାକୁ ଆସି ନ ଥିଲେ।

ମତଦାନ ପାଇଁ ଧାର୍ଯ୍ୟ ସମୟ ଅତିକ୍ରାନ୍ତ କରିବା ପରେ ପୋଲିଂ ପାର୍ଟିର କର୍ମଚାରୀମାନଙ୍କୁ ହେଲିକପ୍ଟର ଯୋଗେ ସନ୍ଧ୍ୟାରେ ମାଲକାନଗିରି ଫେରାଇ ଅଣାଯାଇଛି ବୋଲି ମାଲକାନଗିରି ଜିଲାପାଳ ମନୀଷ ଅଗ୍ରୱାଲ କହିଛନ୍ତି। ଜିଲାପାଳ ଅଗ୍ରୱାଲ କହିଛନ୍ତି, ଜିଲାରେ ମାଲକାନଗିରି ଓ ଚିତ୍ରକୋଣ୍ଡା ନିର୍ବାଚନମଣ୍ଡଳୀରେ ୫୦ ପ୍ରତିଶତ ମତଦାନ ହୋଇଛି। ଆଭ୍ୟନ୍ତରୀଣ ଅଞ୍ଚଳରେ ଯୋଗାଯୋଗ ହୋଇ ପାରି ନ ଥିବାରୁ ସମ୍ପୂର୍ଣ୍ଣ ତଥ୍ୟ ଆସିପାରି ନାହିଁ। ଏ ସମ୍ପର୍କରେ ଅନେକ ପ୍ରିଜାଇଡିଂ ଅଫିସର କହିଛନ୍ତି , ଭୋଟ କାର୍ଯ୍ୟରେ ନିୟୋଜିତ ହୋଇଥିଲେ ମଧ୍ୟ ମନରେ ଭୟ ଥିଲା । ତଥାପି ଭୋଟ କାର୍ଯ୍ୟ ସମ୍ପନ୍ନ ପରେ ଫେରିବୁ ବୋଲି ଆଶା ରଖିଥିଲୁ। ମାତ୍ର କୌଣସି ଲୋକ ଭୋଟ ଦେବାକୁ ନ ଆସିବାରୁ ମନରେ ଅନେକ ଆଶଙ୍କା ଉପୁଜିଥିଲା। ତେବେ ଆମ ନିକଟରେ ସୁରକ୍ଷା କର୍ମୀ ଥିବାରୁ କୌଣସି ଅଘଟଣ ଘଟିନାହିଁ। ଆମେ ସୁରକ୍ଷିତ ଭାବେ ଫେରିଆସିଛୁ।

ସୂଚନାଯୋଗ୍ୟ, ନିର୍ବାଚନ ତାରିଖ ଘୋଷଣା ହେବା ପରଠାରୁ ମାଓବାଦୀମାନେ ବିଚ୍ଛିନ୍ନାଞ୍ଚଳରେ ପ୍ରଜାମେଳି କରି ସ୍ଥାନୀୟ ଅଞ୍ଚଳବାସୀଙ୍କୁ ଭୋଟ ବର୍ଜନ କରିବା ଲାଗି ଧମକ ଦେଇଥିଲେ। ବିଭିନ୍ନ ସ୍ଥାନରେ ବ୍ୟାନର, ପୋଷ୍ଟର ମାରିଥିଲେ। ମାଥିଲି ଥାନା ଅଞ୍ଚଳରେ ମଧ୍ୟ ମାଓବାଦୀମାନେ ଭୋଟ ବର୍ଜନ ପାଇଁ ଧମକ ଦେଇଥିଲେ। ୧୫ଟି ବୁଥ୍‌ରେ କେହି ଭୋଟ ନ ଦେବା ମାଓବାଦୀଙ୍କୁ ସମ୍ପୃକ୍ତ ଅଞ୍ଚଳବାସୀଙ୍କ ସମର୍ଥନ ସ୍ପଷ୍ଟ ହୋଇଛି। ଅନ୍ୟପକ୍ଷରେ ଏ ସମ୍ପର୍କରେ ପ୍ରଶାସନ ଜାଣିବା ପରେ ମଧ୍ୟ ଲୋକଙ୍କ ମନରୁ ଭୟ ଦୂର କରିବା ପାଇଁ ପୋଲିସ ପ୍ରଶାସନ, ବିଭିନ୍ନ ରାଜନୈତିକ ଦଳ କୌଣସି ପଦକ୍ଷେପ ନେଇ ନ ଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି।

# ପ୍ରଥମ ପର୍ଯ୍ୟାୟ ନିର୍ବାଚନ ମତଦାନର କିଛି ଦୃଶ୍ୟ



ବିଧାୟକ ରମେଶଚନ୍ଦ୍ର ଚ୍ୟାଉପଟ୍ଟନାୟକ ଭୋଟ ଦେଉଛନ୍ତି।


ବ୍ରହ୍ମପୁର ବିଜେଡି ବିଧାୟକ ପ୍ରାର୍ଥୀ ବିକ୍ରମ ପଣ୍ଡା ଭୋଟ ଦେଉଛନ୍ତି।


କଂଗ୍ରେସର ବ୍ରହ୍ମପୁର ବିଧାୟକ ପ୍ରାର୍ଥୀ ଲିଙ୍ଗରାଜ ଚୌଧୁରୀ ମତଦାନ କରି ଫେରୁଛନ୍ତି।


ବ୍ରହ୍ମପୁର ଭାଜପା ବିଧାୟକ ପ୍ରାର୍ଥୀ କାହ୍ନୁଚରଣ ପତି ଭୋଟ ଦେବାକୁ ଯାଉଛନ୍ତି।


ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀ ରଙ୍ଗେଇଲୁଣ୍ଡା ବ୍ଲକ୍ ଲୁହାଝର ପଞ୍ଚାୟତର ନୂଆପାତ୍ରପୁର ବୁଥ୍‌ରେ ମତଦାନ କରୁଛନ୍ତି।


ଜୟପୁରର ବିଜେଡି ବିଧାୟକ ପ୍ରାର୍ଥୀ ରବିନାରାୟଣ ନନ୍ଦ।


ଜୟପୁରର କଂଗ୍ରେସ ବିଧାୟକ ପ୍ରାର୍ଥୀ ତାରାପ୍ରସାଦ ବାହିନୀପତି ।


କଳାହାଣ୍ଡି ଲୋକ ସଭା ଆସନରୁ କଂଗ୍ରେସ ପ୍ରାର୍ଥୀ ଭକ୍ତଚରଣ ଦାସ ମତଦାନ କେନ୍ଦ୍ରରେ ନାମ ଯାଞ୍ଚ କରୁଛନ୍ତି।


କଳାହାଣ୍ଡି ଲୋକ ସଭା ଆସନର ଭାଜପା ପ୍ରାର୍ଥୀ ବସନ୍ତ ପଣ୍ଡା ଭୋଟ ଦେଇ ଫେରୁଛନ୍ତି।


କଳାହାଣ୍ଡି ଲୋକ ସଭା ଆସନ ପାଇଁ ବିଜେଡି ପ୍ରାର୍ଥୀ ପୁଷ୍ପେନ୍ଦ୍ର ସିଂହଦେଓ ଭୋଟ ଦେଇ ଫେରୁଛନ୍ତି।


କୋରାପୁଟ ଲୋକ ସଭାର ଭାଜପା ପ୍ରାର୍ଥୀ ଜୟରାମ ପାଙ୍ଗୀ ।


ନବରଙ୍ଗପୁର ଲୋକ ସଭାର ବିଜେଡି ପ୍ରାର୍ଥୀ ରମେଶ ମାଝି ଭୋଟ ଦେବା ପାଇଁ ଧାଡ଼ିରେ ଛିଡ଼ା ହୋଇଛନ୍ତି।


ନବରଙ୍ଗପୁର ଲୋକ ସଭାର କଂଗ୍ରେସ ପ୍ରାର୍ଥୀ ପ୍ରଦୀପ ମାଝି ଭୋଟର ପରିଚୟପତ୍ର ଦେଖାଉଛନ୍ତି।


ନବରଙ୍ଗପୁର ଲୋକ ସଭା ଆସନର ଭାଜପା ପ୍ରାର୍ଥୀ ବଳଭଦ୍ର ମାଝି ।


ପୂର୍ବତନ ମୁଖ୍ୟମନ୍ତ୍ରୀ ଗିରିଧର ଗମାଙ୍ଗ, ଗୁଣପୁର ଭାଜପା ପ୍ରାର୍ଥୀ ଶିଶିର ଗମାଙ୍ଗ ଭୋଟ ଦେବା ପାଇଁ ବୁଥ୍‌ରେ ପହଞ୍ଚିଛନ୍ତି।


ରାୟଗଡ଼ା ବିଜେଡି ବିଧାୟକ ପ୍ରାର୍ଥୀ ଲାଲବିହାରୀ ହିମିରିକା ।

## ସଂକ୍ଷେପରେ

### ବଜ୍ରପାତରେ ମହିଳା ମୃତ

ହିଞ୍ଜିଳିକାଟୁ,୧୧।୪(ଡି.ଏନ୍.ଏ): ହିଞ୍ଜିଳି ଥାନା କୋଳିଦାସପୁର ଗ୍ରାମରେ ଗୁରୁବାର ସନ୍ଧ୍ୟାରେ ବଜ୍ରପାତରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ କୁମାରୀ ରାଉତ(୫୨)। କୁମାରୀ ସନ୍ଧ୍ୟାରେ ନିଜର ପଦରକୁ ଯାଇ ପରିବା ନେଇ ଘରକୁ ଫେରିବା ବେଳେ ବାଟରେ ବଜ୍ରପାତ ହୋଇଥିଲା। ପରିବାର ଲୋକେ ତାଙ୍କୁ ଘଟଣାସ୍ଥଳରୁ ଉଦ୍ଧାର କରି ହିଞ୍ଜିଳିକାଟୁ ଡାକ୍ତରଖାନା ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ଶିକ୍ଷୟିତ୍ରୀଙ୍କ ମୃତ୍ୟୁ

ଦାରିଙ୍ଗବାଡ଼ି,୧୧।୪(ଡି.ଏନ.ଏ): ଦାରିଙ୍ଗବାଡ଼ି ବ୍ଲକ ସିମନବାଡ଼ି ଉଚ୍ଚ ପ୍ରାଥମିକ



ବିଦ୍ୟାଳୟରେ କାର୍ଯ୍ୟରତ ଜଣେ ଶିକ୍ଷୟିତ୍ରୀଙ୍କ ଗୁରୁବାର କନ୍ଧମାଳ ଜିଲା ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତ୍ୟୁ ଘଟିଛି। ସେ ହେଲେ ମିନା କୁମାରୀ ନାୟକ। ତାଙ୍କ ଘର ରାଇକିଆ ବ୍ଲକ ଦିଗ୍ ଅଞ୍ଚଳରେ। ଅସୁସ୍ଥତା କାରଣରୁ ସେ ମଙ୍ଗଳବାର ଠାରୁ ଛୁଟି ନେଇ ଚିକିତ୍ସା ପାଇଁ ଯାଇଥିଲେ। ତାଙ୍କ ମୃତ୍ୟୁ ଖବର ବିଦ୍ୟାଳୟରେ ପହଞ୍ଚିବାପରେ ସହଯୋଗୀ ଶିକ୍ଷୟିତ୍ରୀ ଶିକ୍ଷକ ତଥା ରଶ୍ମିତା ତ୍ରିପାଠୀ, ମାଧୁରୀ ଦିଗାଳଙ୍କ ସମେତ ଅନ୍ୟମାନେ ଶେଷ ଦର୍ଶନ କରିବା ପାଇଁ ଯାଇଛନ୍ତି। ସୂଚନାଯୋଗ୍ୟ ଯେ, ଶିକ୍ଷୟିତ୍ରୀ ଜଣକ ଦୀର୍ଘବର୍ଷ ଧରି ଉକ୍ତ ବିଦ୍ୟାଳୟରେ ଶିକ୍ଷାଦାନ କରିଆସୁଥିଲେ। ତାଙ୍କ ବିୟୋଗରେ ଛାତ୍ରୀଛାତ୍ର ଓ ଅଭିଭାବକଙ୍କ ମହଲରେ ଶୋକର ଛାୟା ଖେଳି ଯାଇଛି।

### ଉଦ୍ଧାର ୨ ନବଜାତ ଶିଶୁକନ୍ୟାରୁ ଜଣକର ମୃତ୍ୟୁ

ସୋର, ୧୧।୪(ଡି.ଏନ.ଏ.): ସୋର ଥାନା ବାସୁଦେବପୁର ଗୁଡ୍ ରାସ୍ତାରୁ ବୁଧବାର ସକାଳେ ଦୁଇ ନବଜାତ ଶିଶୁ କନ୍ୟାଙ୍କୁ ରାସ୍ତା କଡରୁ ଉଦ୍ଧାର କରାଯାଇଥିଲା । ଏହି ଗ୍ରାମର ଉଦ୍ଧବ ନାୟକ ଦୁଇ ଶିଶୁଙ୍କୁ ଉଦ୍ଧାର କରି ତାଙ୍କ ଘରେ ରଖିଥିଲେ। ପରେ ଏହି ଶିଶୁ କନ୍ୟାଙ୍କୁ ସ୍ଥାନୀୟ ଲୋକଙ୍କ ପରାମର୍ଶରେ ସେ ବାସୁଦେବପୁର ଥାନା ଅଡୁଆଁ ଇରମ ଅଞ୍ଚଳର ବସନ୍ତ ସେଠୀଙ୍କୁ ଗୋଟିଏ ଶିଶୁକନ୍ୟା ହସ୍ତନ୍ତର କରିଥିଲେ। ଅନ୍ୟ ଏକ ଶିଶୁକୁ ସୋର ଥାନା ଅନ୍ତର୍ଗତ ଶିରାପୁର ଗ୍ରାମର ଲଖିଆ ଜେନାଙ୍କୁ ହସ୍ତାନ୍ତର କରିଥିଲେ। ସେମାନଙ୍କ ମଧ୍ୟରୁ ଲଖିଆ ଉକ୍ତ ଶିଶୁକନ୍ୟାକୁ ସୋର ଡାକ୍ତରଖାନାକୁ ଆଣିବା ପରେ ବାଲେଶ୍ୱର ନେଉଥିବା ବେଳେ ବାଟରେ ତାର ମୃତ୍ୟୁ ହୋଇଥିଲା। ଲଖିଆ ମୃତ ଶିଶୁକୁ ଗ୍ରାମକୁ ନେଇ ସତ୍କାର କରିଥିବା ଜଣାପଡିଛି। ଏହାପରେ ଖଇରା ଚାଇଲ୍ଡଲାଇନ୍ କର୍ତ୍ତୃପକ୍ଷ ଘଟଣାସ୍ଥଳରେ ପହଞ୍ଚି ପଚରାଉଚୁରା କରିଥିଲେ।

■ ଦାରିଙ୍ଗବାଡ଼ି, ଫିରିଙ୍ଗିଆରେ ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନ ପ୍ରଚାର

# ମୁଁ ଥିବା ପର୍ଯ୍ୟନ୍ତ କାଳିଆ ଯୋଜନାରେ ସହାୟତା ମିଳିବ

ଦାରିଙ୍ଗବାଡ଼ି,(ଡି.ଏନ୍.ଏ.)/ ଫୁଲବାଣୀ ଅଫିସ/ଫିରିଙ୍ଗିଆ,୧୧।୪



ଦାରିଙ୍ଗବାଡିରେ ଅନୁଷ୍ଠିତ ସଭାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ବୋଧନ ଦେଉଛନ୍ତି।

କାଳିଆ ଯୋଜନାରେ ୪୦ ଲକ୍ଷ ଚାଷୀ ସହାୟତା ପାଇସାରିଲେଣି। ଏହାକୁ ଭାଜପା ବିରୋଧ କରୁଛି, ଯୋଜନାକୁ ବନ୍ଦ କରିବା ପାଇଁ କେନ୍ଦ୍ର ଚକ୍ରାନ୍ତ ଚଳାଇଛି। ମୁଁ ଥିବା ପର୍ଯ୍ୟନ୍ତ ଏହାକୁ ବନ୍ଦ କରିବାକୁ ଦେବିନାହିଁ। ସମସ୍ତ ହିତାଧିକାରୀ ଏହି ଅର୍ଥ ନିଶ୍ଚିତ ପାଇବେ ବୋଲି କନ୍ଧମାଳ ଜିଲା ଦାରିଙ୍ଗବାଡି ବ୍ଲକ ଅଞ୍ଚଳରେ ଗୁରୁବାର ଅନୁଷ୍ଠିତ ସାଧାରଣ ସଭାରେ ଯୋଗଦେଇ ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଥିଲେ। ସେ ଆହୁରି କହିଥିଲେ ଯେ, କେନ୍ଦ୍ରରେ କୃଷକଙ୍କ ବୀମା କରି କମ୍ପାନୀ ମାଲାମାଲ ହେଉଥିବାବେଳେ ଚାଷୀ ହଇରାଣ ହେଉଛନ୍ତି। ଅନୁସୂଚିତ ଜାତି ଓ ଜନଜାତି ଛାତ୍ରୀଛାତ୍ରଙ୍କ ଷ୍ଟାଇପେଣ୍ଡ ଟଙ୍କା, କେବିକେ ଯୋଜନାରେ ଅର୍ଥ କେନ୍ଦ୍ର ସରକାର ବନ୍ଦ କରିଦେଇଛନ୍ତି, ରେଲୱେ କ୍ଷେତ୍ରରେ ବିକାଶ ନାହିଁ। ଓଡ଼ିଶାରେ ବାତ୍ୟା ହେଉକି ମରୁଡ଼ି କେନ୍ଦ୍ର ସରକାର ଟଙ୍କା ଦେଲେ ନାହିଁ କିମ୍ବା କୌଣସି ନେତା ମନ୍ତ୍ରୀ ଆସିଲେ ନାହିଁ। ନିର୍ବାଚନ ଆସିଲେ କେନ୍ଦ୍ରରୁ ନେତାମାନେ ଓଡ଼ିଶା ଆସନ୍ତି ଓ ବଡ଼ବଡ଼ କଥା କୁହନ୍ତି। କେବଳ ଭୋଟ ପାଇଁ ସେମାନେ ଆସୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ତେବେ ଜୀବନର ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ଓଡ଼ିଶାବାସୀଙ୍କ ସେବା କରିବି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ଅପରାହ୍ନ ପ୍ରାୟ ସାଢେ ୨ଟାରେ ମୁଖ୍ୟମନ୍ତ୍ରୀ ହେଲିପ୍ୟାଡ୍‌ରେ ଅବତରଣ କରିବା ପରେ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖଙ୍କ ସମେତ କନ୍ଧମାଳ ଏମ୍‌ପି ପ୍ରାର୍ଥୀ ଡ. ଅଚ୍ୟୁତ ସାମନ୍ତ ଏବଂ ଜି.ଉଦୟଗିରି ନିର୍ବାଚନମଣ୍ଡଳୀର ବିଧାୟକ ପ୍ରାର୍ଥୀ ସାଲୁଗା

■ ଅଚ୍ୟୁତ, ସାଲୁଗାଙ୍କ ପାଇଁ ଭୋଟ ମାଗିଲେ

■ ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ଓଡ଼ିଶାର ସେବା କରିବି

ପ୍ରଧାନଙ୍କ ସମେତ ବହୁ ଦଳୀୟ କର୍ମୀ ତାଙ୍କୁ ସ୍ୱାଗତ କରି ସଭାମଞ୍ଚକୁ ପାଛୋଟି ଆଣିଥିଲେ। ମନ୍ତ୍ରୀ ଆରୁଖ ବୈଠକରେ ସଭାପତିତ୍ୱ କରିଥିଲେ। ପୁଣିଥରେ ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ହେବାକୁ ଯାଉଛନ୍ତି, ଏଣୁ କନ୍ଧମାଳ ଏମ୍‌ପି ପ୍ରାର୍ଥୀ ଅଚ୍ୟୁତ ଏବଂ ଜି.ଉଦୟଗିରି ବିଧାୟକ ପ୍ରାର୍ଥୀ ସାଲୁଗାଙ୍କୁ ଆସନ୍ତା ୧୮ରେ ହେବାକୁ ଥିବା ନିର୍ବାଚନରେ ଭୋଟ ଦେଇ ଜୟଯୁକ୍ତ କରିବାକୁ ମନ୍ତ୍ରୀ ଆରୁଖ ନିବେଦନ କରିଥିଲେ। ସେହିପରି ପ୍ରାର୍ଥୀ ଅଚ୍ୟୁତ ଏବଂ ସାଲୁଗା ମଧ୍ୟ ମୁଖ୍ୟମନ୍ତ୍ରୀ ପଟ୍ଟନାୟକଙ୍କ ହାତମୁଠାକୁ ଟାଣ କରିବାକୁ ତାଙ୍କୁ ଚଳିତ ନିର୍ବାଚନରେ ବିପୁଳ ଭୋଟ ଦେବାକୁ ନିବେଦନ କରିଥିଲେ।

ପରେ ସେ ହେଲିକପ୍ଟର ଯୋଗେ ଫିରିଙ୍ଗିଆ ଅଭିମୁଖେ ଯାଇ ନିର୍ବାଚନୀ ସଭାରେ ଯୋଗ ଦେଇଥିଲେ। ସେଠାରେ ଉପସ୍ଥିତ ଲୋକଙ୍କୁ ସମ୍ବୋଧନ କରି ନିଜ ସରକାରର ଯୋଜନା ସମ୍ପର୍କରେ କହିଥିଲେ। ଏଥିସହ କେନ୍ଦ୍ର ସରକାରଙ୍କ ଅବହେଳା ନେଇ ବର୍ଷିଥିଲେ। ସରକାର କ୍ଷମତାକୁ ଆସିଲେ ପ୍ରଥମ ଦିନରେ କାଳିଆ ଟଙ୍କା ଚାଷୀଙ୍କୁ ପ୍ରଦାନ କରାଯିବ ବୋଲି କହିଥିଲେ। ଫୁଲବାଣୀ ବିଧାୟକ ପ୍ରାର୍ଥୀ ଅଙ୍ଗଦ କହଁର ଏବଂ ଏମ୍‌ପି ପ୍ରାର୍ଥୀ ଅଚ୍ୟୁତ ସାମନ୍ତଙ୍କୁ ଭୋଟ ଦେଇ ଜୟଯୁକ୍ତ କରିବାକୁ ଉପସ୍ଥିତ ଜନସାଧାରଣଙ୍କୁ ନିବେଦନ କରିଥିଲେ। ଏହି ଅବସରରେ କଂଗ୍ରେସ ଛାଡିଥିବା ଦଳ ଉପସଭାପତି ସୁଦର୍ଶନ କହଁର ବିଜେଡିରେ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମରେ ଜିଲା ସଭାପତି ସରୋଜ କର୍ଣ୍ଣ, ପୂର୍ବତନ ଏମ୍‌ପି ସୁଗ୍ରୀବ ସିଂ, ଜିଲା ସଂଯୋଜକ ମିଳନ କହଁର, ପ୍ରଦୀପ ମୁନୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ସିନେ କଳାକାର ବବି ମିଶ୍ର, ଅଙ୍କିତା ଭୌମିକ, ଚାନ୍ଦିନୀ, ଗୁନା ମହାପାତ୍ର ଜନସାଧାରଣଙ୍କ ମନୋରଞ୍ଜନ କରିଥିଲେ।

ଦାରିଙ୍ଗବାଡି କାର୍ଯ୍ୟକ୍ରମରେ ଦଳର ଜିଲା ଉପ ସଭାପତି କ୍ଷେତ୍ରୀବଳ ନାୟକ, ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ରୋଦନ ମଲ୍ଲିକ, ବ୍ଲକ ସଭାପତି ଦିଲୀପ କୁମାର ପ୍ରଧାନ, ଦୀପକ କୁମାର ସାହୁ, ଜାଲିନା ପ୍ରିୟଦର୍ଶିନୀ, ଅମିରଚାନ୍ଦ ନାୟକ, ବ୍ଲକ ଅଧ୍ୟକ୍ଷା ସୁବେନ୍ତୀ ପ୍ରଧାନ, ଉପାଧ୍ୟକ୍ଷ ରମାକାନ୍ତ ବଳିଆରସିଂ ପ୍ରମୁଖ ଯୋଗଦେଇଥିଲେ। ଉକ୍ତ ନିର୍ବାଚନମଣ୍ଡଳୀର ପ୍ରାୟ ୧୫ ହଜାର ଲୋକ କର୍ମୀ ଯୋଗଦେଇଥିଲେ। କନ୍ଧମାଳ ଏସ୍‌ପି ପ୍ରତୀକ ସିଂଙ୍କ ନେତୃତ୍ୱରେ ବାଲିଗୁଡ଼ା ଏସ୍‌ଡିପିଓ ବିନିତ ଅଗ୍ରୱାଲ, ଡିଏସ୍‌ପି ସୂର୍ଯ୍ୟକାନ୍ତ ରାୟ ଓ ଦାରିଙ୍ଗବାଡ଼ି, ରାଇକିଆ, ଟିକାବାଲି ଆଇଆଇସିଙ୍କ ନେତୃତ୍ୱରେ ବ୍ୟାପକ ଫୋର୍ସ ମୁତୟନ ହୋଇଥିଲେ।

## ସେଲ୍ଫି କର୍ଣ୍ଣର



ନନ୍ଦୁ



ପବିତ୍ର

ସେଲ୍ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ | bmpselfie@gmail.com (ନିର୍ବାଚିତ ସେଲ୍ଫି ପ୍ରକାଶ ପାଇବ)

## ଗୁଳିକରି ସହଯୋଗୀଙ୍କୁ ହତ୍ୟା

### ଶିକାରୀ ଗିରଫ

ଭଞ୍ଜନଗର,୧୧।୪(ଡି.ଏନ୍.ଏ.)

ଗଞ୍ଜାମ ଜିଲା ତାରସିଂ ଥାନା ଅନ୍ତର୍ଗତ ରୁଢ଼ାପଦର ଜଙ୍ଗଲରେ ବୁଧବାର ରାତିରେ ଗୁଳିକାଣ୍ଡ ଘଟିଛି। ଜଙ୍ଗଲକୁ ଶିକାର ଉଦ୍ଦେଶ୍ୟରେ ଡାକିନେଇ ସହଯୋଗୀଙ୍କୁ ଗୁଳି କରି ହତ୍ୟା କରାଯାଇଛି। ଗୁଳିମାଡ଼ରେ ରୁଢ଼ାପଦରର ଶୁକଦେବ ନାଇକଙ୍କ ମୃତ୍ୟୁ ଘଟିଛି। ଅଭିଯୁକ୍ତ ଶିକାରୀ କନ୍ଧ ମଳିକଙ୍କୁ ପୋଲିସ ଗୁରୁବାର ଗିରଫ କରିଛି। ତାଙ୍କଠାରୁ ହତ୍ୟାକାଣ୍ଡରେ ବ୍ୟବହୃତ ବନ୍ଧୁକ ଜବତ କରାଯାଇଛି। ଅନ୍ୟପକ୍ଷରେ ଶିକାର ସମୟରେ ଭୁଲବଶତଃ ଗୁଳି ଫୁଟିଯିବାରୁ ଶୁକଦେବଙ୍କ ମୃତ୍ୟୁ ଘଟିଲା ବୋଲି କନ୍ଧ ପୋଲିସ ନିକଟରେ ବୟାନ ଦେଇଛନ୍ତି।

ପ୍ରକାଶ ଯେ ଶୁକଦେବ ଓ କନ୍ଧ ଦୁଇ ସାଙ୍ଗ ବୁଧବାର ବିଳମ୍ବିତ ରାତିରେ ଜଙ୍ଗଲକୁ ଶିକାର କରିବାକୁ ଯାଇଥିଲେ। ଏହି ସମୟରେ କନ୍ଧ ଯୋଜନାବଦ୍ଧ ଭାବେ ଗୁଳିକରି ଶୁକଦେବଙ୍କୁ ହତ୍ୟା କରି ଗ୍ରାମକୁ ଫେରି ଆସିଥିଲେ। ଗୁରୁବାର ସକାଳେ ଘଟଣା ଜଣାପଡିବା ପରେ ମୃତ ଶୁକଦେବଙ୍କ ବାପା ଘଟଣା ସମ୍ପର୍କରେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏ ନେଇ ନଂ.୫୦/୧୯ରେ ଏକ ହତ୍ୟା ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ଼ ମେଡ଼ିକାଲକୁ ପଠାଯାଇଥିଲା।

## ରାଜ୍ୟସ୍ତରୀୟ ଚେସ୍ ଚାମ୍ପିୟନଶିପ୍ ଆରମ୍ଭ

ଫୁଲବାଣୀ ଅଫିସ, ୧୧।୪

ଜିଲା ସଂସ୍କୃତି କେନ୍ଦ୍ରରେ ଗୁରୁବାର ୧୩ ବର୍ଷରୁ କମ୍ ବାଳିକା ବାଳକ ଚେସ୍ ଚାମ୍ପିଅନଶିପ ଆରମ୍ଭ ହୋଇଛି। ଏଥିରେ ରାଜ୍ୟର ବିଭିନ୍ନ ଜିଲାରୁ ୬୦ ଜଣ ପ୍ରତିଯୋଗୀ ଭାଗ ନେଇଛନ୍ତି। ସେମାନଙ୍କ ମଧ୍ୟରେ ୧୯ ବାଳିକା ଓ ୪୯ ଜଣ ବାଳକ। ପୂର୍ବାହ୍ନ ପ୍ରାୟ ୧୧ଟା ବେଳକୁ ପିଲାମାନଙ୍କ ମଧ୍ୟରେ ପ୍ରଥମ ରାଉଣ୍ଡ ଆରମ୍ଭ ହୋଇଥିଲା। ସୁରେଶ ଚନ୍ଦ୍ର ସାହୁ ଓ ସନ୍ତୋଷ କୁମାର ମହାପାତ୍ର ଖେଳ ପରିଚାଳନା କରିଥିଲେ। ପ୍ରତିଯୋଗୀଙ୍କ ମଧ୍ୟରେ ମୋଟ ୭ ରାଉଣ୍ଡ ଖେଳ ହେବ। ସେମାନଙ୍କ ମଧ୍ୟରୁ ଶ୍ରେଷ୍ଠ ୨ ବାଳିକା ଏବଂ ବାଳକ ମେ ୪ରୁ ୧୨ ପର୍ଯ୍ୟନ୍ତ ବିଶାଖାପାଟଣାରେ ହେବାକୁ ଥିବା ଜାତୀୟସ୍ତର ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ବୋଲି ଆୟୋଜକ କମିଟି ପକ୍ଷରୁ କୁହାଯାଇଛି। ଜିଲା ଚେସ୍ ସଂଘ ପକ୍ଷରୁ ଆୟୋଜିତ ଏହି ଟୁର୍ନାମେଣ୍ଟକୁ ରାଜ୍ୟ ସଂଘ କୋଷାଧ୍ୟକ୍ଷ ଶଙ୍କର ପ୍ରସାଦ ମିଶ୍ର ଉଦ୍‌ଘାଟନ କରିଥିଲେ। ଅତିଥି ଭାବେ ସଂଘ ସଭାପତି କେ. ଜ୍ଞାନ କୁମାର ଦୋରା, ସମ୍ପାଦକ ବିଜୟ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଏହି ଟୁର୍ନାମେଣ୍ଟ ଆସନ୍ତା ୧୩ରେ ସରିବ।



ଚେସ୍ ପ୍ରତିଯୋଗିତା ଚାଲିଛି।

■ ଦିଗପହଣ୍ଡି ବ୍ଲକରେ ମତଦାନ ହାର ୬୩ ପ୍ରତିଶତ

## ଏନ୍‌ଏସିରେ ଭୋଟ ଦେଲେ ୫,୬୬୫

ଦିଗପହଣ୍ଡି,୧୧।୪(ଡି.ଏନ.ଏ.)

ଦିଗପହଣ୍ଡି ସହରାଞ୍ଚଳରେ କାଁ ଭାଁ ଗଣ୍ଡଗୋଳକୁ ଛାଡ଼ିଦେଲେ ମତଦାନ ସମ୍ପୂର୍ଣ୍ଣ ଶାନ୍ତିପୂର୍ଣ୍ଣ ହୋଇଛି। ସମୁଦାୟ ୧୦,୪୩୩ ଭୋଟରଙ୍କ ମଧ୍ୟରୁ ୫,୬୧୪ ଭୋଟର ସେମାନଙ୍କ ମତ ସାବ୍ୟସ୍ତ କରିଛନ୍ତି। ମତଦାନ ହାର ୬୨ ପ୍ରତିଶତ ଥିବା ବ୍ଲକ ନିର୍ବାଚନ ଅଧିକାରୀ ତଥା ଦିଗପହଣ୍ଡି ତହସିଲଦାର ଅଦ୍ୱୈତ କୁମାର ସ୍ୱାଇଁ ଜଣାଇଛନ୍ତି । ଦିଗପହଣ୍ଡି ଏନ୍‌ଏସି ଅଧୀନ ୩୪ ନଂ. ଭୋଟ କେନ୍ଦ୍ରରେ ମୋଟ ୮୧୪ ଭୋଟର ମତଦାନ କରିଛନ୍ତି। ୩୫ନଂ ଭୋଟ କେନ୍ଦ୍ରରେ ୪୦୨, ୩୬ନଂ. ଭୋଟ କେନ୍ଦ୍ରରେ ୩୮୮, ୩୭ନଂ. ଭୋଟ କେନ୍ଦ୍ରରେ ୪୪୬, ୩୮ନଂ. ଭୋଟ କେନ୍ଦ୍ରରେ ୫୫୫, ୩୯ନଂ. ଭୋଟ କେନ୍ଦ୍ରରେ ୪୦୨, ୪୦ନଂ. ଭୋଟ କେନ୍ଦ୍ରରେ ୫୭୭, ୪୧ନଂ. ଭୋଟ କେନ୍ଦ୍ରରେ ୪୭୬, ୪୨ନଂ. ଭୋଟ କେନ୍ଦ୍ରରେ ୭୧୮, ୪୩ନଂ. ଭୋଟ କେନ୍ଦ୍ରରେ ମୋଟ ୮୮୭ ମତଦାତା ସେମାନଙ୍କ ମତ ସାବ୍ୟସ୍ତ କରିଛନ୍ତି। ରାତି ପ୍ରାୟ ୮ଟା ଯାଏ ଦିଗପହଣ୍ଡି ଏନ୍‌ଏସିର ୪୩ନଂ. ଭୋଟ କେନ୍ଦ୍ରରେ ଭୋଟ ଗ୍ରହଣ ଚାଲିଥିବା ବେଳେ ଅପରାହ୍ନରେ ଉଭୟ ବିଜେଡି ଓ କଂଗ୍ରେସ ସମର୍ଥକଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ଘଟଣାସ୍ଥଳରେ ପୋଲିସ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିଥିଲା ।




## ଜାମକୁଣ୍ଡାରେ ନିର୍ବାଚନ ଆଚରଣବିଧି ଉଲ୍ଲଂଘନ ଅଭିଯୋଗ

ବାଲିଆପାଳ,୧୧।୪(ଡି.ଏନ.ଏ.)

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ଜାମକୁଣ୍ଡା ପଞ୍ଚାୟତରେ ଶାସକ ଦଳ ପକ୍ଷରୁ ନିର୍ବାଚନ ଆଚରଣ ବିଧି ଉଲ୍ଲଙ୍ଘନ କରାଯାଇଥିବା ନେଇ କଂଗ୍ରେସ ପକ୍ଷରୁ ବୁଧବାର ଏକ ଖବରଦାତା ସମ୍ମିଳନୀରେ ଅଭିଯୋଗ କରାଯାଇଛି। ପଞ୍ଚାୟତର ପୂର୍ବତନ ସମିତି ସଦସ୍ୟଙ୍କ ପ୍ରତିନିଧି ବିଜୟ ଗିରି, ନାଏବ ସରପଞ୍ଚ ଜଗନ୍ନାଥ ମାହାନା, ଗତ ପଞ୍ଚାୟାୟତ ନିର୍ବାଚନରେ ପରାଜିତ ସରପଞ୍ଚ ପ୍ରାର୍ଥୀ କମଳାକାନ୍ତ ରାଉତ, ଗୟାଧର ଦାସ, ମୃଣ୍ମୟ କୁମାର ଦାସ, ସଞ୍ଜୟ ମହାନ୍ତି, ହରେନ୍ଦ୍ର ପରିଡା, ଅଜୟ ମାହାନା, ଅଶୋକ ମହାନ୍ତି, ବେଣୁଧର ଧଳ, ବସନ୍ତ କର, ପୂର୍ଣ୍ଣଚନ୍ଦ୍ର ପରିଡା, ବାଞ୍ଛାନିଧି ପରିଡା ପ୍ରମୁଖ ଖବରଦାତା ସମ୍ମିଳନୀରେ ଉପସ୍ଥିତ ରହି ମଙ୍ଗଳବାର ରାତିରେ ଉକ୍ତ ପଞ୍ଚାୟତରେ ୫ଟି ଲାଇଟ ପୋଷ୍ଟ ଲଗାଯାଇଥିବା କହିଛନ୍ତି। ନିର୍ବାଚନରେ ଭୋଟରଙ୍କୁ ପ୍ରଭାବିତ କରିବା ସକାଶେ ଏଭଳି କାର୍ଯ୍ୟ କରାଯାଉଛି ବୋଲି ସେମାନେ ଅଭିଯୋଗ କରି ଏ ସମ୍ପର୍କରେ ବ୍ଲକ ନିର୍ବାଚନ ଅଧିକାରୀ, ଜିଲା ନିର୍ବାଚନ ଅଧିକାରୀ ଓ ରାଜ୍ୟ ନିର୍ବାଚନ ଅଧିକାରୀଙ୍କୁ ଇ-ମେଲ ପଠାଇଥିବା କହିଥିଲେ। ସରପଞ୍ଚ ବ୍ରଜକିଶୋର ବିଶ୍ୱାଳଙ୍କୁ ଏ ନେଇ ପଚାରିବାରୁ କହିଛନ୍ତି, ଏହି ୫ ଲାଇଟ ପୋଷ୍ଟ ସମେତ ଆହୁରି ୩ ଟି ଲାଇଟ ପୋଷ୍ଟ ଲଗାଇବାକୁ ନିର୍ବାଚନ ତାରିଖ ଘୋଷଣା ପୂର୍ବରୁ ସାଂସଦ ପାଣ୍ଠିରୁ ଅର୍ଥ ମଞ୍ଜୁର ହୋଇଥିଲା। ସଂପୃକ୍ତ ଠିକାଦାର ଏବେ ସେଗୁଡିକୁ ଲଗାଉଛନ୍ତି। ପଞ୍ଚାୟତ ଦାୟିତ୍ୱରେ ଥିବା ଭିଏଲଡବ୍ଲ୍ୟୁ ପ୍ରଭୁରାମ ଦେ ଏବଂ ବ୍ଲକର କନିଷ୍ଠ ଯନ୍ତ୍ରୀ ମିହିର ପଣ୍ଡାଙ୍କୁ ପଚାରିବାରୁ ସେମାନଙ୍କ ନିକଟରେ ଏ ନେଇ କୌଣସି ସୂଚନା ନ ଥିବା କହିଛନ୍ତି।

CLASSIFIED DISPLAY












## ସଂକ୍ଷେପରେ

### ପବନ ଶର୍ମା ହେଲେ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର

**ଭଦ୍ରକ ଅଫିସ, ୧୧।୪:** ଭଦ୍ରକର ମୁଖ୍ୟ ସରକାରୀ ଓକିଲ(ପବ୍ଲିକ ପ୍ରସିକ୍ୟୁଟର) ବଟକୃଷ୍ଣ ଦାସଙ୍କୁ ଜିଲାପାଳ ଜ୍ଞାନରଞ୍ଜନ ଦାସ ଅପସାରଣ କରିଛନ୍ତି। ତାଙ୍କ ସ୍ଥାନରେ



ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ଭାବେ ପବନ ଶର୍ମାଙ୍କୁ ନିଯୁକ୍ତି ଦିଆଯାଇଛି। ବଟକୃଷ୍ଣ ତାଙ୍କୁ ତୁରନ୍ତ ଦାୟିତ୍ୱ ହସ୍ତାନ୍ତର କରିବାକୁ ତା ୧୦।୪।୧୯ ରିଖ ଚିଠି ସଂଖ୍ୟା ୫୪୪ ରେ ଦର୍ଶାଯାଇଛି। ତା ୫।୪।୧୯ ରିଖ ରାଜ୍ୟ ସରକାରଙ୍କ ଆଇନ ବିଭାଗ ପତ୍ର ସଂଖ୍ୟା ୩୭୫୪ରେ ବଟକୃଷ୍ଣଙ୍କୁ ତୁରନ୍ତ ଅପସାରଣ କରିବାକୁ ଆଇନ ସଚିବ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବଟକୃଷ୍ଣ ୧୯୮୪ରୁ ବେସରକାରୀ ଓକିଲ ରୂପେ କାର୍ଯ୍ୟ କରିଆସୁଥିବାରୁ ଜଣେ ବରିଷ୍ଠ ଆଇନଜୀବୀ ଭାବେ ପରିଚିତ। ନିର୍ବାଚନ ଆଚରଣ ବିଧି ବଳବତ୍ତର ଥିବା ସମୟରେ ତାଙ୍କର ଅପସାରଣ କେଉଁ ପରିସ୍ଥିତିରେ ଆବଶ୍ୟକ ପଡ଼ିଲା ତା'ର ପ୍ରକୃତ କାରଣ ଜଣାପଡ଼ି ନାହିଁ ବୋଲି ସେ ପ୍ରତିକ୍ରିୟା ରଖିଛନ୍ତି।

### ସହର ପରିକ୍ରମା କଲା କଳସ ଶୋଭାଯାତ୍ରା

**ବାସୁଦେବପୁର, ୧୧।୪ (ଡି.ଏନ.ଏ.):** ବାସୁଦେବପୁରର ବାଲିନଗର ଗ୍ରାମସ୍ଥିତ ପଞ୍ଚମୁଖୀ ହନୁମାନ ମନ୍ଦିର ବାର୍ଷିକ ପ୍ରତିଷ୍ଠା ଉତ୍ସବ ଅବସରରେ ଗୁରୁବାର ପୂର୍ବାହ୍ନରେ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଶତାଧିକ ହନୁମାନ ଭକ୍ତଙ୍କ ସହିତ କଳସଧାରୀ ମହିଳାମାନେ ପଞ୍ଚମୁଖୀ ହନୁମାନ ମନ୍ଦିର ପରିସରରୁ ଶୋଭାଯାତ୍ରାରେ ବାହାରି ବାସୁଦେବପୁର ସହର ପରିକ୍ରମା କରିଥିଲେ। କେତେକ ଶ୍ରଦ୍ଧାଳୁ ନିଜକୁ ପ୍ରଭୁ ଶ୍ରୀରାମ, ଲକ୍ଷ୍ମଣ ଓ ଭକ୍ତ ହନୁମାନଙ୍କ ବେଶରେ ସଜ୍ଜିତ କରିଥିଲେ। ପ୍ରତିଷ୍ଠା ଉତ୍ସବ ପରିପ୍ରେକ୍ଷୀରେ ପଞ୍ଚମୁଖୀ ହନୁମାନ ମନ୍ଦିର ପରିସରରେ ୩ ଦିନ ବ୍ୟାପି ହୋମ ଯଜ୍ଞ ଆଦି କାର୍ଯ୍ୟକ୍ରମ ରହିଛି।

### ସାମାଜିକ କର୍ମୀଙ୍କ ପ୍ରତିମୂର୍ତ୍ତି ସ୍ଥାପନ

**ପଦ୍ମପୁର, ୧୧।୪ (ଡି.ଏନ.ଏ.):** ବାସୁଦେବପୁର ବ୍ଲକ ଅଧୀନ ସାନକୃଷ୍ଣପୁର ପଞ୍ଚାୟତର ଚାନ୍ଦିମାଳ ପଡିଆଠାରେ ବିଶିଷ୍ଟ ସାମାଜିକ କର୍ମୀ ଅବିଭକ୍ତ କିସମତକୃଷ୍ଣପୁରର ପୂର୍ବତନ ସରପଞ୍ଚ ସ୍ୱର୍ଗତ ମହେନ୍ଦ୍ର ପ୍ରସାଦ ବିଶ୍ୱାଳଙ୍କ ପ୍ରତିମୂର୍ତ୍ତି ସ୍ଥାପନ ହୋଇଯାଇଛି। ନବୋଦୟ ବିଦ୍ୟାଳୟର ଅଧକ୍ଷ ସଙ୍ଗୀତା ଜୟସୱାଲ ମୁଖ୍ୟବକ୍ତା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବସନ୍ତ କୁମାର ବେହେରା ମୁଖ୍ୟଅତିଥି ଏବଂ ବାସୁଦେବପୁର ବ୍ଲକ ଉପାଧକ୍ଷ ସୁଶାନ୍ତ କୁମାର ବିଶ୍ୱାଳ, ରମାକାନ୍ତ ବିଶ୍ୱାଳ, ଅମୀୟ କୁମାର ନାୟକ, ଜୟନ୍ତ କୁମାର ବିଶ୍ୱାଳ ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ରତ୍ନାକର ମଲ୍ଲିକ ଏଥିରେ ସଭାପତିତ୍ୱ କରିଥିଲେ। ଅତିଥିମାନେ ପ୍ରତିମୂର୍ତ୍ତି ଅନାବରଣ ପୂର୍ବକ ସ୍ମୃତିଚାରଣ କରିଥିଲେ।

### ୨୩ରେ ହାଇକୋର୍ଟ ବନ୍ଦ

କଟକ ଅଫିସ, ୧୧।୪- ସାଧାରଣ ନିର୍ବାଚନ ପାଇଁ ଆସନ୍ତା ୨୩ ତାରିଖରେ ହାଇକୋର୍ଟ ବନ୍ଦ ରହିବ। ଉକ୍ତ ଦିନ କଟକ ଲୋକ ସଭା ସମେତ ଏହା ଅଧୀନରେ ଥିବା ବିଧାନସଭା ଆସନଗୁଡ଼ିକରେ ଭୋଟ ଗ୍ରହଣ କରାଯିବ। ତେଣୁ ଏହାକୁ ଦୃଷ୍ଟିରେ ରଖି ହାଇକୋର୍ଟ ବନ୍ଦ ରହିବ ବୋଲି ହାଇକୋର୍ଟ ରେଜିଷ୍ଟ୍ରାର ଜୁଡିସିଆଲ ପକ୍ଷରୁ କୁହାଯାଇଛି।

### ୪୩୫ ମଦ ପାଉଚ ଜବତ, ଜଣେ ଗିରଫ

ଆର.ଉଦୟଗିରି,୧୧।୪(ଡି.ଏନ.ଏ.) ରାମଗିରି ଗ୍ରାମର ବିଭିନ୍ନ ସ୍ଥାନରେ ଦେଶୀ ଓ ବିଦେଶୀ ମଦ ଅବାଧରେ ବିକ୍ରି ହେଉଥିଲା। ଏ ନେଇ ଗ୍ରାମବାସୀ ରାମଗିରି ଥାନାରେ ଅଭିଯୋଗ କରିଥିଲେ। ବୁଧବାର ଅପରାହ୍ନରେ ସ୍ଥାନୀୟ ଥାନାଧିକାରୀ ଓ କର୍ମଚାରୀଙ୍କ ମିଳିତରେ ରାମଗିରି ହାଟପଦାଠାରେ ବିକ୍ରି ହେଉଥିବା ବେଆଇନ ମଦ ପାଉଚ ଦୋକାନରେ ଚଢ଼ାଉ କରାଯାଇଥିଲା। ସେଠାରୁ ୪୩୫ଟି ମଦ ପାଉଚ ଜବତ କରିବା ସହ ମୁକୁନ୍ଦ ବିଷୋୟୀଙ୍କୁ କୋର୍ଟଚାଲାଣ କରାଯାଇଥିବା ଥାନାଧିକାରୀ ଅଶୋକ କୁମାର ହାଂସଦା କହିଛନ୍ତି। ଏ ନେଇ ନଂ. ୨୦/୧୯ରେ ମାମଲା ରୁଜୁ ହୋଇଛି।

## ଆସିକା, ବେଗୁନିଆପଡ଼ା, ଖଲ୍ଲିକୋଟରେ ବିଜୟ ସଂକଳ୍ପ ସମାବେଶ

# ବିକାଶ ଲାଗି ଡବଲ ଇଞ୍ଜିନ ସରକାର ଦରକାର: ଧର୍ମେନ୍ଦ୍ର

ଆସିକା/ବେଗୁନିଆପଡ଼ା/ ଖଲ୍ଲିକୋଟ,୧୧।୪(ଡି.ଏନ୍.ଏ.)

ରାଜ୍ୟରେ ୧୯ ବର୍ଷ ଧରି ଏକ ଅତ୍ୟାଚାରୀ ସରକାର ଶାସନ କରିଛି। ଏହି ସରକାର ଅମଳରେ ଗ୍ରାମାଞ୍ଚଳକୁ ପାନୀୟ ଜଳ, ଜମିକୁ ଜଳସେଚନ ବ୍ୟବସ୍ଥା ହୋଇନି। ଶିକ୍ଷକ, ଡାକ୍ତର ପଦବୀ ଖାଲି ପଡ଼ିଛି। ମହିଳାମାନଙ୍କ ଉପରେ ରୀତିମତ ଅତ୍ୟାଚାର ଚାଲିଛି। ଋଣ ଭାର ସହି ନ ପାରି ଚାଷୀ ଆତ୍ମହତ୍ୟା କରୁଛି। ପିସି ନ ଦେଲେ ଅଫିସରେ କୌଣସି କାର୍ଯ୍ୟ ହୋଇପାରୁନାହିଁ। ତେଣୁ ଏଭଳି ଏକ ସରକାରର ପରିବର୍ତ୍ତନ ଦରକାର। ରାଜ୍ୟର ବିକାଶ ପାଇଁ ଡବଲ ଇଞ୍ଜିନ ସରକାର ନିମନ୍ତେ ଭାଜପା ପ୍ରାର୍ଥୀମାନଙ୍କୁ ଜିତାଇବାକୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗୁରୁବାର ଗଞ୍ଜାମ ଜିଲାର ୩ଟି ସ୍ଥାନରେ ଆୟୋଜିତ ବିଜୟ ସଂକଳ୍ପ ସମାବେଶରେ ଯୋଗଦେଇ ନିବେଦନ କରିଛନ୍ତି।

କେନ୍ଦ୍ରମନ୍ତ୍ରୀ ପ୍ରଧାନ ଆସିକା ବ୍ଲକ ମାମୁଡ଼ିହ ଓ ବେଗୁନିଆପଡା ବ୍ଲକର ବେଗୁନିଆପଡ଼ା ଓ ଖଲ୍ଲିକୋଟ ବ୍ଲକର କଞ୍ଚଣାରେ ଆୟୋଜିତ ବିଜୟ ସଂକଳ୍ପ



ଆସିକାରେ ଆୟୋଜିତ ସମାବେଶରେ କେନ୍ଦ୍ରମନ୍ତ୍ରୀ ଓ ଅନ୍ୟମାନେ।

ସଭାରେ ଯୋଗଦେଇ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଥିଲେ। ରାଜ୍ୟରେ ନିଯୁକ୍ତି ଲାଗି କୌଣସି ଭିତ୍ତିଭୂମି ସୃଷ୍ଟି କରାଯାଇ ନ ଥିବାରୁ ଗାଁ ଗାଁରୁ ଯୁବକମାନେ ଦାଦନ ଖଟିବାକୁ ବାହାରକୁ ଯିବାପାଇଁ ବାଧ ହେଉଛନ୍ତି। କେନ୍ଦ୍ରର ନରେନ୍ଦ୍ର ମୋଦି ସରକାର ଡବଲ ଇଞ୍ଜିନ ଲଗାଇ ଗୁଜୁରାଟର ସୁରଟକୁ ବିକାଶଶୀଳ କରିଥିବା ବେଳେ ଓଡ଼ିଶାରେ ଏଥିପାଇଁ ଅସୁବିଧା କ'ଣ ବୋଲି କେନ୍ଦ୍ରମନ୍ତ୍ରୀ ପ୍ରଶ୍ନ କରିଥିଲେ । ରାଜ୍ୟ ସରକାରଙ୍କ କାଳିଆ ଯୋଜନାରେ ମନ୍ତ୍ରୀ ବିକ୍ରମ ଆରୁଖ, ନିରଞ୍ଜନ ପୂଜାରୀ ଓ ସୁଶାନ୍ତ ସିଙ୍ଗ ପରିବାରର ଲୋକଙ୍କ ନାମ ରହିଥିବା ସେ ଅଭିଯୋଗ କରିଥିଲେ। ରତ୍ନ ଭଣ୍ଡାରର ଚାବି ଖୋଜି ବାହାର କରିପାରି ନ ଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦେଶର ଚାବି ରଖିବା କଥା ଚିନ୍ତା କରିବା ହାସ୍ୟାସ୍ପଦ। ସେହିପରି ନରେନ୍ଦ୍ର ମୋଦିଙ୍କ ବିରୋଧରେ ବାହାରିଥିବା ମେଣ୍ଟର ନେତାମାନେ ସପ୍ତାହରେ ଦିନେ ଲେଖାଏ ଦେଶର ପ୍ରଧାନମନ୍ତ୍ରୀ ହୋଇ ଦେଶ ଚଳାଇବେ ବୋଲି ସେ ତାସଲ୍ୟ କରି କହିଥିଲେ । ଆସିକା ଚିନିକଳର ଉନ୍ନତୀକରଣ କରି ଆଖୁଚାଷୀଙ୍କୁ ପ୍ରୋତ୍ସାହିତ କରିବା, ଏକ ଲକ୍ଷ କୋଟି ଟଙ୍କା ବ୍ୟୟ ବରାଦରେ ଜଳସେଚନ ବ୍ୟବସ୍ଥା କରିବା, ଜନସାଧାରଣଙ୍କୁ ଘର ଓ ଜମିର ସ୍ଥାୟୀ ପଟ୍ଟା ପ୍ରଦାନ କରିବା, ଆସିକା ଦେଇ ଫୁଲବାଣୀକୁ ରେଳପଥ କାର୍ଯ୍ୟକାରୀ କରିବା ଏବଂ ରାଜ୍ୟରେ ରୋଜଗାରର ଭିତ୍ତିଭୂମି ସୃଷ୍ଟି କରିବା ନିମନ୍ତେ ଆସିକା ଏମ୍‌ପି ପ୍ରାର୍ଥିନୀ ଅନିତା ଶୁଭଦର୍ଶିନୀ ଓ ବିଧାୟକ ପ୍ରାର୍ଥୀ ଦେବରାଜ ମହାନ୍ତିଙ୍କୁ ନିର୍ବାଚିତ କରିବାକୁ ଅନୁରୋଧ କରିଥିଲେ । ଘୁମୁସର ଜିଲା ଭାଜପା ସଭାପତି ସୂର୍ଯ୍ୟନାରାୟଣ ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ଆସିକା ସମାବେଶରେ ଉଭୟ ପ୍ରାର୍ଥୀଙ୍କ ସମେତ ଭାଜପା ନେତା ନାରାୟଣ ବେହେରା, ବ୍ରିଗେଡିୟର ଅଭିମନ୍ୟୁ ରାଉତ, ନାରାୟଣ ହୋତା, ନନ୍ଦ ବିଷୋୟୀ, ବିଦ୍ୟାନ୍ତ ଚର୍ଚ୍ଚି ପ୍ରମୁଖ ଉଦବୋଧନ ଦେଇଥିଲେ । ଏହି ଅବସରରେ ଆସିକା ବ୍ଲକର କେତେଜଣ ପୂର୍ବତନ ସରପଞ୍ଚ, ସମିତିସଭ୍ୟ ଓ ଗ୍ରାମ୍ୟ କମିଟି ସଭାପତି ଭାଜପାରେ ସାମିଲ ହୋଇଥିଲେ । ସେହିପରି ବେଗୁନିଆପଡ଼ା ସମାବେଶରେ କେନ୍ଦ୍ର ମନ୍ତ୍ରୀ ପ୍ରଧାନ ଯୋଗ ଦେଇ ଆସିକା ଏମ୍‌ପି ପ୍ରାର୍ଥିନୀ ଶୁଭଦର୍ଶିନୀ ଓ କବିସୂର୍ଯ୍ୟନଗର ବିଧାୟକ ପ୍ରାର୍ଥୀ ରଞ୍ଜନ ପଲାଇଙ୍କୁ ଭୋଟ ଦେଇ ଜିତାଇବାକୁ ଜନସାଧାଣଙ୍କୁ ନିବେଦନ କରିଥିଲେ। ଏହି ଅବସରରେ ଅଙ୍କର ଗାଁ ପୂର୍ବତନ ସମିତିସଭ୍ୟ ନରାୟଣ ସାମନ୍ତରାୟ, ସଉରି ବିଷୋୟୀ, ହରି ପଣ୍ଡା, ବାପୁଜୀ ପ୍ରଧାନ, ରବୀନ୍ଦ୍ର ନାୟକ, ପ୍ରଦ୍ୟୁମ୍ନ ତାରେଣୀଙ୍କ ସମେତ ବହୁ କଂଗ୍ରେସ କର୍ମୀ ଭାଜପାରେ ସାମିଲ ହୋଇଥିଲେ। ଅରୁଣ ପଣ୍ଡା, ଗୋବିନ୍ଦ ଆଚାର୍ଯ୍ୟ, ରାଜେନ୍ଦ୍ର ଭୂୟାଁ, ରବୀନ୍ଦ୍ର ମିସ୍ତ୍ରୀ ପ୍ରମୁଖ ଭାଜପା ନେତାମାନେ ଉପସ୍ଥିତ ଥିଲେ।

ବେଗୁନିଆପଡ଼ା ସମାବେଶ ସରିବା ପରେ କେନ୍ଦ୍ରମନ୍ତ୍ରୀ ପ୍ରଧାନ ଖଲ୍ଲିକୋଟ ବ୍ଲକର କଞ୍ଚଣାରେ ଆୟୋଜିତ ସମାବେଶରେ ଯୋଗଦେଇ ରାଜ୍ୟରେ ଅପାରଗ ଓ ଦୁର୍ନୀତିଗ୍ରସ୍ତ ସରକାର ବଦଳାଇବାକୁ ସବୁ ଅଞ୍ଚଳରେ ଜନମତ ସୃଷ୍ଟି ହୋଇଥିବା କହିଥିଲେ। ସରକାର ପରିବର୍ତ୍ତନ ପରେ ଜନସାଧାରଣଙ୍କୁ ଭୟଭୀତ କରୁଥିବା ଅସାଧୁ ପୋଲିସ ଓ ଅଫିସରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଥିଲେ। ସେଠାରେ ଆସିକା ଏମ୍‌ପି ପ୍ରାର୍ଥିନୀ ଓ ଖଲ୍ଲିକୋଟ ବିଧାୟକ ପ୍ରାର୍ଥିନୀ ଭାରତୀ ବେହେରାଙ୍କ ନିମନ୍ତେ କେନ୍ଦ୍ରମନ୍ତ୍ରୀ ପ୍ରଚାର କରି ଉଭୟଙ୍କୁ ଜିତାଇବା ନିମନ୍ତେ ଉପସ୍ଥିତ ଜନସାଧାରଣଙ୍କୁ ଆହ୍ୱାନ ଦେଇଥିଲେ। ସମାବେଶରେ ଅନୀଲ କୁମାର ପଣ୍ଡା, ମିହିର ପରିଡ଼ା, ଶଙ୍କର ନାହାକଙ୍କ ସମେତ ବହୁ ନେତା ଉପସ୍ଥିତ ଥିଲେ। ଏହି ଅବସରରେ ଖଲ୍ଲିକୋଟ ବ୍ଲକ ବିଜେଡି ସମ୍ପାଦକ ବ୍ରଜ କିଶୋର ସ୍ୱାଇଁ, ଚିତ୍ରସେନ ଘୋଷ, କଞ୍ଚଣା ସରପଞ୍ଚ ଜଳସେନ ଘୋଷ, କନକା ସରପଞ୍ଚ ସୁଦାମ ନାଏକ, ବାକୁଟଗାଁ ସମିତିସଭ୍ୟ ପଦ୍ମଚରଣ ସୁବୁଦ୍ଧି, ନାଇକାଣିପଲ୍ଲୀ ପଞ୍ଚାୟତ ପୂର୍ବତନ ସରପଞ୍ଚ ସଞ୍ଜୟ ସେଠୀ, ମିଟୁ ପରିଡ଼ା, କହ୍ନେଇପୁର ପଞ୍ଚାୟତର ବିଜେଡି ନେତା ପ୍ରଫୁଲ ସାହୁଙ୍କ ସମେତ ବହୁ ନେତା ଓ କର୍ମୀ ଭାଜପାରେ ସାମିଲ ହୋଇଥିଲେ ।

## ବିଜେଡିର ହକ୍ ମାଗୁଛି ଓଡ଼ିଶା କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

ପୋଲସରା,୧୧।୪(ଡି.ଏନ.ଏ.)

ବିଜେଡି ପକ୍ଷରୁ ପୋଲସରା ନିର୍ବାଚନ ମଣ୍ଡଳୀର ବୁଗୁଡ଼ା ଓ ପୋଲସରା ବ୍ଲକ ଏବଂ ଏନ୍‌ଏସି ବିଜେଡିର ବରିଷ୍ଠ କର୍ମକର୍ତ୍ତା ଓ କର୍ମୀମାନଙ୍କୁ ନେଇ ବୁଧବାର ମେଡିକାଲ ଛକ ନିକଟବର୍ତ୍ତି ବିଜେଡିର ନିର୍ବାଚନୀ କାର୍ଯ୍ୟାଳୟ ପରିସରରେ ହକ୍ ମାଗୁଛି ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ସରକାର ରାଜ୍ୟ ସରକାରଙ୍କ ଉପରେ ଯେଉଁ ବୈମାତୃକ ମନୋଭାବ ରଖି ଅଣଦେଖା, ଅବହେଳା କରୁଛି ସେ ଉପରେ ବିଜେଡି କର୍ମକର୍ତ୍ତା ବର୍ଷିଥିଲେ। ଫଳରେ ଓଡ଼ିଶାର ବହୁ ଉନ୍ନୟନ କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି ବୋଲି ପୂର୍ବତନ ଜିଲା ପରିଷଦ ଅଧକ୍ଷ ରେବତୀ ମୋହନ ନାୟକ, ବୁଗୁଡ଼ା ନଗର ବିଜେଡି ସଭାପତି ରାଜେନ୍ଦ୍ର ପାଢ଼ୀ, ପୋଲସରା ନଗର ବିଜେଡି ସଭାପତି ଭଗବାନ ସାହୁ, ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ର ପ୍ରଧାନ, ବ୍ଲକ ଅଧକ୍ଷ ବଳରାମ ସେଠୀ, ଉପାଧକ୍ଷା ସଂଯୁକ୍ତା ବାଡ଼ତ୍ୟା ପ୍ରମୁଖ କହିଥିଲେ। ଏଥିରେ ବିଧାୟକ ପ୍ରାର୍ଥୀ ଶ୍ରୀକାନ୍ତ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ନିଜର ବକ୍ତବ୍ୟ ରଖିଥିବା ବେଳେ ସୁରେନ୍ଦ୍ର ନାଥ ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ।

## ଭୋଟ ପାଇଁ ଦାଦନ ଶ୍ରମିକଙ୍କ ଘର ବାହୁଡ଼ା

ବାଲିଗୁଡ଼ା,୧୧।୪(ଡି.ଏନ୍.ଏ.)

କନ୍ଧମାଳ ଜିଲାରେ ଆସନ୍ତା ୧୮ରେ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ଅନୁଷ୍ଠିତ ହେବ। ଏକା ସଙ୍ଗେ ଲୋକସଭା ଓ ବିଧାନ ସଭା ନିର୍ବାଚନ ହେଉଥିବାରୁ ଏହି ସୁଯୋଗ ହାତଛଡ଼ା କରିବାକୁ ଚାହୁଁନାହାନ୍ତି ରାଜ୍ୟ ବାହାରକୁ ଯାଇଥିବା ଦାଦନ ଶ୍ରମିକମାନେ। ନିଜ ଅଞ୍ଚଳରେ ମତ ସାବ୍ୟସ୍ତ କରିବା ପାଇଁ ଶହ ଶହ ଦାଦନ ଶ୍ରମିକ ଗାଁକୁ ଫେରୁଥିବା ଦେଖିବାକୁ ମିଳୁଛି।

କନ୍ଧମାଳ ଜିଲା ବାଲିଗୁଡ଼ା ଓ ଏହାର ଆଖପାଖ ବହୁ ଗ୍ରାମାଞ୍ଚଳର ଶତାଧିକ ଲୋକ ମୁମ୍ବାଇ, କୋଲକାତା, ସୁରଟ, କେରଳ, ହାଇଦ୍ରାବାଦ୍, ଚେନ୍ନାଇ, ଦିଲ୍ଲୀ ଓ ବିଶାଖାପାଟଣା ଯାଇ ଦାଦନ ଶ୍ରମିକ କାର୍ଯ୍ୟ କରୁଛନ୍ତି। ଏମାନେ ମୁଖ୍ୟତଃ ପର୍ବପର୍ବାଣୀ ଓ ନଚେତ ମାଙ୍ଗଳିକ କାର୍ଯ୍ୟ ହେଲେ ଘରକୁ ଆସିଥାନ୍ତି। ତେବେ ବର୍ତ୍ତମାନ ନିର୍ବାଚନ ଥିବାରୁ ଏଥିରେ ସାମିଲ୍ ହେବାକୁ ଦାଦନ ଶ୍ରମିକମାନେ ଆସୁଛନ୍ତି। ବାଲିଗୁଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀରେ ଚଳିତ ଥର ୬ ପ୍ରାର୍ଥୀ ମଇଦାନରେ ଅଛନ୍ତି। ମୁଖ୍ୟତଃ ବିଜେଡି, କଂଗ୍ରେସ ଓ ଭାଜପା ମଧ୍ୟରେ ଜୋରଦାର ଲଢ଼େଇ ହେଉଛି। ଏହି ୩ ପ୍ରମୁଖ ଦଳ ପକ୍ଷରୁ ସେମାନଙ୍କ ସମର୍ଥକ ଶ୍ରମିକମାନେ ଗାଁକୁ କିଭଳି ଫେରି ନିଜ ସପକ୍ଷରେ ଭୋଟ ଦେବେ ଜୋରଦାର ଉଦ୍ୟମ ଚଳାଇଛନ୍ତି। କେତେଜଣ ଦାଦନ ଶ୍ରମିକ ନିଜ ଖର୍ଚ୍ଚରେ ଫେରୁଥିବା ବେଳେ ଆଉ କେତେଜଣଙ୍କ ପାଇଁ ବିଭିନ୍ନ ଦଳୀୟ ସମର୍ଥକ ଟିକେଟ୍ ଖର୍ଚ୍ଚ ଦେଉଛନ୍ତି। ପ୍ରାର୍ଥୀଙ୍କୁ ବିଜୟୀ କରିବାରେ ଅଞ୍ଚଳରେ ଯୁବ ତଥା ନୂତନ ଭୋଟର ପ୍ରମୁଖ ଭୂମିକା ଗ୍ରହଣ କରିବେ ଆଲୋଚନା ହେଉଛି। ଅନ୍ୟପକ୍ଷରେ କେତେଜଣ ଶ୍ରମିକ କେବଳ ଭୋଟ ପାଇଁ ଗ୍ରାମକୁ ଆସିବାକୁ ରାଜି ହେଉ ନ ଥିବା ଶୁଣାଯାଉଛି। ଉପଖଣ୍ଡ ପ୍ରଶାସନ ରାଜ୍ୟ ବାହାରୁ ସେମାନଙ୍କୁ ଆଣି ଭୋଟ ଦାନ ପ୍ରକ୍ରିୟାରେ ସାମିଲ୍ କରିବା ପାଇଁ ଉଚିତ୍ ପଦକ୍ଷେପ ଗ୍ରହଣ କରିବା ଆବଶ୍ୟକ ବୋଲି ରାଜ୍ୟନୈତିକ ବ୍ୟକ୍ତି ବିଶେଷଙ୍କ ତରଫରୁ ଦାବି ହେଉଛି।

## ସମସ୍ୟାର ସମାଧାନ ନ ହେଲେ ଭୋଟ ବର୍ଜନ

କ.ନୂଆଗାଁ,୧୧।୪(ଡି.ଏନ୍.ଏ.)

କ.ନୂଆଗାଁ ବ୍ଲକର ବାଲିଗାଡ଼ା ପଞ୍ଚାୟତ ଓ ତାରିଙ୍ଗବାଡ଼ି ବ୍ଲକର ବାଡ଼ୱାଙ୍ଗା ପଞ୍ଚାୟତର ସିକନୱାଡି, ଗୁଟୁୱାଡି, କନ୍ଦୁୱାଡି ଗାଁର ଗ୍ରାମବାସୀ ଭୋଟ ବର୍ଜନ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଉକ୍ତ ଗ୍ରାମରେ ଦୀର୍ଘ ଦିନ ଧରି ମୋବାଇଲ ଜିଓ ଟାୱାର, ସରକାରୀ ବସ୍ ଯାତାୟତ ପାଇଁ ଯୋଗାଇବା ଲାଗି ବାରମ୍ବାର ଦାବି କଲେ ମଧ ତାହା କାର୍ଯ୍ୟକାରୀ ହୋଇପାରୁ ନାହିଁ। ଏ ନେଇ ଦୁଇ ଥର ଜିଲାପାଳଙ୍କ ଜନଶୁଣାଣିରେ ଅଭିଯୋଗ ମଧ କରାଯାଇଥିଲା। କିନ୍ତୁ ବର୍ତ୍ତମାନ ସୁଦ୍ଧା କିଛି ସୁଫଳ ମିଳିଲା ନାହିଁ। ତେଣୁ ଆଗାମୀ ୧୫ ପୂର୍ବରୁ ଏହି ସମସ୍ୟାର ସମାଧାନ କରା ନ ଗଲେ ଭୋଟ ବର୍ଜନ କରିବାକୁ ବାଧ ହେବୁ ବୋଲି ଅଞ୍ଚଳିକ ବିକାଶ କମିଟିର ସଭାପତି ପ୍ରଭେଶ୍ୱର ନାୟକ, ଗୋପାଳ ପ୍ରଧାନ, ତୁମ୍ଭେଶ୍ୱର ପ୍ରଧାନ ପ୍ରମୁଖ କହିଛନ୍ତି।

## ବିଜେଡିର ମିଶ୍ରଣ ପର୍ବ

**ଭଦ୍ରକ ଅଫିସ, ୧୧।୪**

ବିଜେଡିର ଭଦ୍ରକ ଜିଲା କାର୍ଯ୍ୟାଳୟରେ ଗୁରୁବାର ଅପରାହ୍ନରେ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ଜଗନ୍ନାଥ ସ୍ୱାଇଁ ଏଥିରେ ସଭାପତିତ୍ୱ କରିଥିଲେ। ଭଦ୍ରକ ବିଧାନସଭା ଆସନର ଦଳୀୟ ପ୍ରାର୍ଥୀ ସଞ୍ଜୀବ ମଲ୍ଲିକ, ପୂର୍ବତନ ବ୍ଲକ ଅଧକ୍ଷ ମଳୟ ଜେନା ପ୍ରମୁଖ ଯୋଗ ଦେଇଥିଲେ। ଏହି ମିଶ୍ରଣ ପର୍ବରେ ଏରେଇଁ ପଞ୍ଚାୟତର ୫ ଥର ନିର୍ବାଚିତ ହୋଇଥିବା ସରପଞ୍ଚ ରତ୍ନାକର ସାମଲ ଭାଜପା ଛାଡ଼ି ବିଜେଡିରେ ସାମିଲ ହୋଇଛନ୍ତି। ଏଥିସହ ତାଙ୍କର ହଜାରରୁ ଉର୍ଦ୍ଧ୍ୱ ସମର୍ଥକ ବିଜେଡିରେ ଯୋଗ ଦେଇଛନ୍ତି। ବିଧାୟକ ପ୍ରାର୍ଥୀ ସଞ୍ଜୀବ ନୂତନ କର୍ମୀଙ୍କୁ ଦଳୀୟ ଉତ୍ତରୀୟ ଦେଇ ସ୍ୱାଗତ କରିଥିଲେ।

## ଜୈବ ବିବିଧତା ସମ୍ପର୍କିତ ପ୍ରବନ୍ଧ ପ୍ରତିଯୋଗିତା




ରାଇକିଆ,୧୧।୪(ଡି.ଏନ.ଏ)

ସୁଗଡ଼ବାଡ଼ି ହାଇସ୍କୁଲରେ ମଙ୍ଗଳବାର ଜୈବ ବିବଧତା ସମ୍ପର୍କିତ ପ୍ରବନ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ବାୟୋଡ଼ାଇଭର୍ସିଟି ବୋର୍ଡ଼ ତରଫରୁ ଏହା ଆୟୋଜିତ ହୋଇଥିଲା। ଓଡ଼ିଶା ଜନ ସାଧାରଣଙ୍କ ସ୍ୱାସ୍ଥ୍ୟ ଜୀବନ ଜୀବିକା ଓ ଆର୍ଥିକ କ୍ଷେତ୍ରରେ ବନଜାତ ଦ୍ରବ୍ୟର ଅବଦାନ ଶୀର୍ଷକ ପ୍ରବନ୍ଧ ପ୍ରତିଯୋଗିତାରେ ହାଇସ୍କୁଲର ୫୦ ଛାତ୍ରୀଛାତ୍ର ଭାଗ ନେଇଥିଲେ। କୃତୀ ପ୍ରତିଯୋଗୀ ଜିଲାସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବେ। ରାଇକିଆ ରେଞ୍ଜ ଅଫିସର, ସ୍ୱେଚ୍ଛାସେବୀ ସଂଗଠନ ପାହାଡ଼ର ସମ୍ପାଦକ ପଞ୍ଚାନନ ମିଶ୍ର, ସ୍ଥାନୀୟ ବାୟୋଡ଼ାଇଭର୍ସିଟି କମିଟିର ସଭାପତି ଅମିତ ମଲ୍ଲିକ, ପ୍ରଧାନ ଶିକ୍ଷକ ବିଜୟ ପ୍ରଧାନ, ଫରେଷ୍ଟର ମାଣିକେଶ୍ୱର ପଟ୍ଟନାୟକ ଏବଂ ଛାତ୍ରୀଛାତ୍ର ମାନେ ଉପସ୍ଥିତ ଥିଲେ ।

## ଘୁମୁସର ବନଖଣ୍ଡରେ ଜାଇକା କାର୍ଯ୍ୟ ସମୀକ୍ଷା



ଓଏଫଏସ୍‌ଡ଼ିପି ସହକାରୀ ପ୍ରକଳ୍ପ ନିର୍ଦ୍ଦେଶିକା ଲାଲସିଂ ନର୍ସରୀ ବୁଲି ଦେଖୁଛନ୍ତି ।

ଭଞ୍ଜନଗର,୧୧।୪(ଡି.ଏନ.ଏ.)– ଜାପାନ ଇଣ୍ଟର ନ୍ୟାଶନାଲ କର୍ପୋରେଶନ ଏଜେନ୍ସି (ଜାଇକା) ଏବଂ ରାଜ୍ୟ ସରକାରଙ୍କ ମିଳିତ ସହଯୋଗରେ ରାଜ୍ୟର ବିଭିନ୍ନ ଜଙ୍ଗଲ ପୁନରୁଦ୍ଧାର ସହ ଲୋକଙ୍କ ଆର୍ଥିକ ମାନଦଣ୍ଡରେ ଉନ୍ନତି ଆଣିବା ପାଇଁ ପଦକ୍ଷେପ ନିଆଯାଇଛି। ଏହି କ୍ରମରେ ଭଞ୍ଜନଗର ଉତ୍ତର ଓ ଦକ୍ଷିଣ ଘୁମୁସର ବନଖଣ୍ଡରେ ବିଭିନ୍ନ ଉନ୍ନୟନ କାର୍ଯ୍ୟ ଚାଲିଛି। ଗୁରୁବାର ଓଏଫଏସ୍‌ଡ଼ିପି ସହକାରୀ ପ୍ରକଳ୍ପ ନିର୍ଦ୍ଦେଶିକା ପୁଷା ମେକ୍ରୋ ଉତ୍ତର ଘୁମୁସର ବନଖଣ୍ଡ ପରିଦର୍ଶନରେ ଆସି ଜାଇକା ଯୋଜନାରେ ଚାଲିଥିବା ବିଭିନ୍ନ କାର୍ଯ୍ୟ ବୁଲି ଦେଖିଥିଲେ । ମୁଜାଗଡ଼ ରେଞ୍ଜର ଜୟମଙ୍ଗଳ ବନ ସଂରକ୍ଷଣ ସମିତି କର୍ମକର୍ତ୍ତାଙ୍କ ସହ ପ୍ରତ୍ୟକ୍ଷ ଭାବେ ଆଲୋଚନା କରିଥିଲେ । ଅଧିକ କେଉଁ ଯୋଜନା କଲେ ଲୋକଙ୍କ ଆର୍ଥିକ ମାନଦଣ୍ଡରେ ଉନ୍ନତି ଆସିପାରିବ ତାହା ପଚାରି ବୁଝିଥିଲେ। ଏଥିସହ ସ୍ଥାନୀୟ ଲାଲସିଂ ନର୍ସରୀ ଯାଇ ଚାରା ପ୍ରସ୍ତୁତି ବୁଲି ଦେଖିଥିଲେ । ସହକାରୀ ପ୍ରକଳ୍ପ ନିର୍ଦ୍ଦେଶିକାଙ୍କ ପରିଦର୍ଶନ ସମୟରେ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ କେ.ସି.ପନ୍ଥ, ଡିଏଫଓ ଅରୁଣ କୁମାର ସ୍ୱାଇଁ, ଏସିଏଫ୍ ସୁଦର୍ଶନ ବାଦୀ, ଦକ୍ଷିଣ ଘୁମୁସର ବନଖଣ୍ଡ ଅଧିକାରୀ ସତ୍ୟନାରାୟଣ ବେଉରା ପ୍ରମୁଖ ଉପସ୍ଥିତ ଥିଲେ। ଶୁକ୍ରବାର ଦକ୍ଷିଣ ଘୁମୁସର ବନଖଣ୍ଡର ଜାଇକା କାର୍ଯ୍ୟ ସମୀକ୍ଷା କରାଯିବ।

## ଶେରଗଡ ଚାରିଛକରେ ପୀତାମ୍ବରଙ୍କ ପ୍ରଚାର

ଶେରଗଡ,୧୧।୪(ଡି.ଏନ୍.ଏ.)

ହିଞ୍ଜିଳିକାଟୁ ଭାଜପା ବିଧାୟକ ପ୍ରାର୍ଥୀ ପୀତାମ୍ବର ଆଚାର୍ଯ୍ୟ ଗୁରୁବାର ସନ୍ଧ୍ୟାରେ ଶେରଗଡ ଚାରିଛକରେ ପ୍ରଚାର କରିଛନ୍ତି। ସନ୍ଧ୍ୟା ପ୍ରାୟ ୭ଟାରେ ସମର୍ଥକଙ୍କ ସହ ଚାରିଛକରେ ପହଞ୍ଚିଥିଲେ। ସେଠାରେ ଉପସ୍ଥିତ ଲୋକଙ୍କୁ ରାଜ୍ୟ ସରକାରଙ୍କ ଦୁର୍ନୀତି ସମ୍ପର୍କରେ ଅବଗତ କରାଇଥିଲେ। ରାଜ୍ୟ ସରକାର ଟଙ୍କିକିଆ ଚାଉଳ ମାଧମରେ ଆପଣଙ୍କୁ ଠକୁଛନ୍ତି। ତେଣୁ ସରକାର ପରିବର୍ତ୍ତନ ହେବା ଜରୁରୀ। ଚଳିତଥର ଆମେ ୯୦ ପ୍ରତିଶତ ଭୋଟ ହାସଲ କରିବୁ ବୋଲି କହିଥିଲେ। ପଦ୍ମଫୁଲ ଚିହ୍ନଟରେ ଭୋଟଦେଇ ମୋଦି ସରକାରଙ୍କ ନେତୃତ୍ୱରେ ରାଜ୍ୟକୁ ବିକାଶ ଧାରାରେ ସାମିଲ କରିବାକୁ ପୀତାମ୍ବର କହିଥିଲେ। ଏହାପରେ ଶେରଗଡର ସମସ୍ତ ସାହି ପରିକ୍ରମା କରି ଭୋଟ ମାଗିଥିଲେ।



ଭାଜପା ପ୍ରାର୍ଥୀ ପୀତାମ୍ବର ଆଚାର୍ଯ୍ୟ ପ୍ରଚାର କରୁଛନ୍ତି।

# ବିଜେଡି, ଭାଜପାର ମାରାଥନ ପ୍ରଚାର



ବିଜେଡି ବିଧାୟକ ପ୍ରାର୍ଥୀ ଶ୍ରୀକାନ୍ତ ସାହୁଙ୍କ ନିର୍ବାଚନ ପ୍ରଚାର ।



କାର୍ଯ୍ୟକ୍ରମରେ ଉପସ୍ଥିତ ଭାଜପା କାର୍ଯ୍ୟକର୍ତ୍ତା ।

ପୋଲସରା,୧୧।୪(ଡି.ଏନ.ଏ.)

ପୋଲସରା ବିଧାନସଭା କ୍ଷେତ୍ରରେ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ଆଗାମୀ ୧୮ ତାରିଖରେ ଅନୁଷ୍ଠିତ ହେବ। ଏଥିପାଇଁ ବିଜେଡି ବିଧାୟକ ପ୍ରାର୍ଥୀ ଶ୍ରୀକାନ୍ତ ସାହୁ ବିଭିନ୍ନ ପଞ୍ଚାୟତ ବୁଲି ଭୋଟ ଭିକ୍ଷା କରୁଛନ୍ତି। ବୁଧବାର ଘୋଡ଼ାପଲାଣ ପଞ୍ଚାୟତର କରାତଳି, କରଞ୍ଜରା, ଘୋଡ଼ାପଲାଣ, ବାଲିଛାଇ ପଞ୍ଚାୟତର ବାଲିଛାଇ, ଡୋଙ୍ଗରୀ, ରୁମାଗଡ଼ ପଞ୍ଚାୟତର ଭାଟଖାଲି, ଖପରାଗଣ୍ଡା, ମନ୍ଦାର ପଞ୍ଚାୟତର ମାଳତୀବାଡ଼ି, ମନ୍ଦାର ଆଦି ଗ୍ରାମରେ ବୁଲି ପ୍ରଚାର କରି ଭୋଟ ଭିକ୍ଷା କରିଥିଲେ। ସେହିପରି ଗୁରୁବାର ମଧୁପଲ୍ଲୀ ଗ୍ରାମପଞ୍ଚାୟତ, ଚିରିକିପଡ଼ା ଶାସନ, ଭାବରଡ଼ା ଓ ଗୋଛାବାଡ଼ି ପଞ୍ଚାୟତର ଜୋକବନ୍ଧ, ଗୋଛାବାଡ଼ି, ଭାଲିଆମାଳ ଗ୍ରାମରେ ପ୍ରଚାର କରିଥିଲେ। ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ର ପ୍ରଧାନ, ସମ୍ପାଦକ ଅଶୋକ ବିଶୋୟୀ, ସୁଜିତ ବିଶୋୟୀ, ବ୍ଲକ ଅଧକ୍ଷ ବଳରାମ ସେଠୀ, ଉପାଧକ୍ଷା ସଂଯୁକ୍ତା ବାଡ଼ତ୍ୟା ପ୍ରମୁଖ ବିଜେଡି କର୍ମୀ ପ୍ରଚାରରେଯୋଗ ଦେଇଥିଲେ। ସେହିପରି ଭାଜପା ପକ୍ଷରୁ ମଧ ଭାଜପା ବିଧାୟକ ପ୍ରାର୍ଥୀ ଗୋକୁଳାନନ୍ଦ ମଲ୍ଲିକ ବିରିପୁରୁ, ପଙ୍କଲବାଡ଼ି, ମଧୁପଲ୍ଲୀ, ଚଣ୍ଡୀପୁର, ବୁଢ଼େଇଶୁଣୀ, ଗୋଠଳୀ, ମାଳ ତେନ୍ତୁଳିଆ ଆଦି ଗ୍ରାମରେ ବୁଲି ପଦ୍ମଫୁଲ ଚିହ୍ନରେ ଭୋଟ ଦେଇ ଜୟଯୁକ୍ତ କରିବା ଲାଗି କହିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ଯୁବ ଭାଜପା ନେତା ପ୍ରଭାକର ପଣ୍ଡା, ପୂର୍ବତନ ବିଧାୟକ ନିରଞ୍ଜନ ପ୍ରଧାନ, ରତ୍ନାକର ସ୍ୱାଇଁ, ପ୍ରଶାନ୍ତ ପ୍ରଧାନଙ୍କ ସମେତ ବହୁ ଭାଜପା କର୍ମୀ ଉପସ୍ଥିତ ଥିଲେ ।

## ସଂକ୍ଷେପରେ

### ୨ ଚୋରା ମଦ ବେପାରୀ ଗିରଫ

**ରାଇରଙ୍ଗପୁର, ୧୧।୪(ଡି.ଏନ.ଏ.):** ରାଇରଙ୍ଗପୁର ସହରାଞ୍ଚଳ ଥାନା ପୋଲିସ ପକ୍ଷରୁ ଗତ ବୁଧବାର ଏବଂ ଗୁରୁବାର ପୋଲିସ ଚଢ଼ାଉ କରି ବିଭିନ୍ନ ରାସ୍ତାରୁ ୨ ମଦବେପାରୀଙ୍କୁ ଗିରଫ କରିବାସହ ୮ଲି. ବିଦେଶୀ ମଦ ଜବତ କରିଛି। ଗିରଫ ୨ ଅଭିଯୁକ୍ତ ହେଲେ ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ଚଣ୍ଡିଦା ଗ୍ରାମର ବାଞ୍ଛାନିଧି ପାତ୍ର ଏବଂ ଗୋରୁମହିଷାଣୀ ଥାନା ଅନ୍ତର୍ଗତ ହାତିଆ ଗ୍ରାମର ଜଗନ୍ନାଥ ପାତ୍ର। ପୋଲିସ ଦୁଇ ଗୋଟି ପୃଥକ ମାମଲା (ନଂ୪୫-୪୬/୨୦୧୯) ରୁଜୁ କରି ଉଭୟଙ୍କୁ କୋର୍ଟଚାଲଣ କରି ଅଧିକ ତଦନ୍ତ ଜାରି ରଖିଛି।

### ତାରିଣୀଙ୍କ ପୀଠରେ ଚଇତି ପର୍ବ

**କପ୍ତିପଦା,୧୧।୪(ଡି.ଏନ.ଏ.):** କପ୍ତିପଦା ବ୍ଲକ ଅଧୀନ ନୁଦୁଡିହା ମା' ତାରିଣୀ ପୀଠରେ ଚଇତି ପର୍ବ ଆରମ୍ଭ ହୋଇଛି। ଏହି ଅବସରରେ ଏକ କଳସ ଶୋଭାଯାତ୍ରାରେ ପିଙ୍ଗୁ ଗ୍ରାମର ମହାପାତ୍ର ପୋଖରୀରୁ ଘଟୋତ୍ତୋଳନ କରି ମା'ଙ୍କ ଯଜ୍ଞ ମଣ୍ଡପରେ ସ୍ଥାପନ କରିଥିଲେ। ଏହା ପରେ ସ୍ନାନ, ଉପଚାର ଓ ହୋମଯଜ୍ଞ ଅନୁଷ୍ଠିତ ହୋଇଥିଲା। ଏହି ଯଜ୍ଞ ପଣା ସଂକ୍ରାନ୍ତି ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି। ମା' ତାରିଣୀ ମନ୍ଦିର କମିଟିର ସଭାପତି ବିଜୟାନନ୍ଦ ନାୟକ, ସଭାପତି ସୁଧାଂଶୁ ଦାସ, ଜିଲା ପରିଷଦ ସଦସ୍ୟା ଗୀତାଞ୍ଜଳି ମହାନ୍ତି, ସରପଞ୍ଚ କାହ୍ନୁଚରଣ ସୋରେନ, ସମିତି ସଭ୍ୟା ଆରତୀ ଜେନାଙ୍କ ସମେତ ବହୁ ଗ୍ରାମବାସୀ ଏଥିରେ ସାମିଲ ହୋଇଥିଲେ।

### ସନାତନ ଧର୍ମ ସମ୍ମିଳନୀ

**କପ୍ତିପଦା,୧୧।୪(ଡି.ଏନ.ଏ.):** କପ୍ତିପଦା ବ୍ଲକ ଅଧୀନ ଜଡ଼ିଦା ପଞ୍ଚାୟତ ବାଘମରା ଗ୍ରାମରେ ବାବାଜୀ ଦୀନରାମ ଦାସଙ୍କ ଦ୍ୱାରା ପ୍ରତିଷ୍ଠିତ ଶ୍ରୀଅଭିରାମ ପରମହଂସ ଆଶ୍ରମରେ ୩୪ତମ ଶ୍ରୀନାମ ଯଜ୍ଞ ସନାତନ ଧର୍ମ ସମ୍ମିଳନୀ ୩ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅଙ୍କୁରାରୋପଣ, ଅଧିବାସ କର୍ମ ସମ୍ପାଦନ ହେବା ପରେ ଘଟୋତ୍ତୋଳନ କରାଯାଇ ସକାଳ ୬ ଘଟିକାଠାରୁ ଅଷ୍ଟପ୍ରହରୀ ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା। ଶାନ୍ତି ଆନନ୍ଦାଶ୍ରମ କରମଲାର ପୂଜ୍ୟ ବାବାଜୀ ଶ୍ରୀ ଅନ୍ତର୍ଯ୍ୟାମୀ ଦାସ ଉକ୍ତ ସମ୍ମିଳନୀ ସଭାରେ ଅଧକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧରେ ସାଧୁ ପ୍ରେମାନନ୍ଦ ଦାସ, କ୍ରିୟାଯୋଗ କେନ୍ଦୁଝର ଜିଲାରୁ ଆସିଥିବା ସ୍ୱାମୀ ଅଖଣ୍ଡାନନ୍ଦ ସରସ୍ୱତୀ ଓ ଗୌଡ଼ୀୟ ସମ୍ପ୍ରଦାୟର ପୂଜ୍ୟ ଅଗଣି ବାବା ପ୍ରମୁଖ ଯୋଗ ଦେଇ ସାଧୁଙ୍କ କୃପାରୁ କ'ଣ ଲାଭ ମିଳେ ସେ ସମ୍ପର୍କରେ ପ୍ରବଚନ ଦେଇଥିଲେ। ଆଶ୍ରମର ସଭାପତି ଜଗନ୍ନାଥ ପାତ୍ର, ଅବୋଧ ମହାକୁଡ଼, ସମ୍ପାଦକ ଜଗନ୍ନାଥ ବିଶ୍ୱାଳ, ଅଭିନ୍ନ ମାଇତି, ସୁରେନ୍ଦ୍ର ସାହୁ, ଅବୋଧ ପାତ୍ର ଓ ସମସ୍ତ ଭକ୍ତ ବୃନ୍ଦ ସହଯୋଗ କରିଥିଲେ। ଏହି ଧର୍ମ ସମ୍ମିଳନୀରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ତଥା ରାଜ୍ୟ ବାହାରୁ ବହୁ ଭକ୍ତ ବୃନ୍ଦ ଯୋଗ ଦେଇଥିଲେ।

### ରାମନବମୀ ଲାଗି ପ୍ରସ୍ତୁତି

**ରାଇରଙ୍ଗପୁର, ୧୧।୪(ଡି.ଏନ.ଏ.):** ରାଇରଙ୍ଗପୁର ସହରାଞ୍ଚଳରେ ରାମନବମୀ ଏବଂ ଆଖଡ଼ା ଶୋଭାଯାତ୍ରା ସକାଶେ ବିଭିନ୍ନ ହନୁମାନ ମନ୍ଦିର ଏବଂ ଆଖଡ଼ା କମିଟି ପକ୍ଷରୁ ପ୍ରସ୍ତୁତି କରାଯାଇଛି। ସ୍ଥାନୀୟ ସହରାଞ୍ଚଳର ବଡ଼ବଜାର ସ୍ଥିତ ହନୁମାନ ବାଟିକା, ଇଟିଣ୍ଡା, ଅଁଳାଡୁବା, ପୁରୁଣାଘାଟୀ ଏବଂ କୁଚେଇବୁଡ଼ି ସମେତ ବସ୍ତି ଅଞ୍ଚଳରେ ଥିବା ହନୁମାନ ମନ୍ଦିର କମିଟି ଏବଂ ଆଖଡ଼ା କମିଟି ପକ୍ଷରୁ ଆସନ୍ତା ଶନିବାର ରାମନବମୀ ସହ ଶୋଭାଯାତ୍ରା କରାଯିବ ବୋଲି କମିଟି ତରଫରୁ ଜଣାଯାଇଛି।

### ଗୃହଦାହ ଅଭିଯୋଗ

**ଧାମନଗର, ୧୧।୪ (ଡି.ଏନ.ଏ.):** ଭଦ୍ରକ ଜିଲା ଧାମନଗର ବ୍ଲକ ଅନ୍ତର୍ଗତ ପଛାଲୋ ଗ୍ରାମର ସୁନୀଲ ନାୟକଙ୍କ ଘରେ କେହି ଦୁର୍ବୃତ୍ତ ନିଆଁ ଲଗାଇ ଦେଇଥିବା ଧୂଷୁରୀ ଥାନାରେ ଅଭିଯୋଗ କରାଯାଇଛି। ଏନେଇ ଥାନାରେ ଏକ ମାମଲା(ନଂ.୫୭/୧୯) ରୁଜୁ ହୋଇଛି। ଏଏସ୍ଆଇ ପ୍ରଦୀପ ନାୟକ ଘଟଣାର ତଦନ୍ତ କରୁଛନ୍ତି। ଅଭିଯୋଗରେ ଦର୍ଶାଯାଇଛି ଯେ, ବୁଧବାର ବିଳମ୍ବିତ ରାତିରେ ସୁନୀଲଙ୍କ ଘରେ ହଠାତ୍ ନିଆଁ ଲାଗିଯାଇଥିଲା। ଧାମନଗର ଦମକଳ ବାହିନୀ ପହଞ୍ଚିବା ବେଳକୁ ସ୍ଥାନୀୟ ଲୋକେ ନିଆଁକୁ ଲିଭାଇ ଦେଇଥିଲେ। ସୁନୀଲଙ୍କ ଘରେ ବିଦ୍ୟୁତ୍ ସଂଯୋଗ ନ ଥିବା, ଘରେ ଧୂଆଁ ଦିଆଯାଇ ନ ଥିବା କିମ୍ବା ଚୁଲିରୁ ନିଆଁ ବାହାରି ନ ଥିବାବେଳେ ନିର୍ଦ୍ଦିଷ୍ଟ ଘର ପିଣ୍ଡା ଚାଳରେ ନିଆଁ ଲାଗିବା ସନ୍ଦେହ ସୃଷ୍ଟି କରିଛି। ଏନେଇ ଦମକଳ ବାହିନୀ ଆଂଶିକ ଅଗ୍ନିକାଣ୍ଡ ରିପୋର୍ଟ କରିଛନ୍ତି।

■ ନିର୍ବାଚନରେ ନିୟୋଜିତ ହେବ ବାରିପଦାର ୧୫୦ ବସ୍

# ନିଷ୍ପତ୍ତିକୁ ବସ୍ ମାଲିକ ସଂଘର ବିରୋଧ

**ବାରିପଦା ଅଫିସ,୧୧।୪**

ଆସନ୍ତା ୨୩ ତାରିଖରେ ତୃତୀୟ ପର୍ଯ୍ୟାୟ ନିର୍ବାଚନ ଅନୁଷ୍ଠିତ ହେବ। ପଡ଼ୋଶୀ ଜିଲା କେନ୍ଦୁଝରେ ତୃତୀୟ ପର୍ଯ୍ୟାୟରେ ନିର୍ବାଚନ ହେଉଥିବାରୁ ନିର୍ବାଚନରେ ନିୟୋଜିତ କର୍ମଚାରୀମାନେ ବୁଥ ସ୍ତରକୁ ଯିବା ପାଇଁ ଚଳିତବର୍ଷ ବସ୍‌ର ବ୍ୟବସ୍ଥା କରାଯାଇଛି। ବାରିପଦାର ପ୍ରାୟ ୧୫୦ଟି ବସକୁ ଏଥିରେ ଆଞ୍ଚଳିକ ପରିବହନ ବିଭାଗ ନିୟୋଜିତ କରିଛି। ଏହି ନିଷ୍ପତ୍ତିକୁ ମୟୂରଭଞ୍ଜ ଘରୋଇ ବସ ମାଲିକ ସଂଘ ବିରୋଧ କରିବା ସହ ଏହାର ପୁନର୍ବିଚାର କରିବା ପାଇଁ ଦାବି କରିଛି।

ମୁର୍ଗାବାଡି ଗୋଲେଇ ସ୍ଥିତ ଆଞ୍ଚଳିକ ପରିବହନ ଅଧିକାରୀ(ଆରଟିଓ)ଙ୍କ କାର୍ଯ୍ୟାଳୟରେ ଗୁରୁବାର ବସ ମାଲିକ ସଂଘର ସମ୍ପାଦକ ସୁନୀଲ ଦାଶଙ୍କ ନେତୃତ୍ୱରେ ସଂଘର କାର୍ଯ୍ୟକର୍ତ୍ତା ଓ ବସ କର୍ମଚାରୀମାନେ ଧାରଣାରେ ବସିଛନ୍ତି। ସଂଘର ଦାବି ମୁତାବକ ବାରିପଦାରେ ପ୍ରାୟ ୨୦୦ ଘରୋଇ ବସ ରହିଛି। ଏହି ବସଗୁଡିକ ନିୟମିତ ଭାବେ ରାଜଧାନୀ ଭୁବନେଶ୍ୱର, କଲିକତା ସମେତ ବିଭିନ୍ନ ଜିଲାକୁ ଗସ୍ତ କରିଥାଏ। ଏହି ବସଗୁଡିକ ଆସନ୍ତା ୨୦ ତାରିଖରୁ କେନ୍ଦୁଝର ଜିଲା ନିର୍ବାଚନରେ ନିୟୋଜିତ ହେବା ପରେ ୨୫ ତାରିଖରେ ବାରିପଦା ଆସିବ। ସେହିପରି ମୟୂରଭଞ୍ଜ ଜିଲା ନିର୍ବାଚନରେ ମଧ ଏହି ବସଗୁଡିକ ୨୬ ତାରିଖରୁ ନିୟୋଜିତ ହୋଇ ୩୦ ତାରିଖ ପର୍ଯ୍ୟନ୍ତ ରହିବ। ଏହି ସମୟରେ ଯାତ୍ରୀମାନେ ଅସୁବିଧାର ସମ୍ମୁଖୀନ ହେବେ। ଭୁବନେଶ୍ୱର



ଆରଟିଓ କାର୍ଯ୍ୟାଳୟରେ ବସ ମାଲିକ ସଂଘର କର୍ମକର୍ତ୍ତା ଓ ବସ କର୍ମଚାରୀ ଧାରଣାରେ ବସିଛନ୍ତି।

■ **ଆରଟିଓ କାର୍ଯ୍ୟାଳୟରେ ଧାରଣା**

■ **ଯାତ୍ରୀ ପରିବହନର ବିକଳ୍ପ ବ୍ୟବସ୍ଥା ଦାବି**

ପାଇଁ ବାରିପଦାରୁ ଗୋଟିଏ ଟ୍ରେନ ଥିବା ବେଳେ କଲିକତା ପାଇଁ ମଧ ଗୋଟିଏ ଟ୍ରେନ ରହିଛି। ଏ ପରିସ୍ଥିତିରେ ଯାତ୍ରୀମାନଙ୍କ ସୁବିଧା ପାଇଁ କିନ୍ତୁ ପ୍ରଶାସନ କୌଣସି ବିକଳ୍ପ ବ୍ୟବସ୍ଥା କରିନାହିଁ। ସେହିପରି ବସଗୁଡିକ ଯାତ୍ରୀନେଇ ଯାଉଥିବା ବେଳେ ପରିବହନ ବିଭାଗ ଅଧିକାରୀମାନେ ରାସ୍ତା ମଝିରେ ଅଟକାଇ ନିର୍ବାଚନରେ ନିୟୋଜିତ ହେବା ପାଇଁ ଆଦେଶ ପତ୍ର ଦେଉଛନ୍ତି। ତେବେ ପରିବହନ ବିଭାଗ ପକ୍ଷରୁ ବସ ମାଲିକ ସଂଘ ସହିତ ପୂର୍ବରୁ ଆଲୋଚନା ନ କରି ମନଇଚ୍ଛା ଆଦେଶ ଦିଆଯାଉଛି। ଏଣୁ ପରିବହନ ବିଭାଗ ଏହାର ପୁନର୍ବିଚାର କରିବାକୁ ସଂଘ ଦାବି କରିଛି। ଏହି ଆନ୍ଦୋଳନକାରୀଙ୍କ ଦାବିଗୁଡିକୁ ଗୁରୁତର ଭାବେ ନେଇ ସହକାରୀ ଆଞ୍ଚଳିକ ପରିବହନ ଅଧିକାରୀ ମନୋଜ କୁମାର ଟପ୍ପୋ ବସ ମାଲିକ ସଂଘ ସହିତ ଆଲୋଚନା କରି ପୁନର୍ବିଚାର ପାଇଁ ପ୍ରତିଶ୍ରୁତି ଦେବା ପରେ ବସ ମାଲିକ ସଂଘ ଧାରଣା ପ୍ରତ୍ୟାହୃତ କରିଥିଲା। ଚତୁର୍ଥ ପର୍ଯ୍ୟାୟରେ ହେବାକୁ ଥିବା ମୟୂରଭଞ୍ଜ ଜିଲାର ନିର୍ବାଚନ ପରିଚାଳନା ପାଇଁ ପ୍ରାୟ ୬୦୦ ବସ ଆବଶ୍ୟକ। ଏହି ଆବଶ୍ୟକ ବସଗୁଡିକ ଅନ୍ୟ ଜିଲାରୁ ଅଣାଯିବ ବୋଲି ମଧ କହିଛନ୍ତି। ତେବେ ପରିବହନ ବିଭାଗ ଏବଂ ନିର୍ବାଚନ କମିଶନ ଏହି ସମ୍ପର୍କରେ ଆଲୋଚନା କରିବା ସହିତ ଯାତ୍ରୀ ପରିବହନ ପାଇଁ ବିକଳ୍ପ ବ୍ବବସ୍ଥା ନକେଲେ ସଂଘ ପୁନର୍ବାର ଆନ୍ଦୋଳନ କରିବ ବୋଲି ବସ ମାଲିକ ସଂଘ ସମ୍ପାଦକ ସୁନୀଲ କୁମାର ଦାଶ କହିଛନ୍ତି।

## ଜେଏମ୍ଏମ୍ ମୁଖପାତ୍ରଙ୍କ ନିଲମ୍ବନ ଆଦେଶ ପ୍ରତ୍ୟାହାର

**ବାରିପଦା ଅଫିସ,୧୧।୪**



ଜ୍ୟୋତି ରଞ୍ଜନ ପୃଷ୍ଟି

ମୟୂରଭଞ୍ଜ ଜିଲା ଝାଡ଼ଖଣ୍ଡ ଯୁବ ମୁକ୍ତି ମୋର୍ଚ୍ଚା (ଜେଏମଏମ) କମିଟିର ମୁଖପାତ୍ର ଜ୍ୟୋତି ରଞ୍ଜନ ପୃଷ୍ଟିଙ୍କ ଉପରୁ ଗୁରୁବାର ଦଳ ନିଲମ୍ବନ ଆଦେଶ ପ୍ରତ୍ୟାହାର କରିଛି। ଏନେଇ ଜିଲା ଯୁବ ସଭାପତି ପିଣ୍ଟୁ ମାଇତି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଜେଏମଏମ ରାଜ୍ୟ ସଭାପତି ମହେଶ ହେମ୍ବ୍ରମ, ରାଜ୍ୟ ମହିଳା ସଭାନେତ୍ରୀ ତଥା ମୟୂରଭଞ୍ଜ ଲୋକ ସଭା ପ୍ରାର୍ଥୀ ଅଞ୍ଜନୀ ସୋରେନ, ଜିଲା ସଭାପତି ତଥା ବାଙ୍ଗିରିପୋଷି ବିଧାୟକ ପ୍ରାର୍ଥୀ ଫାଗୁ ହାଁସଦା ଓ ରାଜ୍ୟ ସାଧାରଣ ସମ୍ପାଦକ ତଥା ମୋରଡା ବିଧାୟକ ପ୍ରାର୍ଥୀ କଳିଙ୍ଗ କେଶରୀ ଜେନାଙ୍କ ଅନୁମୋଦନ ପରେ ଦଳ ତାଙ୍କର ନିଲମ୍ବନର ଆଦେଶ ପ୍ରତ୍ୟାହାର କରିଛି। ପ୍ରକାଶ ଥାଉ କି ପ୍ରାୟ ୨ ମାସ ପୂର୍ବେ ଜ୍ୟୋତିଙ୍କୁ ଦଳ ବିରୋଧୀ କାର୍ଯ୍ୟ କରୁଥିବା ଅଭିଯୋଗରେ ଦଳରୁ ନିଲମ୍ବିତ କରାଯାଇଥିଲା। ଦଳ ନିର୍ବାଚନରେ ଯୁବ ଗୋଷ୍ଠୀଙ୍କୁ ସାମିଲ କରିବା ପାଇଁ ଜ୍ୟୋତିଙ୍କ ଉପରୁ ନିଲମ୍ବନ ଆଦେଶ ଉଠାଇଛି।

## ବାସନ୍ତୀ ଦୁର୍ଗା ପୂଜା ପାଳିତ

**ରାଇରଙ୍ଗପୁର, ୧୧।୪(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ହସ୍ପିଟାଲ ଛକ ନିକଟସ୍ଥ ବାସନ୍ତୀ ମଣ୍ଡପଠାରେ ବାସନ୍ତୀ ଦୁର୍ଗା ପୂଜା ପାଳିତ ହୋଇଯାଇଛି। ବୁଧବାର ସନ୍ଧ୍ୟାରେ ଷଷ୍ଠୀ ତଥା ବେଲ ମହାଅଧିବେଶ ପୂଜାର୍ଚ୍ଚନା ପରେ ଗୁରୁବାର ମା'ଙ୍କର ମହାସପ୍ତମୀ ପୂଜା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ମା' ବାସନ୍ତୀଙ୍କର ମୃଣ୍ମୟ ମେଢ଼ ସାଙ୍ଗକୁ ମଣ୍ଡପରେ ତୋରଣ ଏବଂ ରଙ୍ଗବେରଙ୍ଗ ଆଲୋକ ସାଜସଜ୍ଜା କରାଯାଇଥିଲା। ଶୁକ୍ରବାର ମହାଷ୍ଟମୀ ପୂଜା ପାଳନ କରାଯିବା ବୋଲି ପୂଜା କମିଟି ପକ୍ଷରୁ ପ୍ରକାଶ।

## 'ଲୋକଙ୍କ ନିକଟକୁ ଯିବେ ମହାରାଣୀ, ରାଜକୁମାରୀ'

ବାରିପଦା ଅଫିସ,୧୧।୪

ମୟୂରଭଞ୍ଜ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ ମୋରଡା ନିର୍ବାଚନ ବିଧାନସଭା ଆସନରେ ବିଜେଡି ବିଧାୟକ ଅଛନ୍ତି। ହେଲେ ଦଳ ଏଥର ତାଙ୍କୁ ଟିକେଟ ନ ଦେଇ ନିକଟରେ ଭାଜପା ଛାଡି ବିଜେଡି ଆସିଥିବା ଭାଜପା ରାଜ୍ୟ ଉପସଭାପତି ରାଜକିଶୋର ଦାସଙ୍କୁ ବିଧାୟକ ଟିକେଟ ଦେଇଛି। ଏଥିଲାଗି ପ୍ରବୀଣ ଅସନ୍ତୋଷ ପ୍ରକାଶ କରି ବିଜେଡି ଛାଡି ଭାଜପାରେ ଯୋଗ ଦେଇଛନ୍ତି। ମୟୂରଭଞ୍ଜ ଭାଜପା ପକ୍ଷରୁ ଗତ ଏପ୍ରିଲ ୬ ତାରିଖରେ ପ୍ରବୀଣଙ୍କୁ ଦଳରେ ସ୍ୱାଗତ କରିବା ପରିପ୍ରେକ୍ଷୀରେ ବାରିପଦ ବେଲଗଡିଆ ରାଜପ୍ରାସାଦରୁ ଷ୍ଟେଶନ ବଜାର ବିବାହ ମଣ୍ଡପ ପର୍ଯ୍ୟନ୍ତ ଏକ ରାଲି କରିଥିଲେ। ଏହି ଅବସରରେ ଏକ ମିଶ୍ରଣ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ପ୍ରବୀଣଙ୍କ ପତ୍ନୀ ତଥା ମୟୂରଭଞ୍ଜ ମହାରାଣୀ ରଶ୍ମି ରାଜ୍ୟଲକ୍ଷ୍ମୀ ଭଞ୍ଜଦେଓ ଏବଂ ରାଜକୁମାରୀ ମୃଣାଳିକା ମଞ୍ଜରୀ ଭଞ୍ଜଦେଓ ପ୍ରମୁଖ ଉପସ୍ଥିତ ରହି ଭାଜପାରେ ସାମିଲ ହୋଇଥିଲେ। ମୟୂରଭଞ୍ଜ ରାଜ ପରିବାରର କୌଣସି ମହିଳା ସଦସ୍ୟା ରାଜନୀତିକୁ ପ୍ରବେଶ କରି ନ ଥିଲେ। ତାଙ୍କର ଆସିବା ପ୍ରଥମ ଘଟଣା। ତେବେ ମହାରାଣୀ ଓ ରାଜକୁମାରୀ ଏବେ ବିଭିନ୍ନ ସମସ୍ୟା ନେଇ ଲୋକଙ୍କ ପାଖକୁ ଯିବା ପାଇଁ ଅଣ୍ଟା ଭିଡିଛନ୍ତି। ଜିଲାରେ ମହିଳାଙ୍କ ସୁରକ୍ଷା, ମହିଳାଙ୍କୁ ସାମାଜିକ ସୁରକ୍ଷା ଏବଂ ଲୋକଙ୍କ ମୌଳିକ ସମସ୍ୟା ଯଥା ରାସ୍ତାଘାଟ, ଶିକ୍ଷା, ସ୍ୱାସ୍ଥ୍ୟ ଓ ପାନୀୟ ଜଳ ଭଳି ସୁବିଧା ଉପଲବ୍ଧ ହେଉ ନାହିଁ। ଏଣୁ ଏହି ମୁଦ୍ଦା ନେଇ ଲୋକଙ୍କ ପାଖକୁ ଯିବା ସହିତ ସେମାନଙ୍କ ପାଇଁ ଏହି ସୁବିଧା ଉପଲବ୍ଧ କରାଇବା କ୍ଷେତ୍ରରେ କାର୍ଯ୍ୟ କରିବେ ବୋଲି ମହାରାଣୀ କହିଛନ୍ତି। ତେବେ ରାଜ ପରିବାରର ମୟୂରଭଞ୍ଜ ଜିଲା ପ୍ରତି ବହୁତ ଅବଦାନ ରହିଛି। ଲୋକେ ମହାରାଣୀ ଓ ରାଜକୁମାରୀଙ୍କୁ କିଭଳି ଭବେ ଗ୍ରହଣ କରୁଛନ୍ତି ତାହା ଆସନ୍ତା ନିର୍ବାଚନରୁ ଜଣାପଡ଼ିବ।

## ସୁରକ୍ଷିତ ମାତୃତ୍ୱ ଦିବସ ପାଳିତ

**ବେତନଟୀ, ୧୧।୪ (ଡି.ଏନ୍.ଏ.)**

ବେତନଟୀ ବ୍ଲକର ପାଟୋଳିପୁରା ପଞ୍ଚାୟତ ଅଧୀନ ବେଲାଣପୁରା ଗ୍ରାମସ୍ଥିତ ବାତ୍ୟା ଆଶ୍ରୟସ୍ଥଳୀରେ ଗୁରୁବାର ଜାତୀୟ ସୁରକ୍ଷିତ ମାତୃତ୍ୱ ଦିବସ ପାଳିତ ହୋଇଛି। ଜିଲା ସ୍ୱାସ୍ଥ୍ୟସମିତି ଓ ନାଖରାସ୍ଥିତ ସାମାଜିକ ଅନୁଷ୍ଠାନ ଫୋଡ୍‌ର ମିଳିତ ଆନୁକୂଲ୍ୟରେ ଏହି ଦିବସ ଉପଲକ୍ଷେ ପ୍ରସବ ସହାୟିକା ବାର୍ତ୍ତା ପ୍ରଦାନ କରାଯାଇଥିଲା। ବୈଠକରେ ସମାଜିକ ଅନୁଷ୍ଠାନ ଫୋଡ୍‌ର ସମ୍ପାଦକ ସନ୍ତୋଷ କୁମାର ଖଣ୍ଡା ସ୍ୱାଗତ ଭାଷଣ ଦେଇ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ। ମୟୂରଭଞ୍ଜ ଜିଲା ସ୍ୱାସ୍ଥ୍ୟସମିତି ତରଫରୁ ଜନ ସ୍ୱାସ୍ଥ୍ୟ ସଞ୍ଚାର ଅଧିକାରୀ ଭରତ ଚନ୍ଦ୍ର ବେହେରା, ଅତିରିକ୍ତ ଜନ ସ୍ୱାସ୍ଥ୍ୟ ସଞ୍ଚାର ଅଧିକାରୀ ଯୋଗେନ୍ଦ୍ର ନାଥ ଦେହୁରୀ, ଡାକ୍ତର ପ୍ରସନ୍ନ କୁମାର ପାତ୍ର, ୟୁକୋ କ୍ଲବ୍‌ର ସଂଯୋଜକ ଡ. ରମାକାନ୍ତ ମହାନ୍ତ, ଉତ୍କଳ ବିକାଶ କେନ୍ଦ୍ରର ନିର୍ଦ୍ଦେଶକ ଜନ ଜର୍ଜ ମଞ୍ଚାସୀନ ଥିଲେ। କର୍ମକର୍ତ୍ତାମାନେ ମାତୃତ୍ୱ ପାଇଁ ଗର୍ଭାବସ୍ଥା, ପ୍ରସବ ପରେ କିଭଳି ମା'ମାନେ ଅଧିକ ସୁରକ୍ଷା ପାଇ ପାରିବେ ସେହି ବିଷୟରେ ପରାମର୍ଶ ଦେଇଥିଲେ। ଗର୍ଭାବସ୍ଥାରେ ୪ ଥର ଓ ପ୍ରସବ ପରେ ୬ ଥର ଯାଞ୍ଚ କରିପାରିଲେ ଶତକଡା ୮୩ ଭାଗ ନବଜାତ ମାତୃ ମୃତ୍ୟୁ ଶିଶୁ ଜନ୍ମକୁ ରୋକାଯାଇ ପାରିବ। ଏଥିନେଇ ମା' ଅଙ୍ଗନୱାଡି କର୍ମୀ ଓ ଆଶା କର୍ମୀମାନଙ୍କୁ ନେଇ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ୧୦ଜଣଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

## ଘରୁ ସଶସ୍ତ୍ର ଯୁବକ ଗିରଫ

**ବଡ଼ସାହି,୧୧।୪(ସ୍ୱ.ପ୍ର)**

ମୟୂଭରଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ ଏକ ଘରୁ ଜଣେ ସଶସ୍ତ୍ର ଯୁବକଙ୍କୁ ବୈଶିଙ୍ଗା ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତ ଯୁବକ ଜଣଙ୍କ ହେଲେ ମାଣତ୍ରୀ ପଞ୍ଚାୟତ ମାଳିହାତୀ ଗ୍ରାମର ରାଜୁ ଓରଫ ରାଜେଶ ଲେଙ୍କା(୨୨)। ତାଙ୍କ ନିକଟରୁ ପୋଲିସ ଦୁଇଟି ଗ୍ଲୋବ୍ସ ଓ ଛୁରି ଜବତ କରିଛି। ପୋଲିସର କହିବାନୁଯାୟୀ, ଅଭିଯୁକ୍ତ ଜଣଙ୍କ ସମ୍ପୃକ୍ତା ଜଣେ ନାବାଳିକାଙ୍କୁ କୁଆଡ଼େ ଏକତରଫା ଭଲ ପାଉଥିଲେ। ଘଟଣା ଦିନ ନାବାଳିକା ଜଣକ ସପରିବାର ସହିତ ଏକ ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗଦେବାକୁ ଯାଇ ରାତିରେ ଫେରିଥିଲେ। ଖାଇପିଇ ଶୋଇବାକୁ ଯିବା ବେଳେ ପଲଙ୍କ ତଳେ ଛପି ରହିଥିବା ଅଭିଯୁକ୍ତଙ୍କ ଶରୀରରେ ତାଙ୍କ ଗୋଡ଼ ବାଜିବାରୁ ଚିତ୍କାର କରି ଘରୁ ବାହାରି ଆସିଥିଲେ। ପାଟି ଶୁଣି ନାବାଳିକାଙ୍କ ବାପା ଘର ବାହାର ପଟୁ କବାଟ ବନ୍ଦ କରି ପୋଲିସକୁ ଖବର ଦେଇଥିଲେ। ଘଟଣା ସ୍ଥଳରେ ପୋଲିସ ପହଞ୍ଚି ପଲଙ୍କ ତଳୁ ଘୋଷାଡ଼ି ଯୁବକଙ୍କୁ କାବୁ କରିବା ସହିତ ତାଙ୍କ ପାଖରୁ ଗ୍ଲୋବ୍ସ ଓ ଛୁରି ଜବତ କରିଥିଲେ। ଆକ୍ରମଣ ବା ହତ୍ୟା ପାଇଁ ଯୋଜନା କରିଥିବାକୁ ନେଇ ନାବାଳିକାଙ୍କ ବାପା ଅଭିଯୋଗ କରିବାରୁ ପୋଲିସ ଏକ ମାମଲା (ନଂ.୬୯/୧୯) ରୁଜୁ କରି ଅଭିଯୁକ୍ତଙ୍କୁ ଗୁରୁବାର କୋର୍ଟ ଚାଲାଣ କରିଛି।

## ଲେଡି ହାମିଲଟନ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ବାରିପଦା ଅଫିସ,୧୧।୪**



ଶିକ୍ଷକ ଭାଗବତ ପଣ୍ଡାଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଉଛି।

ବାରିପଦାସ୍ଥିତ ଲେଡି ହାମିଲଟନ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଓ ବିଦାୟକାଳୀନ ସମ୍ବର୍ଦ୍ଧନା ପର୍ବ ବିଦ୍ୟାଳୟ ପରିସରରେ ପରିଚାଳନା କମିଟିର ସଭାପତି ବ୍ରଜମୋହନ ଲୋହାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲା ଶିକ୍ଷା ଅଧିକାରୀ ଧ୍ରୁବଚରଣ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ସମାଜସେବୀ ଡ.ସୁକୁମାର ଦାସ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅସୀତ କୁମାର ବେହେରା ଯୋଗଦେଇଥିଲେ। ଏହି ଅବସରରେ ପିଲାମାନଙ୍କ ନୈତିକ ମୂଲ୍ୟବୋଧ, ସାମାଜିକ ପ୍ରତିବଦ୍ଧତା ସମ୍ପର୍କରେ ଆଲୋଚନା କରାଯାଇଥିଲା। ପ୍ରାରମ୍ଭରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଶୋକ କୁମାର ପଲେଇ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟରୁ ଗତ ମାସ ୩୧ତାରିଖରେ ଅବସର ଗ୍ରହଣ କରିଥିବା ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷକ ଭାଗବତ ପଣ୍ଡାଙ୍କୁ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଦାୟୀ ଶିକ୍ଷକ ଭାଗବତ ପଣ୍ଡା ବେଦପାଠ କରିବା ସହ ସଭା କାର୍ଯ୍ୟକୁ ପରିଚାଳନା କରିଥିଲେ। ଏହି ଅବସରରେ ବିଦ୍ୟାଳୟର ମୁଖପତ୍ର 'ପ୍ରଜ୍ଞା ମାଧୁରୀ' ଉନ୍ମୋଚିତ ହୋଇଥିଲା। ମୁଖପତ୍ରର ସମ୍ପାଦକ ଭାଗବତ ପଣ୍ଡା ଉକ୍ତ ପୁସ୍ତକ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହାଛଡା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଶୋକ କୁମାର ପଲେଇ ବିଦାୟୀ ଶିକ୍ଷକଙ୍କ କାର୍ଯ୍ୟାବଳୀ ସମ୍ପର୍କରେ ମତ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ବିଦ୍ୟାଳୟର ଶିକ୍ଷୟିତ୍ରୀ କବିତା ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଶିକ୍ଷୟିତ୍ରୀ କବିତା ସାହୁ, ସବିତା ପାତ୍ର, ସ୍ନେହଲତା ଦେବ, ମାନସୀ ଉପାଧ୍ୟାୟ, ମେରିନା ଦାସ ପ୍ରମୁଖ ସହଯୋଗ କରିଥିଲେ।

## ଦଳୀୟ ନେତାଙ୍କୁ ଗୁରୁତ୍ୱ ଦେଉନାହାନ୍ତି ପର୍ଯ୍ୟବେକ୍ଷକ

**ବାରିପଦା ଅଫିସ,୧୧।୪**

■ **ଠିକାଦାର କ୍ୟାମ୍ପରେ ଭାଜପା**

■ **ବିଜେଡି ନେତାଙ୍କ ଗୁପ୍ତ ବୈଠକକୁ ନେଇ ଚର୍ଚ୍ଚା**

ମୟୂରଭଞ୍ଜ ଜିଲାରେ ଥିବା ୯ ବିଧାନସଭା ଆସନରେ ବିଜୁ ଜନତା ଦଳ ୮ ଜଣ ବିଧାୟକଙ୍କ ଟିକେଟ କାଟି ନୂତନ ପ୍ରାର୍ଥୀ ଦେଇଛି। ପ୍ରାର୍ଥୀ ଚୟନକୁ ନେଇ କର୍ମୀ ମହଲରେ ଅସନ୍ତୋଷ ଥିବା ବେଳେ ଦଳୀୟ ପର୍ଯ୍ୟବେକ୍ଷକମାନେ ସମସ୍ତଙ୍କୁ ଏକାଠି କରି ନିର୍ବାଚନ ବୈତରଣୀ ପାର ହେବାକୁ ଘନ ଘନ ରୁଦ୍ଧଦ୍ୱାର ବୈଠକ କରୁଛନ୍ତି। ହେଲେ ଏହି ବୈଠକରେ ପ୍ରକୃତ ଦଳୀୟ କର୍ମୀଙ୍କୁ ନ ଡାକି ଅନ୍ୟ ଦଳରୁ ଆସିଥିବା କର୍ମୀ ଓ ନେତୃବୃନ୍ଦଙ୍କୁ ଗୁରୁତ୍ୱ ଦେଉଥିବା ଅଭିଯୋଗ ହୋଇଛି।

ସୂଚନା ମୁତାବକ ବାରିପଦା ବିଧାନସଭା ଆସନରେ ବିଧାୟକ ତଥା ଓଡ଼ିଶା ବିଧାନସଭା ଉପବାଚସ୍ପତି ସାନନ୍ଦ ମାରାଣ୍ଡିଙ୍କ ଟିକେଟ କାଟି ରାଜ୍ୟସଭା ସଦସ୍ୟା ସରୋଜିନୀ ହେମ୍ବ୍ରମଙ୍କୁ ଦଳ ଟିକେଟ ଦେଇଛି। ଏଣୁ ଉଭୟ ସାନନ୍ଦ ଓ ସରୋଜିନୀଙ୍କ ସମର୍ଥକଙ୍କୁ ନେଇ ମ୍ୟୁନିସିପାଲଟି ପର୍ଯ୍ୟବେକ୍ଷକ ମାନସ କୁମାର ମଲିକ ବୁଧବାର ଏକ ହୋଟେଲରେ ରୁଦ୍ଧଦ୍ୱାର ବୈଠକ କରିଥିଲେ। ଏଥିରେ ଜିଲା ସଭାପତି ଦେବାଶିଷ ମହାନ୍ତି ଓ ଜିଲା ଯୁବ ବିଜେଡି ସଭାପତି ଜିତେନ୍ଦ୍ର ମହାନ୍ତିଙ୍କ ସମେତ କେତେଜଣ ପୂର୍ବତନ କାଉନସିଲର ମଧ ଉପସ୍ଥିତ ଥିଲେ। ତେବେ ଏହି ବୈଠକରେ ପ୍ରକୃତ ବିଜେଡି କର୍ମୀଙ୍କୁ ନ ଡାକି ଅନ୍ୟ ଦଳରୁ ଆସି ଦଳରେ ଯୋଗ ଦେଇଥିବା ନେତୃବୃନ୍ଦଙ୍କ ଗୁରୁତ୍ୱ ଦିଆଯାଇଥିବା ଜିଲା ବିଜେଡି ସମ୍ପାଦକ ସୁଜିତ କୁମାର ମହାନ୍ତି ଗଣମାଧମ ନିକଟରେ ଗୁରୁବାର ଅଭିଯୋଗ କରିଛନ୍ତି। ଦଳୀୟ କାର୍ଯ୍ୟକ୍ରମ କିମ୍ବା ବୈଠକ ପାଇଁ ଦଳୀୟ କାର୍ଯ୍ୟାଳୟ ଥିବା ବେଳେ ହୋଟେଲ ରୁମରେ ବୈଠକ କରାଯିବାକୁ ନେଇ ମଧ ସୁଜିତ ପ୍ରଶ୍ନ ଉଠାଇଛନ୍ତି। ଅନ୍ୟପକ୍ଷେ ନିର୍ବାଚନ ପାଇଁ ନାମାଙ୍କନ ସରିଥିବା ବେଳେ ପ୍ରାର୍ଥୀମାନେ ପ୍ରଚାର ମଧ ଆରମ୍ଭ କଲେଣି ହେଲେ ଏ ଯାଏ ଦଳୀୟ କର୍ମୀଙ୍କୁ ନେଇ କୌଣସି ବୈଠକ କରାଯାଇ ନାହିଁ। ଏନେଇ ସେ ଗୁରୁବାର ରାଜ୍ୟ ସଭାପତି ନବୀନ ପଟ୍ଟନାୟକଙ୍କ ନିକଟକୁ ଜିଲା ସଭାପତି, ପର୍ଯ୍ୟବେକ୍ଷକ ଓ ପ୍ରାର୍ଥୀମାନଙ୍କ ବିରୋଧରେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ମ୍ୟୁନିସିପାଲଟି ପର୍ଯ୍ୟବେକ୍ଷକ ମାନସ କୁମାର ମଲିକଙ୍କୁ ପଚାରିବାରୁ ଦଳ ସବୁବେଳେ ତୃଣମୂଳସ୍ତରର କର୍ମୀଙ୍କ ନେଇ କାର୍ଯ୍ୟକ୍ରମ କରୁଛି ଏବଂ କୌଣସି ପରିସ୍ଥିତିରେ କର୍ମୀଙ୍କୁ ଅଣଦେଖା କରାଯାଉ ନାହିଁ ବୋଲି କହିଥିଲେ। ଏନେଇ ଜିଲା ସଭାପତି ଦେବାଶିଷ ମହାନ୍ତିଙ୍କ ମତାମତ ମିଳିପାରି ନାହିଁ।

ସେହିପରି ବିଜେଡିର ସଂଗଠନ ଦାୟିତ୍ୱରେ ଥିବା ଜଣେ ନେତା ଏବେ ଭାଜପା ନେତାଙ୍କ ସହିତ ସମ୍ପର୍କରେ ଥିବା ଦଳୀୟ ମହଲରେ ଆଲୋଚନା ହେଉଛି। ଜିଲା ବିଜେଡିର ଜଣେ ପଦବୀଧାରୀ ନେତା ନିଜ ନାମ ଗୋପନରେ ରଖି ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ, ଏହି ନେତା ବିଜେଡିରେ ସଂଗଠନ ଦାୟିତ୍ୱରେ ଥାଇ ମଧ ଭାଜପା ପାଇଁ କାର୍ଯ୍ୟ କରୁଛନ୍ତି। ଚଳିତ ନିର୍ବାଚନ ପାଇଁ ସେ ବିଧାୟକ ପ୍ରାର୍ଥୀଭାବେ ଆଶାୟୀ ଥିଲେ। ଦଳ ତାଙ୍କୁ ଟିକଟ ନ ଦେଇ ଏକ ଗୁରୁତ୍ୱପୂର୍ଣ୍ଣ ପଦବୀରେ ଅବସ୍ଥାପିତ କରିଛି। ହେଲେ ସେ ଦଳୀୟ ପ୍ରାର୍ଥୀଙ୍କୁ ହରାଇବା ପାଇଁ ଭାଜପା ସହିତ ମିଶି ରଣନୀତି ପ୍ରସ୍ତୁତ କରୁଛନ୍ତି। ବୁଧବାର ସେ ଏକ ଠିକାଦାରଙ୍କ କ୍ୟାମ୍ପରେ ଜଣେ ଭାଜପା ନେତାଙ୍କ ସହିତ ଆଲୋଚନା କରିଥିବା ଅଭିଯୋଗ ହୋଇଛି। ତେବେ ଏ ସମ୍ପର୍କରେ ଦଳୀୟ ପର୍ଯ୍ୟବେକ୍ଷକଙ୍କୁ ଅଭିଯୋଗ କରାଯିବ ବୋଲି ମଧ ସେ କହିଛନ୍ତି। ଏହି ଘଟଣା ଜିଲା ରାଜନୀତିରେ ଚର୍ଚ୍ଚାର ବିଷୟ ହୋଇଛି।

## ଘୋଷଣାନାମା

ମୁଁ ଶ୍ରୀ ଯାକବ ପ୍ରଧାନ, ପିତା- ବିରୂପାକ୍ଷ ପ୍ରଧାନ ,ଗ୍ରାମ/ପୋଷ୍ଟ-ଦାରିଙ୍ଗବାଡ଼ି, ଥାନା-ଦାରିଙ୍ଗବାଡ଼ି, ଜିଲ୍ଲା-କନ୍ଧମାଳ, ମୁକ୍ତ ସ୍ୱରରେ ସମସ୍ତଙ୍କ ଅବଗତି ନିମନ୍ତେ ଘୋଷଣା କରୁଅଛି କି ମୋର ନାମରେ ଭାରତ ବର୍ଷର କୌଣସି ନ୍ୟାୟାଳୟରେ କୌଣସି ପ୍ରକାରର ମକଦ୍ଦମା ଆପରାଧିକ ବିଷୟରେ ବିଚାରାଧୀନ ନାହିଁ କିମ୍ବା କୌଣସି ଥାନାରେ ମୋର ନାମରେ କୌଣସି ମକଦ୍ଦମା ତଦନ୍ତାଧୀନ ନାହିଁ।

ଭାରତର ନିର୍ବାଚନ ଆୟୋଗଙ୍କର ନିର୍ଦ୍ଦେଶ କ୍ରମେ ଯେହେତୁ ଚଳିତ ସାଧାରଣ ନିର୍ବାଚନରେ ସ୍ୱାଧିନ ପ୍ରାର୍ଥୀ ଭାବେ ୮୩.ଘୁ ଉଦୟଗିରି (ସଂରକ୍ଷିତ) ଆସନ ନିମନ୍ତେ ମୁଁ ପ୍ରତିଦ୍ୱନ୍ଦ୍ୱିତା କରୁଅଛି। ଏଣୁ ଏହି ବିଜ୍ଞପ୍ତି ଦ୍ୱାରା ସର୍ବଜନୀନ ବିଧିତ ନିମନ୍ତେ ପ୍ରକାଶିତ କଲି।

**ସ୍ୱା./- ଯାକବ ପ୍ରଧାନ**
**ବିଧାୟକ ପ୍ରାର୍ଥୀ (ସ୍ୱାଧୀନ)**
**୮୩.ଘୁ ଉଦୟଗିରି ନିର୍ବାଚନମଣ୍ଡଳୀ (ସଂରକ୍ଷିତ)**

## ପୂର୍ବ ତଟ ରେଳପଥ

**ଭାରତୀୟ ରେଳପଥରେ ୟୁନିକ୍ ମେଡ଼ିକାଲ ଆଇଡ଼େଣ୍ଟିଫିକେସନ୍ (UMID) ମେଡ଼ିକାଲ୍ କାର୍ଡ଼ର ପ୍ରଚଳନ**

ସେବାରତ ଏବଂ ସେବାନିବୃତ୍ତ ରେଳବାଇ କର୍ମଚାରୀ ଏବଂ ସେମାନଙ୍କ ଉପରେ ନିର୍ଭରଶୀଳ ପରିବାର ସଦସ୍ୟଙ୍କ ନିମନ୍ତେ ଅଖିଳ ଭାରତୀୟ ସ୍ତରରେ ସମାନ ପ୍ରକାରର ଚିକିତ୍ସା ପରିଚୟ ପତ୍ର ଜାରି କରାଯିବ। ରେଳବାଇ କର୍ମଚାରୀ, ପେନ୍‌ସନ୍‌ଭୋଗୀ ଓ ନିର୍ଭରଶୀଳ ସମସ୍ତ ଯୋଗ୍ୟ ପରିବାର ସଦସ୍ୟଙ୍କ ପାଇଁ ବ୍ୟକ୍ତିଗତ ଭାବେ ପୃଥକ୍ ଚିକିତ୍ସା କାର୍ଡ଼ ଜାରି କରାଯାଇପାରିବ।

ତେଣୁ, କାର୍ଯ୍ୟରତ ରେଳବାଇ କର୍ମଚାରୀ ଓ ପେନ୍‌ସନ୍‌ଭୋଗୀ (RELHS କାର୍ଡ଼ଧାରୀ) ମାନଙ୍କ ଦ୍ୱାରା ଏହି ମୋଡ୍ୟୁଲ୍‌ରେ କାର୍ଡ଼ ଜାରି କରିବା ନିମନ୍ତେ ଦରଖାସ୍ତ କେବଳ ଅନ୍‌ଲାଇନ୍ ମାଧ୍ୟମରେ ଦାଖଲ କରାଯାଇପାରିବ। ଆବଶ୍ୟକୀୟ ଯାଞ୍ଚ ଓ ପ୍ରଶାସକମାନଙ୍କର ଅନୁମୋଦନ ପରେ ମୁଦ୍ରଣ / ଦୃଶ୍ୟ / ଚିକିତ୍ସାଳୟରେ ବ୍ୟବହାର କରିବା ନିମନ୍ତେ ସ୍ମାର୍ଟ କାର୍ଡ଼ ଅନ୍‌ଲାଇନ୍‌ରେ ସୃଷ୍ଟି କରାଯାଇପାରିବ।

ଏକାଧିକ ଭାଷାର ଶିକ୍ଷାପ୍ରଦ ଭିଡ଼ିଓ ସହିତ *ବ୍ୟବହାରକାରୀଙ୍କ ମାନୁଆଲ୍, ପଞ୍ଜୀକରଣ ଓ ଲଗ୍-ଇନ୍ ମୋଡ଼ାଲିଟି, ବିବରଣିକା (Brochure), ଯାଞ୍ଚ-ସୂଚୀ, ଦରଖାସ୍ତ ଫର୍ମାଟ୍, ହେଲ୍ପ-ଡ଼େସ୍କ ସୁବିଧା, ବାରମ୍ବାର ପଚରାଯାଉଥିବା ପ୍ରଶ୍ନ (FAQ)* ଆକାରରେ ଥିବା ସବିଶେଷ ନୀତି ଓ ନିୟମ ଗୁଡ଼ିକୁ UMID ପୋର୍ଟାଲ୍ (ଅର୍ଥାତ୍ ***digitalir.in/umid***) ର ହୋମ୍ ପେଜ୍‌ରେ ଦେଖାଯାଇପାରିବ।

ସମସ୍ତ ଯୋଗ୍ୟ କର୍ମଚାରୀମାନେ ଓ RELHS କାର୍ଡ଼ଧାରୀ ମାନେ ମେଡ଼ିକାଲ୍ କାର୍ଡ଼ ଜାରି କରିବା ନିମନ୍ତେ ତା 31.05.2019 ରିଖ ସୁଦ୍ଧା UMID ପୋର୍ଟାଲ୍‌ରେ ଅନ୍‌ଲାଇନ୍ ମାଧ୍ୟମରେ ପଞ୍ଜୀକରଣ ଓ ଆବେଦନ କରିପାରିବେ।

**ପୂର୍ବ ତଟ ରେଳପଥ ହେଲ୍‌ପ ଲାଇନ ନଂ. 0674-2303106**

PR-19/K/19-20
ପ୍ରମୁଖ ମୁଖ୍ୟ କାର୍ମିକ ଅଧିକାରୀ, ଭୁବନେଶ୍ୱର



ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାର ଏହାର ନୀତି ଓ ଯୋଜନାଗୁଡ଼ିକ ଜରିଆରେ ଗରିବଙ୍କୁ ଆହୁରି ଗରିବ ଏବଂ ଧନୀଙ୍କୁ ଅଧିକ ଧନୀରେ ପରିଣତ କରିଦେଇଛି।

– ମାୟାବତୀ, ବିଏସ୍‌ପି ସୁପ୍ରିମୋ



## ୬ କେନ୍ଦ୍ରମନ୍ତ୍ରୀ



ନୀତିନ ଗଡ଼କରୀ, ନାଗପୁର



କିରେନ୍ ରିଜିଜୁ, ଅରୁଣାଚଳ ୱେଷ୍ଟ




ଭି.କେ. ସିଂ, ଗାଜିଆବାଦ



ମହେଶ ଶର୍ମା, ଗୌତମ ବୁଦ୍ଧ ନଗର



ହଂସରାଜ ଅହିର, ଚନ୍ଦ୍ରପୁର



ସତ୍ୟପାଲ ସିଂ, ବାଗପତ

## ୬ ହେଭିୱେଟ୍



ଅଜିତ ସିଂ, ମୁଜାଫରନଗର



ରେଣୁକା ଚୌଧୁରୀ, ଖମ୍ମାମ



କେ. କବିଥା, ନିଜାମାବାଦ



ଅସାଦୁଦ୍ଦିନ ଓୱାଇସି, ହାଇଦ୍ରାବାଦ



ଚିରାଗ ପାଶ୍ୱାନ, ଜାମୁଇ



ଗୌରବ ଗୋଗୋଇ, କାଳିଆବୋର

## ■ ପ୍ରଥମ ପର୍ଯ୍ୟାୟ ନିର୍ବାଚନ: ୯୧ ଆସନରେ ମତଦାନ

# ଇଭିଏମ୍‌ରେ ୧,୨୭୯ ପ୍ରାର୍ଥୀଙ୍କ ଭାଗ୍ୟ

ନୂଆଦିଲ୍ଲୀ,୧୧।୪



ଭୋଟ ମହାପର୍ବର ବହୁପ୍ରତୀକ୍ଷିତ ପ୍ରଥମ ପର୍ଯ୍ୟାୟ ମତଦାନ ଗୁରୁବାର ଶେଷ ହୋଇଛି। ୧୮ ରାଜ୍ୟ ଓ ୨ କେନ୍ଦ୍ର ଶାସିତ ଅଞ୍ଚଳର ୯୧ ଲୋକ ସଭା ଆସନରେ ଭୋଟଗ୍ରହଣ କରାଯାଇଛି। ମୋଟ ୧୪.୨୧ କୋଟି ମତଦାତାଙ୍କ ମଧ୍ୟରୁ ଅଧିକାଂଶ ସେମାନଙ୍କ ରାଜନୈତିକ ମତାଧିକାର ସାବ୍ୟସ୍ତ କରିଛନ୍ତି। ଏହାସହ ଇଲେକ୍ଟ୍ରୋନିକ୍ ଭୋଟିଂ ମେଶିନ୍ (ଇଭିଏମ୍)ରେ ବନ୍ଦ ହୋଇଯାଇଛି ୧,୨୭୯ ପ୍ରାର୍ଥୀଙ୍କ ଭାଗ୍ୟ, ଯାହା ସମସ୍ତ ୭ଟି ପର୍ଯ୍ୟାୟ ନିର୍ବାଚନ ଶେଷହେବା ପରେ ମେ ୨୩ରେ ଫିଟିବ।

ସମସ୍ତ ପର୍ଯ୍ୟାୟ ନିର୍ବାଚନ ମଧ୍ୟରୁ ତୃତୀୟ ସର୍ବାଧିକ ଲୋକ ସଭା ଆସନରେ ଗୁରୁବାର ଭୋଟଗ୍ରହଣ କରାଯାଇଛି। ସେଗୁଡ଼ିକ ହେଲା ଆନ୍ଧ୍ରପ୍ରଦେଶ (୨୫), ଅରୁଣାଚଳ (୨), ଆସାମ (୫), ବିହାର (୪), ଛତିଶଗଡ଼ (୧), ଜମ୍ମୁ ଓ କଶ୍ମୀର (୨), ମହାରାଷ୍ଟ୍ର (୭), ମଣିପୁର (୧), ମେଘାଳୟ (୨), ମିଜୋରାମ (୧), ନାଗାଲାଣ୍ଡ (୧), ଓଡ଼ିଶା (୪), ସିକିମ (୧), ତେଲେଙ୍ଗାନା (୧୭), ତ୍ରିପୁରା (୧), ୟୁପି (୮), ଉତ୍ତରାଖଣ୍ଡ (୫), ପଶ୍ଚିମବଙ୍ଗ (୨), ଆଣ୍ଡାମାନ (୧) ଏବଂ ଲାକ୍ଷାଦ୍ୱୀପର ଗୋଟିଏ ଆସନ। ସକାଳ ୭ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଭୋଟଗ୍ରହଣ କରାଯାଇଥିଲା। ତେବେ ଆସାମ, ଅରୁଣାଚଳ, ସିକିମ ଓ ତ୍ରିପୁରା ୱେଷ୍ଟରେ ସକାଳ ୭ଟାରୁ ଅପରାହ୍ନ ୫ଟା ଯାଏ ମତଦାନ ହୋଇଥିଲା। ସେହିପରି ମଣିପୁର, ନାଗାଲାଣ୍ଡ ଓ ମେଘାଳୟରେ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଭୋଟଗ୍ରହଣ କରାଯାଇଛି। ଏଥିପାଇଁ ୧୪,୨୧, ୬୯,୫୩୭ ଭୋଟରଙ୍କ ଲାଗି ୧,୭୦,୬୬୪ ପୋଲିଂ ଷ୍ଟେଶନର ବ୍ୟବସ୍ଥା କରାଯାଇଥିଲା। ୭,୨୨,୧୭,୭୩୩ ପୁରୁଷ ଓ ୬,୯୮,୫୫,୯୩୧ ମହିଳା ଭୋଟର ଥିବାବେଳେ ୭,୭୬୪ ତୃତୀୟ ଲିଙ୍ଗ ମତଦାତା ଭୋଟ ଦେବା ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ।

ଏହି ପର୍ଯ୍ୟାୟରେ ପ୍ରମୁଖ ପ୍ରାର୍ଥୀଙ୍କ ମଧ୍ୟରେ ରହିଛନ୍ତି ୬ କେନ୍ଦ୍ରମନ୍ତ୍ରୀ। ସେମାନେ ହେଲେ ନୀତିନ ଗଡ଼କରୀ (ମହାରାଷ୍ଟ୍ରର ନାଗପୁର), କିରେନ୍ ରିଜିଜୁ (ଅରୁଣାଚଳ ୱେଷ୍ଟ), ଭି.କେ. ସିଂ (ୟୁପିର ଗାଜିଆବାଦ), ମହେଶ ଶର୍ମା (ୟୁପିର ଗୌତମ ବୁଦ୍ଧ ନଗର), ହଂସରାଜ ଅହିର (ମହାରାଷ୍ଟ୍ରର ଚନ୍ଦ୍ରପୁର) ଓ ସତ୍ୟପାଲ ସିଂ (ୟୁପିର ବାଗ୍‌ପତ)। ମୋଦି କ୍ୟାବିନେଟର ସବୁଠୁ କାମିକା ମନ୍ତ୍ରୀ ଗଡ଼କରୀଙ୍କ ବିରୋଧରେ ଭାଜପାର ବିଦ୍ରୋହୀ ନେତା ନାନା ପାଟୋଲଙ୍କୁ କଂଗ୍ରେସ ଟିକେଟ ଦେଇଛି। ସେହିପରି ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ରିଜିଜୁଙ୍କ ବିରୋଧରେ ଅରୁଣାଚଳ ପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ନବାମ୍ ତୁକି ଏବଂ ନ୍ୟାଶନାଲ ପିପୁଲ୍ସ ପାର୍ଟିର ଖ୍ୟୋଦା ଅପିକ୍ ପ୍ରାର୍ଥୀ ହୋଇଛନ୍ତି। ପଶ୍ଚିମ ୟୁପିର ଗାଜିଆବାଦରେ ବହିର୍ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଭି.କେ. ସିଂଙ୍କ ବିରୋଧରେ କଂଗ୍ରେସ ଡୋଲି ଶର୍ମାଙ୍କୁ ମଇଦାନକୁ ଓହ୍ଲାଇଥିବାବେଳେ ଏସ୍‌ପି-ବିଏସ୍‌ପି-ଆର୍‌ଏଲ୍‌ଡି ମହାମେଣ୍ଟ ପକ୍ଷରୁ ସୁରେଶ ବଂଶଲଙ୍କୁ ପ୍ରାର୍ଥୀ କରାଯାଇଛି। ସଂସ୍କୃତି ମନ୍ତ୍ରୀ ମହେଶ ଶର୍ମାଙ୍କ ବିରୋଧରେ ବିଏସ୍‌ପିର ସତବୀର ନାଗର ଓ କଂଗ୍ରେସର ଅରବିନ୍ଦ ସିଂଙ୍କ ସମେତ ଅନ୍ୟ ୧୦ ଜଣ ପ୍ରାର୍ଥୀ ନିର୍ବାଚନ ଲଢ଼ିଛନ୍ତି। ୟୁପିର ମୁଜାଫରନଗର ଆସନରେ ଆର୍‌ଏଲ୍‌ଡି ଅଧ୍ୟକ୍ଷ ଅଜିତ୍ ସିଂ ବିରୋଧୀ ମହାମେଣ୍ଟ ପକ୍ଷରୁ ପ୍ରାର୍ଥୀ ହୋଇଛନ୍ତି। ତାଙ୍କ ବିରୋଧରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ସଞ୍ଜୀବ ବାଲ୍ୟାନଙ୍କୁ ଭାଜପା ମଇଦାନକୁ ଓହ୍ଲାଇଛି। ପଶ୍ଚିମ ୟୁପିର ବାଗ୍‌ପତରେ କେନ୍ଦ୍ରମନ୍ତ୍ରୀ ସତ୍ୟପାଲ ସିଂଙ୍କ ବିରୋଧରେ ଆର୍‌ଏଲ୍‌ଡିର ଜୟନ୍ତ ଚୌଧୁରୀ ଲଢୁଛନ୍ତି। ୨୦୧୪ରେ ଏହି ଆସନରେ ଜୟନ୍ତଙ୍କ ବାପା ଅଜିତ ସିଂଙ୍କୁ ସତ୍ୟପାଲ ହରାଇଥିଲେ। ଅଭିନେତାରୁ ରାଜନେତା ପାଲଟିଥିବା ଏଲ୍‌ଜେପି ନେତା ତଥା କେନ୍ଦ୍ରମନ୍ତ୍ରୀ ରାମବିଳାସ ପାଶ୍ୱାନଙ୍କ ପୁଅ ଚିରାଗ ପାଶ୍ୱାନ ବିହାରର ଜାମୁଇରୁ ପ୍ରତିଦ୍ୱନ୍ଦ୍ୱିତା କରିଛନ୍ତି। ଭାଜପାର ଅନେକ ଷ୍ଟାର କ୍ୟାମ୍ପେନର ତାଙ୍କ ପାଇଁ ପ୍ରଚାର କରିଛନ୍ତି। ଆସାମର ପୂର୍ବତନ ମୁଖ୍ୟମନ୍ତ୍ରୀ ତରୁଣ ଗୋଗୋଇଙ୍କ ପୁଅ ଗୌରବ ଗୋଗୋଇ କାଳିଆବୋର ଆସନରୁ ପ୍ରାର୍ଥୀ ହୋଇଛନ୍ତି। ତାଙ୍କ ବିରୋଧରେ ଅସମ୍ ଗଣ ପରିଷଦର ମୋନି ମାଧବ ମହନ୍ତ ନିର୍ବାଚନ ଲଢ଼ିଛନ୍ତି। ସେହିପରି କଂଗ୍ରେସ ନେତା ରେଣୁକା ଚୌଧୁରୀ ତେଲେଙ୍ଗାନାର ଖମ୍ମାମ୍‌ରୁ ନିର୍ବାଚନ ଲଢୁଛନ୍ତି। ତାଙ୍କ ବିରୋଧରେ ପୂର୍ବତନ ମନ୍ତ୍ରୀ ଦେବକୀ ବସୁଦେବ ରାଓଙ୍କୁ ଭାଜପା ପ୍ରାର୍ଥୀ କରିଛି। ଏଆଇଏମ୍‌ଆଇଏମ୍ ଅଧ୍ୟକ୍ଷ ଅସାଦୁଦ୍ଦିନ୍ ଓୱାଇସି (ହାଇଦ୍ରାବାଦ), ତେଲେଙ୍ଗାନା କଂଗ୍ରେସ ସଭାପତି ଏନ୍. ଉତ୍ତମ କୁମାର ରେଡ୍ଡୀ (ନାଲଗୋଣ୍ଡା) ଏବଂ ଟିଆର୍‌ଏସ୍ ଅଧ୍ୟକ୍ଷ କେ. ଚନ୍ଦ୍ରଶେଖର ରାଓଙ୍କ ଝିଅ କେ. କବିଥା (ନିଜାମାବାଦ) ହେଉଛନ୍ତି ଅନ୍ୟ ପ୍ରମୁଖ ପ୍ରାର୍ଥୀ।

### ତ୍ରିପୁରାରେ ସର୍ବାଧିକ ୮୧.୮%

ନୂଆଦିଲ୍ଲୀରେ ବରିଷ୍ଠ ନିର୍ବାଚନ ଉପାୟୁକ୍ତ ଉମେଶ ସିହ୍ନା କହିଛନ୍ତି, ତ୍ରିପୁରାରେ ସର୍ବାଧିକ ୮୧.୮% ମତଦାନ ହୋଇଛି। ଏହା ତଳକୁ ରହିଛି ପଶ୍ଚିମବଙ୍ଗ ୮୧% ଓ ମଣିପୁର ୭୮.୨%। ସେହିପରି ନାଗାଲାଣ୍ଡରେ ୭୮%, ଆନ୍ଧ୍ରପ୍ରଦେଶରେ ୭୪%, ଆସାମ ଏବଂ ଓଡ଼ିଶାରେ ୬୮% ଲେଖାଏ ମତଦାନ ହୋଇଛି। ସିକିମରେ ୬୯%, ଜମ୍ମୁରେ ୭୨%, ୟୁପିରେ ୬୩%, ମହାରାଷ୍ଟ୍ରରେ ୫୬%, ବିହାରରେ ୫୩%, ଉତ୍ତରାଖଣ୍ଡରେ ୫୮%, ଛତିଶଗଡ଼ରେ ୫୬%, ତେଲେଙ୍ଗାନାରେ ୬୦%, ମେଘାଳୟରେ ୬୨% ଓ ନିକୋବରରେ ପ୍ରାୟ ୮୦% ଭୋଟଗ୍ରହଣ କରାଯାଇଛି।

## ୬୦ ଟ୍ରକ୍ ଡ୍ରାଇଭରଙ୍କୁ ଅପହରଣ କଲା ତାଲିବାନ

ଆୟବକ,୧୧।୪

ଆଫଗାନିସ୍ତାନର ସମନ୍‌ଘାନ ପ୍ରଦେଶରୁ ଗୁରୁବାର ତାଲିବାନ ଆତଙ୍କବାଦୀମାନେ ୬୦ ଜଣ ଟ୍ରକ୍ ଡ୍ରାଇଭରଙ୍କୁ ଅପହରଣ କରିନେଇଛନ୍ତି। ସେମାନଙ୍କୁ ଏକ ଅଜ୍ଞାତ ସ୍ଥାନକୁ ନିଆଯାଇଥିବା ପ୍ରାଦେଶିକ କାଉନସିଲ୍ ମୁଖ୍ୟ ହାଜି ରାଜ୍ ମହମ୍ମଦ୍ ମୋଆହିଦି ସୂଚନା ଦେଇଛନ୍ତି। ଆତଙ୍କବାଦୀମାନେ ମାସିକ ଶୁଳ୍କ ବାବଦରେ ପ୍ରତି ଟ୍ରକ୍ ଡ୍ରାଇଭରଙ୍କ ଉପରେ ୭,୦୦୦ ଆଫଗାନୀ (୯୩ ଡଲାର) ଧାର୍ଯ୍ୟ କରିଥିଲେ। ଧାର୍ଯ୍ୟ ଶୁଳ୍କ ନ ଦେଲେ ସେମାନଙ୍କୁ ଦଣ୍ଡିତ କରାଯିବ ବୋଲି ଚେତାବନୀ ଦେଇଥିଲେ। ତେବେ ଅପହୃତ ଡ୍ରାଇଭରଙ୍କୁ ଉଦ୍ଧାର କରିବା ଲାଗି ପୋଲିସ ତଲାସି ଅଭିଯାନ ଚଳାଇଛି।

## କୋହିନୁର ହୀରା ଫେରାଇବାକୁ ପାକ୍‌ର ଦାବି

ଇସଲାମାବାଦ,୧୧।୪: ପାକିସ୍ତାନର ସୂଚନା ମନ୍ତ୍ରୀ ଫୱାଦ ଚୌଧୁରୀ ଗୁରୁବାର ପ୍ରସିଦ୍ଧ କୋହ-ଇ-ନୁର ହୀରା ଫେରାଇଦେବା ଲାଗି ବ୍ରିଟେନ୍‌କୁ ଅନୁରୋଧ କରିଛନ୍ତି। ଉକ୍ତ ହୀରା ଫେରାଇଦେବାକୁ ପୂର୍ବରୁ ଭାରତ, ଆଫଗାନିସ୍ତାନ, ପାକିସ୍ତାନ ଏବଂ ଇରାନ ମଧ୍ୟ ଅନୁରୂପ ଅନୁରୋଧ କରିଥିଲେ। ୧୦୫ କ୍ୟାରଟ ବିଶିଷ୍ଟ ଏହି ହୀରା ଦୀର୍ଘ ୧୫୦ବର୍ଷ ଧରି ବ୍ରିଟିଶ ରାଜମୁକୁଟର ଏକ ଅଂଶବିଶେଷ ହୋଇ ରହିଆସିଛି।

### [ଇତିହାସର ଆଇନାରେ]

**ଏପ୍ରିଲ ୧୨ର ପ୍ରମୁଖ ଘଟଣା**

୨୦୦୯ ଏପ୍ରିଲ ୧୨ରେ ଜିମ୍ବାୱେ ସରକାରୀ ଭାବେ ଜିମ୍ବାୱିଆନ୍ ଡଲାର ନିଷିଦ୍ଧ କଲା। ଏହି କରେନ୍ସି ୧୯୮୦ରୁ ସରକାରୀ କରେନ୍ସି ଭାବେ ପ୍ରଚଳିତ ହୋଇ ଆସୁଥିଲା। ଏହି ସମୟ ମଧ୍ୟରେ ଦେଶର ଅର୍ଥନୀତି ହାରାହାରି ମୁଦ୍ରାସ୍ଫୀତିଠାରୁ ଅଧିକ ରହୁଥିବାରୁ ଉକ୍ତ କରେନ୍ସିକୁ ପ୍ରତ୍ୟାହାର କରି ନିଆଯାଇଥିଲା।

୨୦୧୩ ଏପ୍ରିଲ ୧୨ରେ ମାଲିର କିଦାଲ ମାର୍କେଟରେ ଦୁଇଟି ଆତ୍ମଘାତୀ ବୋମା ବିସ୍ଫୋରଣରେ ୩ ଚାଦିଆନ୍ ସୈନ୍ୟଙ୍କ ମୃତ୍ୟୁ ଘଟିଥିଲା। ମାଲିର ଉତ୍ତରଭାଗସ୍ଥ ଅନୁର୍ବର ଅଞ୍ଚଳରେ କିଦାଲ ହେଉଛି ଏକ ଛୋଟ ସହର। ଏହା ଗାଓର ଉତ୍ତରଭାଗକୁ ୨୮୫ କିଲୋମିଟର ଦୂରରେ ଅବସ୍ଥିତ।

## ଏନ୍‌କାଉଣ୍ଟରରେ ମାଓବାଦୀ ନିହତ

ରାୟପୁର/ବିଜାପୁର,୧୧।୪(ପି.ଟି.)

ଛତିଶଗଡର ବସ୍ତର ଲୋକ ସଭା ନିର୍ବାଚନ ମଣ୍ଡଳୀରେ ଭୋଟ ଗ୍ରହଣ ଦିନ ଏନ୍‌କାଉଣ୍ଟରରେ ଜଣେ ମାଓବାଦୀ ନିହତ ହୋଇଛନ୍ତି। ନାରାୟଣପୁର ଜିଲାର ଓର୍ଛା ଅଞ୍ଚଳରେ ମାଓବାଦୀ ହେଲିପ୍ୟାଡ ଜଗିଥିବା ଯବାନଙ୍କ ଉପରେ ଆକ୍ରମଣ କରିବାରୁ ସେମାନଙ୍କ ସହ ସୁରକ୍ଷାବଳର ଗୁଳି ବିନିମୟ ହୋଇଥିଲା। ସୁରକ୍ଷା ବାହିନୀ ପକ୍ଷରୁ ଉକ୍ତ ଅଞ୍ଚଳରେ କୋମ୍ବିଂ ଅପରେଶନ ଜାରି ରହିଛି।

ଅନ୍ୟପକ୍ଷରେ ଛତିଶଗଡର ବିଜାପୁର ଜିଲାରେ ସର୍ଚ୍ଚ ଅପରେଶନ ବେଳେ ୪ ମାଓବାଦୀ ଗିରଫ ହେବା ସହ ସେମାନଙ୍କ ନିକଟରୁ ୩ଟି ବନ୍ଧୁକ ଜବତ ହୋଇଛି। ଗୁରୁବାର ଭୋର ସମୟରେ ନାରାୟଣପୁର ଜିଲାରେ ମାଓବାଦୀ ଆଇଇଡି ବିସ୍ଫୋରଣ ଘଟାଇଥିଲେ। ତେବେ ଏଥିରେ କେହି ମୃତାହତ ହୋଇ ନ ଥିବା ଜଣାପଡିଛି। ମାଓବାଦୀ ଅଧ୍ୟୁଷିତ ବସ୍ତର ନିର୍ବାଚନ ମଣ୍ଡଳୀରେ ଗୁରୁବାର ମତଦାନ ପାଇଁ କଡା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ପାଖାପାଖି ୮୦ ହଜାର ଅର୍ଦ୍ଧସାମରିକ ଯବାନ ଓ ପୋଲିସଙ୍କୁ ସେଠାରେ ନିୟୋଜିତ କରାଯାଇଥିଲା।

## ■ ନାମାଙ୍କନପତ୍ର ଦାଖଲ କଲେ

# ରାଏବରେଲିରୁ ସୋନିଆ, ଅମେଠିରୁ ଇରାନୀ



ରାଏବରେଲି/ ଅମେଠି, ୧୧।୪(ପି.ଟି.)

ଉପା ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଗୁରୁବାର ଉତ୍ତରପ୍ରଦେଶର ନିଜ ସଂସଦୀୟ ଆସନ ରାଏବରେଲିରୁ ନାମାଙ୍କନପତ୍ର ଦାଖଲ କରିଛନ୍ତି। ସେହିପରି କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ଅମେଠି ଆସନରୁ କେନ୍ଦ୍ରମନ୍ତ୍ରୀ ସ୍ମୃତି ଇରାନୀ ବିଧିବଦ୍ଧ ଭାବେ ପ୍ରାର୍ଥୀ ହୋଇଛନ୍ତି।

୭୨ ବର୍ଷୀୟା ବରିଷ୍ଠ କଂଗ୍ରେସ ନେତା ସୋନିଆ ରାଏବରେଲି ଆସନରୁ ପଞ୍ଚମଥର ପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ନାମାଙ୍କନପତ୍ର ଦାଖଲ ପୂର୍ବରୁ ସୋନିଆ ସ୍ଥାନୀୟ କଂଗ୍ରେସ କାର୍ଯ୍ୟାଳୟରେ ପୂଜାର୍ଚ୍ଚନା କରିଥିଲେ। ସେ ଏକ ରୋଡ୍ ଶୋ'ରେ ରାଏବରେଲି ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇଥିଲେ। ତାଙ୍କ ସହ ପୁଅ ରାହୁଲ, ଝିଅ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଓ ଜ୍ୱାଇଁ ରବର୍ଟ ଭଦ୍ରା ଉପସ୍ଥିତ ଥିଲେ। ଏହି ଲୋକ ସଭା ଆସନରେ ମେ ୬ରେ ଭୋଟଗ୍ରହଣ ହେବ। ଏଠାରେ ସୋନିଆଙ୍କ ବିରୋଧରେ ଦୀନେଶ ପ୍ରତାପ ସିଂଙ୍କୁ ଭାଜପା ପ୍ରାର୍ଥୀ କରିଛି। ଏସ୍‌ପି-ବିଏସ୍‌ପି ମେଣ୍ଟ ରାଏବରେଲି ଆସନରେ କାହାକୁ ପ୍ରାର୍ଥୀ କରିନାହିଁ। ଅନ୍ୟପକ୍ଷରେ ଗାନ୍ଧୀ ପରିବାରର ଅନ୍ୟତମ ଗଡ଼ ଭାବେ ପରିଚିତ ଅମେଠିରେ ରାହୁଲ ଚତୁର୍ଥ ଥର ପାଇଁ ପ୍ରାର୍ଥୀ ହେବାର ଦିନକ ପରେ ଭାଜପା



ନେତା ସ୍ମୃତି ଇରାନୀ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଇରାନୀ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ସହ ଏକ ରୋଡ୍ ଶୋ'ରେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ନାମାଙ୍କନପତ୍ର ଦାଖଲ କରିଥିଲେ। ଏହି ଅବସରରେ ସେ କଂଗ୍ରେସ ଓ ରାହୁଲଙ୍କ ଉପରେ ବର୍ଷିଥିଲେ।

## ପ୍ରଚାର ବେଳେ ଭାଜପା ବିଧାୟକଙ୍କ ମୃତ୍ୟୁ

ଆଗ୍ରା,୧୧।୪

ଉତ୍ତରପ୍ରଦେଶରେ ଜଣେ ଭାଜପା ବିଧାୟକ ନିର୍ବାଚନ ପ୍ରଚାର କରୁଥିବାବେଳେ ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ଘଟିଛି। ଆଗ୍ରା ଉତ୍ତର ଆସନର ଭାଜପା ବିଧାୟକ ଜଗନ ପ୍ରସାଦ ଗର୍ଗଙ୍କୁ ସଙ୍ଗେ ସଙ୍ଗେ ହସ୍ପିଟାଲ ନିଆଯାଇଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେ ଆଗ୍ରାରୁ ୫ ଥର ବିଧାନସଭାକୁ ନିର୍ବାଚିତ ହୋଇଥିଲେ ଏବଂ ଦଳମତ ନିର୍ବିଶେଷରେ ସମସ୍ତେ ତାଙ୍କୁ ଭଲ ପାଉଥିଲେ। ତାଙ୍କ ଦେହାନ୍ତରେ ଭାଜପାକୁ ଶକ୍ତ ଝଟକା ଲାଗିଛି। ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଜଗନଙ୍କ ପରିବାରଙ୍କୁ ଭେଟି ସମବେଦନା ଜଣାଇଛନ୍ତି। ୨୦୨୨ ପରେ ସେ ରାଜନୀତିରୁ ସନ୍ନ୍ୟାସ ନେଇ ସମାଜସେବାରେ ପୂରା ସମୟ ଦେବେ ବୋଲି ଏକ ଗଣମାଧ୍ୟମକୁ ପୂର୍ବରୁ କହିଥିଲେ।



## ■ ଆନ୍ଧ୍ରରେ ୩୦% ଇଭିଏମ୍ ଖରାପ ଅଭିଯୋଗ

# ୧୫୦ ବୁଥ୍‌ରେ ସାନି ମତଦାନ ଦାବି କଲେ ଚନ୍ଦ୍ରାବାବୁ

ହାଇଦ୍ରାବାଦ,୧୧।୪

ଆନ୍ଧ୍ରପ୍ରଦେଶର ସମସ୍ତ ୨୫ଟି ଲୋକ ସଭା ଆସନ ସମେତ ୧୭୫ ବିଧାନସଭା ଆସନ ପାଇଁ ଗୁରୁବାର ମତଦାନ ଅନୁଷ୍ଠିତ ହୋଇଯାଇଛି। ତେବେ ବିଭିନ୍ନ ମତଦାନ କେନ୍ଦ୍ରରେ ଇଭିଏମ୍ ଅକାମୀ ହୋଇପଡିବା ଘଟଣାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ରାଜ୍ୟରେ ପାଖାପାଖି ୩୦ ପ୍ରତିଶତ ଇଭିଏମ୍ କାମ କରୁ ନ ଥିଲା ବୋଲି ମୁଖ୍ୟମନ୍ତ୍ରୀ ଏନ୍.ଚନ୍ଦ୍ରାବାବୁ ନାଇଡୁ ଅଭିଯୋଗ କରିଛନ୍ତି। ପାଖାପାଖି ୧୫୦ ବୁଥ୍‌ରେ ପୁଣିଥରେ ଭୋଟଗ୍ରହଣ ପାଇଁ ଚନ୍ଦ୍ରାବାବୁ ନିର୍ବାଚନ କମିଶନଙ୍କୁ ପତ୍ର ଲେଖିଛନ୍ତି। ବୈଷୟିକ ତ୍ରୁଟି ଯୋଗୁ ଭୋଟଗ୍ରହଣ ସମୟ ବଢ଼ାଇବା ପାଇଁ ମଧ୍ୟ ସେ ଅନୁରୋଧ କରିଥିଲେ। ଏପରିକି ରାଜ୍ୟର ମୁଖ୍ୟ ନିର୍ବାଚନ ଅଧିକାରୀ ଗୋପାଳକୃଷ୍ଣ ଦ୍ୱିବେଦୀ ଭୋଟ ଦେବାକୁ ଯାଇଥିବାବେଳେ ଇଭିଏମ୍ କାମ କରି ନ ଥିଲା। ଇଭିଏମ୍ ସମସ୍ୟା ଯୋଗୁ ବିଭିନ୍ନ ବୁଥ୍‌ରେ ଲୋକମାନଙ୍କୁ ଦୀର୍ଘସମୟ ଖରାରେ ଅପେକ୍ଷା କରିବାକୁ ପଡିଥିଲା।



କେତେକ ଭୋଟ ଦେଇ ନ ପାରି ଫେରିଯାଇଥିଲେ। ଅନ୍ତତଃ ୨୫ ପ୍ରତିଶତ ଭିଭିପିଏଟି ମେଶିନ୍ ସ୍ଲିପ୍ ଯାଞ୍ଚ ଦାବିରେ ସେ ପୁଣି ଥରେ ସୁପ୍ରିମକୋର୍ଟ ଯିବାକୁ ଚିନ୍ତା କରୁଥିବା ଚନ୍ଦ୍ରାବାବୁ କହିଛନ୍ତି।


ଇଭିଏମ୍‌ରେ ତ୍ରୁଟି ଯୋଗୁ କେତେକ ସ୍ଥାନରେ ଟିଡିପି ଏବଂ ୱାଇଏସ୍‌ଆର କଂଗ୍ରେସ କର୍ମୀଙ୍କ ମଧ୍ୟରେ ସଂଘର୍ଷ ଘଟିଥିଲା। ଗୁଣ୍ଟାକାଲର ଏକ ଭୋଟଗ୍ରହଣ କେନ୍ଦ୍ରରେ ଇଭିଏମ୍‌ରେ ଦଳୀୟ ଚିହ୍ନ ସ୍ପଷ୍ଟ ଜଣାପଡୁ ନ ଥିବାରୁ ପୂର୍ବତନ ବିଧାୟକ ତଥା ଜନସେନା ପାର୍ଟିର ପ୍ରାର୍ଥୀ ମଧୁସୂଦନ ଗୁପ୍ତା ରାଗରେ ଇଭିଏମ୍ ଭାଙ୍ଗିଦେବା ସହ ପୋଲିଂ କର୍ମଚାରୀଙ୍କୁ ମଧ୍ୟ ଗାଳିଗୁଲଜ କରିଥିଲେ। ପୋଲିସ ତାଙ୍କୁ ଅଟକ ରଖିଛି।




ମହାରାଷ୍ଟ୍ରର ନାଗପୁରସ୍ଥିତ ଏକ ପୋଲିଂ ଷ୍ଟେଶନରେ ଭୋଟ ଦେବା ପରେ ଅଙ୍ଗୁଳି ଦେଖାଉଛନ୍ତି ବିଶ୍ୱର ସବୁଠୁ ଗେଡୀ ମହିଳା ଜ୍ୟୋତି ଆମ୍‌ଗେ(୨୫)।



କୁପୱାଡ଼ା ଜିଲାର ଏକ ବୁଥ୍‌ରେ ବୃଦ୍ଧ ଦମ୍ପତି ଭୋଟ ଦେବା ପରେ ଅଙ୍ଗୁଳିର କାଳି ଚିହ୍ନ ଦେଖାଉଛନ୍ତି।




ଶ୍ରୀନଗରରେ ବିଚ୍ଛିନ୍ନତାବାଦୀ ନେତାମାନେ ଭୋଟ ବର୍ଜନ ଆହ୍ୱାନ ଦେଇଥିବାବେଳେ ମୁତୟନ ସୁରକ୍ଷା କର୍ମୀ।



ଅରୁଣାଚଳ ପ୍ରଦେଶର ଇଟାନଗରରେ ମତଦାନ ପାଇଁ ମହିଳା ଭୋଟରଙ୍କ ଧାଡ଼ି।

# ୮ ପ୍ରାର୍ଥୀଙ୍କ ଭାଗ୍ୟ ଇଭିଏମ୍‌ରେ ସିଲ୍

■ଅବ୍ୟବସ୍ଥାରୁ ଆରମ୍ଭ ହେଲା ମତଦାନ

■ଏଲଇଡି ଲଣ୍ଠନ ଫେଲ, ମତ ଦେଇପାରିଲେନି ବହୁ ମତଦାତା

ଜୟପୁର,୧୧।୪(ନି.ପ୍ର./ଡି.ଏନ୍.ଏ.)

ଅବ୍ୟବସ୍ଥା ଓ ବିଳମ୍ବରେ ପ୍ରଥମ ପର୍ଯ୍ୟାୟ ମତଦାନ ଶେଷ ହୋଇଛି। ଜୟପୁର ନିର୍ବାଚନ ମଣ୍ଡଳୀର ୮ଜଣ ପ୍ରାର୍ଥୀଙ୍କ ଭାଗ୍ୟ ଇଭିଏମ୍‌ରେ ସିଲ୍ ହୋଇଛି। ଏଠାରେ ଭୋଟ୍ ଗ୍ରହଣ ସକାଳ ୭ଟାରେ ଆରମ୍ଭ ହେବାକୁ ଥିବାବେଳେ କେଉ ବୁଥ୍‌ରେ ଦେଢ଼ଘଣ୍ଟା ତ କେଉଁଠାରେ ୪ ଘଣ୍ଟା ବିଳମ୍ବରେ ଭୋଟ ଗ୍ରହଣ ହୋଇଥିଲା । ଇଭିଏମ୍ ଯାନ୍ତ୍ରିକ ତ୍ରୁଟି ଯୋଗୁ ସେଠାରେ ଭୋଟ୍‌ଗ୍ରହଣ ବିଳମ୍ବ ହୋଇଛି। ଲମ୍ବା ଲାଇନରେ ଛିଡ଼ା ହୋଇଥିବା ବରିଷ୍ଠ ନାଗରିକ, ଗର୍ଭବତୀ ମହିଳା ବୁଥ୍ ନିକଟରେ ଅପେକ୍ଷା କରି ଶେଷରେ ଭୋଟ୍ ନଦେଇ ଫେରିଛନ୍ତି।

ଜୟପୁର ବିଧାୟକ ତଥା କଂଗ୍ରେସ ପ୍ରାର୍ଥୀ ତାରାପ୍ରସାଦ ବାହିନୀପତି ସାମନ୍ତରାସାହି ପ୍ରାଥମିକ ବିଦ୍ୟାଳୟରେ, ବିଜେଡି ପ୍ରାର୍ଥୀ ରବିନାରାୟଣ ନନ୍ଦ ଚନ୍ଦନବାଡ଼ ସାହି ବିଦ୍ୟାଳୟ, ଭାଜପା ପ୍ରାର୍ଥୀ ଗୌତମ ସାମନ୍ତରାୟ ବାଳିକା ପ୍ରାଥମିକ ବିଦ୍ୟାଳୟରେ ହୋଇଥିବା ବୁଥ୍‌ରେ ନିଜର ମତଦାନ କରିଥିଲେ। ଜୟପୁର ନିର୍ବାଚନ ମଣ୍ଡଳୀର ୨୩୫ଟି ବୁଥ୍‌ରୁ ଅଧିକାଂଶ କେନ୍ଦ୍ରରେ ଇଭିଏମ୍ ଓ ଭିଭିପିଏଟି ତ୍ରୁଟି ଦେଖାଦେଇଥିଲା। ଅଧିକାଂଶ ସ୍ଥାନରେ ଇଭିଏମ୍ ଖରାପ ହେବା ସହ କନେକ୍ସନରେ ତ୍ରୁଟି ଯୋଗୁ ବହୁ ଭୋଟର ହଇରାଣ ହୋଇଥିଲେ। ୨୧ ନମ୍ବର ୱାର୍ଡର ପାଇଲସାହି ସ୍ଥିତ ୧୯୫ ନଂ ବୁଥ୍‌ରେ ୪୫ ମିନିଟ ବିଳମ୍ବରେ ଭୋଟ୍ ଗ୍ରହଣ ହୋଇଥିଲା । ସେହିପରି ସୁନାରୀସାହି ପ୍ରାଥମିକ ବିଦ୍ୟାଳୟ ୧୯୮ ନଂ ବୁଥ୍‌ରେ ୨ ଘଣ୍ଟା ଏବଂ ଅଡିଟ କଲୋନି ଉଚ୍ଚ ବିଦ୍ୟାଳୟ ୨୦୫ ନଂ ବୁଥ୍‌ରେ ୩ ଘଣ୍ଟା ବିଳମ୍ବରେ ଭୋଟିଂ ହୋଇଥିଲା । ବାରିଣିପୁଟ ପଞ୍ଚାୟତର ମହୁଲଭଟ୍ଟା ଗ୍ରାମରେ ଇଭିଏମ୍ ତ୍ରୁଟି ଯୋଗୁଁ ମଧ୍ୟ ବିଳମ୍ବରେ ମତଦାନ କରାଯାଇଥିଲା। ଉପଖଣ୍ଡ ନିର୍ବାଚନ ଅଧିକାରୀଙ୍କ ନିକଟରେ ଅଭିଯୋଗ ପରେ ସେକ୍ଟର ମୋବାଇଲ ଅଧିକାରୀମାନେ ରିଜର୍ଭରେ ରହିଥିବା ଇଭିଏମ୍ ମେଶିନ ଧରି ବୁଥ୍‌ରେ ପହଞ୍ଚିଥିଲେ । ଏହାପରେ ମତଦାନ ଆରମ୍ଭ ହୋଇଥିଲା। ତେବେ ବିଭିନ୍ନ ବୁଥ୍‌ରେ ପାନୀୟଜଳ, ଟେଣ୍ଟ କିମ୍ବା ପଲିଥିନ ବ୍ୟବସ୍ଥା କରାଯାଇ ନ ଥିବାବେଳେ ଖରାରେ ଲୋକେ ଲମ୍ବା ଧାଡ଼ିକରି ଛିଡ଼ା ହୋଇଥିଲେ। ବିଳମ୍ବିତ ସନ୍ଧ୍ୟା ଯାଏ ମତଦାନ ଚାଲିଥିବା ବେଳେ ବିଦ୍ୟୁତ ନ ଥିବାବେଳେ ଏଲ୍‌ଇଡି ଲାଇଟ୍ ମଧ୍ୟ ଫେଲ ମାରିଥିଲା।

## ୪ ଯୁବକଙ୍କୁ ଅଟକ ରଖିଲା ପୋଲିସ

ଅପରାହ୍ନରେ ଜୟପୁର ସଦର ଥାନା ଅନ୍ତର୍ଗତ ମୁଖି ଖୁଡୁପି କେନ୍ଦ୍ର ନିକଟରେ ୬ ଜଣ ଯୁବକ ବିଜେଡିକୁ ଭୋଟ୍ ଦେବା ପାଇଁ ଧମକ ଚମକ ଦେଉଥିବା ବେଳେ ଗ୍ରାମବାସୀ ଏକାଠି ହୋଇ ସେମାନଙ୍କୁ ନିସ୍ଥୁକ ମାଡ଼ ମାରିଥିଲେ। ଗ୍ରାମବାସୀ ୪ ଜଣଙ୍କୁ ଅଟକ ରଖିଥିବା ବେଳେ ଅନ୍ୟ ୨ ଜଣ ସେଠାରୁ ଖସିଯାଇଥିଲେ। ଏହାପରେ ପୋଲିସ ଗ୍ରାମରେ ପହଞ୍ଚି ସେହି ୪ ଜଣଙ୍କୁ ନିଜ ହେପାଜତକୁ ନେଇଥିଲା। ମୁଖି ଖୁଡୁପି, ଦୁର୍ଗାଭଟ୍ଟା ଓ ଆମ୍ବକାଟିଗୁଡ଼ା ଗ୍ରାମର ଭୋଟ୍ ପାଇଁ ଉପରୋକ୍ତ କେନ୍ଦ୍ର କରାଯାଇଥିଲା, ସେଥିରେ ୨ ହଜାର ଭୋଟର ରହିଛନ୍ତି।

## ଉତ୍ସାହ ଦେଖାଇଲେ ବରିଷ୍ଠ ନାଗରିକ

ସାଧାରଣ ନିର୍ବାଚନ ପାଇଁ ପ୍ରଥମଥର ଦେଉଥିବା ଯୁବପିଢ଼ିଙ୍କ ସମେତ ବୟୋଜ୍ୟେଷ୍ଠ ଭୋଟଦାତା ଆଗ୍ରହ ଦେଖାଇଥିଲେ। ୮୦ ବର୍ଷରୁ ଉର୍ଦ୍ଧ୍ୱ ବୟସର ବୃଦ୍ଧ ଯେଉଁମାନେ ପୀଡ଼ିତ ଥାଇ ମଧ୍ୟ ଭୋଟ୍ ଦେବାକୁ ଆସିଥିଲେ। ଜୟପୁର ପୌରସଂସ୍ଥାର ୨୪ ନମ୍ବର ୱାର୍ଡର ଚନ୍ଦନବାଡ଼ ଉଚ୍ଚ ବିଦ୍ୟାଳୟର ୨୦୧ ନମ୍ବର ବୁଥ୍‌ରେ ୮୦ ଉପର ବୃଦ୍ଧା ରାଧା ନାୟକ, ସୁଷମା ନାୟକ, ୨୦୨ ନମ୍ବର ବୁଥ୍‌ରେ ଟି. ରାମାନୁଜ ପଟ୍ଟନାୟକ (୮୯) ହ୍ୱିଲ ଚେୟାରରେ ଆସି ମତ ସାବ୍ୟସ୍ତ କରିଥିଲେ। ସେହିପରି ୧୯୯ ନଂ ବୁଥ୍‌ରେ ମାଣିକ ସାହୁ (୮୫) ଭୋଟ୍ ଦେଇଥିଲେ।


ଜୟପୁର ସହରର ଅଡିଟ୍ କଲୋନୀରେ ହୋଇଥିବା ବୁଥ୍‌ରେ ଭୋଟ ଦେବାପାଇଁ ମହିଳାମାନେ ଲାଇନରେ ଛିଡା ହୋଇଛନ୍ତି।


କୋରାପୁଟ ବ୍ଲକ ଦେଓଘାଟି ବୁଥ୍‌ରେ ମତଦାନ କରିବା ପାଇଁ ଧାଡ଼ିରେ ଛିଡ଼ା ହୋଇଛନ୍ତି ମହିଳାମାନେ।

# କୋରାପୁଟ ଜିଲାରେ ୬୦% ମତଦାନ

■ମତଦାନ ପ୍ରତିଶତ ବଢ଼ିବା ସମ୍ଭାବନା ରହିଛି

■ଇଭିଏମ୍ ଅବ୍ୟବସ୍ଥା: କେଉଁଠି ପୋଡ଼ିଗଲା ତ କେଉଁଠି ଯାନ୍ତ୍ରିକ ତ୍ରୁଟି

କୋରାପୁଟ,୧୧।୪(ସ୍ୱ.ପ୍ର.)

ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ କୋରାପୁଟ ଜିଲାର ବିଭିନ୍ନ ବୁଥ୍‌ରେ ଗୁରୁବାର ମତଦାନ ଶେଷ ହୋଇଛି। ଜିଲାରେ ଅପରାହ୍ନ ୬ଟା ସୁଦ୍ଧା ୬୦ ପ୍ରତିଶତରୁ ଅଧିକ ମତଦାନ ହୋଇଛି। ସନ୍ଧ୍ୟା ୬ଟା ସୁଦ୍ଧା ହୋଇଥିବା ମତଦାନ କ୍ରମରେ ଲକ୍ଷ୍ମୀପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ୪୭.୧୬ ପ୍ରତିଶତ ମତଦାନ ହୋଇଥିବାବେଳେ କୋରାପୁଟ ବିଧାନସଭା ମଣ୍ଡଳୀରେ ୬୨.୧୮ ପ୍ରତିଶତ, ପଟ୍ଟାଙ୍ଗିରେ ସର୍ବନିମ୍ନ ୫୦.୯୨ ପ୍ରତିଶତ ମତଦାନ ହୋଇଥିଲା । ସେହିପରି ଦିନ ୩ଟା ସୁଦ୍ଧା କୋଟପାଡ ନିର୍ବାଚନ ମଣ୍ଡଳୀରେ ୫୯.୭୮ ପ୍ରତିଶତ, ଜୟପୁର ନିର୍ବାଚନ ମଣ୍ଡଳୀରେ ୪୯.୫୯ ପ୍ରତିଶତ ମତଦାନ ହୋଇଛି। ପଟ୍ଟାଙ୍ଗୀ ବିଧାନସଭା ନିର୍ବାଚନ ମଣ୍ଡଳୀର ଅନେକ ବୁଥ୍ ଦୁର୍ଗମ ଅଞ୍ଚଳରେ ଥିବାରୁ ସେଠାକୁ ଯୋଗାଯୋଗ ହୋଇ ନପାରି ମତଦାନ ପ୍ରତିଶତ ସର୍ବନିମ୍ନ ରହିଛି ।

ଅନ୍ୟପକ୍ଷରେ କୋରାପୁଟ ସହରର ବିଭିନ୍ନ ସ୍ଥାନରେ ଇଭିଏମ୍‌ରେ ବ୍ୟାପକ ତ୍ରୁଟି ଦେଖାଯାଇଥିଲା। କୋରାପୁଟ ସହରର ଓଏମ୍‌ପି ବୁଥ୍, ବାଳିକା ଉଚ୍ଚ ବିଦ୍ୟାଳୟ, ପୋଲିସ ଉଚ୍ଚ ବିଦ୍ୟାଳୟ, ରେଲବାଇ କଲୋନି ବିଦ୍ୟାଳୟ, ଜେଇଏଲ୍‌ସି ବିଦ୍ୟାଳୟରେ ହୋଇଥିବା ବୁଥ୍‌ରେ ସକାଳ ୮ଟା ପରେ ମତଦାନ ଆରମ୍ଭ ହୋଇଥିଲା। ଦଶମନ୍ତପୁର ବ୍ଲକ ଏ. ମାଲକାନଗିରି, ପୋଡ଼ାଗଡ଼ର ଇଭିଏମ୍ ପୋଡ଼ିଯାଇ ଥିବାବେଳେ ସେଠାରେ ପୋଲିଙ୍ଗ ୧୦ଟା ବେଳେ ଆରମ୍ଭ ହୋଇଥିଲା । ସେହିପରି ନନ୍ଦପୁର ଖୁର୍ଜୀ ମତଦାନ କେନ୍ଦ୍ରରେ ଥିବା ଇଭିଏମ ମେସିନରେ ଗୋଟିଏ ବଟନ ଦବାଇଲେ ଅନ୍ୟ ଦଳକୁ ଭୋଟ ଯାଉଥିବା ଯୋଗୁଁ ଅସନ୍ତୋଷ ପ୍ରକାଶ ପାଇଥିଲା।

# ଇଭିଏମ୍ ଫେଲ୍: ୨ ଘଣ୍ଟା ଛିଡ଼ାହେଲେ ଭୋଟର

ସେମିଳିଗୁଡ଼ା,୧୧।୪(ସ୍ୱ.ପ୍ର.)

ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ଗୁରୁବାର ମତଦାନ ଅନୁଷ୍ଠିତ ହୋଇଛି। ତେବେ ଆରମ୍ଭରୁ ଏଥିରେ ଅବ୍ୟବସ୍ଥା ଦେଖାଦେଇଛି। ସକାଳ ୭ଟାରୁ ଭୋଟରମାନେ ଭୋଟ୍ ଦେବା ପାଇଁ ବୁଥ ଆଗ୍‌ରେ ଧାଡ଼ି ବାନ୍ଧିଥିଲେ। ଖରାକୁ ଦୃଷ୍ଟିରେ ରଖି ସମସ୍ତେ ସକାଳେ ଭୋଟ୍ ଦେବାକୁ ହିଁ ଉପଯୁକ୍ତ ସମୟ ବୋଲି ବାଛି ଭିଡ଼ ଲଗାଇଥିଲେ। ମତଦାନ ଆରମ୍ଭରେ କେତେକ ବୁଥ୍‌ରେ ଇଭିଏମ୍ ମେଶିନ କାମ କରି ନ ଥିଲା। ଏଥିପାଇଁ ଧାଡ଼ି ବାନ୍ଧି ଅପେକ୍ଷା କରି ରହିଥିବା ଭୋଟରଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ସେମିଳିଗୁଡ଼ା ଅଞ୍ଚଳର ଗାନ୍ଧିନଗର ବୁଥ୍‌ରେ ଇଭିଏମ୍ ମେଶିନ ଖରାପ ହେବା ଯୋଗୁ ମତଦାନ ପାଇଁ ୨ ଘଣ୍ଟା ବିଳମ୍ବ ହୋଇଥିଲା। ମେଶିନ ଠିକ୍ ହେବା ପରେ ମତଦାନ ହୋଇଥିଲା। ଅଞ୍ଚଳର ସମ୍ବେଦନଶୀଳ ବୁଥ୍ ଭାବେ ପରିଚିତ ସେମିଳିଗୁଡ଼ା ବ୍ଲକର କାଣ୍ଟିର ବୁଥ୍ ନଂ ୮୨ରେ ଭୋଟରମାନେ ଶୃଙ୍ଖଳାରେ ଭୋଟ୍ ଦେଇଛନ୍ତି। ବ୍ଲକର ୧୭ଟି ପଞ୍ଚାୟତରେ ଥିବା ବୁଥ୍‌ରେ ମତଦାନ ସରିଛି। ତେବେ ବ୍ଲକର ରାଜପୁଟ ପଞ୍ଚାୟତ ବଡ଼ବଡ଼ିଗାଁ ଓ ଅନ୍ୟ କେତେକ ଗ୍ରାମବାସୀ ମୌଳିକ ସୁବିଧାରୁ ବଞ୍ଚିତ ହୋଇ ମତଦାନ କରିନାହାନ୍ତି। ଏହି ଗ୍ରାମରେ ରହୁଥିବା ୧୫୦ରୁ ଅଧିକ ପରିବାରର ୪୫୦ ପାଖାପାଖି ସଦସ୍ୟ ଭୋଟ୍ ଦେଇନଥିବା ଜଣାପଡ଼ିଛି।

# କୋଟପାଡ଼ରେ ୬୫ ପ୍ରତିଶତ ମତଦାନ

■ ୨୦୧୪ ତୁଳନାରେ ମତଦାନ ଏଥର କମିଛି

କୋଟପାଡ଼,୧୧।୪(ଡି.ଏନ୍.ଏ.)

କୋଟପାଡ଼ ବିଧାନସଭା ନିର୍ବାଚନ ମଣ୍ଡଳୀରେ ଗୁରୁବାର ଶାନ୍ତି ଶୃଙ୍ଖଳାର ସହ ମତଦାନ ହୋଇଛି । ୨୦୧୪ ନିର୍ବାଚନରେ ୭୧ ପ୍ରତିଶତ ଭୋଟ୍ ହୋଇଥିବା ବେଳେ ଚଳିତ ନିର୍ବାଚନରେ ୬୫ ପ୍ରତିଶତ ମତଦାନ ହୋଇଛି। ପ୍ରତ୍ୟେକ ବୁଥ୍‌ରେ ସକାଳ ୭ଟାରୁ ଭୋଟରଙ୍କ ଲମ୍ବା ଲାଇନ ଦେଖାଯାଇଥିବା ବେଳେ ଅଧିକାଂଶ ବୁଥରେ ମେଶିନଗୁଡ଼ିକରେ ସାମାନ୍ୟ ତ୍ରୁଟି ଯୋଗୁ ଭୋଟଗ୍ରହଣ ଡେରିରେ ହୋଇଥିଲା। କୋଟପାଡ଼ ଅଞ୍ଚଳର ଆଙ୍କୁଲା ବୁଥରେ ଚିତାଗାଁବୁଢ଼ରେ, ପତ୍ରଗୁଡ଼ା, ବଣ୍ଡାଗୁଡ଼ା, କେନ୍ଦୁଗୁଡ଼ା ଅଞ୍ଚଳରେ ୧ ଘଣ୍ଟା ଡେରିରେ ଭୋଟ ଗ୍ରହଣ କରାଯାଇଥିବା ବେଳେ କେତେକ ସ୍ଥାନରେ ମେଶିନ ବଦଳା ଯାଇଥିଲା । ସନ୍ଧ୍ୟା ୬ଟା ସୁଦ୍ଧା ବ୍ଲକ ଅଞ୍ଚଳରେ ୬୫ ପ୍ରତିଶତ, ଏନ୍‌ଏସି ଅଞ୍ଚଳରେ ୬୨ ପ୍ରତିଶତ ଭୋଟ ପଡିଥିବା ବେଳେ ସମୟ ନିର୍ଦ୍ଧାରଣକୁ ନେଇ ଭୋଟରମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ଚିରିକୁଟରେ ୭ଟାରୁ ୬ଟା ସମୟ ଧାର୍ଯ୍ୟ କରାଯାଇଥିବା ବେଳେ ପୋଲିଂ ଅଫିସରମାନେ ୭ଟାରୁ ୪ଟା ମଧ୍ୟରେ ଭୋଟ ଗ୍ରହଣ କରିଥିଲେ । ୪ଟା ସୁଦ୍ଧା ଯେଉଁ ଭୋଟରମାନେ କ୍ୟାମ୍ପସ ଭିତରେ ପ୍ରବେଶ କରିଥିଲେ, ସେମାନଙ୍କୁ ସନ୍ଧ୍ୟା ପର୍ଯ୍ୟନ୍ତ ମତଦାନ ପାଇଁ ଗ୍ରହଣ କରାଯାଇଥିଲା।

# ଭୋଟ୍ ବର୍ଜନ କରିଥିଲେ ୬ ଗ୍ରାମବାସୀ

■ପ୍ରଶାସନିକ ପ୍ରତିଶ୍ରୁତି ପରେ ଅପରାହ୍ନରେ ଦେଲେ ଭୋଟ୍

କୋରାପୁଟ,୧୧।୪(ସ୍ୱ.ପ୍ର.)

କୋରାପୁଟ ବ୍ଲକର ଜର୍ତୀ ଗ୍ରାମ ସମେତ କୋଲାବ, ଚଣ୍ଡାଲଗୁଡ଼ା, ଡୁଭୁରିଗୁଡ଼ା, ମସିପୁଟ, ଥାଟଗୁଡ଼ା ଗ୍ରାମର ବାସିନ୍ଦା ଭୋଟ ବର୍ଜନ କରିଛନ୍ତି। ଜର୍ତୀ ଗ୍ରାମବାସୀ ଗମନାଗମନ ସମସ୍ୟା ପାଇଁ ଭୋଟ୍ ବର୍ଜନ କରିଥିଲେ। କୋରାପୁଟ ଉପଜିଲାପାଳ ଲଳିତ କୁମାର କହଁର ଓ ପ୍ରଶାସନିକ ଅଧିକାରୀ ନରେନ୍ଦ୍ର ନାୟକ ସେହି ଗ୍ରାମରେ ପହଞ୍ଚି ଲୋକଙ୍କ ସହ ଆଲୋଚନା କରିଥିଲେ ମଧ୍ୟ ସୁଫଳ ମିଳି ନଥିଲା। ମାତ୍ର ଅପରାହ୍ନ ୨ଟାରେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଫୋନ୍ ଯୋଗେ ଗ୍ରାମବାସୀଙ୍କ ସହ ଆଲୋଚନା କରିବା ପରେ ସେମାନେ ମତଦାନ କରିଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ କୋରାପୁଟ ବ୍ଲକର ଡୁମୁରିଗୁଡ଼ା, ଚଣ୍ଡଳଗୁଡ଼ା, ଥାଟଗୁଡ଼ା, କୋଲାବ ମସିପୁଟ ଗ୍ରାମବାସୀ ରାସ୍ତା ନ ଥିବା ଦର୍ଶାଇ ଭୋଟ୍ ଦେଇ ନଥିଲେ। ଜିଲାପାଳ ଓ ବ୍ଲକ ପ୍ରଶାସନକୁ ବାରମ୍ବାର ନିବେଦନ କରିବା ସତ୍ତ୍ୱେ ସମସ୍ୟା ସମାଧାନ ହୋଇ ନ ଥିବାରୁ ଉପରୋକ୍ତ ୫ଟି ଗ୍ରାମର ୩୦୦ରୁ ଉର୍ଦ୍ଧ୍ୱ ମତାଦା ଭୋଟ ବର୍ଜନ କରିଥିଲେ। କିନ୍ତୁ କୋରାପୁଟ ଆଇଟିଡିଏ ପିଏ ସେଠାରେ ପହଞ୍ଚି ରାସ୍ତା କରାଯିବା ପାଇଁ ଗ୍ରାମବାସୀଙ୍କୁ ଲିଖିତ ପ୍ରତିଶ୍ରୁତି ଦେବା ପରେ ଅପରାହ୍ନରୁ ସେମାନେ ମତଦାନ କରିଥିବା ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ସୂଚନା ଦେଇଛନ୍ତି।

# କୋଟିଆରେ ଶୃଙ୍ଖଳିତ ମତଦାନ

ପଟ୍ଟାଙ୍ଗି,୧୧।୪(ଡି.ଏନ୍.ଏ.)

ପ୍ରଥମ ପର୍ଯ୍ୟାୟ ନିର୍ବାଚନରେ ପଟ୍ଟାଙ୍ଗି ନିର୍ବାଚନ ମଣ୍ଡଳୀରେ ଶାନ୍ତି ଶୃଙ୍ଖଳାର ସହ ମତଦାନ ସରିଛି। ତେବେ କିଛି ବୁଥ୍‌ରେ ବିଳମ୍ବରେ ଭୋଟ ଗ୍ରହଣ ଆରମ୍ଭ ହୋଇଥିବାରୁ ଭୋଟରଙ୍କ ମଧ୍ୟରେ ଅସନ୍ତୋଷ ସହ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା। ଆଉ କିଛି ଜାଗାରେ ଉନ୍ନୟନ କାମରେ ପାତରଅନ୍ତର ଯୋଗୁଁ ଭୋଟ ମଧ୍ୟ ବର୍ଜନ କରିଛନ୍ତି ଭୋଟର। କୋରାପୁଟ ଜିଲା ପ୍ରଶାସନ ପାଇଁ ଚିନ୍ତା ବଢ଼ାଇଥିବା ପଟ୍ଟାଙ୍ଗି ବ୍ଲକ ତଥା ଆନ୍ଧ୍ର ସୀମାନ୍ତ କୋଟିଆ ପଞ୍ଚାୟତରେ ସୁରୁଖୁରୁରେ ମତଦାନ ହୋଇଛି। ପଞ୍ଚାୟତର ୨୧ଟି ବିବାଦୀୟ ଗ୍ରାମରୁ ୧୩ ଖଣ୍ଡ ଗ୍ରାମବାସୀ ଉଭୟ ଓଡ଼ିଶା ଓ ଆନ୍ଧ୍ରପ୍ରଦେଶକୁ ନିଜ ମୂଲ୍ୟବାନ ଭୋଟ ଦେଇଛନ୍ତି। ତଳସେମ୍ଭି ଗ୍ରାମର ଏଚ୍. ଶଙ୍କର ରାଓ କହିଛନ୍ତି, ଆନ୍ଧ୍ର ସରକାର ଦୀର୍ଘ ବର୍ଷ ଧରି ସେମାନଙ୍କ ନିକଟରେ ପହଞ୍ଚି ବିଦ୍ୟୁତଠାରୁ ଆରମ୍ଭ କରି ରାସ୍ତା, ପାନୀୟ ଜଳ, ପେନସନ, ପିଲାଙ୍କୁ ଶିକ୍ଷା ଦେଇଆସୁଥିବା ବେଳେ ତାଙ୍କୁ ଆମେ ଭୋଟ ଦେବା ପ୍ରଥମ କର୍ତ୍ତବ୍ୟ। ବର୍ତ୍ତମାନ ଓଡ଼ିଶା ସରକାର ମଧ୍ୟ ଆମ ପାଇଁ ତତ୍ପରତା ଦେଖାଇଥିବାରୁ ତାଙ୍କୁ ମଧ୍ୟ ଭୋଟ ଦେଇଛୁ। ଆନ୍ଧ୍ର ସରକାର କୋଟିଆ ପଞ୍ଚାୟତର ନେରଡବାଲସା ଗ୍ରାମରେ ୨ଟି ବୁଥ୍ କରିଥିଲେ। ୧ ନଂ ବୁଥ୍‌ରେ କୋଟିଆର ୭୯୬ ଭୋଟର ଥିବାବେଳେ ୩୫୦ ଜଣ ମତ ସାବ୍ୟସ୍ତ କରିଛନ୍ତି। ସେହିପରି ଅନ୍ୟ ବୁଥ୍‌ଟିରେ ଗଞ୍ଜେଇ ପଦରର ୧୦୦୪ ଭୋଟରଙ୍କ ମଧ୍ୟରୁ ୫୨୦ ଜଣ ମତଦାନ କରିଛନ୍ତି। ଏ ଦୁଇଟି ସମ୍ପର୍କରେ କୋରାପୁଟ ପ୍ରଶାସନ ପାଖରେ ଖବର ଥିଲେ ମଧ୍ୟ ଚିପାକୁର ଓ ଲାନ୍ଦରେ ଆନ୍ଧ୍ର ସରକାର କରିଥିବା ବୁଥ୍ ସମ୍ପର୍କରେ ସୂଚନା ନାହିଁ।

# ବୈପାରୀଗୁଡ଼ାରେ ୬୨ ପ୍ରତିଶତ ମତଦାନ

ବୈପାରୀଗୁଡ଼ା,୧୧।୪(ଡି.ଏନ୍.ଏ.)

ବୈପାରୀଗୁଡା ବ୍ଲକରେ ପ୍ରଥମ ପର୍ଯ୍ୟାୟ ମତଦାନ ସରିଛି। କୋରାପୁଟ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୧୧ଟି ପଞ୍ଚାୟତରେ ୪୯ଟି ବୁଥ୍ ଓ କୋଟପାଡ଼ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୯ଟି ପଞ୍ଚାୟତରେ ମତଦାନ ହୋଇଥିଲା । ଅପରାହ୍ନ ୩ଟା ସୁଦ୍ଧା ୬୨ ପ୍ରତିଶତ ମତଦାନ ହୋଇଥିବା ଗୋଷ୍ଠୀ ଉନ୍ନୟନ ଅଧିକାରୀ ରଜନୀକାନ୍ତ ଦାସ ସୂଚନା ଦେଇଛନ୍ତି। ତେବେ କେତୋଟି ବୁଥ୍‌ରେ ଇଭିଏମ୍‌ରେ ତ୍ରୁଟି ପରିଲକ୍ଷିତ ହୋଇଥିବା ଖବର ଆସିଛି। ବୈପାରୀଗୁଡା ପଞ୍ଚାୟତ କେନ୍ଦୁପଡା ବୁଥ୍‌ରେ ଇଭିଏମ୍‌ରେ ତ୍ରୁଟି ଥିବାରୁ ତାକୁ ସିଲ୍ ପରେ ବଦଳାଇ ଅନ୍ୟ ଏକ ଇଭିଏମ୍ ଲଗାଯାଇଛି । ଅପରାହ୍ନ ୪ଟା ପର୍ଯ୍ୟନ୍ତ ମତଦାନ ସମୟ ନିର୍ଦ୍ଧାରଣ ହୋଇଥିଲେ ମଧ୍ୟ ରିପୋର୍ଟ ଲେଖାହେବା ଯାଏ ମତଦାନ ଜାରି ରହିଥିଲା। ସେହିପରି ଦଶମନ୍ତପୁର ପଞ୍ଚାୟତର ଦୋରାପୁଟ, ପୂଜାରୀଗୁଡ଼ା ପଞ୍ଚାୟତର ଗୌଡ଼ଗୁଡ଼ା ଓ ବ୍ଲକ ସଦର ମହକୁମାର ୨୭ ନଂ ବୁଥ୍‌ରେ ଇଭିଏମ୍‌ରେ ତ୍ରୁଟି ପରିଲକ୍ଷିତ ହେବାରୁ କିଛି ସମୟ ପର୍ଯ୍ୟନ୍ତ ଭୋଟ୍ ଗ୍ରହଣରେ ବିଳମ୍ବ ହୋଇଥିଲା । ବ୍ଲକର ମାଓବାଦୀ ପ୍ରବଣ ତେନ୍ତୁଳିଗୁମ୍ମା, ରାମଗିରି, ଦଣ୍ଡାବାଡ଼ି, ହଳଦିକୁଣ୍ଡ ଓ ମାଝିଗୁଡ଼ା ପଞ୍ଚାୟତରେ କଡ଼ା ସୁରକ୍ଷା ଭିତରେ ମତଦାନ ହୋଇଛି।

# ବୁଥ୍‌ରେ ମହିଳା ଭୋଟରଙ୍କ ଭିଡ଼


ସୁନାବେଡ଼ା,୧୧।୪

ସୁନାବେଡ଼ାର ପ୍ରତ୍ୟେକ ୱାର୍ଡରେ ଗୁରୁବାର ଶାନ୍ତି ଶୃଙ୍ଖଳାର ସହ ମତଦାନ ଶେଷ ହୋଇଛି। କୌଣସିଠାରେ ଅପ୍ରୀତିକର ପରିସ୍ଥିତି ହୋଇନାହିଁ। ଗ୍ରୀଷ୍ମ ପ୍ରବାହ ହେତୁ ଦିନ ୧୧ଟା ଯାଏ ଓ ଏହାପରେ ଅପରାହ୍ନ ୪ଟା ପରେ ବୁଥ୍‌ଗୁଡିକରେ ଗହଳି ହୋଇଥିଲା। ଚଳିତ ଥର ମହିଳାମାନେ ଅଧିକ ସଂଖ୍ୟାରେ ମତଦାନ କରିଥିଲେ। ପ୍ରଶାସନ ପକ୍ଷରୁ ସମସ୍ତ କାର୍ଯ୍ୟ ଶାନ୍ତି ଶୃଙ୍ଖଳାର ସହ ସମାପ୍ତ ହୋଇଥିଲା। ବୁଥ୍‌ରେ ଲୋକଙ୍କ ପାଇଁ ଟେଣ୍ଟ ଓ ପିଇବା ପାଣି ବ୍ୟବସ୍ଥା କରାଯାଇଥିଲା।

# ମତଦାନରୁ ବଞ୍ଚିତ ୪୨ ମତଦାତା

ଦଶମନ୍ତପୁର,୧୧।୪(ଡି.ଏନ୍.ଏ.)

ଦଶମନ୍ତପୁର ବ୍ଲକ ଅଧୀନ ପି.ଫୁଲବେଡ଼ା ପଞ୍ଚାୟତ ମଇନାମାଳ ଗ୍ରାମର ଅନେକ ଲୋକ ମତଦାନରୁ ବଞ୍ଚିତ ହୋଇଛନ୍ତି। ମଇନାମାଳରେ ହୋଇଥିବା ୭୭ନଂ ବୁଥ୍‌ରେ ୬ଟି ଗାଁ ଯଥା- ଅଳଣାଗୁଡ଼ା, ମାଛରା, ବାଡ଼ମଗୁଡ଼ା, ମଇନାମାଳ, ଝୋଲାଗୁଡ଼ା-୧ ଓ ଝୋଲାଗୁଡ଼ା-୨ର ୩୩୫ ଜଣ ପୁରୁଷ ଓ ୩୮୫ ଜଣ ମହିଳା ମତଦାନ କରିଥିଲେ। ସକାଳି ଭୋଟିଂ ଆରମ୍ଭ ହୋଇଥିଲେ ମଧ୍ୟ ଇଭିଏମ୍‌ରେ ତ୍ରୁଟି ଯୋଗୁ ୭ଟା ୪୫ରେ ମତଦାନ ହୋଇଥିଲା। ମଇନାମାଳର ଲୋକେ ଧାଡ଼ି ବାନ୍ଧି ଭୋଟ୍ ଦେବାକୁ ଅପେକ୍ଷା କରିଥିବା ବେଳେ ଗାଁରେ ଜଣଙ୍କର ମୃତ୍ୟୁ ଘଟିବାରୁ ଶବଦାହ କରିବା ପାଇଁ ଚାଲିଗଲେ। ଅପରାହ୍ନ ୪ଟାରେ ଫେରି ଭୋଟ୍ ଦେବାକୁ ଯିବାବେଳେ ସେମାନଙ୍କୁ ପୋଲିଂ ଅଧିକାରୀ ମନା କରିଥିବା ମତଦାତା ହରି ଗାଦବା, ଗୋପାଳ, ଭୁବନ, ଇନ୍ଦ୍ର, ସମରା, ଗୋରୀମଣି, କାଳିମଣି, ଦୁରୁପତି କହିଛନ୍ତି।


ବୈପାରୀଗୁଡ଼ା ସଦରସ୍ଥିତ ୨୭ ନଂ ବୁଥ୍‌ରେ ଜଣେ ବୃଦ୍ଧାଙ୍କୁ ହୁଇଲ୍ ଚେୟାରରେ ଭୋଟ ଦେବା ପାଇଁ ଭୋଟିଂ କେନ୍ଦ୍ରକୁ ନିଆଯାଉଛି।


କୋରାପୁଟ ଜିଲା ସୁନାବେଡ଼ା ସହରରେ ହୋଇଥିବା ଏକ ଭୋଟ ଗ୍ରହଣ କେନ୍ଦ୍ରରେ ମହିଳାମାନେ ବହୁସଂଖ୍ୟାରେ ମତଦାନ କରିବା ପାଇଁ ଗୁରୁବାର ପୂର୍ବାହ୍ନରେ ଧାଡ଼ି ଲଗାଇଛନ୍ତି।


ଦଶମନ୍ତପୁର ବ୍ଲକ ଅଧୀନ ପି. ଫୁଲବେଡ଼ା ପଞ୍ଚାୟତର ମଇନାମାଳ ଗ୍ରାମର କେତେକ ଲୋକ ବୁଥ୍ ନଂ ୭୭ରେ ମତଦାନରୁ ବଞ୍ଚିତ ହେବା ପରେ ଅଭିଯୋଗ ଜଣାଉଛନ୍ତି।

# ଆଇସିସି ବିଶ୍ୱକପ୍



ନିର୍ମଳ କୁମାର ମିଶ୍ର



**ମେ ୩୦ ତାରିଖରୁ ଆରମ୍ଭ ହେବାକୁ ଯାଉଛି ଆନ୍ତର୍ଜାତିକ କ୍ରିକେଟ କାଉନସିଲ (ଆଇସିସି) ଦିନିକିଆ ବିଶ୍ୱକପର ଦ୍ୱାଦଶ ସଂସ୍କରଣ। ଇଂଲଣ୍ଡରେ ଆୟୋଜନ ହେବାକୁ ଥିବା କ୍ରିକେଟର ଏହି ସର୍ବବୃହତ୍ ଇଭେଣ୍ଟ ଜୁଲାଇ ୧୪ ତାରିଖରେ ଶେଷ ହେବ। ଆୟୋଜକ ଇଂଲଣ୍ଡ ଓ ଭାରତ ସହ ମୋଟ ୧୦ଟି ଦେଶ ଏଥିରେ ଅଂଶଗ୍ରହଣ କରିବେ। ରାଉଣ୍ଡ ରବିନ ଓ ନକ୍ଆଉଟ ଫର୍ମାଟରେ ମୋଟ ୪୮ଟି ମ୍ୟାଚ୍ ଖେଳାଯିବ। ଭାରତ ସମେତ ଇଂଲଣ୍ଡ ଏହି ବିଶ୍ୱକପ୍‌ର ହଟ୍ ଫେଭରାଇଟ ବିବେଚିତ ହେଉଛନ୍ତି। ଜୁନ୍ ୫ ତାରିଖରେ ଭାରତ ଦକ୍ଷିଣ ଆଫ୍ରିକା ବିପକ୍ଷରୁ ଅଭିଯାନ ଆରମ୍ଭ କରିବ। ୧୬ ତାରିଖରେ ମାଞ୍ଚେଷ୍ଟରରେ ଭାରତ- ପାକିସ୍ତାନ ହାଇଭୋଲ୍ଟେଜ ମ୍ୟାଚ୍ ଖେଳାଯିବ...**

ଇଂଲଣ୍ଡ ଓ ୱେଲସ୍ କ୍ରିକେଟ ବୋର୍ଡକୁ ୨୦୧୯ କ୍ରିକେଟ୍ ବିଶ୍ୱକପ୍ ଆୟୋଜନ ଅଧିକାର ଆନ୍ତର୍ଜାତିକ କ୍ରିକେଟ କାଉନସିଲ (ଆଇସିସି) ପ୍ରଦାନ କରିଛି। ଏଥି ସହିତ ୧୯୯୯ ପରେ ଇଂଲଣ୍ଡରେ ଅନୁଷ୍ଠିତ ହେବାକୁ ଯାଉଛି ଆଇସିସିର ଏହି ସମ୍ମାନଜନକ ସର୍ବବୃହତ୍ ମର୍ଯ୍ୟାଦାସମ୍ପନ୍ନ ଟୁର୍ନାମେଣ୍ଟ। ଏହା ପୂର୍ବରୁ ଇଂଲଣ୍ଡ ୧୯୭୫, ୧୯୭୯, ୧୯୮୩ ଏବଂ ୧୯୯୯ ଦିନିକିଆ ବିଶ୍ୱକପ୍ ଆୟୋଜନ କରିଥିଲା। ୧୦ଟି ଦଳକୁ ନେଇ ଖେଳାଯିବାକୁ ଥିବା ଏହି ବିଶ୍ୱକପ୍ ୨୦୧୯ ମେ ୩୦ ତାରିଖରୁ ଆରମ୍ଭ ହୋଇ ଜୁଲାଇ ୧୪ ତାରିଖରେ ଉଦ୍‌ଯାପିତ ହେବାର କାର୍ଯ୍ୟସୂଚୀ ପ୍ରକାଶ ପାଇଛି। ଏହି ମେଗା ଟୁର୍ନାମେଣ୍ଟ ପାଇଁ ବ୍ୟାପକ ପ୍ରସ୍ତୁତି ହେବା ସହିତ କାଉଣ୍ଟଡାଉନ୍ ଆରମ୍ଭ ହୋଇଛି। ବର୍ତ୍ତମାନ ଆମ ଦେଶରେ ଚାଲିଥିବା ଆଇପିଏଲ୍ ଯୋଗୁଁ ଯଦିଓ କ୍ରୀଡ଼ାପ୍ରେମୀମାନେ ଏହାର ପ୍ରକୃତ ରୂପରେଖ ବିଷୟରେ ବିଶେଷ ଭାବେ ଅବଗତ ନୁହନ୍ତି। ତେବେ ଅନ୍ୟ ଅଂଶଗ୍ରହଣକାରୀ ଦେଶଗୁଡ଼ିକଠାରେ ଏହି ମେଗାଇଭେଣ୍ଟର ପ୍ରସ୍ତୁତି ପାଇଁ ଏବେଠାରୁ ଉଷ୍ମତା ବୃଦ୍ଧି ପାଉଥିବାର ଲକ୍ଷ୍ୟ କରାଯାଉଛି। ଏପ୍ରିଲ୍ ୨୦୦୬ ଏବଂ ୨୦୧୫ରେ ଅନୁଷ୍ଠିତ ହୋଇଥିବା ବିଶ୍ୱକପ୍ ବିଡିଂରୁ ଶେଷ ମୁହୂର୍ତ୍ତରେ ଇଂଲଣ୍ଡ ଏବଂ ୱେଲସ୍ ବୋର୍ଡ ଓହରି ଯାଇଥିବାରୁ ଶେଷରେ ଅଷ୍ଟ୍ରେଲିଆ ଏବଂ ନ୍ୟୁଜିଲାଣ୍ଡର ମିଳିତ ଉଦ୍ୟମରେ ଏହି ଟୁର୍ନାମେଣ୍ଟ ଆୟୋଜିତ ହୋଇଥିଲା। ପଞ୍ଚମଥର ପାଇଁ ଏକଦିବସୀୟ ଆଇସିସି ବିଶ୍ୱକପ୍ ଇଂଲଣ୍ଡରେ ଅନୁଷ୍ଠିତ ହେବାକୁ ଯାଉଛି। ବିଶ୍ୱକପ୍‌ର ଉଦ୍‌ଘାଟନୀ ମ୍ୟାଚ ଓଭାଲ ଗ୍ରାଉଣ୍ଡରେ ଆୟୋଜନ ହେବ। ଫାଇନାଲ ମ୍ୟାଚ ଐତିହାସିକ ଲର୍ଡ୍ସ ଷ୍ଟାଡିୟମରେ ଖେଳାଯିବାର କାର୍ଯ୍ୟସୂଚୀ ପ୍ରକାଶିତ ହୋଇଛି।

ଏହି ମେଗା ଟୁର୍ନାମେଣ୍ଟରେ ଭାଗନେଉଥିବା ୧୦ଟି ଦଳ ଗୋଟିଏ ଗ୍ରୁପରେ ରହୁଥିବା ବେଳେ ପ୍ରତ୍ୟେକ ଦଳ ଅନ୍ୟ ୯ଟି ଟିମ୍ ସହିତ ମ୍ୟାଚ ଖେଳିବାର କାର୍ଯ୍ୟସୂଚୀ ପ୍ରକାଶିତ ହୋଇଛି। ରାଉଣ୍ଡ ରବିନ୍ ଏବଂ ନକଆଉଟ୍ ପଦ୍ଧତିରେ ଖେଳାଯିବାକୁ ଥିବା ଏହି ଟୁର୍ନାମେଣ୍ଟରେ ଗ୍ରୁପ ପର୍ଯ୍ୟାୟରୁ ଶ୍ରେଷ୍ଠ ୪ଟି ଦଳ ସେମିଫାଇନାଲ ଖେଳିବାର ଯୋଗ୍ୟତା ଅର୍ଜନ କରିବେ ଏବଂ ସେମିଫାଇନାଲରେ ବିଜୟୀ ଦଳ ପରସ୍ପର ସହିତ ଫାଇନାଲରେ ମୁକାବିଲା କରିବେ। ମୋଟ ୧୨ଟି ଭେନ୍ୟୁରେ ୪୮ଟି ମ୍ୟାଚ ଖେଳାଯିବାର କାର୍ଯ୍ୟସୂଚୀ ପ୍ରକାଶିତ ହୋଇଛି। କୋଲକାତାଠାରେ ଏପ୍ରିଲ୍ ୨୬ ତାରିଖରେ ଅନୁଷ୍ଠିତ ଆଇସିସି ବାର୍ଷିକ କାର୍ଯ୍ୟକାରିଣୀ ବୈଠକରେ ଓଲ୍ଡ ଟ୍ରାଫୋର୍ଡ ଏବଂ ଏଜବାଷ୍ଟନଠାରେ ଦୁଇଟି ସେମିଫାଇନାଲ ଓ ଲର୍ଡସ୍‌ଠାରେ ଫାଇନାଲ ଖେଳାଯିବା କାର୍ଯ୍ୟକ୍ରମ ସମ୍ପର୍କରେ ନିଷ୍ପତ୍ତି ନିଆଯାଇଥିଲା। ୧୨ଟି ଷ୍ଟାଡିୟମରେ ସମସ୍ତ ମ୍ୟାଚ୍ ଖେଳାଯିବାକୁ ଥିବାବେଳେ ଲଣ୍ଡନ ଷ୍ଟାଡିୟମକୁ ନୂତନ ଭେନ୍ୟୁ ରୂପେ ଏଥିରେ ସାମିଲ କରାଯାଇଛି ଯାହାକି ପ୍ରଥମରୁ ଭେନ୍ୟୁ ତାଲିକାରେ ସ୍ଥାନ ପାଇନଥିଲା। ଅନ୍ୟ ଷ୍ଟାଡିୟମଗୁଡିକ ହେଲା ଲର୍ଡ୍ସ, ଏଜବାଷ୍ଟନ, ରୋଜ ବାଉଲ୍, ଦି ଓଭାଲ, ଓଲ୍ଡ ଟ୍ରାଫର୍ଡ, ରିଭରସାଇଡ୍ ଗ୍ରାଉଣ୍ଡ, ହେଡିଙ୍ଗଲେ, ଟ୍ରେଣ୍ଟ ବ୍ରିଜ, କଣ୍ଟ୍ରି କ୍ରିକେଟ୍ ଗ୍ରାଉଣ୍ଡ, ସୋଫିଆ ଗାର୍ଡେନ।

ଏହି ବିଶ୍ୱକପ୍‌ରେ ଆଇସିସିର ୧୦ଟି ଟେଷ୍ଟମ୍ୟାଚ୍ ଖେଳୁଥିବା ଦେଶ ଅଂଶଗ୍ରହଣ କରିବାକୁ ଯାଉଛନ୍ତି। ବର୍ତ୍ତମାନ ଟେଷ୍ଟ ଖେଳୁଥିବା ଦେଶ ୧୦ରୁ ୧୨କୁ ବୃଦ୍ଧି ପାଇଛି। ଅନ୍ୟ ଦୁଇ ଆସୋସିଏଟ୍ ମେମ୍ବର ଦେଶ ସ୍କଟଲାଣ୍ଡ ଏବଂ ୟୁନାଇଟେଡ୍ ଆରବ ଏମିରେଟସ୍ (ୟୁଏଇ) ସୁଯୋଗରୁ ବଞ୍ଚିତ ହେବା ଯୋଗୁଁ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଛି। ୨୦୧୧ ଏବଂ ୨୦୧୫ରେ ଆୟୋଜିତ ବିଶ୍ୱକପ୍‌ରେ ୧୪ଟି ଦେଶ ଭାଗନେଇଥିଲେ। ଏହି ଦ୍ୱାଦଶ ସଂସ୍କରଣରେ ଆଇସିସିର କେତୋଟି ଆସୋସିଏଟ୍ ଏବଂ ଆଫିଲିଏଟ୍ ମେମ୍ବର୍ସ ଦେଶଗୁଡିକ ଭାଗନେବାରୁ ବଞ୍ଚିତ ହୋଇଛନ୍ତି। ଆୟୋଜକ ଇଂଲଣ୍ଡ ସହିତ ଆଇସିସି ଏକଦିବସୀୟ ର୍ୟାଙ୍କିଙ୍ଗ ୩୦ ସେପ୍ଟେମ୍ବର ୨୦୧୭ ଆଧାରରେ ଶ୍ରେଷ୍ଠ ୭ଟି ଦେଶ ଏବଂ ୨୦୧୮ରେ ଅନୁଷ୍ଠିତ ବିଶ୍ୱକପ୍‌ର କ୍ୱାଲିଫାୟର ଦେଶ ଭାଗ ନେବେ।

କ୍ୱାଲିଫାୟର ମ୍ୟାଚ ପାଇଁ ଆୟରଲାଣ୍ଡ ଏବଂ ଆଫଗାନିସ୍ଥାନ ଯେଉଁମାନେ ନୂତନ ଟେଷ୍ଟ ପ୍ଲେଇଙ୍ଗ୍ ଦେଶ ରୂପେ ଆଇସିସିର ପୂର୍ଣ୍ଣ ସଦସ୍ୟତା ପାଇଛନ୍ତି ଏବଂ ଆଇସିସି ଏକଦିବସୀୟ ର୍ୟାଙ୍କିଙ୍ଗ୍‌ରେ ଭଲ ସ୍ଥାନରେ ରହିଛନ୍ତି ସେମାନଙ୍କୁ ଏହି କ୍ୱାଲିଫାୟର ମ୍ୟାଚ ଖେଳିବା ପାଇଁ ଯୋଗ୍ୟତା ଅର୍ଜନ କରିବାକୁ ପଡିବ। ଯଦିଓ କ୍ୱାଲିଫାଇଙ୍ଗ ଟୁର୍ନାମେଣ୍ଟରେ ଆଫଗାନିସ୍ଥାନ ୱେଷ୍ଟଇଣ୍ଡିଜକୁ ହରାଇ ଚାମ୍ପିୟନ ହୋଇଛି। ଏହି ଦୁଇ ଦେଶ ବାଂଲାଦେଶଠାରେ ଗତ ମାର୍ଚ୍ଚ ୨୦୧୮ରେ ଖେଳାଯାଇଥିବା କ୍ୱାଲିଫିକେସନ୍ ଟୁର୍ନାମେଣ୍ଟରେ ସ୍ଥାନ ପାଇଥିଲେ। ଅନ୍ୟତମ ଟେଷ୍ଟ ଖେଳୁଥିବା ଦେଶ ଜିମ୍ବାୱେ ୧୯୮୩ ପରଠାରୁ ପ୍ରଥମ ଥର ପାଇଁ ଏହି ବିଶ୍ୱକପ୍‌ରେ ଭାଗ ନେଇପାରିବ ନାହିଁ। ବିଶ୍ୱକପ୍‌ରେ ଅଂଶଗ୍ରହଣ କରୁଥିବା ଦେଶଗୁଡିକ ହେଲେ- ଇଂଲଣ୍ଡ, ଅଷ୍ଟ୍ରେଲିଆ, ବାଂଲଦେଶ, ଭାରତ, ନ୍ୟୁଜିଲାଣ୍ଡ, ପାକିସ୍ତାନ, ଦକ୍ଷିଣ ଆଫ୍ରିକା, ଶ୍ରୀଲଙ୍କା, ଆଫଗାନିସ୍ଥାନ ଏବଂ ୱେଷ୍ଟଇଣ୍ଡିଜ।

୨୦୧୫ ଆଇସିସି ଏକଦିବସୀୟ ବିଶ୍ୱକପ୍ ଅଷ୍ଟ୍ରେଲିଆ ଏବଂ ନ୍ୟୁଜିଲାଣ୍ଡର ମିଳିତ ଉଦ୍ୟମରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୋଟ ୧୪ଟି ଦଳ ଭାଗନେଇଥିଲେ। ମୋଟ ଉପରେ ଏହି ମେଗା ଇଭେଣ୍ଟରେ ୪୯ଟି ମ୍ୟାଚ ଖେଳାଯାଇଥିଲା। ଆୟୋଜକ ଅଷ୍ଟ୍ରେଲିଆ ୫ମ ଥର ପାଇଁ ଚାମ୍ପିୟନ ହୋଇଥିଲା। ଏହା ଫେବୃୟାରୀ ୧୪ ତାରିଖରୁ ଆରମ୍ଭ ହୋଇ ମାର୍ଚ୍ଚ ୨୯ ତାରିଖ ପର୍ଯ୍ୟନ୍ତ ଚାଲିଥିଲା। ଅଷ୍ଟ୍ରେଲିଆରେ ୨୬ଟି ଓ ନ୍ୟୁଜିଲାଣ୍ଡରେ ୨୩ଟି ମ୍ୟାଚ ଖେଳାଯାଇଥିଲା। ଅନ୍ୟ ସଂସ୍କରଣ ଅପେକ୍ଷା ଏଥର ବିଶ୍ୱକପ୍ ଫର୍ମାଟ ଅଧିକ ସହଜ କରାଯିବା ସଙ୍ଗେ ସଙ୍ଗେ କମ୍ ସମୟ ମଧ୍ୟରେ ସାରିବା ପାଇଁ ଆଇସିସି ଦ୍ୱାରା ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରାଯାଇଛି।

ମେ ୨୦୧୯ରେ ଇଂଲଣ୍ଡ ଏବଂ ସାଉଥ୍ ଆଫ୍ରିକା ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ ଖେଳାଯିବାର କାର୍ଯ୍ୟସୂଚୀ ଘୋଷିତ ହୋଇଛି। ଭାରତ ତା'ର ପ୍ରଥମ ମ୍ୟାଚ ଜୁନ୍ ୫ ତାରିଖ ସାଉଥ୍ ଆଫ୍ରିକା ସହିତ ଖେଳିବ। ଭାରତ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ଜୁନ ୧୬ ତାରିଖରେ ଭେଟିବ।

ବିଶ୍ୱକପ୍‌ର ଏହି ଦ୍ୱାଦଶ ସଂସ୍କରଣରେ ଭାରତ ତା'ର ପ୍ରଦର୍ଶନ ମାଧ୍ୟମରେ କ୍ରିକେଟ୍ ପ୍ରେମୀମାନଙ୍କର ଫେଭରାଇଟ୍ ରହିଥିବା ବେଳେ ସାଉଥ୍ ଆଫ୍ରିକା ଏବଂ ଅଷ୍ଟ୍ରେଲିଆ ମଧ୍ୟ ଦୃଢ ଦାବିଦାର ରହିଛନ୍ତି। ଅଷ୍ଟ୍ରେଲିଆ ଦଳକୁ ଷ୍ଟିଭ ସ୍ମିଥ ଏବଂ ଡେଭିଡ ୱାର୍ନର ପ୍ରତ୍ୟାବର୍ତ୍ତନ କରିଛନ୍ତି। ଫଳରେ ଅଷ୍ଟ୍ରେଲିଆ ନିଶ୍ଚିତ ଅଧିକ ଶକ୍ତିଶାଳୀ ହେବ। ଟୁର୍ନାମେଣ୍ଟର କାଉଣ୍ଟଡାଉନ ଆରମ୍ଭ ହେବା ସହିତ ବିବାଦ ଆରମ୍ଭ ହୋଇଯାଇଛି। ଟୁର୍ନାମେଣ୍ଟକୁ ଅଧିକ କାଟଛାଣ୍ଟ କରି ଅଳ୍ପଦିନରେ ସାରିବାକୁ ଚାହିଁଥିବା ଆଇସିସି ଏଥିପାଇଁ ବେଶ୍ ସମାଲୋଚିତ ହୋଇଛି। ଫଳରେ ଆସୋସିଏଟସ୍ ମେମ୍ବରମାନଙ୍କଠାରୁ ଆଇସିସିକୁ କଡା ସମାଲୋଚନା କରାଯାଇଛି। ଲଣ୍ଡନ ଷ୍ଟାଡିୟମ ଆଇସିସିର ଟୁର କାର୍ଯ୍ୟ ତାଲିକାରେ ପ୍ରଥମେ ନ ଥିଲା। ପରବର୍ତ୍ତୀ ଅବସ୍ଥାରେ ଏହାକୁ ସାମିଲ କରାଯାଇଛି। ଏହାକୁ ମଧ୍ୟ ବିରୋଧ କରାଯାଇଅଛି। କାରଣ ଆଇସିସି ନିୟମ ଅନୁସାରେ ଷ୍ଟାଡିୟମର ବାଉଣ୍ଡାରି ଅତି ଛୋଟ ରହିଛି।

ଆଇପିଏଲ୍‌ର ୨୦୧୯ ସଂସ୍କରଣ ମାର୍ଚ୍ଚ ୧୧ତାରିଖରେ ଆରମ୍ଭ ହୋଇ ମେ ୧୯ତାରିଖରେ ଶେଷ ହେବ। ଅନ୍ୟପକ୍ଷରେ ମେ ୩୦ ତାରିଖରେ ବିଶ୍ୱକପ୍ ଆରମ୍ଭ ହେବାର କାର୍ଯ୍ୟସୂଚୀ ପ୍ରକାଶିତ ହୋଇଛି। ଫଳସ୍ୱରୂପ ଲୋଧା କମିଟି ସୁପାରିସ୍ ଅନୁସାରେ ୧୫ ଦିନ ବ୍ୟବଧାନ ପରେ ଭାରତ ମେ ୫ତାରିଖରୁ ତା'ର ବିଶ୍ୱକପ୍ ଅଭିଯାନ ଆରମ୍ଭ କରିବ। ଭାରତ ତା'ର ପ୍ରଥମ ମ୍ୟାଚ୍ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଖେଳିବ। କ୍ରିକେଟ୍‌ପ୍ରେମୀଙ୍କ ମନରେ ଉତ୍ସାହ ଏବଂ ଉଦ୍ଦିପନା ଭରିଦେବା ପାଇଁ ସମସ୍ତ ମେଗା ଟୁର୍ନାମେଣ୍ଟରେ ଭାରତ ସହ ପାକିସ୍ତାନର ମ୍ୟାଚ ଆରମ୍ଭ ହୋଇଥାଏ। ପୂର୍ବରୁ ୨୦୧୫ ବିଶ୍ୱକପ୍ (ଅଷ୍ଟ୍ରେଲିଆ) ଏବଂ ୨୦୧୭ ଚାମ୍ପିୟନ୍ସ ଟ୍ରଫି (ଇଂଲଣ୍ଡ) ରେ ଭାରତ ଏବଂ ପାକିସ୍ତାନ ପ୍ରଥମେ ମୁହାଁମୁହିଁ ହୋଇଥିଲେ। ଏଥର ଗ୍ରୁପ୍ ପର୍ଯ୍ୟାୟ ବ୍ୟବସ୍ଥାକୁ ଏଡାଇ ଦିଆଯାଇଛି। ଅଧିକ ଟିମକୁ ସୁଯୋଗ ନ ମିଳିବା ଫଳରେ ଆସୋସିଏଟ୍ ମେମ୍ବର୍ସ ଦେଶଗୁଡିକ ଏବେଠାରୁ ଆଇସିସି ଉପରେ ଚାପ ପକାଇଛନ୍ତି। ଆଇପିଏଲର ଦୀର୍ଘ କ୍ୟାଲେଣ୍ଡର ଅନ୍ତର୍ଜାତୀୟ କ୍ରିକେଟ୍‌ର ଦ୍ୱିପାକ୍ଷିକ ସିରିଜ୍‌କୁ ପ୍ରଭାବିତ କରିଛି ବୋଲି ଅଭିଯୋଗ କରିବା ଆଇସିସି ପାଇଁ ନୂଆ ସମସ୍ୟା ସୃଷ୍ଟି କରିଛି। ଆଉ ଏକ ସଫଳ ଏକଦିବସୀୟ ବିଶ୍ୱକପ୍ ଆୟୋଜନ କରିବା ପାଇଁ ଆଇସିସି ତରଫରୁ ତତ୍ପରତା ପ୍ରକାଶ ପାଇଛି। କ୍ରିକେଟ୍‌ପ୍ରେମୀମାନେ ଏପରି ଏକ ମେଗା ଟୁର୍ନାମେଣ୍ଟକୁ ଅତି ଉତ୍କଣ୍ଠାର ସହିତ ଅପେକ୍ଷା କରି ରହିଛନ୍ତି। ବର୍ତ୍ତମାନ ଅନେକ ଦ୍ୱିପାକ୍ଷିକ ସିରିଜ ଖେଳାଯାଉଛି। ସମସ୍ତ ଦେଶର କ୍ରିକେଟ୍ ବୋର୍ଡମାନେ ଏକଦିବସୀୟ ଏବଂ ଟି୨୦ ମ୍ୟାଚ ଉପରେ ବିଶେଷ ଗୁରୁତ୍ୱ ଦେଉଛନ୍ତି। ବିଭିନ୍ନ ବୋର୍ଡ ସେମାନଙ୍କ ଷ୍ଟାର ଖେଳାଳିମାନଙ୍କୁ ଆଘାତଜନିତ ସମସ୍ୟା ଠାରୁ ଦୂରେଇ ରଖିବା ପାଇଁ ବିଶ୍ରାମ ଦେବାକୁ ନିଷ୍ପତ୍ତି ନେଇଛନ୍ତି। ବିଶ୍ୱର ସର୍ବଶ୍ରେଷ୍ଠ ଟି୨୦ ଲିଗ୍ ଆଇପିଏଲ ପରେ ପରେ ଏହି ବିଶ୍ୱକପ୍ ଆରମ୍ଭ ହେଉଥିବାରୁ କ୍ରିକେଟ୍‌ପ୍ରେମୀ ବେଶ୍ ଉତ୍ସାହିତ ଅଛନ୍ତି। ଇଂଲଣ୍ଡର ପରିବେଶରେ ଆଉ ଏକ ରୋମାଞ୍ଚକ ଏକଦିବସୀୟ ବିଶ୍ୱକପ୍ ଜିତିବା ପାଇଁ ସମସ୍ତ ଆଇସିସି ମାନ୍ୟତାରେ ଥିବା ଶ୍ରେଷ୍ଠ ଦଳଗୁଡିକ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ଦେଖିବାକୁ ମିଳିବ। ଏହି ବିଶ୍ୱକପ ଅବସରରେ ବହୁ ରୋମାଞ୍ଚକର ମ୍ୟାଚ ହେବା ସହିତ ଅନେକ ନୂତନ କୀର୍ତ୍ତିମାନ ସ୍ଥାପନ ହେବାର ଯଥେଷ୍ଟ ସମ୍ଭାବନା ରହିଛି।

## ବିଶ୍ୱକପ୍- ୨୦୧୯


ତାରିଖ: ୩୦ ମେ- ୧୪ ଜୁଲାଇ
କ୍ରିକେଟ ଫର୍ମାଟ: ଦିନିକିଆ
ଟୁର୍ନାମେଣ୍ଟ ଫର୍ମାଟ: ରାଉଣ୍ଡ ରବିନ ଆଣ୍ଡ ନକ୍ଆଉଟ୍
ଆୟୋଜକ: ଇଂଲଣ୍ଡ ଆଣ୍ଡ ୱେଲ୍ସ
ଦଳ: ୧୦
ମ୍ୟାଚ୍ ସଂଖ୍ୟା: ୪୮

## ଅଂଶଗ୍ରହଣକାରୀ ଦେଶ

ଆୟୋଜକ- ଇଂଲଣ୍ଡ
ଅଟୋମେଟିକ କ୍ୱାଲିଫିକେଶନ- ଅଷ୍ଟ୍ରେଲିଆ, ବାଂଲାଦେଶ, ଭାରତ, ନ୍ୟୁଜିଲାଣ୍ଡ, ପାକିସ୍ତାନ, ଦକ୍ଷିଣ ଆଫ୍ରିକା, ଶ୍ରୀଲଙ୍କା
କ୍ୱାଲିଫାୟର- ଆଫ୍‌ଗାନିସ୍ତାନ, ୱେଷ୍ଟଇଣ୍ଡିଜ୍

## ଭେନ୍ୟୁ

ଏଜବାଷ୍ଟନ (ବର୍ମିଂହାମ), ବ୍ରିଷ୍ଟଲ କାଉଣ୍ଟି ଗ୍ରାଉଣ୍ଡ (ବ୍ରିଷ୍ଟଲ), ସୋଫିଆ ଗାର୍ଡେନ୍ସ (କାର୍ଡିଫ୍), ରିଭରସାଇଡ୍ ଗ୍ରାଉଣ୍ଡ (ଚେଷ୍ଟର- ଲି- ଷ୍ଟ୍ରିଟ୍), ହେଡିଙ୍ଗଲି (ଲିଡ୍ସ), ଲର୍ଡ୍ସ (ଲଣ୍ଡନ), ଦି ଓଭାଲ (ଲଣ୍ଡନ), ଓଲ୍ଡ ଟ୍ରାଫୋର୍ଡ (ମାଞ୍ଚେଷ୍ଟର), ଟ୍ରେଣ୍ଟ ବ୍ରିଜ୍ (ନଟିଂହାମ), ରୋଜ ବାଓଲ୍ (ସାଉଥାମ୍ପଟନ୍), କାଉଣ୍ଟି ଗ୍ରାଉଣ୍ଡ (ଟନ୍‌ଟନ)







# ଲିନ୍ ଡାନ୍ : ପ୍ରତୀକ୍ଷା ଶେଷ



ରୁଦ୍ର ପ୍ରସନ୍ନ ରଥ

ସେ ହେଉଛନ୍ତି ପାଞ୍ଚଥରର ବିଶ୍ୱ ଚାମ୍ପିୟନ। ମାତ୍ର ଗତ ଦୁଇବର୍ଷଧରି ତାଙ୍କ ଖେଳ ଦେଖିଲେ ଲାଗୁଥିଲା ଯେପରି ସେ ନିଜର ଫର୍ମ ହରାଇଛନ୍ତି। ଜିତିବାର କୌଶଳ ଭୁଲିଯାଇଛନ୍ତି। ଯେଉଁ ଯାଦୁକରୀ ଏବଂ ପ୍ରଭାବୀ ପ୍ରଦର୍ଶନ ବଳରେ ସେ ବିଶ୍ୱ ବ୍ୟାଡମିଣ୍ଟନରେ ନିଜର ସ୍ୱକୀୟ ପରିଚୟ ଛାଡି ଚାଲିଥିଲେ ବୋଧହୁଏ ସେ କଳାକୁ କେହି ହରଣ କରିନେଇଛି। ଗତ ଦୁଇବର୍ଷ ହେଲା ତାଙ୍କ ପାଖରେ ସେମିତି ଦେଖାଇବା ପରି କିଛି ପ୍ରଦର୍ଶନ ନଥିଲା। ସମାଲୋଚକଙ୍କ ମତରେ ତ ଲିନ୍ ଡାନଙ୍କ କ୍ୟାରିୟରର ଦୀପ ପ୍ରାୟ ଲିଭି ଆସୁଥିଲା। ୨୦୧୯ ର ଆରମ୍ଭ ବି ସେମିତି କିଛି ଖାସ୍ ନଥିଲା। ବର୍ଷର ପ୍ରଥମ ତିନିମାସ ମଧ୍ୟରେ ଖେଳାଯାଇଥିବା ଇଣ୍ଡୋନେସିଆ, ଜର୍ମାନୀ ଏବଂ ଅଲ ଇଂଲଣ୍ଡ ଓପନର ପ୍ରଥମ କେଇ ରାଉଣ୍ଡରୁ ବାଦ୍ ପଡୁଥିଲେ ସେ। ଯେଉଁ ଲିନ୍ ଡାନଙ୍କୁ ଦୁନିଆ ବ୍ୟାଡମିଣ୍ଟନ କୋର୍ଟରେ ସମ୍ମାନ ଦେଉଥିଲେ ତାଙ୍କ ପ୍ରଦର୍ଶନ ସେହି ତୁଳନାରେ କେବଳ ଛାୟାମାତ୍ର ଥିଲା। ଏହି ଚାଇନା ଯୋଦ୍ଧାଙ୍କର ପ୍ରଦର୍ଶନ ଏତେ ତଳକୁ ଖସିଥିଲା ଯେ ଏବେ ତାଙ୍କର ବିଶ୍ୱ ର୍ୟାଙ୍କିଙ୍ଗ୍‌ରେ ସ୍ଥାନ ୧୬କୁ ଖସି ଆସିଥିଲା। ବଡ ପ୍ରତିଯୋଗିତାରେ ସଫଳତା ନ ମିଳିଲେ ସେ ଖୁବ୍ ଶୀଘ୍ର କ୍ୟାରିୟରକୁ ଅଲବିଦା କହିପାରନ୍ତି ବୋଲି ଆଲୋଚନା ମଧ୍ୟ ହେଉଥିଲା। ମାତ୍ର ଏ ସବୁ ଆଲୋଚନାକୁ ଖାତିର ନକରି ସେ ଫିନିକ୍ସ ପକ୍ଷୀ ପରି ଝାଡିଝୁଡି ହୋଇ ଉଠିବସିଲେ। ଯେଉଁ କ୍ୟାରିୟରର ଗ୍ରାଫ ରସାତଳଗାମୀ ହୋଇ ଚାଲୁଥିଲା ତାକୁ ଗୋଟିଏ ଝଟ୍‌କାରେ ସେ ଉପରକୁ ଉଠାଇନେଲେ ମାଲେସିଆନ ଓପନ ଜିତିକରି। ୭୮ ମିନିଟର ଏହି ମ୍ୟାଚ୍‌ରେ ସେ ହରାଇଲେ ନିଜ ଦେଶର ଅନ୍ୟତମ ପ୍ରସିଦ୍ଧ ଖେଳାଳି ଚେନ୍ ଲଙ୍ଗ୍‌ଙ୍କୁ। ସେ ବି ପୁଣି ପ୍ରଥମ ଗେମରେ ହାରି। ଫାଇନାଲ ସ୍କୋର ଲାଇନ ଥିଲା ୯-୨୧, ୨୧-୭ ଆଉ ୨୧-୧୧। ଚେନଙ୍କ ବିପକ୍ଷରେ ଏହି ବିଜୟ କଷ୍ଟସାଧ୍ୟ ଥିଲା କାରଣ ଚେନ୍ ପୂରା ଫର୍ମରେ ଥିଲେ ଏବଂ ଏହି ପ୍ରତିଯୋଗିତାରେ ଚେନ୍ ନିଜ ପ୍ରତିପକ୍ଷ ଖେଳାଳିଙ୍କ ବିରୋଧରେ ସିଧାସଳଖ ଜିତି ଆସିଥିଲେ। ମାତ୍ର ଲିନ୍‌ଙ୍କର ବେଶ୍ ପ୍ରିୟ ନେଟ୍ ପାଖରେ ଖେଳ ଏବଂ ଫ୍ରଣ୍ଟକୋର୍ଟ ସ୍ମାଶ୍ ଆଗରେ ମୁଣ୍ଡ ନୁଆଇଁଥିଲେ ଚେନ୍। ଚେନ୍ ପ୍ରଥମ ସେଟ୍ ଜିତିକରି ଲିନ୍‌ଙ୍କ ଉପରେ ଚାପ ସୃଷ୍ଟି କରିଥିଲେ ବି ତାହା ଟୁର୍ନାମେଣ୍ଟ ଜିତିବା ପାଇଁ ପର୍ଯ୍ୟାପ୍ତ ନ ଥିଲା। ଲିନ ମାଲେସିଆରେ କିଛି ଅଲଗା କରି ଦେଖାଇବାକୁ ଚାହୁଁଥିଲେ ଏବଂ ୨୦୧୭ ରେ ମାଲେସିଆନ ଓପନ ଜିତିବା ପରେ ବିଶ୍ୱସ୍ତରରେ ଆଉ କୌଣସି ଚମତ୍କୃତ କଳାପରି ପ୍ରଦର୍ଶନ ଦେଇ ନ ଥିବା ଲିନ୍ ସତରେ ଏଥର ବିଜୟ ସହ ପ୍ରତ୍ୟାବର୍ତ୍ତନ ପାଇଁ ବେଶ୍ ବ୍ୟଗ୍ର ଥିଲେ। ଦୁଇଥର ଅଲିମ୍ପିକ୍ସ ଚାମ୍ପିୟନ ଏହି ମହାନ୍ ଖେଳାଳି ଜଣଙ୍କ ଏଥର କେବଳ ଜିତିବା ପାଇଁ ଚାହୁଁନଥିଲେ ବରଂ ୩୫ ବର୍ଷ ବୟସରେ ମଧ୍ୟ ତାଙ୍କ ପାଖରେ ଆହୁରି ଅନେକ ବ୍ୟାଡମିଣ୍ଟନ ବାକି ଅଛି ତାହା ଦେଖାଇବାକୁ ଚାହୁଁଥିଲେ। ଆଉ ସେଥିରେ ସେ ସଫଳ ହେଲେ ମଧ୍ୟ। ୪୯୦୦୦ ଡଲାର ପୁରସ୍କାର ଅର୍ଥରାଶି ସହ ଏହି ମାଲେସିଆନ୍ ଓପନ ଜିତିବା ସହ ତାଙ୍କର ଖରାପ ସମୟ ଶେଷ ହୋଇଯାଇଛି ବୋଲି ସେ ଘୋଷଣା କରିଥିଲେ। ଆଉ ଏ ପୁରସ୍କାର ସେ ଗ୍ରହଣ କରିଥିଲେ ନିଜ ମାଲେସୀୟ ପ୍ରତିପକ୍ଷ ଲି ଚୋଙ୍ଗ ୱିଙ୍ଗଠାରୁ ଯିଏ କି ନିଜ ନାକରେ କ୍ୟାନ୍‌ସର ପାଇଁ ଏବେ କିଛିଦିନ କୋର୍ଟରୁ ବାହାରେ ଅଛନ୍ତି। ଆଉ ଏହି ଲି ଚୋଙ୍ଗ ୱେଇଙ୍କୁ ହରାଇ ୨୦୧୭ରେ ଲିନ୍ ଡାନ ନିଜର ପ୍ରଥମ ଏବଂ ଏକମାତ୍ର ମାଲେସିଆନ ଓପନ ଟାଇଟଲ ଜିତିଥିଲେ। ବିଗତ ୧୫ ବର୍ଷ ମଧ୍ୟରେ ଅଣସିଡେଡ୍ ଖେଳାଳିମାନଙ୍କ ମଧ୍ୟରେ ପ୍ରଥମ ଖେଳାଳିଭାବେ ଏହି ପ୍ରତିଯୋଗିତା ଜିତିବାର ରେକର୍ଡ ମଧ୍ୟ ଲିନ୍ କରିଛନ୍ତି। ଲିନ୍ ଡାନ୍‌ଙ୍କର ଏହି ବିଜୟ ସାରା ବିଶ୍ୱରେ ପ୍ରମାଣିତ କରୁଛି ଯେ ଏବେବି ଲିନ, ଲି ଏବଂ ଲଙ୍ଗଙ୍କର କ୍ୟାରିୟର ଶେଷ ହୋଇନାହିଁ। ୨୦୨୦ ଜାପାନ ଅଲିମ୍ପିକ୍ସ ପାଇଁ ସମସ୍ତେ ନିଜକୁ ପ୍ରସ୍ତୁତ କରୁଛନ୍ତି। ଯାହା ଜଣା ପଡୁଛି ଏହି ତିନିଜଣ ହିଁ ସେଠାରେ ପୋଡିୟମ ଫିନିସ୍ କରିବେ। ତେବେ ଲିନ ତାଙ୍କ ମାଲେସିଆ ଓପନର ସଫଳତା ଆଗାମୀ ଦିନରେ ବଜାୟ ରଖିବା ପାଇଁ କେତେଦୂର ସମର୍ଥ ହେଉଛନ୍ତି ତାହା ଉପରେ ହିଁ ତାଙ୍କ କ୍ୟାରିୟରର ଭବିଷ୍ୟତ ନିର୍ଭର କରିବ।



## ଚାନ୍ସ

ପଞ୍ଜାବ ହାତରୁ ମ୍ୟାଚ୍ ଛଡାଇ
ପୋଲାର୍ଡ ପାୱାର ମ୍ୟାନ
ଏକତିରିଶ ବଲ୍‌ରୁ ଦଶ ଛକା ସହ
କଲା ତେୟାଅଶୀ ରନ
କାମଚଲା କ୍ୟାପଟେନ୍
ମୁମ୍ବାଇର ନାଆ ବୁଡିଗଲା ବେଳେ
ରଖିଲା ଦଳର ମାନ।।୧

ସର୍ବଭାରତୀୟ ଫୁଟବଲ ଫେଡେରେଶନ
ସଭାପତି ୱିସ୍ ଘେନ
ଫାଷ୍ଟ ଇଣ୍ଡିଆନ ଭାବେ ପାଇବାରୁ
ଫିଫା ପ୍ୟାନେଲରେ ସ୍ଥାନ
ପ୍ରଫୁଲ୍ଲ ପଟେଲ ପୁନଃ
ଚାନ୍ସ ପାଇ ଲେଡି ଫିଫା ୱାର୍ଲ୍ଡ କପ୍
କରିବ ସେ ଆୟୋଜନ।।୨

ୱାର୍ଲ୍ଡ କପ୍ କ୍ରିକେଟ ବିଗୁଲ ବାଜିଲାଣି
କିଏ କରେ ରଣନୀତି
ଆଉ କେଉଁ ଦଳ ବଛା ବଛା ଯୋଦ୍ଧା
ସିଲେକ୍‌ଶନ କରେ ନିତି
ଟିମ୍ ବାଘ ଅଛି ମାତି
ଏ ଚାନ୍ସ ନ ଛାଡ଼ି ୱାର୍ଲ୍ଡକପ୍ ଆଣ
ଟିମ ରଥୀ ମହାରଥୀ।।୩

-ସୁବାସ ଚନ୍ଦ୍ର ପ୍ରଧାନ



ସମସ୍ତ ଋଣପ୍ରଦାନକାରୀଙ୍କୁ ସେମାନଙ୍କ ବକେୟା ଫେରସ୍ତ କରାଯିବ। ଏସେଲ ଗ୍ରୁପ୍ କାହାର ଟଙ୍କାଟିଏ ରଖିବ ନାହିଁ ।
– ସୁଭାଷ ଚନ୍ଦ୍ରା, ଅଧ୍ୟକ୍ଷ, ଏସେଲ ଗ୍ରୁପ୍



ବିଶ୍ୱ ଅର୍ଥନୀତିର କେନ୍ଦ୍ରବିନ୍ଦୁ ପାଶ୍ଚାତ୍ୟ ଦେଶ ବଦଳରେ ଅଣପାଶ୍ଚାତ୍ୟ ଦେଶ ହେବାକୁ ଯାଉଛି। ଏଣୁ ଆଗାମୀ ଦିନରେ ବର୍ତ୍ତମାନର ବହୁ ଚାକିରୀ ଅଦରକାରୀ ହୋଇଯିବ।
– ଲର୍ଡ ସ୍ୱରାଜ ପଲ୍, ଏନ୍ଆର୍ଆଇ ଶିଳ୍ପପତି

## ସଂକ୍ଷେପରେ

### ବ୍ୟାଙ୍କ ଏନ୍‌ପିଏକୁ ନେଇ ଆଇଏମ୍ଏଫ୍‌ର ପରାମର୍ଶ




**ନୂଆଦିଲ୍ଲୀ,୧୧-୪:** ଭାରତରେ ଅନାଦାୟ ଋଣ (ଏନ୍‌ପିଏ) ଏକ ବଡ଼ ସମସ୍ୟା ହୋଇ ରହିଛି। ଏହାକୁ ଦୃଷ୍ଟିରେ ରଖି ଅନ୍ତଃରାଷ୍ଟ୍ରୀୟ ମୁଦ୍ରା ପାଣ୍ଠି(ଆଇଏମ୍ଏଫ୍) ଭାରତୀୟ ବ୍ୟାଙ୍କଗୁଡ଼ିକ ବିଶେଷ କରି ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକର ପୁଞ୍ଜୀକରଣ ସ୍ତରକୁ ଅଧିକ ସୁଦୃଢ଼ କରିବାକୁ ପରାମର୍ଶ ଦେଇଛି। ଆଇଏମ୍ଏଫ୍‌ର ମୁଦ୍ରା ଏବଂ ପୁଞ୍ଜିବଜାର ବିଭାଗ ପ୍ରମୁଖ ଏନା ଇଲିୟାନା କହିଛନ୍ତି ଯେ, ଆର୍ଥିକ କ୍ଷେତ୍ର ଆକଳନ କାର୍ଯ୍ୟକ୍ରମ (ଏଫ୍ଏସ୍ଏପି)ର ସୁପାରିସ ଅନୁଯାୟୀ ଭାରତକୁ ବ୍ୟାଙ୍କଗୁଡ଼ିକର ପୁଞ୍ଜୀକରଣ ସ୍ତର ମଜଭୁତ କରିବାକୁ ହେବ। ଅନ୍ୟପକ୍ଷରେ ଆଇଏମ୍ଏଫ୍‌ର ମୁଦ୍ରା ଏବଂ ପୁଞ୍ଜିବଜାର ବିଭାଗ ନିର୍ଦ୍ଦେଶକ ତଥା ଆର୍ଥିକ ପରାମର୍ଶଦାତା ଟୋବିସ ଆଡ୍ରିୟନ କହିଛନ୍ତି ଯେ, ଭାରତରେ ବ୍ୟାଙ୍କଗୁଡ଼ିକର ଏନ୍‌ପିଏ ସ୍ତର ଅତ୍ୟଧିକ। ଏ କ୍ଷେତ୍ରରେ ଅନେକ ସୁଧାର ହୋଇଛି। ତେବେ ଭାରତ ପକ୍ଷରୁ ଏନ୍‌ପିଏ କମାଇବା ନେଇ ନିଆଯିବାକୁ ଥିବା ପଦକ୍ଷେପକୁ ଆଇଏମ୍ଏଫ୍ ସ୍ୱାଗତ କରିବ।

### କେୟାର୍ନ ଇଣ୍ଡିଆ ସିଇଓ, ସିଏଫ୍ଓଙ୍କ ଇସ୍ତଫା

**ନୂଆଦିଲ୍ଲୀ,୧୧-୪:** କେୟାର୍ନ ଇଣ୍ଡିଆ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ)ସୁଧୀର ମାଥୁର କମ୍ପାନୀରୁ ଇସ୍ତଫା ଦେଇଛନ୍ତି। ଶିଳ୍ପପତି ଅନିଲ ଅଗ୍ରୱାଲଙ୍କ ନେତୃତ୍ୱାଧୀନ ବେଦାନ୍ତ ଗ୍ରୁପ୍ ୭ ବର୍ଷ ପୂର୍ବେ କେୟାର୍ନକୁ ଅଧିଗ୍ରହଣ କରିଥିଲା, ଯାହା ପରେ ଇସ୍ତଫା ଦେବାରେ ସୁଧୀର ଚତୁର୍ଥ ସିଇଓ ହୋଇଛନ୍ତି। ଏହି ଘଟଣାକ୍ରମ ସହ ପରିଚିତ ଜଣେ ଅଧିକାରୀ କହିଛନ୍ତି ଯେ, ସୁଧୀରଙ୍କ ସମେତ କେୟାର୍ନ ଇଣ୍ଡିଆର ମୁଖ୍ୟ ଆର୍ଥିକ ଅଧିକାରୀ(ସିଏଫ୍ଓ) ପଙ୍କଜ କାଲରା ମଧ ନିଜ ପଦରୁ ଇସ୍ତଫା ଦେଇଛନ୍ତି। ବିଶ୍ୱସ୍ତ ସୂତ୍ରରୁ ପ୍ରକାଶ ଯେ, ମାଥୁର ମାସକ ପୂର୍ବରୁ ଇସ୍ତଫା ଦେଇଥିଲେ, କିନ୍ତୁ ଏହାକୁ ଗତ ସପ୍ତାହରେ ସାର୍ବଜନୀନ କରାଯାଇଛି। ସେ ଏବେ ନୋଟିସ ପିରିୟଡରେ କାମ କରୁଛନ୍ତି, ଯାହାକି ମେ'ରେ ଶେଷ ହେବ। କିନ୍ତୁ ସେ ଚଳିତ ମାସ ଶେଷରେ କମ୍ପାନୀ ଛାଡ଼ି ପାରନ୍ତି ବୋଲି ଶୁଣାଯାଉଛି।

### ଶେୟାରଧାରୀଙ୍କୁ ମିଳିପାରେ ୧.୧୦ ଲକ୍ଷ କୋଟି ଲାଭାଂଶ

**ମୁମ୍ବାଇ,୧୧-୪:** ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜରେ ତାଲିକାଭୁକ୍ତ ଶୀର୍ଷ ୫୦୦ କମ୍ପାନୀ ମଧ୍ୟରୁ ୭୫ଟି ଶେୟାରଧାରୀଙ୍କୁ ଲାଭାଂଶ ଅଥବା ପୁନଃଖରିଦ ଜରିଆରେ ୧.୧୦ ଲକ୍ଷ କୋଟି ଟଙ୍କା ଦେଇପାରେ। ପରାମର୍ଶ ଦେଉଥିବା କମ୍ପାନୀ ଇନ୍‌ଷ୍ଟିଚ୍ୟୁଶନାଲ ଇନ୍‌ଭେଷ୍ଟର ଆଡ୍‌ଭାଇଜରୀ ସର୍ଭିସେସ୍ ଇଣ୍ଡିଆ ୫୦୦ କମ୍ପାନୀଙ୍କ ଗତବର୍ଷର ଫଳାଫଳ ଅଧ୍ୟୟନ କରିବା ପରେ ପ୍ରସ୍ତୁତ ରିପୋର୍ଟରେ ଏହା କହିଛି। କମ୍ପାନୀ ପକ୍ଷରୁ ଗତବର୍ଷର ରିପୋର୍ଟରେ ୯୨ କମ୍ପାନୀଙ୍କୁ ଚିହ୍ନଟ କରାଯାଇଥିଲା, ଯିଏ କି ୩୪ ହଜାର କୋଟି ଟଙ୍କାର ଲାଭାଂଶ ଦେବାକୁ ସକ୍ଷମ ଥିଲେ।

# ଗୋୟଲଙ୍କ ଜେଟ୍ କବ୍‌ଜା ଅଭିଯାନ

**ନୂଆଦିଲ୍ଲୀ,୧୧-୪**



- ମାତ୍ର ୧୪ ବିମାନ ଉଡ଼ୁଛି
- ପିଏନ୍‌ବିରେ ବନ୍ଧା ପକାଇଲେ ୨୬% ଶେୟାର
- ଗୋୟଲଙ୍କୁ ମିଳିଛି ୫.୭୯ କୋଟି ଶେୟାର
- ସମସ୍ତ ଅନ୍ତର୍ଜାତୀୟ, ପୂର୍ବ-ଉତ୍ତରପୂର୍ବ ଭାରତର ଉଡ଼ାଣ ରଦ୍ଦ

ଜେଟ୍ ଏୟାରୱେଜର ଅଂଶଧନ କିଣି ଏହାକୁ କବ୍‌ଜା କରିବା ଲାଗି ପୂର୍ବତନ ଅଧ୍ୟକ୍ଷ ନରେଶ ଗୋୟଲ ଏବେ ଅଣ୍ଟା ଭିଡ଼ିଛନ୍ତି। ଏକ୍ସପ୍ରେସନ ଅଫ୍ ଇଣ୍ଟ୍ରେଷ୍ଟ(ଇଓଆଇ) ଦାଖଲ କରିବା ଲାଗି ଶୁକ୍ରବାର ଶେଷ ଦିନ ହୋଇଥିବା ବେଳେ ନିର୍ଦ୍ଧାରିତ ସମୟସୀମା ପୂର୍ବରୁ ସେ ତାଙ୍କର ଆଗ୍ରହପତ୍ର ଦାଖଲ କରିବେ ବୋଲି ଆଶାକରାଯାଉଛି। ଇତିମଧ୍ୟରେ ଜେଟ୍ ଏୟାରୱେଜରେ ଥିବା ନିଜର ୨୬ ପ୍ରତିଶତ ଅଂଶଧନକୁ ଗୋୟଲ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ନିକଟରେ ସେ ବନ୍ଧା ପକାଇଛନ୍ତି। ଏହା ଋଣ ଲାଗି ସୁରକ୍ଷା ଗ୍ୟାରେଣ୍ଟି କୁହାଯାଉଛି। ସୂଚନାଥାଉ କି, ଋଣ ସମାଧାନ ଯୋଜନା ଅଧୀନରେ ଗୋୟଲ ଓ ତାଙ୍କ ସ୍ତ୍ରୀ ଅନୀତା ଗୋୟଲ ଗତ ମାସରେ ଜେଟ୍ ଏୟାରୱେଜ ବୋର୍ଡରୁ ଇସ୍ତଫା ଦେଇଥିଲେ। ଗୁରୁବାର ଜେଟ୍ ଏୟାରୱେଜ ଶେୟାର ବଜାରକୁ ସୂଚନା ଦେଇ କହିଛି ଯେ, ଗୋୟଲ ପିଏନ୍‌ବି ନିକଟରେ ୨.୯୫ କୋଟି ଶେୟାର ଅର୍ଥାତ୍ ୨୬.୦୧ ପ୍ରତିଶତ ଅଂଶଧନକୁ ବନ୍ଧା ପକାଇଛନ୍ତି। ଗୁରୁବାର ଗୋୟଲଙ୍କୁ ୫.୭୯ କୋଟିରୁ ଅଧିକ ଶେୟାର ଜାରି କରାଯାଇଥିଲା। ଏହାକୁ କମ୍ପାନୀ ପକ୍ଷରୁ ବିକ୍ରି ହୋଇପାରିବନି ଶ୍ରେଣୀରେ ରଖାଯାଇଛି। ଜେଟ୍‌ର ନିଲାମୀ ନରେଶ ଗୋୟଲ, ଏଟିହାଦ ସମେତ ସମସ୍ତ ଆର୍ଥିକ ସଂସ୍ଥା, ଏୟାରଲାଇନ୍ସ ଅଂଶଗ୍ରହଣ କରିପାରିବେ ବୋଲି ଏସ୍‌ବିଆଇ ଅଧ୍ୟକ୍ଷ ରଜନୀଶ କୁମାର ଗତ ମାସରେ କହିଥିଲେ। ଅନ୍ୟପକ୍ଷରେ ଗୁରୁବାର ସୁଦ୍ଧା ଜେଟ୍‌ର ମାତ୍ର ୧୪ ବିମାନ ଉଡ଼ାଣ ଭରୁଛି। ତେବେ ସରକାରଙ୍କ ନିୟମ ଅନୁଯାୟୀ ବିଦେଶରେ ଉଡ଼ାଣ ଭରିବାକୁ ହେଲେ କମ୍ପାନୀ ନିକଟରେ ଅତିକମ୍‌ରେ ୨୦ ବିମାନ ରହିବା ଆବଶ୍ୟକ ବୋଲି ଡିଜିସିଏର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ଏହି କାରଣରୁ ଏହାର ଅନ୍ତର୍ଜାତୀୟ ରୁଟ୍‌ରେ ଉଡ଼ାଣ ଯୋଗ୍ୟତାର ପରୀକ୍ଷା କରାଯିବ ବୋଲି ବେସାମରିକ ବିମାନ ଚଳାଚଳ ସଚିବ ପ୍ରଦୀପ ସିଂ ଖରୋଲା କହିଛନ୍ତି। ଅପରପକ୍ଷରେ ସିଙ୍ଗାପୁର ସମେତ ସମସ୍ତ ଅନ୍ତର୍ଜାତୀୟ ଉଡାଣକୁ ଜେଟ୍ ଏୟାରୱେଜ୍ ରଦ୍ଦ କରିଦେଇଛି। ଏହି କାରଣରୁ ଯାତ୍ରୀମାନଙ୍କୁ ବିକଳ୍ପ ସନ୍ଧାନ କରିବାକୁ ପରାମର୍ଶ ଦିଆଯାଇଛି। ଅନ୍ୟପକ୍ଷରେ ମାତ୍ର ୧୪ ବିମାନ ସହାୟତାରେ ଉଡ଼ାଣ ଭରିବା ଅସମ୍ଭବ ମନେ କରି ଜେଟ୍ ଏୟାରୱେଜ ଗୁରୁବାରଠାରୁ ପୂର୍ବ ଓ ଉତ୍ତର-ପୂର୍ବ ଭାରତକୁ ଏହାର ସମସ୍ତ ଉଡ଼ାଣକୁ ରଦ୍ଦ କରିଦେଇଛି। ଫଳରେ କୋଲକାତା, ପାଟନା, ଗୌହାଟୀ ଏବଂ ଅନ୍ୟ ସ୍ଥାନରୁ ଜେଟ୍‌ର ବିମାନ ଉଡ଼ାଣ ବନ୍ଦ କରାଯାଇଛି। ଅପରପକ୍ଷରେ ଜେଟ୍ ଏୟାରୱେଜ ପକ୍ଷରୁ କୁହାଯାଇଛି ଯେ, ଅପରେଶନାଲ କାରଣରୁ ମୁମ୍ବାଇ-କୋଲକାତା, କୋଲକାତା-ଗୌହାଟୀ ଏବଂ ଡେରାଡୁନ-ଗୌହାଟୀ ଭାୟା କୋଲକାତା ଉଡ଼ାଣକୁ ଶୁକ୍ରବାର ବନ୍ଦ କରାଯାଇଛି। ପୂର୍ବରୁ ଟିକେଟ କାଟିଥିବା ଯାତ୍ରୀମାନଙ୍କୁ ସେମାନଙ୍କ ଅର୍ଥ ଫେରସ୍ତ ପାଇଁ ବ୍ୟବସ୍ଥା କରାଯାଉଛି ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।

## ଶକ୍ତିଶାଳୀ ଇଞ୍ଜିନ ସହ ଆସିଲା ନୂଆ ଡୋମିନାର ୪୦୦



**ନୂଆଦିଲ୍ଲୀ,୧୧-୪**

ବଜାଜ ଅଟୋ ଲିମିଟେଡ ପକ୍ଷରୁ ୨୦୧୯ର ନୂଆ ଡୋମିନାର ୪୦୦ ମଡେଲ ବଜାରକୁ ଆସିଛି। ଏହା ଜାତୀୟ ତଥା ଓଡିଶା ବଜାରରେ ଉନ୍ମୋଚିତ ହୋଇ ସାରିଛି। ମଡେଲଟି ଶକ୍ତିଶାଳୀ ଇଞ୍ଜିନ ବୈଶିଷ୍ଟ୍ୟ ସହ ଆସୁଛି। ଏଥିରେ ଡୁଆଲ ଚ୍ୟାନେଲ ଏବିଏସ୍ ସିଷ୍ଟମକୁ କମ୍ପାନୀ ସ୍ଥାନିତ କରିଛି। ଅରୋରା ଗ୍ରୀନ ଏବଂ ଭାଇନ ବ୍ଲାକ କଲର ବିକଳ୍ପରେ ଏହା ଉପଲବ୍ଧ। ୩୭୩.୨୭ ସିସିର ଲିକ୍ୟୁଡ କୁଲଡ ଇଞ୍ଜିନ ଗ୍ରାହକଙ୍କ ଦ୍ୱାରା ବେଶ ଆଦୃତ ହେବ ବୋଲି କମ୍ପାନୀ ଆଶାବାଦୀ ରହିଛି। ସ୍ପୋର୍ଟସ ଟୁରର ଭାବେ ଜଣାଶୁଣା ଏହି ବାଇକ ଘଣ୍ଟାପ୍ରତି ସର୍ବାଧିକ ବେଗ ୧୫୬ କିମି ରହିଛି। ଡୋମିନାର ୪୦୦ ଦୀର୍ଘପଥ ଯାତ୍ରା ଲାଗି ସିଟି ରାଇଡରଙ୍କ ଏକ ପସନ୍ଦ ଯୋଗ୍ୟ ମଡେଲ ହୋଇ ପାରିଛି ବୋଲି ବଜାଜ ଅଟୋର ମୋଟର ସାଇକେଲ ସଭାପତି ସାରଙ୍ଗ କନାଦେ ସୂଚନା ଦେଇଛନ୍ତି। ଚ୍ୟାଲେଞ୍ଜିଂ ଭୌଗୋଳିକ ସ୍ଥିତିରେ ମଧ ଏହି ବାଇକକୁ ଗ୍ରାହକ ନିଜ ଯାତ୍ରାର ସାଥୀ ଭାବେ ବାଛୁଥିବାରୁ ନୂଆ ସ୍ପୋର୍ଟସ ଟୁରର ଯାନକୁ ପ୍ରସ୍ତୁତ କରିବାକୁ ପ୍ରେରଣା ଯୋଗାଇଛି ବୋଲି ସେ କହିଛନ୍ତି। ୨୦୧୭ରେ ଡୋମିନାର ମଡେଲକୁ ବଜାଜ ପ୍ରଥମେ ବଜାରକୁ ଆଣିଥିଲା। ଏଥିରେ ୩୫ ପିଏସ୍ ସୁବିଧା ରହିଥିଲା। ମାତ୍ର ବର୍ତ୍ତମାନ ଆସିଥିବା ମଡେଲଟିରେ ଡିଏଚ୍‌ସି ଇଞ୍ଜିନ ୪୦ ପିଏସ୍ କ୍ଷମତା ରହିଛି। ଏହା ବାଦ ୩୫ ଏନ୍ଏମ୍ ଟର୍କକୁ ଏଥିରେ ସ୍ଥାନିତ କରାଯାଇଛି। ଏହା ୭.୧ ସେକେଣ୍ଡରେ ୦-୧୦୦ କିମି ପ୍ରତି ଘଣ୍ଟା କ୍ଷମତା ଦେଖାଇବ। ନୂଆ ମଡେଲଟି ମୋଜାଇକ ସେପ୍‌ଡ ସହ ଆସୁଛି। ପୁନଃ ଡିଜାଇନ ହୋଇଥିବା ଏହି ମଡେଲ ହେଡ ଲ୍ୟାମ୍ପ, ଅଟୋମେଟିକ ହେଡ ଲାଇଟ ଅନ୍ ଭଳି ଅନ୍ୟାନ୍ୟ ପ୍ରମୁଖ ବୈଶିଷ୍ଟ୍ୟ ସହ ବଜାରରେ ଉପଲବ୍ଧ।

## ରୁଚି ସୋୟା ଅଧିଗ୍ରହଣ ନିକଟତର ହେଲା ପତଞ୍ଜଳି

**ନୂଆଦିଲ୍ଲୀ,୧୧-୪**


ଯୋଗଗୁରୁ ରାମଦେବ

ଯୋଗଗୁରୁ ରାମଦେବଙ୍କ ନେତୃତ୍ୱାଧୀନ କମ୍ପାନୀ ପତଞ୍ଜଳି ଆୟୁର୍ବେଦ ରୁଚି ସୋୟାକୁ କିଣିବା ପ୍ରୟାସ ଜାରି ରହିଛି। ଏହି କମ୍ପାନୀକୁ ଅଧିଗ୍ରହଣ କରିବାର ନିକଟତର ହୋଇଛି ପତଞ୍ଜଳି। ଋଣ ପ୍ରଦାନକାରୀ କମିଟି (ସିଓସି) ମଙ୍ଗଳବାର ବୈଠକରେ ପ୍ରସ୍ତାବିତ ଅଧିଗ୍ରହଣକୁ ଅନୁମୋଦନ କରିଛି। ଏହି ମାମଲା ସହ ଜଡ଼ିତ ଦୁଇ ଜଣ ଏ ସମ୍ପର୍କରେ ପ୍ରକାଶ କରିଛନ୍ତି। ଜଣେ ଅଧିକାରୀ କହିଛନ୍ତି ଯେ, ଏହି କାରବାର ସମ୍ପର୍କରେ ଚଳିତ ମାସରେ ଘୋଷଣା କରାଯିବ। ଅନ୍ୟପକ୍ଷରେ ପତଞ୍ଜଳି ଆୟୁର୍ବେଦ ମୁଖପାତ୍ର ଏସ୍.କେ.ତିଜାରାୱାଲା ମଙ୍ଗଳବାର ସିଓସି ବୈଠକ ବସିଥିବା ସ୍ୱୀକାର କରିଛନ୍ତି। ତେବେ ସେ ଏ ସମ୍ପର୍କରେ ବିସ୍ତୃତ ତଥ୍ୟ ଦେବାକୁ ମନା କରିଦେଇଛନ୍ତି। ଅପରପକ୍ଷରେ ରୁଚି ସୋୟା ପକ୍ଷରୁ ଏଥିନେଇ କିଛି କୁହାଯାଇନାହିଁ। ସୂଚନାଥାଉ କି, ଗତ ମାସରେ ପତଞ୍ଜଳି ଋଣରେ ବୁଡ଼ି ରହିଥିବା ରୁଚି ସୋୟାକୁ କିଣିବା ଲାଗି ନିଲାମ ରାଶିକୁ ବଢ଼ାଇ ୪୩୫୦ କୋଟି ଟଙ୍କା କରିଥିଲା, ଯାହାକି ଆଡାନି ୱିଲମର ଦ୍ୱାରା ଦିଆଯାଇଥିବା ନିଲାମ ରାଶି ୪୧୦୦ କୋଟି ଟଙ୍କା ଠାରୁ ୨୫୦ କୋଟି ଟଙ୍କା ଅଧିକ ଥିଲା। ଉକ୍ତ ୪୩୫୦ କୋଟି ଟଙ୍କା ମଧ୍ୟରୁ ୧୧୫ କୋଟି ଟଙ୍କା କମ୍ପାନୀର ଶେୟାର ରୂପରେ ଦିଆଯିବ ଏବଂ ଅବଶିଷ୍ଟ ୪୨୩୫ କୋଟି ଟଙ୍କା ଋଣପ୍ରଦାନକାରୀଙ୍କୁ ବଣ୍ଟା ଯିବ। ରାଷ୍ଟ୍ରାୟତ୍ତ ଆଇଡିବିଆଇ ବ୍ୟାଙ୍କ ଏବଂ ଏସ୍‌ବିଆଇ ରୁଚି ସୋୟାକୁ ସର୍ବାଧିକ ଋଣ ଦେଇଛନ୍ତି। ଆଡାନି ୱିଲମର ମଧ ଦେବାଳିଆ ହୋଇଯାଇଥିବା ଏହି କମ୍ପାନୀକୁ କିଣିବା ଲାଗି ନିଲାମରେ ଅଂଶଗ୍ରହଣ କରିଥିଲା, କିନ୍ତୁ ନିଲାମୀ ପ୍ରକ୍ରିୟା ବିଳମ୍ବ ହେଉଥିବା କାରଣରୁ ଏହା ପଛକୁ ହଟିଯାଇଛି। ଅନ୍ୟ ଜଣେ ଅଧିକାରୀ କହିଛନ୍ତି ଯେ, ପତଞ୍ଜଳି ପକ୍ଷରୁ ୪୨୩୫ କୋଟି ଟଙ୍କା ଦେବା ସମ୍ପର୍କରେ ଋଣପ୍ରଦାନକାରୀ ବ୍ୟାଙ୍କଗୁଡ଼ିକୁ ଜଣାଇ ଦିଆଯିବ। ପାଣ୍ଠି ଅର୍ଥକୁ ନିଜ ନିଜ ଭିତରେ ବାଣ୍ଟିବା ଲାଗି ସିଓସିର ବୈଠକ ଚଳିତ ମାସ ତୃତୀୟ ସପ୍ତାହରେ ବସିବାକୁ ଯାଉଛି ବୋଲି ସେ କହିଛନ୍ତି। ଉଲ୍ଲେଖଥାଉ କି, ରୁଚି ସୋୟା ଉପରେ ଏବେ ପାଖାପାଖି ୧୨ ହଜାର କୋଟି ଟଙ୍କାର ଋଣ ରହିଛି। ଏହା ନିକଟରେ ନ୍ୟୁଟ୍ରେଲା, ମହାକୋଷ, ସନରିଚ, ରୁଚି ଷ୍ଟାର ଏବଂ ରୁଚି ଗୋଲ୍ଡ ଭଳି ବ୍ରାଣ୍ଡ ରହିଛି। ଷ୍ଟାଣ୍ଡାର୍ଡ ଚାର୍ଟାର୍ଡ ବ୍ୟାଙ୍କ ଏବଂ ଡିବିଏସ୍ ବ୍ୟାଙ୍କ ପକ୍ଷରୁ ଆଗତ ଆବେଦନ ଉପରେ ବିଚାର କରାଯିବା ପରେ ରୁଚି ସୋୟାକୁ ଏନ୍‌ସିଏଲ୍‌ଟିଙ୍କ ନିକଟରେ ଦେବାଳିଆ ପ୍ରକ୍ରିୟା ପାଇଁ ପଠାଯାଇଥିଲା।

## ଆମେରିକାରେ ନିବେଶକଙ୍କ ସହ ଜେଟ୍‌ଲୀଙ୍କ ଆଲୋଚନା

**ନ୍ୟୁୟର୍କ,୧୧-୪**

ଭାରତର ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ ଦେଶର ଆର୍ଥିକ ସଂସ୍କାର ଏବଂ ଭବିଷ୍ୟତର ଆର୍ଥିକ ଦୃଶ୍ୟପଟ ନେଇ ନିବେଶକମାନଙ୍କ ସହ ଆଲୋଚନା କରିଛନ୍ତି। ଏଠାରେ ଭାରତୀୟ ମହାବାଣିଜ୍ୟ ଦୂତାବାସରେ ଏହି ଆଲୋଚନା ହୋଇଥିଲା। ଦୂତାବାସ ପକ୍ଷରୁ ଏ ସଂକ୍ରାନ୍ତରେ ଏକ ଟୁଇଟ୍ କରାଯାଇଛି। ଏଥିରେ କୁହାଯାଇଛି ଯେ, ଭାରତରେ ନିବେଶ ନେଇ ନିବେଶକମାନେ ଆଶାବାଦୀ ଅଛନ୍ତି। ସୂଚନାଥାଉ କି, ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି (ଆଇଏମ୍ଏଫ୍) ଏବଂ ବିଶ୍ୱବ୍ୟାଙ୍କର ବୈଠକରେ ଯୋଗ ଦେବା ଲାଗି ଜେଟ୍‌ଲୀ ଏବେ ଆମେରିକା ଗସ୍ତରେ ରହିଛନ୍ତି। ଫିକି, ଭାରତୀୟ ବାଣିଜ୍ୟ ଦୂତାବାସ ଓ ଆମେରିକା-ଭାରତ ରଣନୈତିକ ଫୋରମ ଦ୍ୱାରା ଆୟୋଜିତ ବୈଠକରେ ଜେଟ୍‌ଲୀ ଯୋଗ ଦେଇ ଭାରତର ଆର୍ଥିକ ସ୍ଥିତି ସମ୍ପର୍କରେ ଆଲୋଚନା କରିଥିଲେ। ଏହି ବୈଠକରେ ମାଷ୍ଟରକାର୍ଡ ସିଇଓ ଅଜୟ ବଙ୍ଗାଙ୍କ ସମେତ ବହୁ ଶୀର୍ଷ ଅଧିକାରୀ ଏବଂ ନିବେଶକ ଯୋଗ ଦେଇଥିଲେ।

## 'ଗରିବଙ୍କ ସାମାଜିକ ସୁରକ୍ଷା ନଷ୍ଟ କରିଛି ବିମୁଦ୍ରୀକରଣ'

**ନୂଆଦିଲ୍ଲୀ,୧୧-୪:** ବିମୁଦ୍ରୀକରଣ ଓ ଜିଏସ୍‌ଟି ଗରିବଙ୍କ ପାଇଁ ବିପଦ ହୋଇଛି। ଏହା ଲାଗୁ ହେବା ପରେ ଭାରତରେ ଅତି ଦରିଦ୍ର ଶ୍ରେଣୀର ପରିବାରର ସାମାଜିକ ସୁରକ୍ଷାକୁ ନଷ୍ଟ କରିଛି। ସମାଜ ସମ୍ମୁଖୀନ ହେଉଥିବା ନୂଆ ଆହ୍ୱାନର ମୁକାବିଲାରେ ଘରୋଇ କ୍ଷେତ୍ର ସହାୟତାର ହାତ ବଢ଼ାଇପାରିବ ବୋଲି ବିଶ୍ୱବ୍ୟାଙ୍କର ଅଗ୍ରଣୀ ଅର୍ଥନୀତିଜ୍ଞ ଇଜାଜ୍ ଘନୀ କହିଛନ୍ତି। ଖବର କାଗଜ ଫାଇନାନ୍ସିଆଲ ଏକ୍ସପ୍ରେସରେ ନିଜ ଲେଖାରେ ଘନୀ ଦର୍ଶାଇଛନ୍ତି ଯେ, ପାରମ୍ପରିକ ସାମାଜିକ ସୁରକ୍ଷା ବ୍ୟବସ୍ଥାକୁ ପୁନରୁଜ୍ଜୀବିତ କରିବାକୁ ହେବ, ଯାହାକି ୧୯୭୦ ଦଶକରେ ବିକାଶ ହୋଇଥିଲା। ପବ୍ଲିକ-ପ୍ରାଇଭେଟ ପାର୍ଟନରସିପ୍ ମଡେଲ ଏବଂ ଗୋଷ୍ଠୀ ସମନ୍ୱୟ ଏ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରିବ ବୋଲି ସେ କହିଛନ୍ତି। ତାଙ୍କର କହିବାନୁଯାୟୀ ଭାରତରେ ଏମଜିଏନଆରଜିଏ, ପିଡିଏସ୍ ବ୍ୟବସ୍ଥା, ଇନ୍ଦିରା ଆୱାସ ଯୋଜନା, ଇନ୍ଦିରା ଗାନ୍ଧୀ ନ୍ୟାଶନାଲ ଓଲ୍ଡ ଏଜ୍ ପେନସନ ସ୍କିମ୍, ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ବୀମା ଯୋଜନା ଭଳି ଅନେକ ସାମାଜିକ ସୁରକ୍ଷା ଯୋଜନା ରହିଛି। କୌଣସି ଦେଶର ଆର୍ଥିକ ଅଭିବୃଦ୍ଧିରେ ସାମାଜିକ ସୁରକ୍ଷା ଗୁରୁତ୍ୱପୂର୍ଣ୍ଣ ହୋଇଥାଏ। ଏହି ବ୍ୟବସ୍ଥାରେ ଜଣେ ବ୍ୟକ୍ତି ନିଜର ବିପଦ ସହ ଲାଭକୁ ନେଇ ଆକଳନ କରିପାରେ ବୋଲି ଘନୀ କହିଛନ୍ତି। ସେ ଲେଖିଛନ୍ତି ଯେ, ଜିଏସ୍‌ଟି ଲାଗୁ କରାଯିବା ପରେ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ପାଇଁ ନିୟମ ପାଳନ କରିବା ଏକ ବୋଝ ହୋଇଥିବା ବେଳେ ବିମୁଦ୍ରୀକରଣ ଯୋଗୁ ବ୍ୟାପକ ହାରରେ ବେକାରୀ ସଂଖ୍ୟା ବଢ଼ିଛି।

## ଆର୍‌ବିଆଇ ମୁଖ୍ୟାଳୟରେ ସୁରକ୍ଷା ଅଭ୍ୟାସ

**ମୁମ୍ବାଇ,୧୧-୪**




- ଚକିତ ହେଲେ ଦେଖଣାହାରି
- ମୁଖ୍ୟାଳୟ ଉପରେ ଉଡ଼ିଲା ହେଲିକପ୍ଟର
- ଏକାଧିକ ସୁରକ୍ଷା ଏଜେନ୍ସି ପକ୍ଷରୁ ମକ୍ ଡ୍ରିଲ୍

ସୁରକ୍ଷା ଏଜେନ୍ସି ପକ୍ଷରୁ ଗୁରୁବାର ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ମୁଖ୍ୟାଳୟର ସୁରକ୍ଷା ବ୍ୟବସ୍ଥା ଯାଞ୍ଚ ଲାଗି ଅଭ୍ୟାସ(ମକ୍ ଡ୍ରିଲ) କରାଯାଇଥିଲା। ଏଥିରେ ହେଲିକପ୍ଟର ମଧ୍ୟ ସାମିଲ ହୋଇଥିଲା। ଏହା ମୁଖ୍ୟାଳୟର କୋଠା ଉପରେ ଚକ୍କର ମାରୁଥିବା ଏବଂ ଏଥିରୁ ସୁରକ୍ଷାକର୍ମୀ ତଳକୁ ଆସୁଥିବା ଦେଖାଯାଇଥିଲା। ଆର୍‌ବିଆଇ ମୁଖ୍ୟାଳୟରେ ସୁରକ୍ଷା ଏଜେନ୍ସିଙ୍କ ଏଭଳି ଅଚାନକ କାର୍ଯ୍ୟାନୁଷ୍ଠାନକୁ ଦେଖି ଦେଖଣାହାରି ହତଚକିତ ହୋଇଯାଇଥିଲେ। ବଡ଼ ଧରଣର ଆତଙ୍କବାଦୀ ଆକ୍ରମଣ ହୋଇଥିବା ନେଇ ବେଶ କିଛି ସମୟଧରି କଳ୍ପନାଜଳ୍ପନା ଲାଗି ରହିଥିଲା। ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ସୁରକ୍ଷା ଏଜେନ୍ସି ପକ୍ଷରୁ ମୁଖ୍ୟାଳୟର ଗୋଟିଏ ମହଲାରେ ଥିବା କର୍ମଚାରୀଙ୍କୁ ପଣବନ୍ଦୀ କରାଯିବା ସ୍ଥିତିର ମୁକାବିଲା ଲାଗି ଅଭ୍ୟାସ କରାଯାଇଥିଲା। ଲୋକଙ୍କୁ ସୁରକ୍ଷିତ ଭାବେ ଉକ୍ତ ମହଲାରୁ ବାହାରକୁ ଆଣିବାର ଅଭ୍ୟାସ କରାଯାଇଥିଲା। ଜଣେ ଅଧିକାରୀ କହିଛନ୍ତି ଯେ, ଏହି ସୁରକ୍ଷା ଅପରେଶନରେ ଏକାଧିକ ସୁରକ୍ଷା ଏଜେନ୍ସି ଅଂଶଗ୍ରହଣ କରିଥିଲେ ଏବଂ ଏହାର ପ୍ରସ୍ତୁତି ଶେଷ ମୁହୂର୍ତ୍ତରେ କରାଯାଇଥିଲା। ସୂଚନାଥାଉ କି, ରିଜର୍ଭ ବ୍ୟାଙ୍କରେ ଏକାଧିକ ଥର ସୁରକ୍ଷା ଏବଂ ଫାୟର ଡ୍ରିଲ କରାଯାଇଥାଏ। କିନ୍ତୁ ଗୁରୁବାର ଅଭ୍ୟାସ ସ୍ୱତନ୍ତ୍ର ଧରଣର ଥିଲା, କାରଣ ଏଥିରେ ହେଲିକପ୍ଟରକୁ ସାମିଲ କରାଯାଇଥିଲା। ୨୦୦୮ ମୁମ୍ବାଇରେ ଆତଙ୍କବାଦୀ ଆକ୍ରମଣ ବେଳେ ଏନ୍ଏସ୍‌ଜି କମାଣ୍ଡୋମାନେ ଏଭଳି ଅପରେଶନ ଜରିଆରେ ଚାବଡ ହାଉସରେ ପହଞ୍ଚି ଆତଙ୍କବାଦୀଙ୍କୁ ମାରିଥିଲେ।

# ପର୍ଯ୍ୟଟନ ବିକାଶରେ 'ବ୍ରାଣ୍ଡିଂ' ଗୁରୁତ୍ୱପୂର୍ଣ୍ଣ

**ପର୍ଯ୍ୟଟନ ଓ ହୋଟେଲ ଶିଳ୍ପର ଜଣେ ପରିଚିତ ଚେହେରା ଜେ.କେ. ମହାନ୍ତି। ଦୀର୍ଘ ୩୫ବର୍ଷ ହେଲା ଓଡ଼ିଶାର ପର୍ଯ୍ୟଟନ ଶିଳ୍ପ ସହ ଜଡ଼ିତ ଥିବା ମହାନ୍ତି ରାଜ୍ୟ ପର୍ଯ୍ୟଟନକୁ ଏକ ନୂତନ ସ୍ତରକୁ ନେବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ରାଜ୍ୟରେ ଏକାଧିକ ଜାତୀୟ ଏବଂ ଅନ୍ତର୍ଜାତୀୟ ପର୍ଯ୍ୟଟନ ସମ୍ମିଳନୀ ଆୟୋଜନ କରିବାରେ ସେ ମୁଖ୍ୟ ଭୂମିକା ତୁଲାଇଛନ୍ତି। ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଓଡ଼ିଶାକୁ ପ୍ରତିନିଧିତ୍ୱ କରିବା ସହ ପର୍ଯ୍ୟଟନ ଭିତ୍ତିଭୂମି ସଜାଡ଼ିବା ଲାଗି ରାଜ୍ୟ ସରକାରଙ୍କୁ ବିଭିନ୍ନ ସମୟରେ ପରାମର୍ଶ ଦେଇଛନ୍ତି।**


ଜେ.କେ. ମହାନ୍ତି

**✪ ରାଜ୍ୟ ତଥା ଦେଶର ଅର୍ଥନୀତିରେ ପର୍ଯ୍ୟଟନର ଭୂମିକା?**

❒ ପର୍ଯ୍ୟଟନ ଏଭଳି ଏକ ଶିଳ୍ପ, ଯାହା ମାଧ୍ୟମରେ ବିଦେଶକୁ କୌଣସି ସାମଗ୍ରୀ ରପ୍ତାନୀ ନ କରି ମଧ୍ୟ ଆମେ ବିଦେଶୀ ମୁଦ୍ରା ଅର୍ଜନ କରିପାରିବା। କେବଳ ଏତିକି ନୁହେଁ, ଏହା ଏଭଳି ଏକ କ୍ଷେତ୍ର, ଯେଉଁଥିରେ ସର୍ବାଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯାଇ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବେ ଯୁବବର୍ଗଙ୍କୁ ନିଯୁକ୍ତ କରାଯାଇପାରିବ। ତେଣୁ ଅର୍ଥନୀତିର ବିକାଶ ପାଇଁ ଏହି କ୍ଷେତ୍ରକୁ ସର୍ବଦା ପ୍ରାଥମିକତା ଦିଆଯିବା ଉଚିତ।

**✪ ଓଡ଼ିଶା ନିକଟରେ ଯେଉଁ ପର୍ଯ୍ୟଟନ ସମ୍ବଳ ରହିଛି, ତାହାର ଉପଯୋଗ ଠିକ୍ ଭାବେ ହେଉଛି କି?**

❒ ପଡ଼ୋଶୀ ରାଜ୍ୟ ସହ ତୁଳନା କଲେ ଓଡ଼ିଶା ନିକଟରେ ଯଥେଷ୍ଟ ଅଧିକ ପର୍ଯ୍ୟଟନ ସମ୍ବଳ ରହିଛି। ମାତ୍ର ଏହାର ଉପଯୁକ୍ତ ସଂରକ୍ଷଣ, ରକ୍ଷଣାବେକ୍ଷଣା ଓ ପରିଚାଳନା ହେଉନି। ବ୍ରାଣ୍ଡିଂ, ପ୍ରଚାର ପ୍ରସାର, ପର୍ଯ୍ୟଟକଙ୍କ ପାଇଁ ଯଥେଷ୍ଟ ହୋଟେଲ ଏବଂ ପର୍ଯ୍ୟଟନସ୍ଥଳୀରେ ସ୍ୱଚ୍ଛତା ଓ ପରିଚ୍ଛନ୍ନତା ବଜାୟ ରହିଲେ ଓଡ଼ିଶା ପର୍ଯ୍ୟଟନ କ୍ଷେତ୍ରରେ ବହୁ ଆଗକୁ ଯାଇପାରିବ।

**✪ ଓଡ଼ିଶାକୁ ସ୍ୱଳ୍ପ ବିଦେଶୀ ପର୍ଯ୍ୟଟକଙ୍କ ଆଗମନର କାରଣ କ'ଣ?**

❒ ମହାରାଷ୍ଟ୍ର, ତାମିଲନାଡୁ, ଉତ୍ତରପ୍ରଦେଶ, ରାଜସ୍ଥାନ, ପଶ୍ଚିମବଙ୍ଗ, କେରଳ ଭଳି ରାଜ୍ୟ ଗତ କିଛିବର୍ଷ ମଧ୍ୟରେ ବିଦେଶୀ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାରେ ବିଶେଷ ସଫଳତା ହାସଲ କରିଛନ୍ତି। ମାତ୍ର ଓଡ଼ିଶାରେ ଏହିବର୍ଷ ମଧ୍ୟ ବିଦେଶୀ ପର୍ଯ୍ୟଟକଙ୍କ ଆଗମନରେ ସେଭଳି ବୃଦ୍ଧି ପରିଲକ୍ଷିତ ହୋଇନି। ବିଦେଶରୁ ଓଡ଼ିଶାକୁ ସିଧାସଳଖ ବିମାନ ଚଳାଚଳ ନ କରିବା ଏହାର ପ୍ରମୁଖ କାରଣ ହୋଇଥିବା ବେଳେ ପର୍ଯ୍ୟଟନସ୍ଥଳୀର ଦୁର୍ବଳ ଭିତ୍ତିଭୂମି, ଷ୍ଟାର୍ ହୋଟେଲର ଅଭାବ ମଧ୍ୟ ପ୍ରତିବନ୍ଧକ ସାଜିଛି। ଭୁବନେଶ୍ୱର, ପୁରୀକୁ ଛାଡ଼ିଦେଲେ ରାଜ୍ୟର ଅନ୍ୟ ପ୍ରମୁଖ ପର୍ଯ୍ୟଟନ ସ୍ଥାନରେ ତାରକା ବର୍ଗରେ ପ୍ରାୟ ୬୫୦୦ ହୋଟେଲ ରୁମ୍‌ର ଆବଶ୍ୟକତା ରହିଛି।

**✪ ଏ ଦିଗରେ କ'ଣ ପଦକ୍ଷେପ ନିଆଯିବା ଆବଶ୍ୟକ?**

❒ ଭାରତକୁ ବାଂଲାଦେଶ, ଯୁକ୍ତରାଷ୍ଟ୍ର ଆମେରିକା, ବ୍ରିଟେନ୍, କାନାଡା, ଅଷ୍ଟ୍ରେଲିଆ, ମାଲେସିଆ, ଶ୍ରୀଲଙ୍କା, ଜର୍ମାନୀ, ଫ୍ରାନ୍ସ ଭଳି ରାଷ୍ଟ୍ରରୁ ସର୍ବାଧିକ ବିଦେଶୀ ପର୍ଯ୍ୟଟକ ଆସୁଥିବାରୁ ଏହି ସବୁ ସ୍ଥାନରେ ରୋଡ୍ ଶୋ' ସହ 'ଭିଜିଟ୍ ଓଡ଼ିଶା କ୍ୟାମ୍ପେନ୍'ର ଜୋର୍‌ଦାର ପ୍ରଚାର ପ୍ରସାର କରାଯିବାର ଆବଶ୍ୟକତା ରହିଛି। ଏହାସହ ଉକ୍ତ ରାଷ୍ଟ୍ରର ଟୁର୍ ଅପରେଟର, ଲେଖକ ଓ ଫଟୋଗ୍ରାଫରମାନଙ୍କୁ ଓଡ଼ିଶା ଆଣି ବିଭିନ୍ନ ସ୍ଥାନକୁ ଫ୍ୟାମ୍ ଟୁର୍‌ରେ ନିଆଯିବା ଆବଶ୍ୟକ।

**✪ ପର୍ଯ୍ୟଟନର ବିକାଶ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର କ'ଣ ପଦକ୍ଷେପ ନେବା ଆବଶ୍ୟକ ବୋଲି ଆପଣ ଭାବୁଛନ୍ତି?**

❒ ବିଦେଶୀ ପର୍ଯ୍ୟଟକଙ୍କ ଆଗମନ ବୃଦ୍ଧି କରିବାକୁ ହେଲେ ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରୁ ଏୟାର ଏସିଆ ଓ ଏୟାର ଇଣ୍ଡିଆ ବ୍ୟତୀତ ଆହୁରି ସିଧାସଳଖ ଅନ୍ତର୍ଜାତୀୟ ବିମାନ ସେବାର ଆବଶ୍ୟକତା ରହିଛି। ଏହାବ୍ୟତୀତ ଜିଏସ୍‌ଟି ଏବେ ପର୍ଯ୍ୟଟନ ଶିଳ୍ପକୁ ବହୁଳ ଭାବେ ପ୍ରଭାବିତ କରୁଛି। ଯେଉଁ ହୋଟେଲଗୁଡ଼ିକ ୨୮ ପ୍ରତିଶତ ଜିଏସ୍‌ଟି ଦେଉଛନ୍ତି, ସେମାନଙ୍କ ଉପରେ ଏହା ବେଶି ପ୍ରଭାବ ପକାଇଛି। ବିଶ୍ୱରେ ଭାରତ ସର୍ବାଧିକ ଜିଏସ୍‌ଟି ଲାଗୁକରିଥିବା ରାଷ୍ଟ୍ର। ୨୮ ପ୍ରତିଶତକୁ କମାଇ ଅତିକମ୍‌ରେ ୧୮ ପ୍ରତିଶତ କରିବା ଉଚିତ।

**✪ ପର୍ଯ୍ୟଟନର ବିକାଶ ପାଇଁ ଓଡ଼ିଶା ପର୍ଯ୍ୟଟନ କି ପଦକ୍ଷେପ ନେବା ଉଚିତ?**

❒ ଓଡ଼ିଶା ପର୍ଯ୍ୟଟନ ସ୍ୱତନ୍ତ୍ର ଡିଜିଟାଲ ମାର୍କେଟିଂ ଟିମ୍ ରଖିବା ସହ ଅତିକମ୍‌ରେ ବଜେଟର ୨୦ ପ୍ରତିଶତ ପ୍ରଯୁକ୍ତିବିଦ୍ୟା ଓ ଡିଜିଟାଲ ମାର୍କେଟିଂ କ୍ଷେତ୍ରରେ ଖର୍ଚ୍ଚ କରିବା ଉଚିତ। ନାଇଟ୍ ଲାଇଫ୍, ରକ୍ ବ୍ୟାଣ୍ଡ, କାର୍ ରାଲି, ଆଡ୍‌ଭେଞ୍ଚର ଓ ୱାଟର ସ୍ପୋର୍ଟସ, ବ୍ରାଣ୍ଡିଂ ଓ ମାର୍କେଟିଂ, ସେଲିବ୍ରିଟି ବ୍ରାଣ୍ଡ ଆମ୍ବାସାଡାର, ଷ୍ଟାର୍ ହୋଟେଲ ପ୍ରତିଷ୍ଠା ଆଦି ଉପରେ ଗୁରୁତ୍ୱ ଦିଆଯିବା ଆବଶ୍ୟକ। ହୋଟେଲ ଓ ପର୍ଯ୍ୟଟନ ଶିଳ୍ପରେ ପ୍ରଫେସନାଲଙ୍କୁ ନିଯୁକ୍ତି ଦିଆଯିବା ସହ ରାଜ୍ୟରେ ମାଇସ୍ ଏବଂ ମେଡିକାଲ ଟୁରିଜମ୍ ପାଇଁ ପର୍ଯ୍ୟାପ୍ତ ସୁଯୋଗ ରହିଥିବାରୁ ଏହାର ବିକାଶ କଥା ଚିନ୍ତା କରିବାର ସମୟ ଆସିଛି। ଏହାସହ ରାଜ୍ୟ ପର୍ଯ୍ୟଟନ ଉନ୍ନୟନ କର୍ତ୍ତୃପକ୍ଷ ଗଠନ କରିବାର ମଧ୍ୟ ସମୟ ଆସିଛି।

**ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ**
ଆକାଶ ଶୋଭା ବିଲ୍‌ଡିଂ
ପଣ୍ଡିତ ଜବାହାରଲାଲ ନେହରୁ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ପତ୍ର ସଂଖ୍ୟା: ୧୦୧୦୫/ଭୁ.ଉ.କ., ଭୁବନେଶ୍ୱର ତା୦୫।୦୪।୨୦୧୯ରିଖ
KNM - 199/93

**ସୂଚନା**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, କଳିଙ୍ଗନଗର ପ୍ଲଟେଡ୍ ଡେଭ୍‌ଲପ୍‌ମେଣ୍ଟ ସ୍କିମ ଅନ୍ତର୍ଗତ MIG plot No.K-8-515 କୁ ଶ୍ରୀ ଭକ୍ତ ବତ୍ସଳ ତ୍ରିପାଠୀ, ପିତା-ସ୍ୱର୍ଗତ ରାମଚନ୍ଦ୍ର ତ୍ରିପାଠୀ, ଗ୍ରାମ-କୁମୁଟିସାହି, ପୋଅ-ପୁରୀ, ଥାନା-ପୁରୀଟାଉନ, ଜିଲ୍ଲା-ପୁରୀ ବର୍ତ୍ତମାନର ସ୍ଥାୟୀ ଠିକଣା-ଦେୱାନ ବଗିଚା, ତଳମାଳୀ ସାହି, ହସ୍‌ପିଟାଲ ଛକ, ପୋଅ-ପୁରୀ, ଥାନା-କୁମ୍ଭାରପଡ଼ା, ଜିଲ୍ଲ-ପୁରୀଙ୍କ ନାମରେ ଆବଣ୍ଟନ କରାଯାଇଥିଲା। ଆବଣ୍ଟନଗ୍ରାହୀ ଉକ୍ତ ଆବଣ୍ଟିତ ପ୍ଲଟର ସମ୍ପାଦିତ ଲିଜ ଦଲିଲକୁ ପଞ୍ଜୀକୃତ କରିସାରିଛନ୍ତି। ବର୍ତ୍ତମାନ ପରିପ୍ରେକ୍ଷୀରେ ଆବଣ୍ଟନଗ୍ରାହୀ ଶ୍ରୀ ଭକ୍ତ ବତ୍ସଳ ତ୍ରିପାଠୀ ଗତ ତା.୨୬।୦୯।୨୦୧୮ରିଖରେ ମୃତ୍ୟୁବରଣ କରିଅଛନ୍ତି। ଆବଣ୍ଟନଗ୍ରାହୀଙ୍କ ସ୍ତ୍ରୀ-ସଂଯୁକ୍ତା ଦେବୀ, ମାନସୀ ତ୍ରିପାଠୀ(ଅବିବାହିତା ଝିଅ) ଏବଂ ବିଦ୍ୟୁଭୂଷଣ ତ୍ରିପାଠୀ(ପୁଅ) ଉକ୍ତ ପ୍ଲଟ୍‌କୁ ଉତ୍ତରାଧିକାରୀ ସୂତ୍ରେ ସେମାନଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।
ଉକ୍ତ ପ୍ରକଳ୍ପ ପ୍ଲଟ୍‌ର ଉତ୍ତରାଧିକାରୀ ସୂତ୍ରେ ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ନୋଟିସ୍ ପ୍ରକାଶନର ୧୫ (ପନ୍ଦର)ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟ୍‌ର ମାଲିକାନା ପରିବର୍ତ୍ତନ ଆଇନ୍ ଅନୁଯାୟୀ କରାଯିବ।

**ସ୍ୱା./- ଆବଣ୍ଟନ ଅଧିକାରୀ-୨**



“ କୌଣସି ମ୍ୟାଚରେ ପ୍ରବଳ ଚାପରେ ରହିଲେ ଶାନ୍ତ ରହିବା ସହ ମୁଁ ମ୍ୟାଚକୁ ଶେଷ କରିବାକୁ ଚେଷ୍ଟା କରିଥାଏ ।

–କିରନ ପୋଲାର୍ଡ, ମୁମ୍ବାଇ ଇଣ୍ଡିଆନ୍ସ କାମଚଲା ଅଧିନାୟକ



“ ବିସ୍ଫୋରକ ବ୍ୟାଟ୍ସମ୍ୟାନ ୱେଷ୍ଟଇଣ୍ଡିଜର କ୍ରିସ୍ ଗେଲ୍ ଫର୍ମକୁ ଫେରିଛନ୍ତି। ଆମ ଦଳ ତାଙ୍କଠାରୁ ଏହି ଆଶା କରୁଥିଲା ।

– ରବିଚନ୍ଦ୍ରନ ଅଶ୍ୱିନ, କିଙ୍ଗ୍ସ ଇଲେଭେନ ପଞ୍ଜାବ ଅଧିନାୟକ

## ଆଜିର ମ୍ୟାଚ



କୋଲକାତା ନାଇଟ ରାଇଡର୍ସ
ବନାମ
ଦିଲ୍ଲୀ କ୍ୟାପିଟାଲ୍ସ

ପ୍ରସାରଣ
ସ୍ଥାନ : କୋଲକାତା
ସମୟ : ରାତି ୮ଟା
ଷ୍ଟାର ସ୍ପୋର୍ଟ୍ସ

## ସଂକ୍ଷେପରେ

### ଡିସି କ୍ୟାମ୍ପରେ ମନୋଜ ତିୱାରୀ

କୋଲକାତା,୧୧।୪(ପିଟି): ବେଙ୍ଗଲ ଅଧିନାୟକ ମନୋଜ ତିୱାରୀଙ୍କୁ ଆଇପିଏଲ ଫ୍ରାଞ୍ଚାଇଜ ଦିଲ୍ଲୀ କ୍ୟାପିଟାଲ୍ସ (ଡିସି) କ୍ୟାମ୍ପରେ ଦେଖିବାକୁ ମିଳିଛି। ତାଙ୍କ ବ୍ୟତୀତ ମୁମ୍ବାଇ ପେସର ତୁଷାର ଦେଶପାଣ୍ଡେ ଓ ପଞ୍ଜାବ ପେସର ମନପ୍ରୀତ ସିଂ ଗୋନୀ ମଧ ଟ୍ରାୟଲର ସମ୍ମୁଖୀନ ହୋଇଛନ୍ତି। କିନ୍ତୁ ଏମାନଙ୍କ ସମ୍ପର୍କରେ ଡିସି ମ୍ୟାନେଜମେଣ୍ଟ କୌଣସି ନିଷ୍ପତ୍ତି ନେଇ ନାହିଁ। ସମସ୍ତ ଖେଳାଳି ଶୁକ୍ରବାର ଆଉ ଏକ ଟ୍ରାୟଲ ରାଉଣ୍ଡ ସମ୍ମୁଖୀନ ହେବେ। ଆସନ୍ତା ୧୪ ତାରିଖରେ ସନରାଇଜର୍ସ ବିପକ୍ଷ ପରବର୍ତ୍ତୀ ମ୍ୟାଚ୍ ଲାଗି ମନୋଜ ଆମ ସହ ଗସ୍ତ କରିବେ। ସେ ଆମ ସହ ଅଭ୍ୟାସ କରିବେ। ପରେ ଏ ସମ୍ପର୍କରେ ଆମେ ନିଷ୍ପତ୍ତି ନେବୁ ଡିସି ଉପଦେଷ୍ଟା ସୌରଭ ଗାଙ୍ଗୁଲି କହିଛନ୍ତି। ପେସର ହର୍ଷଲ ପଟେଲଙ୍କ ହାତ ଫ୍ରାକଚର ହୋଇଥିବାବଳେ ମନଜୋତ କାଲରା ଆହତ ସମସ୍ୟା ଯୋଗୁ ବାଦ୍ ପଡ଼ିଛନ୍ତି। ଏଣୁ ଡିସିକୁ ଅତିକମ୍‌ରେ ଦୁଇଟି ବଦଳ ଖେଳାଳି ଦରକାର। ଗତ ସଂସ୍କରଣ ଖେଳିଥିବା ତିୱାରୀ ଖେଳାଳିଙ୍କ ନିଲାମ ପ୍ରକ୍ରିୟାରେ କୌଣସି ଫ୍ରାଞ୍ଚାଇଜକୁ ଆକୃଷ୍ଟ କରିପାରି ନ ଥିଲେ। ଚଳିତ ସଂସ୍କରଣରେ ଏପର୍ଯ୍ୟନ୍ତ ସେ ବଙ୍ଗାଳି କମେଣ୍ଟ୍ରି କରୁଥିବାବେଳେ ତାଙ୍କୁ ଟ୍ରାୟଲ ପାଇଁ ଡକରା ଦିଆଯାଇଥିଲା। ମୁଁ ଟ୍ରାୟଲରେ ଯୋଗଦେଇଥିଲି। ଏହା ମୋ ପାଇଁ ଭଲ ଥିଲା। ଦଳର ଉପଦେଷ୍ଟା ସୌରଭ ଗାଙ୍ଗୁଲି ଓ କୋଚ୍ ରିକି ପଣ୍ଟିଂଙ୍କ ସହ କଥା ହୋଇଛି। ହେଲେ ମୋତେ ଅଫିସିଆଲି କିଛି କୁହାଯାଇନାହିଁ ବୋଲି ତିୱାରୀ କହିଛନ୍ତି।

### ପାରାଅଲିମ୍ପିକ୍ସ ପଦକଧାରୀ ଦୀପାଙ୍କୁ ସ୍ୱତନ୍ତ୍ର ସମ୍ମାନ

ନୂଆଦିଲ୍ଲୀ,୧୧।୪(ପିଟି): ରିଓ ପାରାଅଲିମ୍ପିକ୍ସ ରୌପ୍ୟ ପଦକଧାରୀ ଦୀପା ମଲିକଙ୍କୁ ଗୁରୁବାର ସ୍ୱତନ୍ତ୍ର ସମ୍ମାନ ମିଳିଛି। ଦୀପାଙ୍କ ସଫଳତା ପ୍ରେରଣା ଦାୟକ ହୋଇଥିବାରୁ ତାଙ୍କୁ ୨୦୧୯ ବର୍ଷ ପାଇଁ ନ୍ୟୁଜିଲାଣ୍ଡ ପ୍ରଧାନମନ୍ତ୍ରୀଙ୍କ ସାର୍ ଏଡମଣ୍ଡ ହିଲାରୀ ଫଲୋଶିପ୍ ପ୍ରଦାନ କରାଯାଇଛି। ୪୮ ବର୍ଷୀୟ ଦୀପା ଏବେଠାରୁ ଭାରତ ଓ ନ୍ୟୁଜିଲାଣ୍ଡରେ କ୍ରୀଡ଼ା ଓ ପରମ୍ପରାର ଉନ୍ନତି ଦିଗରେ କାର୍ଯ୍ୟ କରିବେ। ସେ ଏଫ୍‌୫୩ ଶଟ୍‌ପୁଟ ଇଭେଣ୍ଟରେ ରିଓ ପାରାଅଲିମ୍ପିକ୍ସରେ ରୌପ୍ୟ ପଦକ ଜିତିଥିଲେ। ଏହି କାଟେଗୋରୀରେ ଆଥ୍ଲେଟଙ୍କୁ ହ୍ୱିଲ ଚେୟାରରେ ବସି ଥ୍ରୋ କରିବାକୁ ପଡ଼େ। ୨୦୧୯ ବର୍ଷ ପାଇଁ ଭାରତୀୟ ପାରାଆଥଲେଟ ଦୀପାଙ୍କୁ ନ୍ୟୁଜିଲାଣ୍ଡ ପ୍ରଧାନମନ୍ତ୍ରୀ ସାର ଏଡମୁଣ୍ଡ ହିଲାରୀ ଫେଲୋଶିପ ପ୍ରଦାନ କରି ଆମେ ଅତ୍ୟନ୍ତ ଖୁସି। ଏହାକୁ ନ୍ୟୁଜିଲାଣ୍ଡ ପ୍ରଧାନମନ୍ତ୍ରୀ ଜେସିଣ୍ଡା ଆର୍ଡର୍ନ ପ୍ରଦାନ କରିଛନ୍ତି। ନ୍ୟୁଜିଲାଣ୍ଡ ଓ ଭାରତ ମଧ୍ୟରେ ସମ୍ପର୍କ ବୃଦ୍ଧି କରିବା ଏହାର ଲକ୍ଷ୍ୟ ବୋଲି ନ୍ୟୁଜିଲାଣ୍ଡ ହାଇ କମିଶନ ପକ୍ଷରୁ କୁହାଯାଇଛି।

# ପୋଲାର୍ଡ ପାୱାର

## ପଞ୍ଜାବ ହାତରୁ ମ୍ୟାଚ୍ ଛଡ଼ାଇନେଲା ମୁମ୍ବାଇ

ମୁମ୍ବାଇ,୧୧।୪(ପି.ଟି.)

କାମଚଲା ଅଧିନାୟକ କିରନ ପୋଲାର୍ଡଙ୍କ ଧୂଆଁଧାର ଇନିଂସ (୮୩ ରନ, ୩୧ ବଲ, ୩ ଚୌକା, ୧୦ ଛକା)ବଳରେ ମୁମ୍ବାଇ ଇଣ୍ଡିଆନ୍ସ ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ୨୪ତମ ମ୍ୟାଚ୍‌ରେ କିଙ୍ଗ୍ସ ଇଲେଭେନ ପଞ୍ଜାବକୁ ଶେଷ ବଲ୍‌ରେ ୩ ଉଇକେଟରେ ପରାସ୍ତ କରି ଏକ ରୋମାଞ୍ଚକ ବିଜୟ ହାସଲ କରିଛି। ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ପଞ୍ଜାବ ଲୋକେଶ ରାହୁଲଙ୍କ ଶତକ ସହାୟତାରେ ୨୦ ଓଭରରେ ୪ ଉଇକେଟ ହରାଇ ୧୯୭ ରନ ସଂଗ୍ରହ କରିଥିଲା। ଜବାବରେ ମୁମ୍ବାଇ ୨୦ ଓଭରରେ ୭ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ମ୍ୟାଚ ବିଜୟୀ ଇନିଂସ ପାଇଁ ପୋଲାର୍ଡ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ।

୧୯୮ ରନ ଚ୍ୟାଲେଞ୍ଜିଂ ଟାର୍ଗେଟର ପିଛା କରି ମୁମ୍ବାଇ ସତର୍କତାର ସହ ଇନିଂସ ଆରମ୍ଭ କରିଥିଲେ ମଧ୍ୟ ନିୟମିତ ବ୍ୟବଧାନରେ ଉଇକେଟ ହରାଇଥିଲା। ସିଦ୍ଧେଶ ଲାଡ ୧୫ ରନ କରି ପ୍ରଥମେ ଆଉଟ ହୋଇଥିଲେ। ଏହାପରେ ସୂର୍ଯ୍ୟକୁମାର ଯାଦବ ୨୧, କ୍ୱିଣ୍ଟନ ଡି'କକ୍ ୨୪, ଇଶାନ କିଷନ ୭, ହାର୍ଦ୍ଦିକ ପାଣ୍ଡ୍ୟା ୧୯, କ୍ରୁନାଲ ପାଣ୍ଡ୍ୟା ୧ ରନକରି ପ୍ୟାଭିଲିୟନ ଫେରିଥିଲେ। ପଞ୍ଚମ ଉଇକେଟ ଯୋଡ଼ିରେ ହାର୍ଦ୍ଦିକ ଓ କିରନ ପୋଲାର୍ଡ ୧୯ ବଲରୁ ଦ୍ରୁତ ୪୧ ରନ ସଂଗ୍ରହ କରିଥିଲେ। ହାର୍ଦ୍ଦିକ ଓ କ୍ରୁନାଲ ୧୬ତମ ଓଭରରେ ମହମ୍ମଦ ସାମିଙ୍କ ଶିକାର ହୋଇଥିଲେ। କାମଚଲା ଅଧିନାୟକ ପୋଲାର୍ଡ ୮୩ ରନର ଦ୍ରୁତ ଇନିଂସ ଖେଳି ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଅଲଜାରି ଯୋସେଫ ୧୩ ବଲରୁ ୧୫ ରନ କରି ଅପରାଜିତ ରହିଥିଲେ। ପଞ୍ଜାବ ତରଫରୁ ସାମି ୩, ଅଙ୍କିତ ରାଜପୁତ, ରବିଚନ୍ଦ୍ରନ ଅଶ୍ୱିନ ଓ ସାମ କୁରାନ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।



ମ୍ୟାନ୍ ଅଫ୍ ଦି ମ୍ୟାଚ୍ କିରନ ପୋଲାର୍ଡ।

### ରାହୁଲଙ୍କ ଶତକ ନିଷ୍ପ୍ରଭ

ପ୍ରଥମେ ବ୍ୟାଟିଂ କରିଥିବା ପଞ୍ଜାବ ଜବରଦସ୍ତ ଆରମ୍ଭ କରିଥିଲା। ଦୁଇ ଓପନର ଲୋକେଶ ରାହୁଲ ଓ କ୍ରିସ୍ ଗେଲ୍ ୭୭ଟି ବଲ୍‌ର ସମ୍ମୁଖୀନ ହୋଇ ପ୍ରଥମ ଉଇକେଟ ଯୋଡିରେ ୧୧୬ ରନ ସଂଗ୍ରହ କରିଥିଲେ। ଗେଲ୍ ୩୬ ବଲରୁ ୩ ଚୌକା ଓ ୭ ଛକା ସହ ୬୩ ରନର ବିସ୍ଫୋରକ ଇନିଂସ ଖେଳି ଜାସନ ବେହେରେନଡର୍ଫଙ୍କ ବଲ୍‌ରେ କ୍ରୁନାଲ ପାଣ୍ଡ୍ୟାଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ରାହୁଲ କିନ୍ତୁ ୧୦୦ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ଏଥିସହ ସେ କ୍ୟାରିୟରର ପ୍ରଥମ ଆଇପିଏଲ୍ ଶତକ ହାସଲ କରଥିଲେ। ଗେଲ୍ ଆଉଟ ହେବା ପରେ ଡେଭିଡ ମିଲର, କରୁନ ନାୟାର, ସାମ କୁରାନ ବିଫଳ ହୋଇ ଯଥାକ୍ରମେ ୭, ୫ ଓ ୮ ରନ କରି ଆଉଟ ହୋଇଥିଲେ। ରାହୁଲ ଅପରାଜିତ ଶତକ ହାସଲ କରି ଦଳର ସ୍କୋରକୁ ୨୦୦ ରନ ନିକଟରେ ପହଞ୍ଚାଇଥିଲେ। ସେ ୬୪ଟି ବଲର ସମ୍ମୁଖୀନ ହୋଇ ୬ଟି ଲେଖାଏ ଚୌକା ଓ ଛକା ମାରିଥିଲେ।

### ସଂକ୍ଷିପ୍ତ ସ୍କୋର

- କିଙ୍ଗ୍ସ ଏକାଦଶ ପଞ୍ଜାବ ୨୦ ଓଭରରେ ୧୯୭/୪ (ରାହୁଲ-୧୦୦*, ଗେଲ-୬୩, ହାର୍ଦ୍ଦିକ- ୨/୫୭, ବୁମ୍‌ରା- ୧/୩୮, ବେହେରେନଡର୍ଫ- ୧/୩୫)
- ମୁମ୍ବାଇ ଇଣ୍ଡିଆନ୍ସ ୨୦ ଓଭରରେ ୧୯୮/୭ (ପୋଲାର୍ଡ- ୮୩, ଡି'କକ୍- ୨୪, ସୂର୍ଯ୍ୟକୁମାର- ୨୧, ହାର୍ଦ୍ଦିକ- ୧୯, ଜୋସେଫ- ୧୫*, ସାମି- ୩/୨୧)।

### ଆଇପିଏଲ୍ ପଏଣ୍ଟ ଟେବୁଲ


| ଟିମ୍ | ଖେଳିଛି | ଜିତିଛି | ହାରିଛି | ପଏଣ୍ଟ | ରନହାର |
|---|---|---|---|---|---|
| ସୁପର କିଙ୍ଗ୍ସ | ୬ | ୫ | ୧ | ୧୦ | +୦.୩୧୦ |
| ନାଇଟ ରାଇଡର୍ସ | ୬ | ୪ | ୨ | ୮ | +୦.୬୧୪ |
| ମୁମ୍ବାଇ ଇଣ୍ଡିଆନ୍ସ | ୬ | ୪ | ୨ | ୮ | ୦.୨୯୦ |
| କିଙ୍ଗ୍ସ ଇଲେଭେନ | ୭ | ୪ | ୩ | ୮ | −୦.୦୫୭ |
| ସନ୍‌ରାଇଜର୍ସ | ୬ | ୩ | ୩ | ୬ | ୦.୮୧୦ |
| ଦିଲ୍ଲୀ କ୍ୟାପିଟାଲ୍ସ | ୬ | ୩ | ୩ | ୬ | ୦.୧୩୧ |
| ରାଜସ୍ଥାନ ରୟାଲ୍ସ | ୫ | ୧ | ୪ | ୨ | −୦.୮୪୮ |
| ରୟାଲ ଚ୍ୟାଲେଞ୍ଜର୍ସ | ୬ | ୦ | ୬ | ୦ | −୧.୪୫୩ |

## ରସେଲଙ୍କୁ ରୋକିବା ଲକ୍ଷ୍ୟରେ ରାବାଡା

କୋଲକାତା, ୧୧।୪(ପି.ଟି.)

ଆଇପିଏଲ୍ ଦ୍ୱାଦଶ ସଂସ୍କରଣରେ ଶୁକ୍ରବାର ଘରୋଇ କୋଲକାତା ନାଇଟ୍ ରାଇଡର୍ସ ଓ ଦିଲ୍ଲୀ କ୍ୟାପିଟାଲ୍ସ ମଧ୍ୟରେ ଏକ ହାଇଭୋଲଟେଜ ମ୍ୟାଚ୍ ସ୍ଥାନୀୟ ଇଡେନ ଗାର୍ଡେନ୍ସ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଚଳିତ ପ୍ରତିଯୋଗିତାରେ ଦୁଇ ଦଳ ପରସ୍ପରକୁ ୨ୟଥର ପାଇଁ ଭେଟିବାକୁ ଯାଉଛନ୍ତି। ଏଥିପୂର୍ବରୁ ମାର୍ଚ୍ଚ ୩୦ରେ ଫିରୋଜ ଶାହା କୋଟଲା ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚ୍‌ରେ ଦିଲ୍ଲୀ ସୁପର୍ ଓଭରରେ ବିଜୟୀ ଲାଭ କରିଥିଲା। ଦିଲ୍ଲୀ ପକ୍ଷରୁ ଧାର୍ଯ୍ୟ ୧୮୬ ରନର ଟାର୍ଗେଟ୍‌କୁ ପିଛା କରି କୋଲକାତା ଆନ୍ଦ୍ରେ ରସେଲ (୨୮ ବଲ୍, ୬୨ ରନ)ଙ୍କ ବିସ୍ଫୋରକ ବ୍ୟାଟିଂ ସତ୍ତ୍ୱେ ୮ ଉଇକେଟ୍ ହରାଇ ୧୮୫ ରନ କରିଥିଲା। ଫଳରେ ମ୍ୟାଚ୍ ଟାଇ ହୋଇଥିଲା। ଏହାପରେ ସୁପର ଓଭରରେ ଦିଲ୍ଲୀ ୧୦ ରନ କରିଥିବାବେଳେ ନାଇଟ୍ ରାଇଡର୍ସ ୭ ରନ କରିବାକୁ ସକ୍ଷମ ହୋଇଥିଲା। ତେଣୁ ଦୀନେଶ କାର୍ତ୍ତିକଙ୍କ ନେତୃତ୍ୱାଧୀନ କୋଲକାତା ଏହି ପରାଜୟର ପ୍ରତିଶୋଧ ଘରୋଇ ଗ୍ରାଉଣ୍ଡରେ ନେବା ଲକ୍ଷ୍ୟରେ ରହିଛି। ଦିଲ୍ଲୀରେ ଅମିତ୍ ମିଶ୍ରା, ଅକ୍ଷର ପଟେଲଙ୍କ ପରି ସ୍ପିନର ରହିଥିବାରୁ ସେମାନେ ମଧ୍ୟ ଏହି ମ୍ୟାଚ୍‌ରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରନ୍ତି।

ବର୍ତ୍ତମାନ ସୁଦ୍ଧା ପ୍ରତିଯୋଗିତାରେ କୋଲକାତାର ପ୍ରଦର୍ଶନ ବେଶ୍ ଭଲ ରହିଛି। ଦଳ ୬ ମ୍ୟାଚ୍‌ରୁ ୪ ବିଜୟ ଓ ୨ ପରାଜୟ ସହ ୮ ପଏଣ୍ଟ ପାଇ ଟେବୁଲ ତାଲିକାର ୨ୟ ସ୍ଥାନରେ ରହିଛି। ବ୍ୟକ୍ତିଗତ ପ୍ରଦର୍ଶନକୁ ଦେଖିଲେ କୋଲକାତାର ବିସ୍ଫୋରକ ୱେଷ୍ଟଇଣ୍ଡିଜ ବ୍ୟାଟ୍ସମ୍ୟାନ ରସେଲ ୬ ମ୍ୟାଚ୍‌ରୁ ୨୫୭ ରନ କରିଛନ୍ତି। ଯେଉଁଥିରେ ସେ କେବଳ ଛକା ମାରି ଦେଢ଼ଶହ ରନ ସଂଗ୍ରହ କରିଛନ୍ତି। ରସେଲଙ୍କ ବ୍ୟାଟିଂ ଆଭରେଜ ୧୨୮.୫୦ ରହିଥିବାବେଳେ ଷ୍ଟ୍ରାଇକରେଟ୍ ୨୧୨ରୁ ଊର୍ଦ୍ଧ୍ୱ ରହିଛି। ତେଣୁ ଦମ୍‌ଦାର ଫର୍ମରେ ଥିବା ରସେଲଙ୍କୁ ଇଡେନ ଗାର୍ଡେନ୍ସରେ ଅଟକାଇବା ଲାଗି ଶ୍ରେୟାସ ଆୟାରଙ୍କ ନେତୃତ୍ୱାଧୀନ ଦିଲ୍ଲୀ ଦଳ ଚିନ୍ତାରେ ରହିଛି। ମହେନ୍ଦ୍ର ସିଂ ଧୋନୀଙ୍କ ସ୍ପିନ ବୋଲିଂ ଫର୍ମୁଲାକୁ ଆୟାର ଏହି ମ୍ୟାଚ୍‌ରେ ମଧ ପ୍ରୟୋଗ କରିପାରନ୍ତି। ଚେନ୍ନାଇ ସୁପର୍ କିଙ୍ଗ୍ସ ବିପକ୍ଷରେ କୋଲକାତାର ଅନ୍ତିମ ମ୍ୟାଚ୍ ଖେଳିଥିଲା। ଏହି ମ୍ୟାଚ୍‌ରେ ରସେଲଙ୍କୁ ଅଟକାଇବା ପାଇଁ ଧୋନୀ ତାଙ୍କର ସ୍ପିନ ଅସ୍ତ୍ରକୁ ପ୍ରୟୋଗ କରିଥିଲେ ଏବଂ ଏହାମଧ ସଫଳ ହୋଇଥିଲା। ଏହି ମ୍ୟାଚ୍‌ରେ ଚେନ୍ନାଇ ୭ ଉଇକେଟ୍‌ରେ ବିଜୟୀ ଲାଭ କରିଥିଲା। ସେହିଭଳି ରସେଲଙ୍କୁ ରୋକିବା ଲାଗି ଦିଲ୍ଲୀ ନିକଟରେ କାଗିସୋ ରାବାଡାଙ୍କ ପରି ଦକ୍ଷ ବୋଲର ମଧ ରହିଛନ୍ତି। ସୁପର୍ ଓଭର ମ୍ୟାଚ୍‌ରେ ରସେଲଙ୍କୁ ଏକ ଚମତ୍କାର ୟର୍କର ବଲ୍‌ରେ କ୍ଲିନ ବୋଲ୍ଡ କରି ରାବାଡା ଦିଲ୍ଲୀକୁ ବିଜୟୀ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଏହି ବଲ୍‌କୁ ଦିଲ୍ଲୀ ମେଣ୍ଟର ସୌରଭ ଗାଙ୍ଗୁଲି 'ବଲ୍ ଅଫ୍ ଦି ଟୁର୍ନାମେଣ୍ଟ' ବୋଲି ଆଖ୍ୟା ମଧ ଦେଇଥିଲେ। ତେଣୁ ଶୁକ୍ରବାର ହେବାକୁ ଥିବା ଏହି ମ୍ୟାଚ୍‌ରେ ମୁଖ୍ୟତଃ ରସେଲ ଓ ରାବାଡାଙ୍କ ମଧ୍ୟରେ ଲଢ଼େଇ ଦେଖିବାକୁ ମିଳିବ। ଦିଲ୍ଲୀ ୬ ମ୍ୟାଚ୍‌ରୁ ୩ଟି ଲେଖାଏ ବିଜୟ ଓ ପରାଜୟ ସହ ୬ ପଏଣ୍ଟ ପାଇ ଟେବୁଲ ତାଲିକାର ଷଷ୍ଠ ସ୍ଥାନରେ ରହିଛି। ଏହି ମ୍ୟାଚ୍ ଜିତି ପଏଣ୍ଟ ଟେବୁଲରେ ନିଜ ସ୍ଥାନକୁ ଆହୁରି ଦୃଢ଼ କରିବା ଲକ୍ଷ୍ୟରେ ରହିଛି ଆୟାରଙ୍କ ନେତୃତ୍ୱାଧୀନ ଦିଲ୍ଲୀ ଦଳ।



କାଗିଶୋ ରାବାଡ଼ା

## ରାଇନାଙ୍କ ରେକର୍ଡ ଭାଙ୍ଗିବାରୁ ବଞ୍ଚିତ ହେଲେ ରୋହିତ୍

ମୁମ୍ବାଇ, ୧୧।୪

ଆଘାତଜନିତ ସମସ୍ୟା ଲାଗି ମୁମ୍ବାଇ ଇଣ୍ଡିଆନ୍ସ ଅଧିନାୟକ ରୋହିତ୍ ଶର୍ମା ଆଇପିଏଲ୍ ଦ୍ୱାଦଶ ସଂସ୍କରଣରେ ବୁଧବାର କିଙ୍ଗ୍ସ ଇଲେଭେନ ପଞ୍ଜାବ ବିପକ୍ଷ ମ୍ୟାଚ୍ ଖେଳିବାରୁ ବଞ୍ଚିତ ହୋଇଥିଲେ। ଏଥିସହ ରୋହିତ୍ ଦୀର୍ଘ ୧୧ ବର୍ଷର ବ୍ୟବଧାନ ପରେ ପ୍ରଥମଥର ଲାଗି ଆଇପିଏଲ୍‌ର ଏକ ମ୍ୟାଚ୍ ଖେଳିପାରିନାହାନ୍ତି। ଶେଷଥର ପାଇଁ ରୋହିତ୍ ୨୦୦୮ରେ ଡେକାନ ଚାର୍ଜସ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବାବେଳେ ଚେନ୍ନାଇ ସୁପର୍ କିଙ୍ଗ୍ସ ବିପକ୍ଷ ମ୍ୟାଚ୍ ଖେଳି ନ ଥିଲେ। ଏହାପରେ ରୋହିତ୍ ୨୦୧୧ରେ ମୁମ୍ବାଇ ଦଳରୁ ଖେଳିଥିଲେ। ବର୍ତ୍ତମାନ ସୁଦ୍ଧା ଏହି ଷ୍ଟାଇଲିସ ମୁମ୍ବାଇ ବ୍ୟାଟ୍ସମ୍ୟାନ ଆଇପିଏଲ୍‌ରେ ମୋଟ୍ ୧୬୫ ମ୍ୟାଚ୍ (ଡେକାନ ପକ୍ଷରୁ ୩୨ ଓ ମୁମ୍ବାଇ ପକ୍ଷରୁ ୧୩୩) ଖେଳିସାରିଛନ୍ତି। ତେବେ ପଞ୍ଜାବ ବିପକ୍ଷ ମୁକାବିଲାରୁ ବାଦ୍ ପଡ଼ିବା ପୂର୍ବରୁ ରୋହିତ୍ ମୁମ୍ବାଇ ଫ୍ରାଞ୍ଚାଇଜ୍ ପକ୍ଷରୁ ଲଗାତର ୧୩୩ ମ୍ୟାଚ୍ ଖେଳିସାରିଥିଲେ। ଆଇପିଏଲ୍‌ରେ ଗୋଟିଏ ଫ୍ରାଞ୍ଚାଇଜ ପକ୍ଷରୁ ସର୍ବାଧିକ ଲଗାତର ମ୍ୟାଚ୍ ଖେଳିବାର ରେକର୍ଡ ସୁରେଶ ରାଇନାଙ୍କ ନାମରେ ରହିଛି। ରାଇନା ଚେନ୍ନାଇ ପକ୍ଷରୁ ଲଗାତର ୧୩୪ ମ୍ୟାଚ୍ ଖେଳି ଏହି ରେକର୍ଡର ଅଧିକାରୀ ହୋଇଛନ୍ତି। ରୋହିତ୍‌ଙ୍କ ଅନୁପସ୍ଥିତିରେ କିରନ ପୋଲାର୍ଡ ପଞ୍ଜାବ ବିପକ୍ଷରେ ମ୍ୟାଚ୍‌ରେ ମୁମ୍ବାଇର ନେତୃତ୍ୱ ନେଇଥିଲେ। ଫଳରେ ୨୦୧୩ ପରେ ପ୍ରଥମଥର ଲାଗି ରୋହିତ୍‌ଙ୍କ ସ୍ଥାନରେ ଆଉ ଜଣେ ଖେଳାଳିଙ୍କୁ ମୁମ୍ବାଇ ଦଳର ଅଧିନାୟକ ଦାୟିତ୍ୱ ନେଇଥିଲେ। ୨୦୧୩ରେ ରିକି ପଣ୍ଟିଂଙ୍କ ପରେ ରୋହିତ୍ ମୁମ୍ବାଇ ଇଣ୍ଡିଆନ୍ସର ନେତୃତ୍ୱ ନେଇ ଆସୁଛନ୍ତି।



ସୁରେଶ ରାଇନା

## ଏଆଇଟିଏ–ଏସ୍‌ଟିଏଫ୍ ମଧ୍ୟରେ ଏମ୍‌ଓୟୁ ସ୍ୱାକ୍ଷର

ନୂଆଦିଲ୍ଲୀ,୧୧।୪(ପିଟି)

ସର୍ବଭାରତୀୟ ଟେନିସ ମହାସଂଘ (ଏଆଇଟିଏ) ଓ ସର୍ବିଆ ଟେନିସ ଫେଡେରେଶନ (ଏସ୍‌ଟିଏଫ୍) ମଧ୍ୟରେ ଏକ ଏମ୍‌ଓୟୁ ସ୍ୱାକ୍ଷର ହୋଇଛି। ଏହାଦ୍ୱାରା ଦେଶର ଜୁନିୟର ଟେନିସ ଖେଳାଳିଙ୍କୁ ବିଶ୍ୱ ସ୍ତରୀୟ ସର୍ବିଆନ କୋଚ୍‌ମାନେ ପ୍ରଶିକ୍ଷଣ ଦେବେ। ଏଆଇଟିଏ ସାଧାରଣ ସମ୍ପାଦକ ହିରୋନମୟ ଚାଟାର୍ଜୀ ଓ ଏସ୍‌ଟିଏଫ୍ ସିଇଓ ଡୁସାନ ଓର୍ଲାଣ୍ଡିକଙ୍କ ମଧ୍ୟରେ ବୁଧବାର ମେମୋରାଣ୍ଡମ ଅଫ୍ ଅଣ୍ଡରଷ୍ଟାଣ୍ଡିଂ (ଏମ୍‌ଓୟୁ) ସ୍ୱାକ୍ଷର କରାଯାଇଛି। ଭାରତୀୟ ଜୁନିୟର ଟେନିସ ଖେଳାଳିଙ୍କ ଉନ୍ନତି ଦିଗରେ ଉଭୟ ଫେଡେରେଶନ କାର୍ଯ୍ୟ କରିବ। ସର୍ବିଆର କୋଚ ଓ ଟ୍ରେନର ଭାରତ ଆସି ଗୋଟିଏ କିମ୍ବା ୨ ସପ୍ତାହ ଧରି ପ୍ରଶିକ୍ଷଣ ଶିବିରରେ ଯୋଗଦେବେ। ଏହି ଶିବିରରେ ୧୨, ୧୪, ୧୬ ଓ ୧୮ ବର୍ଷରୁ କମ୍ ଖେଳାଳିମାନେ ଅଂଶଗ୍ରହଣ କରିବେ। ଏହାବାଦ୍ ଉଭୟ ଫେଡେରେଶନ ଟେନିସ ଅଫିସିଆଲ, କୋଚ ଓ ଟ୍ରେନରଙ୍କ ଶିକ୍ଷା ସମ୍ପର୍କରେ ମଧ କାର୍ଯ୍ୟ କରିବାକୁ ଏକମତ ହୋଇଛନ୍ତି।

## ଘରୋଇ ପରିବେଶ ଆମକୁ ସୁହାଇବ

ଜ୍ୟାକ କାଲିସ୍

ଚଳିତ ଆଇପିଏଲ୍‌ରେ ଏପର୍ଯ୍ୟନ୍ତ ଆନ୍ଦ୍ରେ ରସେଲଙ୍କ ବ୍ୟାଟିଂ ଚମତ୍କାର ହୋଇପାରିଛି ଓ ସେ ପ୍ରତିକୂଳ ପରିସ୍ଥିତିରେ ମଧ ସ୍ଥିର ପ୍ରଦର୍ଶନ କରିଛନ୍ତି। କେବଳ ବ୍ୟାଟ ବୁଲାଇ ସେ ରନ୍ ସଂଗ୍ରହ କରିନାହାନ୍ତି। ସେ ଟି୨୦ ଫର୍ମାଟକୁ ବୁଝିଛନ୍ତି ଓ ଏଥିପାଇଁ ତାଙ୍କଠାରେ ଉଚ୍ଚକୋଟୀର ଟେକ୍‌ନିକ ରହିଛି। ବୋଲରମାନେ ତାଙ୍କୁ ଅଟକାଇବା ପାଇଁ କେଉଁଠାରେ ବଲ ପକାଇବେ ସେ ନେଇ କାର୍ଯ୍ୟ କରିବା ଦରକାର। କାରଣ ସେ ଅବିଶ୍ୱସନୀୟ ଶଟ୍ ଖେଳି ସବୁ ବଲ୍‌କୁ ଛକା କିମ୍ବା ଚୌକା ପାଇଁ ପ୍ରହାର କରିଥାନ୍ତି।

ଗତ ଦୁଇ ସପ୍ତାହ ମଧ୍ୟରେ ବାହାର ଗ୍ରାଉଣ୍ଡରେ ଆମେ ଦୁଇଟି କଷ୍ଟସାଧ୍ୟ ବିଜୟ ହାସଲ କରିଛୁ। ଆମେ ମଧ ଉଚ୍ଚକୋଟୀର କ୍ରିକେଟ ଖେଳିଛୁ ଓ ଠିକଣା ସମୟରେ ଉଚିତ୍ ନିଷ୍ପତ୍ତି ନେବାରେ ସଫଳ ହୋଇଛୁ। ଏହି ବିଜୟଗୁଡିକରେ ରସେଲଙ୍କ ଭୂମିକା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ତେବେ ଦଳଗତ ପ୍ରଦର୍ଶନ ଯୋଗୁ ଆମେ ବିଜୟୀ ହୋଇଛୁ ବୋଲି ପ୍ରଥମ ବ୍ୟକ୍ତି ଭାବେ ସେ କହିଛନ୍ତି। ଗତ ଚେନ୍ନାଇ ସୁପର କିଙ୍ଗ୍ସ ବିପକ୍ଷ ମ୍ୟାଚ୍‌ରେ ଆମେ ସେତେଟା ଭଲ ପ୍ରଦର୍ଶନ କରି ନ ଥିଲୁ। ଗତ କେତେବର୍ଷ ହେବ ଚେନ୍ନାଇ ଜବରଦସ୍ତ ପ୍ରଦର୍ଶନ କରିଆସୁଛି। ଚେନ୍ନାଇ ଦଳ ବେଶ୍ ସନ୍ତୁଳିତ। ଏହି ଦଳରେ କେତେକ ଜଣାଶୁଣା ଖେଳାଳି ରହିଆସିଛନ୍ତି। ଚେନ୍ନାଇ ଓ କୋଲକାତା ଦଳ ମଧ୍ୟରେ ବହୁ ସମାନତା ରହିଛି। ସବୁଠାରୁ ବଡ଼ କଥା ହେଉଛି ଇଡେନ ଗାର୍ଡେନର ଘରୋଇ ପରିବେଶରେ ଆମେ କୋଡେଟି ମ୍ୟାଚ୍ ଖେଳିବାକୁ ଯାଉଛୁ। ଇଡେନ ଗାର୍ଡେନରେ ଅନ୍ୟ ଦଳଗୁଡିକ ବିଜୟୀ ହେବା କଷ୍ଟକର ହେବ। ଏଠାରେ ଘରୋଇ ଦର୍ଶକ ଆମ ପାଇଁ ଅତିରିକ୍ତ ଫିଲ୍ଡର ଭାବେ କାର୍ଯ୍ୟ କରୁଛନ୍ତି। ଆଗାମୀ ଦୁଇଟି ମ୍ୟାଚ୍ ପରେ ଆମେ ଲମ୍ବା ବିଶ୍ରାମ ମଧ ପାଇବୁ। ଏହା ଦଳ ପାଇଁ ବେଶ୍ ସହାୟକ ହେବ। ଯଦି ସବୁକିଛି ଠିକ୍‌ଠାକ ଚାଲେ ତେବେ ଟୁର୍ନାମେଣ୍ଟର ଦ୍ୱିତୀୟ ପର୍ଯ୍ୟାୟରେ ଆମେ ଶ୍ରେଷ୍ଠ ଦୁଇଟି ସ୍ଥାନକୁ ଉଠିପାରିବୁ। ଦଳରେ କେତୋଟି ଇଞ୍ଜୁରି ସମସ୍ୟା ରହିଛି। ଅବଶ୍ୟ ଏହାକୁ ଆମେ ସମ୍ଭାଳିବାରେ ସକ୍ଷମ ହେବୁ। ଟୁର୍ନାମେଣ୍ଟର ଏହି ପର୍ଯ୍ୟାୟରେ କୌଣସି ଦଳ ହାରିବାକୁ ଚାହିଁବେ ନାହିଁ। ତେବେ ଆମେ ଆଗକୁ ଭଲ ପ୍ରଦର୍ଶନ କରିବୁ।

(ଗେମ୍ ପ୍ଲାନ/ ଟିଭାକ ସ୍ପୋର୍ଟ୍ସ)

THE ULTIMATE INVERTER BATTERY
EXIDE
INVATUBULAR

## ସିନ୍ଧୁ, ସାଇନା, ଶ୍ରୀକାନ୍ତ କ୍ୱାର୍ଟରରେ

### ସିଙ୍ଗାପୁର ଓପନ୍

ସିଙ୍ଗାପୁର, ୧୧।୪ (ପି.ଟି.)

ଭାରତର ୩ ପ୍ରମୁଖ ଖେଳାଳି ପି. ଭି. ସିନ୍ଧୁ, ସାଇନା ନେହ୍ୱାଲ ଓ କିଡାମ୍ବି ଶ୍ରୀକାନ୍ତ ସେମାନଙ୍କ ପ୍ରଭାବୀ ପ୍ରଦର୍ଶନ ଜାରି ରଖିବା ସହ ଏଠାରେ ଚାଲିଥିବା ୩୫୫,୦୦୦ ଆମେରିକୀୟ ଡଲାର ପୁରସ୍କାର ବିଶିଷ୍ଟ ସିଙ୍ଗାପୁର ଓପନ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ରିଓ ଗେମ୍ସ ରୌପ୍ୟ ବିଜୟିନୀ ଚତୁର୍ଥ ସିଡ୍ ସିନ୍ଧୁ ତାଙ୍କ ମ୍ୟାଚ ଜିତିବାକୁ ମାତ୍ର ୩୯ ମିନିଟ୍ ସମୟ ନେଇଥିଲେ। ସେ ବିଶ୍ୱର ୨୨ ନମ୍ବର ଖେଳାଳି ମିଆ ବ୍ଲିଚ୍ ଫେଲ୍‌ଡିଟ୍‌ଙ୍କୁ ୨୧–୧୩, ୨୧–୧୯ରେ ହରାଇ ଦେଇଛନ୍ତି। ଡେନମାର୍କର ଏହି ଖେଳାଳିଙ୍କ ବିପକ୍ଷରେ ତାଙ୍କର ଏହା ହେଉଛି କ୍ରମାଗତ ଦ୍ୱିତୀୟ ବିଜୟ। ବିଶ୍ୱର ୬ ନମ୍ବର ଖେଳାଳି ପରବର୍ତ୍ତୀ ରାଉଣ୍ଡରେ ୨୦୧୭ ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ଜୁନିୟର ଚାମ୍ପିୟନଶିପ୍ ବ୍ରୋଞ୍ଜ ବିଜୟିନୀ ଚାଇନାର କାଇ ୟାନ୍ ୟାନ୍‌ଙ୍କ ସହିତ ମୁକାବିଲା କରିବେ। ୬ଷ୍ଠ ସିଡ୍ ଶ୍ରୀକାନ୍ତ ପୁରୁଷ ସିଙ୍ଗଲ୍ସରେ ଡେନମାର୍କର ହାନ୍ସ–କ୍ରିଷ୍ଟିଆନ ସୋଲ୍‌ବର୍ଗ ଭିଟିଙ୍ଗସଙ୍କୁ ୨୧–୧୨, ୨୩–୨୧ରେ ହରାଇ ଦେଇଛନ୍ତି। କ୍ୱାର୍ଟରଫାଇନାଲରେ ସେ ଜାପାନର କେଣ୍ଟୋ ମୋମୋଟା ଏବଂ ଭାରତର ଏଚ.ଏସ. ପ୍ରଣୟଙ୍କ ମଧ୍ୟରେ ଖେଳାଯିବାକୁଥିବା ମ୍ୟାଚର ବିଜେତାଙ୍କୁ ଭେଟିବେ। ୬ଷ୍ଠ ସିଡ୍ ସାଇନା କିନ୍ତୁ ସଂଘର୍ଷପୂର୍ଣ୍ଣ ବିଜୟ ହାସଲ କରିଛନ୍ତି। ଦ୍ୱିତୀୟ ରାଉଣ୍ଡରେ ସେ ଥାଇଲାଣ୍ଡର ପର୍ନପାୱି ଚୋଚୁଓଙ୍ଗଙ୍କୁ ୨୧–୧୬, ୧୮–୨୧, ୨୧–୧୯ରେ ପରାସ୍ତ କରିଛନ୍ତି। ଏଥିସହିତ ଏହି ଖେଳାଳିଙ୍କଠାରୁ ସେ ମାଲେସିଆ ଓପନ୍ ପ୍ରଥମ ରାଉଣ୍ଡ ପରାଜୟର ପ୍ରତିଶୋଧ ନେଇପାରିଛନ୍ତି।



ପି.ଭି. ସିନ୍ଧୁ।

ଅନ୍ୟପକ୍ଷରେ ପାରୁପଲ୍ଲୀ କାଶ୍ୟପ ଅଲିମ୍ପିକ ଚାମ୍ପିୟନ ତଥା ଚାଇନାର ଚେନ୍ ଲଙ୍ଗ୍‌ଙ୍କଠାରୁ ୯–୧୧, ୨୧–୧୫, ୧୬–୨୧ ଗେମ୍‌ରେ ହାରିଯାଇଛନ୍ତି। ସମୀର ବର୍ମା ତାଙ୍କ ପ୍ରଭାବୀ ପ୍ରଦର୍ଶନ ଜାରି ରଖିବା ସହ ଚାଇନାର ଲୁ ଗୁଆଙ୍ଗଝୁଙ୍କୁ ୨୧–୧୫, ୨୧–୧୮ରେ ହରାଇ ଦେଇଛନ୍ତି। ପରବର୍ତ୍ତୀ ରାଉଣ୍ଡରେ ସେ ଦ୍ୱିତୀୟ ସିଡ୍ ତାଇପେ ଖେଳାଳି ଚୋଉ ତିନ୍ ଚେନ୍ କିମ୍ବା ଡେନମାର୍କର ଜାନ୍ ଓ' ଜର୍ଜେନସେନ୍‌ଙ୍କ ସହିତ ମୁକାବିଲା କରିବେ। ପ୍ରଣବ ଜେରୀ ଓ ଏନ. ସିକ୍କି ରେଡ୍ଡୀ ମଧ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ଏହି ଯୋଡ଼ି ବିଶ୍ୱର ୧୧ ନମ୍ବର ହଂକଂ ଯୋଡ଼ି ଟଙ୍ଗ ଚୁନ୍ ମନ୍ ଏବଂ ତିସେ ୟିଙ୍ଗ୍ ସୁଏତ୍‌ଙ୍କୁ ୨୧–୧୭, ୬–୨୧, ୨୧–୧୯ରେ ପରାସ୍ତ କରିଛନ୍ତି।


'ତୁମ ମାଟି ଦେହ ଗ୍ରାସିଛି ଶ୍ମଶାନ, ମାତ୍ର ଯଶୋଦେହେ ତୁମେ ଆୟୁଷ୍ମାନ'
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି
ଡ଼ା. ସୁବାସ ଚନ୍ଦ୍ର ରଥ
ଆବିର୍ଭାବ : ତା ୧୧.୦୯.୧୯୪୮ ତିରୋଧାନ : ତା ୦୨.୦୪.୨୦୧୯
ରଥ ପରିବାର, ଡ୍ରିମ୍ସ ପରିବାର, ଶ୍ରୀ ଦୁର୍ଗା କନ୍‌ଡେଭ୍ ପ୍ରା.ଲିଃ. ପରିବାର ଓ ମା' ଶକ୍ତି ହସ୍‌ପିଟାଲ ପରିବାର ସଦସ୍ୟବୃନ୍ଦ ।
କଏରାପାରୀ, ଟାଙ୍ଗୀ, କଟକ
୧୯୪୮-୨୦୧୯
କାର୍ଯ୍ୟସୂଚୀ :
ଏକାଦଶାହ୍‌କର୍ମ
ତା ୧୨.୦୪.୨୦୧୯ (ଶୁକ୍ରବାର)
ଡ଼ା. ସୁବାସ ଚନ୍ଦ୍ର ରଥଙ୍କ ପ୍ରତିକୃତିରେ ମାଲ୍ୟାର୍ପଣ ଓ ସ୍ମୃତିସଭା
ଅପରାହ୍ନ ୫.୦୦ ଘଟିକା :
ସ୍ଥାନ : ଜୟଶ୍ରୀ ଅଡ଼ିଟୋରିୟମ୍, ଡ୍ରିମ୍ସ ପରିସର, ଟାଙ୍ଗୀ, କଟକ
ଦ୍ୱାଦଶାହ୍‌କର୍ମ
ତା ୧୩.୦୪.୨୦୧୯ (ଶନିବାର)
ଗୀତାପାରାୟଣ ଓ ସଙ୍କୀର୍ତ୍ତନ : ପୂର୍ବାହ୍ନ ୯ ଘଟିକା
ସ୍ଥାନ : କଏରାପାରୀ ବାସଭବନ, ଟାଙ୍ଗୀ, କଟକ
ତା ୧୫.୦୪.୨୦୧୯ (ସୋମବାର)
ସ୍ମୃତିସଭା : ସନ୍ଧ୍ୟା ୭ ଘଟିକା
Venue : Crystal Courtyard
Kanan Vihar, Chandrasekharpur, Bhubaneswar


# କଳିଙ୍ଗ ଷ୍ଟାଡିୟମ ବ୍ୟବହାର ପାଇଁ ମିନର୍ଭାକୁ ଅନୁମତି

## ଏଏଫସି କପ୍ ଫୁଟ୍‌ବଲ ମେ'୧ ମ୍ୟାଚ

**ନୂଆଦିଲ୍ଲୀ, ୧୧।୪(ପି.ଟି.)**

ଦେଶର ଅନ୍ୟତମ ପ୍ରତିଷ୍ଠିତ ଫୁଟବଲ କ୍ଲବ ମିନର୍ଭା ପଞ୍ଜାବକୁ ଆଶ୍ୱସ୍ତି ମିଳିଛି। ମେ ୧ରେ ହେବାକୁଥିବା ଏଏଫ୍‌ସି କପ୍ ମ୍ୟାଚ ଆୟୋଜନ ପାଇଁ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମକୁ ଘରୋଇ ଗ୍ରାଉଣ୍ଡଭାବେ ବ୍ୟବହାର ଲାଗି ଅନୁମତି ମିଳିଛି। ତେଣୁ କ୍ଲବ ବନ୍ଦ କରିଦେବା ଯୋଜନାରୁ ମିନର୍ଭା ଓହରିଛି।

ପ୍ରକାଶଯୋଗ୍ୟ ଯେ, ସର୍ବଭାରତୀୟ ଫୁଟବଲ ଫେଡେରେଶନ (ଏଆଇଏଫଏଫ)ର ଜିଦ୍ ଯୋଗୁ ଓଡ଼ିଶା ସରକାର ନେପାଳର ମନଙ୍ଗ ମାରସ୍ୟାଙ୍ଗଡି କ୍ଲବ ବିପକ୍ଷ ଗ୍ରୁପ 'ଇ' ମ୍ୟାଚ ଆୟୋଜନ ପାଇଁ ଅନୁମତି ଦେବାରୁ ଓହରି ଯାଇଛନ୍ତି ବୋଲି ମିନର୍ଭା ଅଭିଯୋଗ କରିଥିଲା। କ୍ଲବ ମାଲିକ ରଣଜିତ ବଜାଜ ଏ ସମ୍ପର୍କରେ ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପରିବର୍ତ୍ତିତ ପରିସ୍ଥିତିରେ ମିନର୍ଭା କେବଳ ମେ'୧ ମ୍ୟାଚ ପାଇଁ କଳିଙ୍ଗ ଷ୍ଟାଡିୟମକୁ ବ୍ୟବହାର କରିପାରିବ ବୋଲି ଓଡ଼ିଶା ସରକାରଙ୍କ ପକ୍ଷରୁ ଅବଗତ କରାଯାଇଛି। ବଜାଜ ଗୁରୁବାର ଏହା ପ୍ରକାଶ କରିଛନ୍ତି। "ମୁଁ ଅତ୍ୟନ୍ତ ଖୁସି, ମ୍ୟାଚ ଆୟୋଜନ ପାଇଁ ଅନୁମତି ଦେଇଥିବାରୁ ମୁଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କ୍ରୀଡ଼ା ସଚିବ ଓ ନିର୍ଦ୍ଦେଶକଙ୍କୁ ଧନ୍ୟବାଦ ଜଣାଇବାକୁ ଚାହିଁବି'' ବୋଲି ବଜାଜ କହିଛନ୍ତି। ଜୁନ ୧୯ ଓ ୨୬ରେ ଆମର ଆଉ ୨ଟି ମ୍ୟାଚ ଅଛି। ତେବେ ଏହି ୨ ମ୍ୟାଚ ପାଇଁ ଆମେ କଳିଙ୍ଗ ଷ୍ଟାଡିୟମକୁ ବ୍ୟବହାର କରିପାରିବୁ ନାହିଁ। ତେଣୁ ପରବର୍ତ୍ତୀ ୨ଟି ମ୍ୟାଚ ପାଇଁ ଆମେ ଅନ୍ୟ ଷ୍ଟାଡିୟମ ପାଇବାକୁ ଚେଷ୍ଟା କରିବୁ। ୨ ମାସରୁ ଊର୍ଦ୍ଧ୍ୱ ସମୟ ହାତରେ ଥିବାରୁ ଭେନ୍ୟୁ ପାଇବାନେଇ ଆମେ ଆଶାବାଦୀ ବୋଲି ବଜାଜ ପ୍ରକାଶ କରିଛନ୍ତି। କେତେକ ଭେନ୍ୟୁ ଆମ ମନରେ ରହିଛି। ଆସାମର ଗୁଆହାଟୀ ଓ ଗୋଆର ଫତୋର୍ଦାକୁ ଭେନ୍ୟୁ କରାଯିବା ଆଶା ରହିଛି। ଏ ଷ୍ଟାଡିୟମଗୁଡ଼ିକ ଏଏଫସି ଅନୁମୋଦନ ଲାଭ କରିଛି। ତେଣୁ ଆମେ ଗୁଆହାଟୀ, ଗୋଆ ଏବଂ ଅନ୍ୟମାନଙ୍କୁ ମଧ୍ୟ ଅନୁରୋଧ କରିବୁ। ଷ୍ଟାଡିୟମ ବ୍ୟବହାର ପାଇଁ ଫି' ମଧ୍ୟ ଅନ୍ୟତମ ପ୍ରସଙ୍ଗ ରହିବ ବୋଲି ସେ କହିଛନ୍ତି। ମିନର୍ଭାର ଅନ୍ୟ ୨ଟି ହୋମ୍ ଗେମ୍ ଚେନ୍ନାଇନ୍ ଏଫସି(ଜୁନ୍ ୧୯) ଓ ବାଂଲାଦେଶର ଆବାହନୀ ଲିମିଟେଡ ଢାକା(ଜୁନ ୨୬) ବିପକ୍ଷରେ ରହିଛି।

କ୍ଲବ ବନ୍ଦ କରିଦେବା ପାଇଁ ଚିନ୍ତା କରୁଥିବା ସମ୍ପର୍କରେ ବଜାଜ କହିଲେ ଯେ, "ମେ ୧ ମ୍ୟାଚ ପାଇଁ ଭେନ୍ୟୁ ନ ମିଳିଲେ ଆମେ ଏ ସମ୍ପର୍କରେ ଚିନ୍ତା କରିବୁ ବୋଲି କହିଥିଲି। ଆମେ ଏହି ମ୍ୟାଚ ଆୟୋଜନ ପାଇଁ ଭେନ୍ୟୁ ନ ପାଇଥିଲେ ଏଏଫ୍‌ସି ପକ୍ଷରୁ ଆମ କ୍ଲବକୁ ୩ରୁ ୫ ବର୍ଷ ପର୍ଯ୍ୟନ୍ତ ବାସନ୍ଦ କରାଯାଇଥାନ୍ତା। ଏହା ସହିତ ମ୍ୟାଚ ପିଛା ୫୦,୦୦୦ ଆମେରିକୀୟ ଡଲାର ଜରିମାନା ମଧ୍ୟ ଆମ ଉପରେ ଲଗାଯାଇଥାନ୍ତା। ଏହା ଅର୍ଥ ୬ ଗ୍ରୁପ ମ୍ୟାଚ ପାଇଁ ୩ ଲକ୍ଷ ଆମେରିକୀୟ ଡଲାର ଜରିମାନା କରାଯିବା ସହ ଆମ ବିପକ୍ଷରେ ୦-୩ରେ ମ୍ୟାଚ ଫଳାଫଳ ମଧ୍ୟ ଲାଗୁ କରାଯାଇଥାନ୍ତା। ବାସନ୍ଦ ଅବଧି ଏବଂ ବଡ଼ଧରଣର ଜରିମାନାକୁ ଦୃଷ୍ଟିରେ ରଖି ଆମେ ଏପରି ନିଷ୍ପତ୍ତି ନେବାକୁ ଯାଉଥିଲୁ'' ବୋଲି ବଜାଜ କହିଛନ୍ତି। କ୍ଲବ ବନ୍ଦ କରିବା ବ୍ୟତୀତ ଆମ ନିକଟରେ ଆଉ କୌଣସି ଚାରା ନ ଥିଲା। ମାତ୍ର ଏବେ ସ୍ଥିତିରେ ପରିବର୍ତ୍ତନ ଆସିଛି। ଏବେ ଆମେ ମେ ୧ ମ୍ୟାଚ ଉପରେ ଫୋକସ କରିବୁ ବୋଲି ସେ ପ୍ରକାଶ କରିଛନ୍ତି।

---

ଲୋରେଟ୍ କପ୍ ହ୍ୟାଣ୍ଡବଲ୍ ଟୁର୍ନାମେଣ୍ଟ

# ଭାରତୀୟ ଦଳରେ ଆର୍ଯ୍ୟନ



**ଭୁବନେଶ୍ୱର, ୧୧।୪(ସ୍ପୋର୍ଟ୍ସ ବ୍ୟୁରୋ)**

ସ୍ପେନ୍‌ରେ ଆସନ୍ତା ୧୩ରୁ ୧୮ ତାରିଖ ମଧ୍ୟରେ ଖେଳାଯିବାକୁ ଥିବା ଲୋରେଟ୍ କପ୍ ହ୍ୟାଣ୍ଡବଲ୍ ଟୁର୍ନାମେଣ୍ଟରେ ଓଡ଼ିଶାର ଆର୍ଯ୍ୟନ ବ୍ରାହ୍ମିନ୍ ଭାରତୀୟ ଦଳ ତରଫରୁ ପ୍ରତିନିଧିତ୍ୱ କରିବେ। ହ୍ୟାଣ୍ଡବଲ୍‌ରେ ସେ ପ୍ରଥମ ଓଡ଼ିଆ ଖେଳାଳି ଭାବେ ଦେଶ ତରଫରୁ ପ୍ରତିନିଧିତ୍ୱ କରିବାର ସୁଯୋଗ ହାସଲ କରିଛନ୍ତି। ସେ ୧୬ ବର୍ଷରୁ କମ୍ ଦଳରେ ଖେଳିବାକୁ ଚୟନ ହୋଇଛନ୍ତି ବୋଲି ହ୍ୟାଣ୍ଡବଲ୍ ଫେଡେରେଶନ ଅଫ୍ ଇଣ୍ଡିଆ ସମ୍ପାଦକ ଆନନ୍ଦେଶ୍ୱର ପାଣ୍ଡେ ସୂଚନା ଦେଇଛନ୍ତି। ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିବାକୁ ଭାରତୀୟ ଦଳ ଗୁରୁବାର ଦିଲ୍ଲୀରୁ ସ୍ପେନ୍ ଯାତ୍ରା କରିଛି। ଆର୍ଯ୍ୟନ୍ ଦିଲ୍ଲୀ ପବ୍ଲିକ୍ ସ୍କୁଲ କଳିଙ୍ଗାରେ ଦଶମ ଶ୍ରେଣୀରେ ପଢୁଛନ୍ତି। ୨୦୧୮ ଜୁଲାଇ ୨୬ରୁ ୩୧ ତାରିଖ ମଧ୍ୟରେ ଲଣ୍ଡନରେ ଅନୁଷ୍ଠିତ ୧୬ ବର୍ଷରୁ କମ୍ ଜୁନିୟର ହ୍ୟାଣ୍ଡବଲ୍ କପ୍ ଚାମ୍ପିୟନଶିପ୍‌ରେ ଆର୍ଯ୍ୟନ୍ ଭାରତୀୟ ଦଳ ତରଫରୁ ଅଂଶଗ୍ରହଣ କରିଥିଲେ। ଏହି ଟୁର୍ନାମେଣ୍ଟରେ ସେ ଉଚ୍ଚକୋଟୀର ପ୍ରଦର୍ଶନ କରିଥିଲେ।

# ପ୍ରଥମ ଦିନିକିଆରେ ଜିମ୍ବାୱେର ସହଜ ବିଜୟ

**ହରାରେ, ୧୧।୪**

ଭ୍ରମଣକାରୀ ୟୁଏଇ ବିପକ୍ଷରେ ଏଠାରେ ଖେଳାଯାଇଥିବା ପ୍ରଥମ ଦିନିକିଆ ମ୍ୟାଚ୍‌ରେ ଜିମ୍ବାୱେ ସହଜ ବିଜୟ ହାସଲ କରିଛି। ୟୁଏଇ ପକ୍ଷରୁ ଧାର୍ଯ୍ୟ ୧୧୧ ରନର ଛୋଟିଆ ଲକ୍ଷ୍ୟକୁ ଘରୋଇ ଜିମ୍ବାୱେ ୩ ଉଇକେଟ୍ ହରାଇ ହାସଲ କରିନେଇଥିଲା। ବିଜୟ ସହ ଜିମ୍ବାୱେ ୪ ମ୍ୟାଚ୍ ବିଶିଷ୍ଟ ସିରିଜରେ ୧-୦ରେ ଅଗ୍ରଣୀ ଲାଭ କରିଛି। ସିରିଜର ୨ୟ ମ୍ୟାଚ୍ ଶୁକ୍ରବାର ଖେଳାଯିବ। ଟସ୍ ହାରି ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ୟୁଏଇ ପ୍ରତିପକ୍ଷ ବୋଲରଙ୍କୁ ସାମ୍ନା କରି ନ ପାରି ନିୟମିତ ବ୍ୟବଧାନରେ ଉଇକେଟ୍ ହରାଇଥିଲା। ମଧ୍ୟକ୍ରମରେ ମହମ୍ମଦ ବୁଟା (୩୬ ରନ)ଙ୍କୁ ଛାଡ଼ିଦେଲେ ଅନ୍ୟ କୌଣସି ବ୍ୟାଟ୍ସମ୍ୟାନ ପ୍ରଭାବୀ ପ୍ରଦର୍ଶନ କରିପାରି ନ ଥିଲେ। ଫଳରେ ୟୁଏଇ ୪୪.୫ ଓଭରରେ ୧୧୦ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଜିମ୍ବାୱେ ପକ୍ଷରୁ ୩ ଡାହାଣହାତୀ ଦ୍ରୁତ ବୋଲର ଟେଣ୍ଡାଇ ଚତରା (୧୦-୨-୨୫-୩), କାଏଲ ଜାର୍ଭିସ (୭.୫-୨-୧୧-୨) ଓ ଡୋନାଲ୍ଡ ତ୍ରିପାନୋ (୮-୩-୧୮-୨) ଚମତ୍କାର ବୋଲିଂ କରିଥିଲେ। ଅଫ୍‌ସ୍ପିନର ସିକନ୍ଦର ରାଜା ମଧ୍ୟ ନିଜ ୧୦ ଓଭର ସ୍ପେଲରେ ୨୧ ରନ ଦେଇ ଗୋଟିଏ ଉଇକେଟ୍ ନେଇଥିଲେ। ଜବାବରେ ଛୋଟିଆ ଟାର୍ଗେଟ୍‌କୁ ପିଛା କରିଥିବା ଜିମ୍ବାୱେ ୨୩.୧ ଓଭରରେ ୩ ଉଇକେଟ୍ ହରାଇ ହାସଲ କରିନେଇଥିଲା। ଦଳ ପକ୍ଷରୁ କ୍ରେଗ୍ ଏର୍ଭିନ ୫୧, ଉଇକେଟ୍‌କିପର ରେଗିସ ଚକାବଭା ୩୮ ଓ ସୋଲୋମନ ମିର୍ ୧୧ ରନ କରି ଆଉଟ୍ ହୋଇଥିଲେ। ସିନ୍ ୱିଲିୟମ ୫ ଓ ଟିମିସେନ ମାରୁମା ୪ ରନରେ ଅପରାଜିତ ରହିଥିଲେ। ପ୍ରଭାବୀ ବୋଲିଂ ଲାଗି ଚତରାଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା।

# ଦୁଇ ନୂଆ ଦଳ ମଧ୍ୟରେ ଲଢ଼େଇ

## ସୁପର କପ୍ ଫୁଟବଲ ଫାଇନାଲ

**ଭୁବନେଶ୍ୱର, ୧୧।୪(କ୍ରୀଡ଼ା ପ୍ରତିନିଧି)**

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ସୁପର କପ୍ ଫୁଟବଲ ଟୁର୍ନାମେଣ୍ଟ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। ପ୍ରତିଯୋଗିତାର ଫାଇନାଲ ଶନିବାର ଏଫସି ଗୋଆ ଓ ଚେନ୍ନାଇନ୍ ଏଫ୍‌ସି ମଧ୍ୟରେ ଅନୁଷ୍ଠିତ ହେବ। ପ୍ରଥମ ସେମିଫାଇନାଲରେ ଏଫ୍‌ସି ଗୋଆ ୩-୦ ଗୋଲରେ ଆଇ-ଲିଗ୍ ଚାମ୍ପିୟନ ଚେନ୍ନାଇ ସିଟିକୁ ହରାଇଥିବାବେଳେ ଦ୍ୱିତୀୟ ସେମିଫାଇନାଲରେ ଚେନ୍ନାଇନ୍ ୨-୦ ଗୋଲରେ ଆଟଲେଟିକୋ ଡି କୋଲକାତା (ଏଟିକେ)କୁ ପରାସ୍ତ କରିଛି। ଗତବର୍ଷ ପ୍ରଥମ ସଂସ୍କରଣର ଚାମ୍ପିୟନ ବେଙ୍ଗାଲୁରୁ ଏଫସି କ୍ୱାର୍ଟର ଫାଇନାଲରୁ ବିଦାୟ ନେଇସାରିଥିବାରୁ ଏବଂ ରନର୍ସଅପ୍ ଇଷ୍ଟବେଙ୍ଗଲ ଓହରି ଯାଇଥିବାରୁ ଏଥର ଦୁଇ ନୂଆ ଦଳ ମଧ୍ୟରେ ଟାଇଟଲ ମୁକାବିଲା ହେବାକୁ ଯାଉଛି।

ଗତ ଇଣ୍ଡିଆନ ସୁପର ଲିଗ୍(ଆଇଏସଲ)ର ଫାଇନାଲରେ ଗୋଆ ପ୍ରବେଶ କରିଥିଲା। ମାତ୍ର ବେଙ୍ଗାଲୁରୁ ଏଫସି ନିକଟରୁ ପରାଜିତ ହୋଇ ରନର୍ସଅପ୍‌ରେ ସନ୍ତୁଷ୍ଟ ହୋଇଥିଲା। ତେଣୁ ଚଳିତ ସିଜନରେ ଏକ ଟ୍ରଫି ହାସଲ ପାଇଁ ଏହି ଦଳର ଖେଳାଳିମାନେ ବ୍ୟଗ୍ର। ଦଳର ଅନ୍ୟତମ ପ୍ରଭାବଶାଳୀ ଖେଳାଳି ଅହମ୍ମଦ ଜାହୋଉଙ୍କ ବିନା ଗୋଆ ଏହି ଟୁର୍ନାମେଣ୍ଟ ଖେଳୁଛି। ତାଙ୍କ ଅନୁପସ୍ଥିତି ସତ୍ତ୍ୱେ ଗୋଆ ଚମତ୍କାର ଫର୍ମ ଜାରି ରଖି ସୁପର କପ୍‌ର ଫାଇନାଲରେ ପ୍ରବେଶ କରିଛି। କ୍ୱାର୍ଟର ଫାଇନାଲରେ ଜାମସେଦପୁର ଏଫ୍‌ସି ନିକଟରୁ କଡ଼ା ଚ୍ୟାଲେଞ୍ଜ ପାଇଥିଲେ ହେଁ ଶେଷରେ ଦଳ ୪-୩ ଗୋଲରେ ବିଜୟୀ ହେବାରେ ସକ୍ଷମ ହୋଇଥିଲା। ସେମିଫାଇନାଲରେ ଦଳ ଆଇ-ଲିଗ୍ ଚାମ୍ପିୟନ ଚେନ୍ନାଇ ସିଟିକୁ ହରାଇବାପରେ ଖେଳାଳିଙ୍କ ମନୋବଳ କାହିଁ କେତେ ଉପରେ ପହଞ୍ଚିଛି। ଗୋଆର ଫେରେନ କୋରୋମିନାସ ଡବଲ ଗୋଲ ଦେଇ ମ୍ୟାଚକୁ ଏକ ପାଖିଆ କରି ଦେଇଥିଲେ। ବ୍ରେଣ୍ଡନ ଫର୍ନାଣ୍ଡିଜ ଗୋଟିଏ ଗୋଲ ଦେବାରୁ ଗୋଆ ୩-୦ ଗୋଲରେ ଚେନ୍ନାଇ ସିଟି ଏଫସିକୁ ପରାସ୍ତ କରିଥିଲା।

ଅନ୍ୟପକ୍ଷରେ ଗତ ଆଇଏସଏଲରେ ଆଶାନୁରୂପ ପ୍ରଦର୍ଶନ କରିପାରି ନ ଥିବା ଚେନ୍ନାଇନ୍ ଦଳଗତଭାବେ ଏପର୍ଯ୍ୟନ୍ତ ସୁପର କପ୍‌ରେ ଚମତ୍କାର ଖେଳିଛି। ଫାଇନାଲ ପଥରେ ଏହି ଦଳ ମୁମ୍ବାଇ ସିଟି ଏଫସି, ନର୍ଥଇଷ୍ଟ ୟୁନାଇଟେଡ ଓ ଏଟିକେକୁ ପରାସ୍ତ କରିଛି। ସବୁଠାରୁ ବଡ଼ କଥା ହେଲା ଦଳ ଏପର୍ଯ୍ୟନ୍ତ ମାତ୍ର ଗୋଟିଏ ଗୋଲ ବରଣ କରିଛି। ମିଡ୍‌ଫିଲ୍ଡକୁ ଧନପାଲ ଗଣେଶଙ୍କ ପ୍ରତ୍ୟାବର୍ତ୍ତନ ଏବଂ ଅନିରୁଦ୍ଧ ଥାପା ଫର୍ମକୁ ଫେରିବା ଚେନ୍ନାଇନ୍‌କୁ ବେଶ୍ ସୁହାଇଛି। ମାଲିସନ ଆଲସେଙ୍କ ନେତୃତ୍ୱାଧୀନ ରକ୍ଷଣଭାଗ ଏବଂ ଗୋଲପୋଷ୍ଟରେ କରନଜିତ ସିଂଙ୍କ ଚମତ୍କାର ସେଭ୍ ଦଳକୁ ଅଗ୍ରଣୀ ସିଟ୍‌ରେ ବସାଇଛି। ଏଟିକେ ବିପକ୍ଷରେ ଥାପାଙ୍କ ପ୍ରଦର୍ଶନ ଅତି ଚମତ୍କାର ରହିଥିଲା। ଜେଜେ ଲାଲପେଖଲୁଆ ଓ ସି.କେ. ଭିନିଥ ଏପର୍ଯ୍ୟନ୍ତ ମାତ୍ର ୩ଟି ଗୋଲ ଦେଇପାରିଛନ୍ତି। ତାଙ୍କ ନିକଟରୁ ଗ୍ରେଗୋରି ଅଧିକ କିଛି ଆଶା କରୁଛନ୍ତି।



ଏଟିକେ ବିପକ୍ଷରେ ବିଜୟ ପରେ ଉଲ୍ଲସିତ ଚେନ୍ନାଇନ୍ ଏଫ୍‌ସି ଦଳର ଖେଳାଳିମାନେ।



ମାଲେସିଆ ବିପକ୍ଷ ହକି ସିରିଜର ଗୁରୁବାର ମ୍ୟାଚରେ ବଲ ନେଇ ଆଗେଇ ଯାଉଛନ୍ତି ଭାରତର ନଭଜୋତ କୌର।

# ମାଲେସିଆ ବିପକ୍ଷରେ ଭାରତ ଅପରାଜେୟ

## ମହିଳା ହକି ସିରିଜ

**କୁଆଲାଲମ୍ପୁର(ମାଲେସିଆ), ୧୧।୪**

ଭାରତୀୟ ମହିଳା ହକି ଦଳ ଗୁରୁବାର ଅନୁଷ୍ଠିତ ୫ମ ତଥା ଅନ୍ତିମ ମ୍ୟାଚରେ ମାଲେସିଆକୁ ୧-୦ ଗୋଲରେ ପରାସ୍ତ କରିଛି। ମ୍ୟାଚର ୩୫ତମ ମିନିଟରେ ନଭଜୋତ କୌର ଭାରତ ପକ୍ଷରୁ ଏକମାତ୍ର ଗୋଲଟି ସ୍କୋର କରିଥିଲେ। ଏଥିସହ ଦ୍ୱିପାକ୍ଷିକ ସିରିଜକୁ ୪-୦ରେ ଜିତିଛି ଭାରତ। ପ୍ରଥମ ମ୍ୟାଚକୁ ୩-୦ ଓ ଦ୍ୱିତୀୟ ମ୍ୟାଚକୁ ୫-୦ରେ ଜିତିଥିବା ଭାରତ ତୃତୀୟ ମ୍ୟାଚକୁ ୪-୪ ଗୋଲରେ ଡ୍ର ରଖିଥିଲା। ୪ର୍ଥ ମ୍ୟାଚକୁ ୧-୦ ଓ ୫ମ ମ୍ୟାଚକୁ ୧-୦ରେ ଜିତି ଅପରାଜେୟ ରହିବା ସହ ଗସ୍ତ ଶେଷ କରିଛି ଭାରତୀୟ ଦଳ।

ସିରିଜର ପୂର୍ବ ମ୍ୟାଚଗୁଡ଼ିକ ଭଳି ଭାରତ ଅନ୍ତିମ ମ୍ୟାଚରେ ମଧ୍ୟ ପ୍ରଭାବୀ ପ୍ରଦର୍ଶନ କରିଥିଲା। ମାତ୍ର ଅନେକଥର ସୁଯୋଗର ସଦ୍‌ବ୍ୟବହାର କରିପାରି ନ ଥିଲା। ବିଶେଷ କରି ପେନାଲ୍ଟି କର୍ନର କନଭର୍ସନ ଭାରତ ପାଇଁ ଏବେ ମଧ୍ୟ ଚିନ୍ତାର କାରଣ ରହିଛି। ଗୋଲ କନଭର୍ସନ ଉପରେ ଆମକୁ କାମ କରିବାକୁ ପଡ଼ିବ ବୋଲି ମ୍ୟାଚ ପରେ ମୁଖ୍ୟ କୋଚ୍ ଜୋର୍ଡ ମାରିଜନେ ପ୍ରକାଶ କରିଛନ୍ତି। "ଆମେ ଅନେକଥର ପ୍ରତିପକ୍ଷ ସର୍କଲରେ ପ୍ରବେଶ କରିଥିବାରୁ ମୁଁ ବହୁତ ଖୁସି। ଆମେ ଗୋଲ ସ୍କୋରିଂ ପାଇଁ ପର୍ଯ୍ୟାପ୍ତ ସୁଯୋଗ ସୃଷ୍ଟି କରିଥିଲୁ। ମାତ୍ର ଠିକ୍ ସମୟରେ ତାହାର ସଦୁପଯୋଗ କରିପାରି ନ ଥିଲୁ। ଏହାକୁ ଆମକୁ ଗୁରୁତ୍ୱ ଦେବାକୁ ପଡ଼ିବ'' ବୋଲି ମାରିଜନେ କହିଛନ୍ତି। ମାଲେସିଆ ପରି ଏକ ରକ୍ଷଣାତ୍ମକ ଦଳ ବିପକ୍ଷରେ କିପରି ଖେଳିବାକୁ ହୁଏ ତାହା ଏହି ସିରିଜରୁ ଶିକ୍ଷା ମିଳିଛି। ଆମର ଅନେକ ଯୁବ ଖେଳାଳି ଏହି ସିରିଜରେ ଅନ୍ତର୍ଜାତୀୟ ଅଭିଜ୍ଞତା ମଧ୍ୟ ପାଇଛନ୍ତି। ଏହା ଆମକୁ ଭବିଷ୍ୟତରେ ଦଳ ପ୍ରସ୍ତୁତ କରିବାରେ ବିଶେଷ ସହାୟକ ହେବ ବୋଲି ମାରିଜନେ ପ୍ରକାଶ କରିଛନ୍ତି।

# ସୋସିଆଲ ମିଡିଆର ଗୁରୁତ୍ୱ

ଗୌତମ ଗମ୍ଭୀର

ଏବେ ସୋସିଆଲ ମିଡିଆର ଜମାନା। କାରଣ ଏଥିରେ ବର୍ତ୍ତମାନ କେତେକ ଚର୍ଚ୍ଚିତ ଘଟଣା ଦେଖିବାକୁ ମିଳିଛି। ଖାସ୍ କରି ଇନ୍‌ଷ୍ଟାଗ୍ରାମରେ। ରୋହିତ ଶର୍ମାଙ୍କ ୩ ମାସର ଝିଅ ସାମିରାକୁ କେହି ଜଣେ ସ୍ପାନିସ୍ ଭାଷାରେ କିଛି କହୁଥିବାର ଇନ୍‌ଷ୍ଟାଗ୍ରାମ୍‌ରେ ଦେଖିବାକୁ ମିଳିଥିଲା। ଅବଶ୍ୟ ଏହା ରୋହିତ୍‌ଙ୍କୁ ବେଶ୍ ଖୁସି କରିଥିବ। ଏହାପରେ ମହେନ୍ଦ୍ର ସିଂ ଧୋନୀଙ୍କ ଇନ୍‌ଷ୍ଟାଗ୍ରାମ୍ ହ୍ୟାଣ୍ଡଲ୍‌ରେ ଆଉ ଏକ ମଜାଦାର କଥା ଦେଖିବାକୁ ମିଳିଛି। ଧୋନୀ ବିମାନବନ୍ଦରର ସର୍ବସାଧାରଣ ସ୍ଥାନରେ ତଳେ ଶୋଇଥିବା ଦେଖିବାକୁ ମିଳିଛି। ଜଣେ ପୂର୍ବତନ ଭାରତୀୟ ଅଧିନାୟକ ତଳେ ଏପରି ଶୋଇରହିବା ଅନେକଙ୍କୁ ଚକିତ କରିଥିବ। ଏହାକୁ ଅବଶ୍ୟ ମୁଁ ପସନ୍ଦ କରୁଛି। ଖେଳାଳିମାନେ ଅଧିକରୁ ଅଧିକ ଲୋକପ୍ରିୟ ହେବାକୁ ଚାହୁଁଛନ୍ତି। ସେମାନେ ସେମାନଙ୍କର ପ୍ରଶଂସକଙ୍କ ସଂଖ୍ୟା ଆହୁରି ବଢାଇବାକୁ ଚାହୁଁଛନ୍ତି। କିଛି ବର୍ଷ ତଳେ ଏକ ଅସ୍ୱାଭାବିକ ଘଟଣା ମୁଁ ଅଙ୍ଗେ ନିଭାଇଥିଲି। ଜଣେ ଯୁବ ଖେଳାଳି ତାଙ୍କ ଆଇପିଏଲ୍ ଫ୍ରାଞ୍ଚାଇଜ୍ ଟିମ୍ ଭିଡିଓରେ କାହିଁକି ସ୍ଥାନ ପାଇଲେନି ବୋଲି ଅଭିଯୋଗ କରିଥିଲେ। ଅପେକ୍ଷାକୃତ ଖରାପ ପ୍ରଦର୍ଶନ କରିଥିବା ଖେଳାଳିମାନେ ସ୍ଥାନ ପାଇଥିଲେ, ମୁଁ କାହିଁକି ନୁହଁ ବୋଲି ସେ ପ୍ରଶ୍ନ କରିଥିଲେ। ଏହା ମୋତେ ନିରାଶ କରିଥିଲା। ନିଜ ପ୍ରଦର୍ଶନ ଓ ସ୍ଥିରତାକୁ ନେଇ ଯୁବ ଖେଳାଳି ଜଣକ ପ୍ରୟାସ କରିବା ବଦଳରେ ଟିମ୍ ଇନ୍‌ଷ୍ଟାଗ୍ରାମ ହ୍ୟାଣ୍ଡଲ୍‌ରେ କାହିଁକି ସ୍ଥାନ ପାଇଲେନି ବୋଲି ଚିନ୍ତିତ ଥିଲେ। କେବଳ ସେ ନୁହଁ, ଦୁଃଖର କଥା ଯେ ମାତ୍ର ଏକାଧିକ ଖେଳାଳିଙ୍କ ମନୋଭାବ ଏପରି ରହିଛି। ଭାରତୀୟ ଦଳକୁ ପ୍ରତ୍ୟାବର୍ତ୍ତନ କରିବାକୁ ପ୍ରୟାସ ଜାରି ରଖିଥିବା କେତେକ ଖେଳାଳି ମଧ୍ୟ ଏହି ପରି ଅନୁଭବ କରୁଛନ୍ତି। ସେଭଳି ଆଖିଦୃଶିଆ ପ୍ରଦର୍ଶନ କରି ନ ଥିଲେ ମଧ୍ୟ ସୋସିଆଲ ମିଡିଆରେ ଚର୍ଚ୍ଚିତ ହେବା ଦ୍ୱାରା ଭଲ ବ୍ରାଣ୍ଡର ବିଜ୍ଞାପନ ମିଳିବାର ଯଥେଷ୍ଟ ସମ୍ଭାବନ ରହିଛି ଓ ପୁଣି ଏକ ଫ୍ୟାନ୍ ବେଶ୍ ସୃଷ୍ଟି ହେବା ସହ ଚୟନକର୍ତ୍ତାଙ୍କ ଦୃଷ୍ଟି ଆକର୍ଷଣ ମଧ୍ୟ କରିହେବ ବୋଲି କେତକେ ଭାବୁଛନ୍ତି। କ୍ରିକେଟରେ ଏବେ ସୋସିଆଲ ମିଡିଆର ଗୁରୁତ୍ୱ ବେଶ୍ ଦେଖିବାକୁ ମିଳୁଛି। ତେବେ ଏହା କେତେଦୂର ଠିକ୍ ତାହା କହିପାରିବିନି।

ଶୁକ୍ରବାର ଇଡେନ ଗାର୍ଡେନରେ ଦିଲ୍ଲୀ କ୍ୟାପିଟାଲ୍ସ ଓ କୋଲକାତା ନାଇଟ ରାଇଡର୍ସ ମଧ୍ୟରେ ମ୍ୟାଚ୍ ଖେଳାଯିବ। ସୋସିଆଲ ମିଡିଆ ଦୃଷ୍ଟିକୋଣରୁ ହୋଇଥିବା ମୁକାବିଲାରେ କୋଲକାତା ବିଜୟୀ ହେବ ବୋଲି କୁହାଯାଇପାରେ। ତେବେ ଇଡେନ ଗାର୍ଡେନରେ ଦିଲ୍ଲୀର ବୋଲିଂ ବେଶି ପ୍ରଭାବୀ ହେବ ବୋଲି ଭାବୁଛି। କାଗିସୋ ରାବାଡ଼ା ଇଡେନ୍‌ର ନୂଆ ପିଚ୍‌ରେ ଭଲ ବୋଲିଂ କରିବେ। ଟ୍ରେଣ୍ଟ ବୋଲ୍ଟ ମଧ୍ୟ ପଛରେ ପଡିବେ ନାହିଁ। ଏହି ମ୍ୟାଚରେ କେତୋଟି ମଜାଦାର ଶଟ୍ ଓ ମ୍ୟାଚ୍ ସରିବା ପରେ ବିଜୟ ଉତ୍ସବ ମନାଉଥିବାର ଭିଡିଓ ଦିଲ୍ଲୀ ଇନ୍‌ଷ୍ଟାଗ୍ରାମ୍ ହ୍ୟାଣ୍ଡେଲରେ ଦେଖିବାକୁ ମୁଁ ବ୍ୟଗ୍ର ହୋଇ ରହିଛି। (ଗେମ୍ ପ୍ଲାନ୍)

SEAGRAM'S
ROYAL STAG
MEGA CRICKET · CRICKET GEAR


## ନିର୍ବାଚନ ଅଧିକାରୀ ତଥା ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ସଦର, ସମ୍ବଲପୁର

OFFICE OF THE RETURNING OFFICER-CUM-SUB-COLLECTOR, SADAR, SAMBALPUR

Fax No: 0663-2410387, Ph. No: 0663-2410387(O), 0663-2411702(R),
Email: subcol.samb-od@nic.in

ସଂଖ୍ୟା: ୨୭୮୭/ ନିର୍ବାଚନ ତାରିଖ:୦୯।୦୪।୨୦୧୯

ପ୍ରାପ୍ତେଷୁ

୧୬-ରେଙ୍ଗାଲି ଏବଂ ୧୭-ସମ୍ବଲପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ସମସ୍ତ ପ୍ରାର୍ଥୀ/ପ୍ରାର୍ଥିନୀ।

ବିଷୟ: ୧୬-ରେଙ୍ଗାଲି ଏବଂ ୧୭-ସମ୍ବଲପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ସମସ୍ତ ପ୍ରାର୍ଥୀ/ପ୍ରାର୍ଥିନୀଙ୍କ ଦୈନନ୍ଦିନ ନିର୍ବାଚନ ବ୍ୟୟ ନିରୀକ୍ଷଣ ଅନୁସୂଚୀ।

ମହାଶୟ/ମହାଶୟା,

ଅତ୍ର କାର୍ଯ୍ୟାଳୟ ପତ୍ର ସଂ.୨୭୫୯ ତା.୦୯।୦୪।୨୦୧୯ର ଆଂଶିକ ରୂପାନ୍ତରଣ ସହ ମୁଁ ଆପଣଙ୍କୁ ଜଣାଇବାକୁ ଚାହୁଁଛି ଯେ, ମାନ୍ୟବର ଭାରତୀୟ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶାବଳୀ ଅନୁସାରେ ଚଳିତ ସାଧାରଣ ନିର୍ବାଚନ-୨୦୧୯ର ୧୬-ରେଙ୍ଗାଲି ଏବଂ ୧୭-ସମ୍ବଲପୁର ବିଧାନସଭା ନିର୍ବାଚନ ମଣ୍ଡଳୀରୁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ସମସ୍ତ ପ୍ରାର୍ଥୀ/ପ୍ରାର୍ଥିନୀମାନଙ୍କର ଦୈନନ୍ଦିନ ନିର୍ବାଚନୀ ସମ୍ବନ୍ଧୀୟ ବ୍ୟୟଅଭିଲେଖ ବହି (ରେଜିଷ୍ଟର) ଏବଂ ତତ୍‌ସମ୍ବନ୍ଧୀୟ କାଗଜାତର ନିରୀକ୍ଷଣ ନିମ୍ନପ୍ରଦତ୍ତ ସାରଣୀ କାର୍ଯ୍ୟସୂଚୀ ମତେ ଅନୁଷ୍ଠିତ ହେବ। ତଦନୁସାରେ ଆପଣ ବା ଆପଣଙ୍କର ନିର୍ବାଚନ ଏଜେଣ୍ଟ ବା ଆପଣଙ୍କ ଦ୍ୱାରା ପ୍ରାଧିକୃତ ଅନ୍ୟ ଯେକୌଣସି ବ୍ୟକ୍ତିଙ୍କ ଦ୍ୱାରା ନିର୍ବାଚନୀ ଖର୍ଚ୍ଚର ହିସାବ ସମ୍ବନ୍ଧୀୟ ଅଭିଲେଖ ବହି ଏବଂ ତତ୍‌ସଂଲଗ୍ନ କାଗଜାତ ଇତ୍ୟାଦି ଧାର୍ଯ୍ୟ ତାରିଖ ଓ ସମୟରେ ନିରୀକ୍ଷଣ ନିମନ୍ତେ ଉପସ୍ଥାପନ କରିବାକୁ ଜଣାଇ ଦିଆଯାଉଅଛି।

| ଅନୁସୂଚୀ | ଯାଞ୍ଚ ତାରିଖ | ଯାଞ୍ଚ ସମୟ | ଯାଞ୍ଚ ସ୍ଥାନ |
|---|---|---|---|
| ପ୍ରଥମ ଯାଞ୍ଚ | ୧୨।୦୪।୨୦୧୯ | ଦିନ ୧୦ ଘଣ୍ଟାଠାରୁ ଅପରାହ୍ନ ୫ ଘଣ୍ଟା ପର୍ଯ୍ୟନ୍ତ | ଡି.ଆର୍.ଡି.ଏ. ସମ୍ମିଳନୀ କକ୍ଷ, ସମ୍ବଲପୁର |
| ଦ୍ୱିତୀୟ ଯାଞ୍ଚ | ୧୭।୦୪।୨୦୧୯ | | |
| ତୃତୀୟ ଯାଞ୍ଚ | ୨୧।୦୪।୨୦୧୯ | | |

ସ୍ୱା./- ନିର୍ବାଚନ ଅଧିକାରୀ ତଥା ଉପଜିଲ୍ଲାପାଳ
୧୬-ରେଙ୍ଗାଲି ଏବଂ ୧୭-ସମ୍ବଲପୁର ବିଧାନସଭା ନିର୍ବାଚନ ମଣ୍ଡଳୀ




## ସଂକ୍ଷେପରେ

### ଟ୍ରେନ୍‌ରୁ ଖସି ଛାତ୍ରଙ୍କ ମୃତ୍ୟୁ

**ଜଳେଶ୍ୱର, ୧୧।୪(ଡି.ଏନ.ଏ.)-** ଗୁରୁବାର ସକାଳେ ୫୮୦୦୪ ଡାଉନ୍ ଭଦ୍ରକ-ହାୱଡ଼ା ବାଘାଯତୀନ ପାସେଞ୍ଜରରୁ ଖସି ଜଣେ ଛାତ୍ରଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଜଳେଶ୍ୱର ବ୍ଲକ ଗୁରୁଦାସପୁର ଗ୍ରାମର ସୁନୀଲ ସିଂ(୧୯)। ସେ ବାଲେଶ୍ୱରରୁ କାମ ସାରି ଉକ୍ତ ଟ୍ରେନରେ ଘରକୁ ଫେରୁଥିଲେ। ସେ ଗେଟ୍ ପାଖରେ ଛିଡ଼ା ହୋଇଥିବା ବେଳେ ଅସାବଧାନାବଶତଃ ଟ୍ରେନ୍‌ରୁ ଖସିପଡ଼ିପଡିଥିଲେ। ଘଟଣା ସ୍ଥଳରେ ତାଙ୍କର ଶୋଚନୀୟ ମୃତ୍ୟୁ ଘଟିଥିଲା। ମୃତ ସୁନୀଲ ସ୍ଥାନୀୟ ଦୀନକୃଷ୍ଣ ମହାବିଦ୍ୟାଳୟରେ +୩ ଛାତ୍ର ଥିଲେ।

### ଅପହୃତା ନାବାଳିକା ଉଦ୍ଧାର : ଅଭିଯୁକ୍ତ ଗିରଫ

**ରୂପ୍‌ସା, ୧୧।୪(ଡି.ଏନ.ଏ.)-** ବାଲେଶ୍ୱର ସଦର ବ୍ଲକ ପରିକ୍ଷୀ ଫାଣ୍ଡି ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ କରିଥିବା ଅଭିଯୋଗରେ ପୋଲିସ ବୈଶିଙ୍ଗା ଥାନା ଗଡ଼ଦେଉଳିଆ ଗ୍ରାମର ଅଭିଯୁକ୍ତ ଯୁବକ ପରମେଶ୍ୱର ଦଳେଇଙ୍କୁ ଗିରଫ କରିଛି। ଗତ ୯ ତାରିଖରେ ନାବାଳିକାଙ୍କୁ ଅପହରଣ କରାଯାଇଥିବା ନେଇ ସଦର ଥାନାରେ ଏକ ମାମଲା (ନଂ. ୯୫/୧୯) ରୁଜୁ ହୋଇଥିଲା। ଆଇଆଇସି ମମତା ସାହୁଙ୍କ ନିର୍ଦ୍ଦେଶକ୍ରମେ ଫାଣ୍ଡି ଅଧିକାରୀ ଭାଦ ମାଝି ସଦଳବଳେ ବୁଧବାର ରାତିରେ ଅଭିଯୁକ୍ତଙ୍କ ଘରେ ଚଢ଼ାଉ କରିଥିଲେ। ଅପହୃତା ନାବାଳିକାଙ୍କୁ ଉଦ୍ଧାର ସହ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସମର୍ଥ ହୋଇଥିଲେ। ଉଭୟଙ୍କୁ ଗୁରୁବାର ଡାକ୍ତରୀମାଇନା କରାଯାଇଛି। ଉଦ୍ଧାର ନାବାଳିକାଙ୍କୁ ଶୁକ୍ରବାର ଏସ୍‌ଡ଼ିଜେଏମ୍‌ଙ୍କ କୋର୍ଟରେ ହାଜର କରାଯିବା ସହ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯିବ ବୋଲି ପୋଲିସ କହିଛି।

# ଯୁବକଙ୍କ ଗଳା କାଟି ହତ୍ୟା

## ■ ଅଭିଯୁକ୍ତଙ୍କୁ ଗିରଫ ଦାବିରେ ରାସ୍ତାରୋକୋ



ସନ୍ଧାନୀ କୁକୁର ସାହାଯ୍ୟରେ ପୋଲିସ୍ ତଦନ୍ତ କରୁଛି।

**ବାଲେଶ୍ୱର ଅଫିସ/ରେମୁଣା, ୧୧।୪(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖନ୍ତାପଡ଼ା ଥାନା ଅଧୀନ ସାଆନ୍ତା ନିକଟସ୍ଥ ଭୂଇଁପଡ଼ା ଗ୍ରାମର ଅମୂଲ୍ୟ ବେହେରା(୪୦)ଙ୍କୁ ବୁଧବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ନିର୍ମମ ଭାବେ ହତ୍ୟା କରିଛନ୍ତି। ସେମାନେ ତାଙ୍କ ମୁଣ୍ଡକୁ ଛେଚିବା ସହ ଗଳାକାଟି ହତ୍ୟା କରି ଶେରଗଡ଼-ନୀଳଗିରି ରାସ୍ତାର ସାଆନ୍ତା ଛକଠାରୁ ୧୦୦ମିଟର ଦୂର ଡ୍ରେନ୍‌କୁ ଫୋପାଡ଼ି ଦେଇଥିଲେ। ଏନେଇ ମୃତକଙ୍କ ବାପା ବଂଶୀଧର ବେହେରା ଖନ୍ତାପଡା ଥାନାରେ ଅଭିଯୋଗ କରିବା ପରେ ପୋଲିସ ଦଫା ୩୦୨ରେ ଏକ ମାମଲା (ନଂ.୧୦୪/୧୯) ରୁଜୁ କରି ତଦନ୍ତ ଜାରି ରଖିଛି।

ଅମୂଲ୍ୟ ସାଆନ୍ତା ଛକରେ ଏକ ପାନଦୋକାନ କରି ଗୁଜୁରାଣ ମେଣ୍ଟାଉଥିଲେ। ଏହାସହ କିଛି ଅର୍ଥ ସୁଧ କାରବାର କରୁଥିବା ଶୁଣିବାକୁ ମିଳେ। ବୁଧବାର ରାତି ୧୦ଟା ବେଳେ ସେ ଦୋକାନ ବନ୍ଦ କରି ନିକଟସ୍ଥ ଏକ ଫ୍ଲାଏ ଆଶ୍ ଇଟାଭାଟିକୁ ନିଜର ସୁଧ ଲଗାଇଥିବା ଟଙ୍କା ଆଣିବାକୁ ଯାଇଥିଲେ। ସେଠାରେ ଇଟାଭାଟିର ଶ୍ରମିକମାନଙ୍କ ସହିତ ସେ ଭୋଜିଭାତରେ ଯୋଗଦେଇଥିଲେ। ରାତି ପ୍ରାୟ ୧୨ଟା ବେଳେ ସେ ଘରକୁ ଫେରୁଥିବା ବେଳେ ହତ୍ୟାର ଶିକାର ହୋଇଥିବା ଅନୁମାନ କରାଯାଉଛି। ଖନ୍ତାପଡ଼ା ଥାନା ପୋଲିସ ରାତିରେ ପାଟ୍ରୋଲିଂ କରୁଥିବା ବେଳେ ରାସ୍ତାକଡ଼ରେ ଏକ ବାଇକ୍ ଥିବା ଦେଖି ଅଟକିଥିଲେ। ପରେ ଉକ୍ତ ଯୁବକଙ୍କୁ ଗଳା କାଟି ହତ୍ୟା କରାଯାଇଥିବା ଜାଣିବାକୁ ପାଇଥିଲେ। ରାତିସାରା ପୋଲିସ ମୃତକଙ୍କୁ ଚିହ୍ନଟ କରି ନ ପାରି ଜଗି ରହିଥିବାବେଳେ ପୂର୍ବାହ୍ନରେ ସ୍ଥାନୀୟ ଲୋକେ ମୃତକ ସାଆନ୍ତା ଗ୍ରାମର ଅମୂଲ୍ୟ ବୋଲି ଚିହ୍ନଟ କରିଥିଲେ। ପରେ ଗ୍ରାମବାସୀ ଓ ତାଙ୍କ ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚିଥିଲେ।

ଶେରଗଡ଼-ନୀଳଗିରି ରାଜ୍ୟ ରାଜପଥରେ ପୂର୍ବରୁ ବାରମ୍ବାର ଲୁଟ୍ ହେବା ସହ ଏଭଳି ହତ୍ୟାକାଣ୍ଡର ପ୍ରତିବାଦ କରି ସ୍ଥାନୀୟ ଲୋକମାନେ ଗୁରୁବାର ପୂର୍ବାହ୍ନ ୭ଟାରୁ ରାସ୍ତାରୋକୋ କରିଥିଲେ। ମୃତଦେହକୁ ନ ଉଠାଇ ଡଗ୍ ସ୍କ୍ୱାଡ୍ ଦ୍ୱାରା ତଦନ୍ତ କରିବା ପାଇଁ ସେମାନେ ଦାବି କରିଥିଲେ। ପୂର୍ବାହ୍ନ ୧୧ଟା ବେଳେ ଡଗ୍ ସ୍କ୍ୱାଡ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ପରେ ସଦର ଏସ୍‌ଡ଼ିପିଓ ପ୍ରଭାସ ଚନ୍ଦ୍ର ପାଲ, ନୀଳଗିରି ଏସ୍‌ଡ଼ିପିଓ ଏସ୍.ଏନ୍. ଦାସ, ଖନ୍ତାପଡ଼ା ଥାନାଧିକାରୀ ଶ୍ରୀବଲ୍ଲଭ ସାହୁ ଲୋକମାନଙ୍କୁ ବୁଝାବୁଝି କରିବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା।

ଏ ସମ୍ପର୍କରେ ଖନ୍ତାପଡ଼ା ଥାନାଧିକାରୀ କହିଛନ୍ତି, ପୂର୍ବାହ୍ନରେ ଶବ ଚିହ୍ନଟ ହୋଇଥିଲା। ଅମୂଲ୍ୟଙ୍କ ବାଇକ୍‌ରେ ଥିବା ବ୍ୟାଗ୍‌ରୁ ୮, ୭୧୦ ଟଙ୍କା ଓ ୨ ଟି ମୋବାଇଲ ଉଦ୍ଧାର ହୋଇଛି। ଦୁର୍ବୃତ୍ତମାନେ ହତ୍ୟାରେ ବ୍ୟବହାର କରିଥିବା ହାତୁଡ଼ି ଓ ଏକ ବେଣ୍ଟକୁ ଘଟଣାସ୍ଥଳରୁ ଜବତ କରାଯାଇ ତଦନ୍ତ ଜାରି ରହିଛି। ଖୁବ୍‌ଶୀଘ୍ର ଅପରାଧୀଙ୍କୁ ଗିରଫ କରାଯିବ।




## ସ୍ତ୍ରୀଙ୍କୁ ପିଟି ହତ୍ୟା ଅଭିଯୋଗ: ସ୍ୱାମୀ ଗିରଫ

**ଭଦ୍ରକ ଅଫିସ, ୧୧।୪**

ସ୍ତ୍ରୀଙ୍କୁ ପିଟି ପିଟି ମାରି ଦେଇଥିବା ଅଭିଯୋଗରେ ଭଦ୍ରକ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ଜଗଦଳପୁର ଗ୍ରାମର ସାମରାଇ ମାଝିଙ୍କୁ ପୋଲିସ ଗୁରୁବାର ଗିରଫ କରିଛି। ସ୍ତ୍ରୀକୁ ମାରିଦେବା ପରେ ବୁଧବାର ରାତିରୁ ଅଭିଯୁକ୍ତ ସାମରାଇ ଫେରାର ଥିଲେ। ପୋଲିସ ଗୁରୁବାର ବାଲେଶ୍ୱରର ରୂପ୍‌ସା ଗ୍ରାମରୁ ତାଙ୍କୁ ଗିରଫ କରିଛି। ମୃତ ମହିଳା ସୁଖ ମାଝିଙ୍କ ଭ୍ରାଇ ସିମୁଳିଆର ସାନମଇତାପୁର ଗାଁର କାର୍ତ୍ତିକ ବେହେରାଙ୍କ ଅଭିଯୋଗ ଅନୁଯାୟୀ, ତାଙ୍କ ଶାଶୁ ସୁଖଙ୍କୁ ଶ୍ୱଶୁର ସାମରାଇ ତୁରନ୍ତ ଖାଇବାକୁ ଦେବା ପାଇଁ କହିଥିଲେ। ସୁଖ ଦେବାରେ ବିଳମ୍ବ କରିବାରୁ ସାମରାଇ ତାଙ୍କୁ ମାରି ମାରି ବେହୋସ କରିଦେଇଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ ଭଦ୍ରକ ଜିଲା ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ରାତିରେ କାର୍ତ୍ତିକ ଏନେଇ ଗ୍ରାମାଞ୍ଚଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଥାନାରେ ଏକ ମାମଲା (ନଂ.୧୭୪/୧୯) ରୁଜୁ କରାଯାଇ ସାମରାଇଙ୍କୁ କୋର୍ଟ ଚାଲାଣ କରାଯାଇଛି।



ଗିରଫ ଅଭିଯୁକ୍ତ ସାମରାଇ ମାଝି।

### ବିଦ୍ୟୁତ୍ ଆଘାତରେ ବୃଦ୍ଧଙ୍କ ମୃତ୍ୟୁ

**ଭଦ୍ରକ ଅଫିସ, ୧୧।୪**

ଭଦ୍ରକ ଜିଲା ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ବନ୍ଧଗାଁ ଗ୍ରାମର ନିରଞ୍ଜନ ମହାପାତ୍ର ବିଦ୍ୟୁତ୍ ଆଘାତରେ ବୁଧବାର ରାତିରେ ପ୍ରାଣ ହରାଇଛନ୍ତି। ତାଙ୍କୁ ଗୁରୁତର ଅବସ୍ଥାରେ ଜିଲା ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଗୁରୁବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ଗ୍ରାମାଞ୍ଚଳ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।




## ଅବକାରୀ ଟିମ୍‌କୁ ଆକ୍ରମଣ ମାମଲା: ଜେଲ ଗଲେ ଅଭିଯୁକ୍ତ

**ରୂପ୍‌ସା, ୧୧।୪(ଡି.ଏନ.ଏ.)**

ବାଲେଶ୍ୱର ସଦର ବ୍ଲକ ରୂପ୍‌ସା ଥାନା ଆଘିରିଆ ଗ୍ରାମରେ ବୁଧବାର ଅବକାରୀ ଟିମ୍‌କୁ ଆକ୍ରମଣ ଘଟଣାରେ ଥାନାଧିକାରୀ ସୁଚନ୍ଦ୍ର ମହାଳିକ ଗୁରୁବାର ଜଣେ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସମର୍ଥ ହୋଇଛନ୍ତି। ଗିରଫ ଅଭିଯୁକ୍ତ ହେଲେ ଆଙ୍କୋବିନ୍ଧା ଗ୍ରାମର ବୁଲୁ ପାତ୍ର। ବୁଲୁଙ୍କୁ ପୋଲିସ ପଚରାଉଚୁରା କରିବା ପରେ କୋର୍ଟଚାଲାଣ କରିଛନ୍ତି। ତାଙ୍କ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

କଟକ ଗୋଇନ୍ଦା ବିଭାଗ, ଜିଲା ମୋବାଇଲ ସ୍କ୍ୱାଡ଼ ଓ ଅବକାରୀ ବିଭାଗର ମିଳିତ ଆନୁକୂଲ୍ୟରେ ଚଢ଼ାଉ କରାଯାଇ ୭୦କେଜି ଗଞ୍ଜେଇ ଜବତ ସହ ଅଭିଯୁକ୍ତ ମହିଳା ଲକ୍ଷ୍ମୀ ବେହେରାଙ୍କୁ ବିଭାଗୀୟ ଅଧିକାରୀ ଗିରଫ କରିଥିଲେ। ମାତ୍ର ଗଞ୍ଜେଇ ବ୍ୟବସାୟୀଙ୍କ ସମର୍ଥକ ଓ ଗ୍ରାମବାସୀ ଏକଜୁଟ୍ ହୋଇ ଅବକାରୀ ଟିମ୍‌କୁ ଆକ୍ରମଣ କରିବା ସହ ଜବତ ଗଞ୍ଜେଇ ଓ ମହିଳାଙ୍କୁ ଛଡ଼ାଇ ନେଇଥିଲେ। ଏ ସମ୍ପର୍କରେ ଥାନାରେ ଅଭିଯୋଗ ହେବା ପରେ ପୋଲିସ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଧରିବା ପାଇଁ ଛାନଭିନ୍ ଆରମ୍ଭ କରିଥିଲା।

## ଚିକିତ୍ସା ଅବହେଳାରୁ ଶିଶୁ ମୃତ୍ୟୁ ଅଭିଯୋଗ

### ■ ଡାକ୍ତରଖାନା ପରିସରରେ ଉତ୍ତେଜନା

**ଚାନ୍ଦବାଲି, ୧୧।୪ (ଡି.ଏନ.ଏ.)**

ଭଦ୍ରକ ଜିଲା ଚାନ୍ଦବାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଥିବା ଜଣେ ନବଜାତ ଶିଶୁର ବୁଧବାର ବିଳମ୍ବିତ ରାତିରେ ମୃତ୍ୟୁ ଘଟିଛି। ଚିକିତ୍ସା ଅବହେଳାରୁ ଶିଶୁର ମୃତ୍ୟୁ ହୋଇଥିବା ପରିବାର ପକ୍ଷରୁ ଚାନ୍ଦବାଲି ଥାନାରେ ଅଭିଯୋଗ କରାଯାଇଛି। କ୍ଷତିପୂରଣ ଦାବିରେ ଗୁରୁବାର ସକାଳେ ଡାକ୍ତରଖାନା ପରିସରରେ ଉତ୍ତେଜନା ପ୍ରକାଶ ପାଇଥିଲା। ଶିଶୁର ମୃତଦେହ ରଖି ପରିବାର ଲୋକେ କ୍ଷତିପୂରଣ ଦାବି କରିଥିଲେ। ଚାନ୍ଦବାଲି ଥାନାଧିକାରୀ ତାପସ ପ୍ରଧାନଙ୍କ ହସ୍ତକ୍ଷେପ ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା।

ସୂଚନା ଅନୁସାରେ, ଭାଟପଡ଼ା ପଞ୍ଚାୟତ ରାଉତପଡ଼ା ଗାଁର ମନୋଜ ବେହେରାଙ୍କ ସ୍ତ୍ରୀଙ୍କୁ ପ୍ରସବ ପାଇଁ ସୋମବାର ଚାନ୍ଦବାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ମଙ୍ଗଳବାର ଡାକ୍ତରଖାନାରେ ତାଙ୍କର ପୁତ୍ରସନ୍ତାନ ଜନ୍ମ ହୋଇଥିଲା। ମା ଓ ଛୁଆ ଉଭୟ ଚାନ୍ଦବାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଥିଲେ। ବୁଧବାର ରାତିରେ ଶିଶୁ ଅସୁସ୍ଥ ହୋଇପଡ଼ିଥିଲା। ଡାକ୍ତରଙ୍କୁ ପରିବାର ଲୋକେ ଡାକିଥିଲେ ମଧ୍ୟ ସେ ନ ଆସିବାରୁ ଶିଶୁର ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ଡ୍ୟୁଟିରେ ଥିବା ଡାକ୍ତର ଚିକିତ୍ସା ଅବହେଳା ଅଭିଯୋଗକୁ ଅସ୍ୱୀକାର କରିଛନ୍ତି। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଘଟଣାର ତଦନ୍ତ କରିବାକୁ ମୃତ ଶିଶୁର ପରିବାର ପକ୍ଷରୁ ଦାବି କରାଯାଇଛି।



ଡାକ୍ତରଖାନା ପରିସରରେ ଉତ୍ତେଜନା ବେଳେ ପୋଲିସ ପହଞ୍ଚିଛି।




2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ-ତଥାଗତ ସତପଥୀ